# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୨୪/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, June 24/2019 | ★★★★★★

୪୫ଶ ଭାଗ ୨୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ବ୍ରସେଲ୍ସରୁ ଫଟୋ ଶେୟାର କଲେ ଅନୁଷ୍କା**
ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ବର୍ତ୍ତମାନ ବ୍ରସେଲ୍ସ ରହଣି ବେଳର ଫଟୋ ଇନ୍ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

୦୪

୧୫

**ପ୍ରମୋଦଙ୍କୁ ଡବଲ୍ ସ୍ୱର୍ଣ୍ଣ**
ଆୟର୍ଲାଣ୍ଡର ଡବ୍ଲିନଠାରେ ଅନୁଷ୍ଠିତ ଇରିଶ ପାରା-ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରମୋଦ ଭଗତ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



## ■ ଜୟ ଶ୍ରୀରାମ କହିବାକୁ ବାଧକଲେ
# ମୁସଲିମ୍ ଯୁବକଙ୍କୁ ପିଟି ମାରିଦେଲେ

**ଷଢ଼େଇକଳା, ୨୩।୬**

ଝାଡ଼ଖଣ୍ଡର ଷଢ଼େଇକଳା ଖରସୁଆଁ ଜିଲାରେ ଏକ ଅଭାବନୀୟ ଘଟଣା ଘଟିଛି। ଶତାଧିକ ଗ୍ରାମବାସୀ ଚୋରି ସନ୍ଦେହରେ ଜଣେ ମୁସଲିମ୍ ଯୁବକଙ୍କୁ ଧରି 'ଜୟ ଶ୍ରୀରାମ' କହିବାକୁ ବାଧ କରିବା ପରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପିଟି ପିଟି ମାରିଦେଇଛନ୍ତି। ଏହି ବର୍ବର କାଣ୍ଡର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୃତକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯୁବକ ଜଣକ ହାଜତରେ କି ହସ୍ପିଟାଲରେ ପ୍ରାଣ ହରାଇଛନ୍ତି ତାକୁ ନେଇ ବିବାଦ ଉଠିଛି।

■ ଚୋରି ସନ୍ଦେହରେ ଧରି ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ
■ ଚିକିତ୍ସା ନ କରି ହାଜତକୁ ନେଇଥିଲା ପୋଲିସ
■ ମୃତ୍ୟୁକୁ ନେଇ ତେଜିଲା ବିବାଦ


ତବ୍‌ରେଜ୍ ଅନ୍‌ସାରୀ

ଅଭିଯୋଗ ଅନୁଯାୟୀ, ଖରସୁଆଁ ଅନ୍ତର୍ଗତ କଦମଡିହା ଗ୍ରାମର ତବ୍‌ରେଜ୍ ଅନ୍‌ସାରୀ(୨୪) ଗତ ୧୮ ତାରିଖ ରାତିରେ ବାଇକ୍ ଚୋରି କରୁଥିବା ସନ୍ଦେହରେ ଗାଁ ଲୋକେ ତାଙ୍କୁ ଧରିଥିଲେ। ସେମାନେ ତାଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରାତିସାରା ମାଡ଼ ମାରିଥିଲେ। ପୋଲିସ ଖବର ପାଇ ସେଠାକୁ ଯାଇ ତବ୍‌ରେଜ୍‌ଙ୍କୁ ଗିରଫ କରିଥିଲା। ଏହାସହ ତାଙ୍କୁ ଗୁରୁତର ଅବସ୍ଥାରେ ଏକ ସ୍ଥାନୀୟ କୋର୍ଟରେ ହାଜର କରାଇ ରିମାଣ୍ଡରେ ନେଇଥିଲା। ଶନିବାର ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଇତିମଧ୍ୟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି। ପପୁ ମଣ୍ଡଳ ନାମକ ଜଣେ ଯୁବକଙ୍କ ସମେତ ଶତାଧିକ ବ୍ୟକ୍ତି ତାଙ୍କୁ 'ଜୟ ଶ୍ରୀରାମ' ଓ 'ଜୟ ହନୁମାନ' କହିବାକୁ ବାଧ କରିଥିଲେ। ଏହାସହ ସେମାନେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରୁଥିବାର ଦୃଶ୍ୟ ଏଥିରେ ରହିଛି। ତବ୍‌ରେଜ୍‌ଙ୍କ ସ୍ତ୍ରୀ ଶାଇସ୍ତା ପରବିନ୍ ଉକ୍ତ ଭିଡିଓ ଆଧାରରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଛି। ପପୁଙ୍କୁ ହତ୍ୟା ଅଭିଯୋଗରେ ଗିରଫ କରାଯାଇଛି। ତବ୍‌ରେଜ୍ ହସ୍ପିଟାଲରେ ଆଖିବୁଜି ଦେଇଥିବା ପୋଲିସ କହୁଥିବାବେଳେ ତାଙ୍କ ମୃତ୍ୟୁକୁ ନେଇ ବିବାଦ ଉଠିଛି। ପ୍ରକୃତରେ ହାଜତରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ଝାଡ଼ଖଣ୍ଡରେ ସାମ୍ପ୍ରଦାୟିକ ସଦ୍ଭାବନା ପାଇଁ କାର୍ଯ୍ୟରତ ଅମନ ☞ପୃଷ୍ଠା-୪

## ଆମେରିକାର ଧର୍ମୀୟ ସ୍ୱାଧୀନତା ରିପୋର୍ଟକୁ ଭାରତର ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ, ୨୩।୬(ପି.ଟି.)**

ଆମେରିକାର ଧର୍ମୀୟ ସ୍ୱାଧୀନତା ରିପୋର୍ଟକୁ ରବିବାର ଭାରତ ପ୍ରତ୍ୟାଖ୍ୟାନ କରିଦେଇଛି। ସମ୍ବିଧାନ ଦ୍ୱାରା ନାଗରିକଙ୍କ ଅଧିକାରର ସୁରକ୍ଷା ଦେଉଥିବା ରାଷ୍ଟ୍ର ସମ୍ପର୍କରେ ଏପରି ଘୋଷଣା କରିବା ଅଧିକାର ବିଦେଶୀ ସରକାରଙ୍କର ନାହିଁ ବୋଲି ଭାରତ କହିଛି।

ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ୨୦୧୮ ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ରିପୋର୍ଟ ଶୁକ୍ରବାର ପ୍ରକାଶ ପାଇଥିଲା। ଭାରତରେ ଗୋମାଂସ ପାଇଁ ଗୋରୁ ବ୍ୟବସାୟ କିମ୍ବା ହତ୍ୟା ଗୁଜବକୁ ନେଇ ସଂଖ୍ୟାଲଘୁ ବିଶେଷକରି ମୁସଲମାନଙ୍କ ଉପରେ କଠୋରପନ୍ଥୀ ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ଆକ୍ରମଣ କରାଯାଉଥିବା ଏଥିରେ ଉଲ୍ଲେଖ ଥିଲା। ଧର୍ମୀୟ ସଂଖ୍ୟାଲଘୁଙ୍କ ବିରୋଧରେ ଭିଡ଼ ହିଂସାକୁ ଭାଜପା ନେତୃତ୍ୱାଧୀନ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଅଣହିନ୍ଦୁ ଓ ଦଳିତମାନଙ୍କୁ ଧମକ ଦେବା ସହ ନିର୍ଯାତନା ଦିଆଯାଉଥିବା ରିପୋର୍ଟରେ କୁହାଯାଇଥିଲା। ଗତବର୍ଷ ନଭେମ୍ବରରେ ଏଭଳି ୧୮ଟି ଆକ୍ରମଣ ଘଟିଥିଲା ଏବଂ ବର୍ଷକ ମଧ୍ୟରେ ୮ ଜଣ ନିହତ ହୋଇଥିଲେ। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଭିଶ୍ କୁମାର ଉପରୋକ୍ତ ରିପୋର୍ଟ ସମ୍ପର୍କରେ ଗଣମାଧ୍ୟମକୁ କହିଛନ୍ତି, ଭାରତ ଏହାର ଧର୍ମନିରପେକ୍ଷ ପରିଚୟ, ସର୍ବବୃହତ ଗଣତନ୍ତ୍ର ମାନ୍ୟତା ଏବଂ ବହୁଳବାଦ ସମାଜ ଲାଗି ଗର୍ବିତ। ଭାରତର ସମ୍ବିଧାନ ସଂଖ୍ୟାଲଘୁ ସମ୍ପ୍ରଦାୟ ସମେତ ଏହାର ସମସ୍ତ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା ଦେଇଆସୁଛି ବୋଲି ସେ କହିଛନ୍ତି।

## ■ ରାମକଥା ବେଳେ ଧୂଳିଝଡ଼
# ତମ୍ବୁ ଭାଙ୍ଗି ୧୪ ମୃତ


ଧୂଳିଝଡ଼ରେ ଜସୋଲରେ ଭାଙ୍ଗିଯାଇଥିବା ତମ୍ବୁ।

**ବାଡ଼ମେର, ୨୩।୬ (ପି.ଟି./ଆଇଏଏନ୍ଏସ୍)**

ରାଜସ୍ଥାନର ବାଡ଼ମେର ଜିଲାରେ ରବିବାର ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଧୂଳିଝଡ଼ ଯୋଗୁ ତମ୍ବୁ ଭାଙ୍ଗିଯାଇ ଶ୍ରଦ୍ଧାଳୁଙ୍କ ଉପରେ ପଡ଼ିଛି। ଏଥିରେ ୧୪ ପ୍ରାଣ ହରାଇଥିବାବେଳେ ୫୦ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି।

ରାଜଧାନୀ ଜୟପୁରରୁ ୪୬୦ କି.ମି. ଦୂର ବଲୋତ୍ରାର ଜସୋଲସ୍ଥିତ ରାଣୀଭଟିଆଣି ମନ୍ଦିର ନିକଟ ଏକ ସ୍କୁଲ ପଡ଼ିଆରେ ରାମକଥା ପ୍ରବଚନ ଆୟୋଜନ ହୋଇଥିଲା। ସେଠାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରବିବାର ଅପରାହ୍ନରେ ହଠାତ୍ ଖୁବ୍ ଜୋର୍‌ରେ ଧୂଳିଝଡ଼ ଆସିବା ସହ ବର୍ଷା ହୋଇଥିଲା। ଫଳରେ କାର୍ଯ୍ୟକ୍ରମ ପାଇଁ ଟଣାଯାଇଥିବା ଶାମିଆନା କିଛି ମୁହୂର୍ତ୍ତ ମଧ୍ୟରେ ଭାଙ୍ଗିଯାଇ ପ୍ରବଚନ ଶୁଣୁଥିବା ଶ୍ରଦ୍ଧାଳୁଙ୍କ ଉପରେ ମାଡ଼ିଯାଇଥିଲା। ପ୍ରବଚକ ମୁରଲୀଧର ମହାରାଜ ସ୍ଥାନ ଛାଡ଼ି ତୁରନ୍ତ ଚାଲିଯିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଣ ବିକଳରେ ଯିଏ ଯୁଆଡ଼େ ଧାଇଁବାରେ ଲାଗିଥିବାବେଳେ ଦଳାଚକଟା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳକୁ ତମ୍ବୁ ତଳେ ଚାପି ହୋଇଯାଇଥିବା ଲୋକଙ୍କ ମଧ୍ୟରୁ ଚାହୁଁ ଚାହୁଁ ☞ପୃଷ୍ଠା-୪

# ଆରମ୍ଭରୁ କମିଲା, ୨୫ରୁ ବର୍ଷିବ

**ଭୁବନେଶ୍ୱର, ୨୩।୬(ବ୍ୟୁରୋ)**

**ମୌସୁମୀ ବର୍ଷା**

ଏ ବର୍ଷ ବିଳମ୍ବରେ ଓଡ଼ିଶାରେ ପହଞ୍ଚିଛି ମୌସୁମୀ। ପ୍ରତିବର୍ଷ ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ ଛୁଇଁଥାଏ। କିନ୍ତୁ ଏଥର ଚତୁର୍ଥ ସପ୍ତାହରେ ମୌସୁମୀ ପହଞ୍ଚିବା ପରେ ତାତି ଓ ଗୁଳୁଗୁଳିରେ ଛଟପଟ ହେଉଥିବା ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ। ମୌସୁମୀ ଛୁଇଁବା ପରେ ତିନିଦିନ ଲଗାତର ବର୍ଷିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିଲା। କିନ୍ତୁ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ଛତିଶଗଡ଼ରେ ପହଞ୍ଚିବା ସହ ଟ୍ରଫ୍ ଲାଇନ୍ ଦେଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଥିବାରୁ ରାଜ୍ୟରେ ବର୍ଷାର ପରିମାଣ କମିଛି। ରବିବାର ମଧ୍ୟ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହୋଇନାହିଁ। ସୋମବାର ରାଜ୍ୟର ଦକ୍ଷିଣ ଓ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବ। ତେବେ ୨୫ ତାରିଖରୁ ୩ଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହିତ କାଳବୈଶାଖୀ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନାନୁସାରେ, ୨୫ ତାରିଖରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ। ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଆଦି ଜିଲାରେ କାଳବୈଶାଖୀ ହେବ। ସେହିପରି ୨୬ ତାରିଖ ଦିନ ଉପକୂଳ ଓଡ଼ିଶା ସହ ଢେଙ୍କାନାଳ, କଳାହାଣ୍ଡି ଓ କନ୍ଧମାଳ ଏବଂ ୨୭ ତାରିଖରେ ସୁନ୍ଦରଗଡ଼, ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ବଲାଙ୍ଗୀର, ସୋନପୁର, ନୂଆପଡ଼ା, ନବରଙ୍ଗପୁର, କନ୍ଧମାଳ ଓ କଳାହାଣ୍ଡି ଆଦି ଜିଲାରେ କାଳବୈଶାଖୀ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ତେବେ ୨୮ ତାରିଖରୁ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ରବିବାର ସନ୍ଧ୍ୟା ସୁଦ୍ଧା ମାଲକାନଗିରିରେ ସର୍ବାଧିକ ୩୧ ମିମି ବର୍ଷା ହୋଇଥିବାବେଳେ ଭୁବନେଶ୍ୱର ଓ କେନ୍ଦୁଝରରେ ସର୍ବନିମ୍ନ ୦.୩ ମିମି ବର୍ଷା ହୋଇଛି। ସେହିପରି ସମ୍ବଲପୁର ୧୩ ମିମି, କଟକ ୯.୨ ମିମି, କୋରାପୁଟ ୮ ମିମି, ବାରିପଦା ୩.୨ ମିମି, ସୁନ୍ଦରଗଡ଼ ୨ ମିମି, ଝାରସୁଗୁଡ଼ା ୧ ମିମି, ବାଲେଶ୍ୱର ୦.୫ ମିମି, ଚାନ୍ଦବାଲି ଓ ଅନୁଗୋଳ ୦.୬ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ରେକର୍ଡ କରାଯାଇଛି।



## ଅତ୍ୟଧିକ ଅପିଲ: କୋହଲିଙ୍କୁ ଜରିମାନା

**ସାଉଥାମ୍ପଟନ, ୨୩।୬(ପି.ଟି.)**

ଭାରତୀୟ ଅଧିନାୟକ ବିରାଟ କୋହଲି ଜରିମାନାର ସମ୍ମୁଖୀନ ହୋଇଛନ୍ତି। ଶନିବାର ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ଆକ୍ରମଣାତ୍ମକ ଢଙ୍ଗରେ ଅତ୍ୟଧିକ ଅପିଲ କରିଥିବାରୁ ତାଙ୍କ ଉପରେ ମ୍ୟାଚ୍ ପାଉଣାର ୨୫ ପ୍ରତିଶତ ଜରିମାନା ଆକାରରେ ଦେବାକୁ କୁହାଯାଇଛି। ଏହି କ୍ରମରେ ସେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଆଚରଣବିଧିର ୨.୧ ନିୟମ ଉଲ୍ଲଂଘନ କରିଛନ୍ତି। ମ୍ୟାଚ୍‌ର ୨୯ତମ ଓଭରରେ ଯଶପ୍ରୀତ ବୁମ୍‌ରାଙ୍କ ଏକ ବଲ ରହମତ ଶାହାଙ୍କ ପ୍ୟାଡ୍‌ରେ ବାଜିଥିଲା। ଏଲ୍‌ବିଡବ୍ଲ୍ୟୁ ପାଇଁ ଅପିଲ ମଧ୍ୟ ☞ପୃଷ୍ଠା-୪

ବିରୋଧୀ ଦଳ ନେତା ଚୟନ ବୈଠକ
**ଭିତରେ ଚୂଡ଼ାନ୍ତ, ବାହାରେ ନାହିଁ ନାହିଁ**
୪

**ଇଥିଓପିଆରେ ସାମରିକ ବିଦ୍ରୋହ: ସେନାଧ୍ୟକ୍ଷଙ୍କୁ ହତ୍ୟାକଲେ ଅଙ୍ଗରକ୍ଷୀ**
୨

**ଆଜିର ସମ୍ପାଦକୀୟ**
ଠିକ୍ ବାର୍ତ୍ତା ଯାଉ

**ଆଜିର ମନ୍ତବ୍ୟ**
"ଜାଲିଆତି କରି ଏକାଥରକେ ସବୁଠି ଜିତିବା ପାଇଁ 'ଗୋଟିଏ ଦେଶ ଏକ ନିର୍ବାଚନ'ର ଯୋଜନା କରୁଛି ଭାଜପା।
-ମାୟାବତୀ, ବିଏସ୍‌ପି ସୁପ୍ରିମୋ

**କିଛି ତଥ୍ୟ**
ଚଳିତ ମାସ ବର୍ତ୍ତମାନ ପର୍ଯ୍ୟନ୍ତ ଘରୋଇ ପୁଞ୍ଜି ବଜାରରେ ବିଦେଶୀ ନିବେଶକ ମାନେ ୧୦,୩୧୨ କୋଟି ଟଙ୍କାର ନିବେଶ କରିଛନ୍ତି।
- ଷ୍ଟକ୍ ବଜାର ଡିପୋଜିଟୋରୀ ଡାଟା


NECC NATIONAL EGG CO-ORDINATION COMMITTEE | 23.06.2019 | Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 109 | 170 | 180 |
| CTC | 109 | 170 | 180 |
| DKL | 107 | 167 | 177 |
| BDK | 107 | 167 | 177 |
| BLS | 107 | 167 | 177 |
| ANG | 107 | 167 | 177 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers


# 'ଗୁପ୍ତ ନୁହେଁ, ଖୋଲା ବୁଝାମଣା'

**ଭୁବନେଶ୍ୱର, ୨୩।୬(ବ୍ୟୁରୋ)**

ଓଡ଼ିଶାରୁ ଖାଲି ହୋଇଥିବା ୩ ରାଜ୍ୟ ସଭା ପଦ ପାଇଁ ପ୍ରାର୍ଥୀ ଘୋଷଣା ସରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସନ୍ଧ୍ୟାରେ ନିଜ ଦଳର ୨ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ୩ୟ ଆସନ ପାଇଁ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇବେ ବୋଲି କହିଥିଲେ। ନବୀନଙ୍କ ଏଭଳି ଘୋଷଣା ପରେ ରାଜ୍ୟ ରାଜନୈତିକ ମହଲରେ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କଂଗ୍ରେସ ଏହାକୁ ଭାଜପା ଓ ବିଜେଡିର ଭିତିରି ବୁଝାମଣା ବୋଲି କହି ଟାର୍ଗେଟ କରିଛି। ଏଭଳି ଚର୍ଚ୍ଚା ଚାଲିଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଏନେଇ ମୁହଁ ଖୋଲିଛନ୍ତି। ନବୀନ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ଜଣାଇବା କହିବାନେଇ କୌଣସି ଭିତିରି ବୁଝାମଣା ହୋଇନାହିଁ, ବରଂ ଏହାଏକ ଖୋଲା ବୁଝାମଣା ବୋଲି କହିଛନ୍ତି। ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଗୁପ୍ତଭାବେ ନବୀନଙ୍କୁ ସମର୍ଥନ ଜଣାଇବାକୁ କହିନାହାନ୍ତି। ନବୀନ ମଧ୍ୟ ଖୋଲାଖୋଲି ଭାବେ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇଛନ୍ତି। ତେଣୁ ଏଥିରେ



■ ଅଣଓଡ଼ିଆଙ୍କୁ ରାଜ୍ୟ ସଭା ପଠାଇବା ଦୁର୍ଭାଗ୍ୟଜନକ: ନରସିଂହ
■ କେନ୍ଦ୍ର ଓ ରାଜ୍ୟ ସମ୍ପର୍କରେ ଶାଳୀନତା ଆସିଛି: ଦାମ

ଭିତିରି ବୁଝାମଣାର ପ୍ରଶ୍ନ ଉଠୁନାହିଁ। ବୁଝାମଣା ପଛରେ ବିକାଶ ପ୍ରମୁଖ କାରଣ। ଏହା ରାଜ୍ୟ ପାଇଁ ଲାଭଦାୟକ ହେବ। ଏହାଦ୍ୱାରା କାହାର ଲାଭ ବା କ୍ଷତି ହେବ ସେକଥା ସମୟ କହିବ। ଏହା ଲୋକଙ୍କ ମନରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି କରୁନାହିଁ ବରଂ କିଛି ବନ୍ଧୁଙ୍କ ମନରେ ଉଦ୍‌ବେଳନ ହେଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଅନ୍ୟପଟେ ସଂଖ୍ୟା ଥିଲେ ମଧ୍ୟ ବିଜେଡି ପକ୍ଷରୁ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ ଦିଆଯିବା ପ୍ରସଙ୍ଗ କଂଗ୍ରେସ ନେତାଙ୍କୁ ବେଶ୍ ସୁହାଯାଇଛି। କଂଗ୍ରେସ ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର କହିଛନ୍ତି ଯେ, ଭାଜପାର ଯିଏ ରାଜ୍ୟ ସଭା ପ୍ରାର୍ଥୀ ହୋଇଛନ୍ତି ସେ ଜଣେ ଖଣି ମାଲିକ ଏବଂ ଲିଜ୍ ନେଇଥିବା କିଛି କମ୍ପାନୀର ଡାଇରେକ୍ଟର ଥିବା ସେ ଜାଣିବାକୁ ପାଇଛନ୍ତି। ଏପରି କି ଖଣି ମାଫିଆଙ୍କ ସହ ତାଙ୍କର ସାମିଲ ରହିଛି। ଯେତେଜଣ ଅଣଓଡ଼ିଆ ଓଡ଼ିଶାର ଖଣିଜ ସମ୍ପଦ ଲୁଟ୍ କରୁଛନ୍ତି ସେ ତା'ର ଅଂଶୀଦାର। ଯଦି ସେ ଖଣି ମାଲିକ ତେବେ ତାଙ୍କ ନାଁରେ ଥିବା କମ୍ପାନୀ ବିରୋଧରେ ଅଭିଯୋଗ ଅଛି ନା ନାହିଁ। ସେହି କମ୍ପାନୀ ବିରୋଧରେ ଶାହ କମିଶନ ଓ ସିବିଆଇ ତଦନ୍ତ କରିବାକୁ ନିର୍ଦ୍ଦେଶ ରହିଛି ନା ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର କାହିଁକି ଏହି ମାମଲା ସିବିଆଇକୁ ଦେଉ ନାହାନ୍ତି ବୋଲି ନରସିଂହ କହିଛନ୍ତି। ଜଣେ ଅଣଓଡ଼ିଆଙ୍କୁ ରାଜ୍ୟ ସଭା ପଠାଯିବା ଦୁର୍ଭାଗ୍ୟଜନକ। ରାଜ୍ୟର ସ୍ୱାର୍ଥ କଥା କହୁଥିବା ଦଳ ଜଣେ ବାହାର ଲୋକଙ୍କୁ ☞ପୃଷ୍ଠା-୪




FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108
ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : © RSPL CARE 1800 120 2800



କର୍ନାଟକରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେଲେ ଜନସାଧାରଣଙ୍କ ଉପରେ ଅତିରିକ୍ତ ବୋଝ ପଡ଼ିବ। ଯଦି ଭାଜପାକୁ ସୁଯୋଗ ଦିଆଯାଏ ତେବେ ସବୁକିଛି ସୁଧୁରିଯିବ।

-ଡି.ଭି. ସଦାନନ୍ଦ ଗୌଡା, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ମାୟାବତୀଙ୍କ ଭାଇ ବିଏସ୍‌ପି ଉପାଧ୍ୟକ୍ଷ

**ଲକ୍ଷ୍ନୌ,୨୩।୬(ପି.ଟି.):** ବିଏସ୍‌ପି ସୁପ୍ରିମୋ ମାୟାବତୀ ରବିବାର ନିଜ ଭାଇ ଆନନ୍ଦ କୁମାରଙ୍କୁ ଦଳର ଉପାଧ୍ୟକ୍ଷ ଓ ତାଙ୍କ ପୁଅ ଆକାଶ ଆନନ୍ଦଙ୍କୁ ଜାତୀୟ ସଂଯୋଜକ ନିଯୁକ୍ତ କରିଛନ୍ତି। ଆମ୍‌ରୋହା ଏମ୍‌ପି ଦାନିଶ ଅଲିଙ୍କୁ ଲୋକ ସଭାରେ ଦଳର ନେତା ଏବଂ ଗିରିଶ ଚନ୍ଦ୍ରାଙ୍କୁ ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦେଇଛନ୍ତି। ୨୪ ବର୍ଷୀୟ ଆକାଶଙ୍କ ନିଯୁକ୍ତି ଫଳରେ ବିଏସ୍‌ପିରେ ଆନୁଷ୍ଠାନିକ ଭାବେ ତାଙ୍କ କର୍ତ୍ତୃତ୍ୱକୁ ସ୍ୱୀକୃତି ମିଳିଛି।

### ୪ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୩।୬(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ରବିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ଦରମଦୋରା ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇ ସୁରକ୍ଷା ବଳ ଚାରିପଟୁ ଘେରି ତଲାସୀ ଆରମ୍ଭ କରିଥିଲା। ଏହି ସମୟରେ ଆତ୍ମଗୋପନ କରିଥିବା ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀର ପାଲଟା ଜବାବରେ ରଫି ହାସନ ମିର୍, ସୁହେଲ ଅହମ୍ମଦ ଭଟ, ଶୋକତ ଅହମ୍ମଦ ମିର୍ ଏବଂ ଆଜାଦ ଅହମ୍ମଦ ଖଣ୍ଡାୟ ନିହତ ହୋଇଥିଲେ। ଏମାନେ ଅନସାର ଗଜୱାତୁଲ ହିନ୍ଦ୍ ପାଇଁ କାମ କରୁଥିଲେ ବୋଲି ଜଣାପଡିଛି।

### ୭ ବିଦେଶୀ ପର୍ବତାରୋହୀଙ୍କ ମୃତଦେହ ଉଦ୍ଧାର

**ଡେରାଡୁନ,୨୩।୬(ଆଇଏଏନ୍‌ଏସ୍):** ଉତ୍ତରାଖଣ୍ଡର ନନ୍ଦାଦେବୀ ପର୍ବତର ପୂର୍ବ ଶୃଙ୍ଗରୁ ୭ ବିଦେଶୀ ପର୍ବତାରୋହୀଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି। ପର୍ବତାରୋହଣ କରିବାକୁ ଯାଇ ସେମାନେ ଗତ ମାସରେ ନିଖୋଜ ହୋଇଯାଇଥିଲେ। ପିଥୋରାଗଡ ଜିଲାପାଳ ବିଜୟ କୁମାର ଯୋଗଦାଣ୍ଡେଙ୍କ ନେତୃତ୍ୱରେ ଗତ ୧୨ ତାରିଖରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା।

## ଅଶାନ୍ତ ଇଥିଓପିଆ: ଜେନେରାଲ ସିଜେଙ୍କ କ୍ଷମତା ଦଖଲ ଉଦ୍ୟମ ପଣ୍ଡ

# ସେନାଧ୍ୟକ୍ଷଙ୍କୁ ହତ୍ୟାକଲେ ଅଙ୍ଗରକ୍ଷୀ

**ଅଡିସ୍ ଅବାବା,୨୩।୬ (ପି.ଟି./ଏ.ଏଫ୍.ପି)**


ଜେନେରାଲ ଅସାମନ୍ୟୁ ସିଜେ


ପ୍ରଧାନମନ୍ତ୍ରୀ ଏବି ଅହମ୍ମଦ


ସେନାଧ୍ୟକ୍ଷ ସିୟରେ ମେକୋନେନ

ଆଫ୍ରିକୀୟ ରାଷ୍ଟ୍ର ଇଥିଓପିଆରେ ସାମରିକ ବିଦ୍ରୋହ ଦେଖାଦେଇଛି। ଉତ୍ତର ପ୍ରାନ୍ତର ଅମ୍‌ହାରା ରାଜ୍ୟରେ ଚାଲିଥିବା କ୍ଷମତା ଦଖଲ ଉଦ୍ୟମକୁ ପଣ୍ଡ କରିବା ପାଇଁ ସେନା ମୁଖ୍ୟ ସିୟରେ ମେକୋନେନ୍ ପ୍ରୟାସ ଚଳାଇଥିବାବେଳେ ତାଙ୍କ ଅଙ୍ଗରକ୍ଷୀ ତାଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଆକ୍ରମଣରେ ଆଉ ଜଣେ ଜେନେରାଲ ମଧ ନିହତ ହୋଇଛନ୍ତି।

ଇଥିଓପିଆ ହେଉଛି ଆଫ୍ରିକାର ସବୁଠୁ ପୁରୁଣା ସ୍ୱାଧୀନ ରାଷ୍ଟ୍ର। ଏହି ଦେଶରେ ୮୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଜାତିର ୧୦୨.୫ ନିୟୁତ ଲୋକ ବସବାସ କରନ୍ତି। ଇଥିଓପିଆରେ ଚଳିତବର୍ଷ ଶେଷ ଆଡ଼କୁ ସାଧାରଣ ନିର୍ବାଚନ ଥିବାବେଳେ ୨୦୧୮ ଏପ୍ରିଲରେ କ୍ଷମତାସୀନ ପ୍ରଧାନମନ୍ତ୍ରୀ ଏବି ଅହମ୍ମଦଙ୍କ ସଂସ୍କାରବାଦୀ କାର୍ଯ୍ୟକ୍ରମକୁ ନେଇ ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଛି। ଅମ୍‌ହାରା ସମେତ ଦେଶର ବିଭିନ୍ନ ଭାଗରେ ଜାତିଆଣ ହିଂସା ଲାଗିରହିଛି। ଏଥିଯୋଗୁ ୩୦ ଲକ୍ଷ ଲୋକ ବିସ୍ଥାପିତ ହୋଇ ଅନ୍ୟ ଦେଶକୁ ପଳାୟନ କରିବାରେ ଲାଗିଛନ୍ତି। ଏହି ସମସ୍ୟାକୁ ଦୂର କରିବା ଲାଗି ପ୍ରଧାନମନ୍ତ୍ରୀ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବାସହ ଦଳଗୁଡ଼ିକ ଉପରୁ କଟକଣା ହଟାଇବାରେ ଲାଗିଛନ୍ତି। ଏହାସହ ସେ ମାନବାଧିକାର ଉଲ୍ଲଂଘନକାରୀ ଅଧିକାରୀମାନଙ୍କୁ କାଠଗଡ଼ାକୁ ଟାଣିବା ଲାଗି ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସମୟରେ ଅମ୍‌ହାରାରେ କ୍ଷମତା ପରିବର୍ତ୍ତନ ପାଇଁ ଚାଲିଥିବା ଉଦ୍ୟମକୁ ବିଫଳ କରିବା ଲାଗି ସେନା ମୁଖ୍ୟ ସିୟରେ ମେକୋନେନ୍ ଶନିବାର ରାତିରେ ଅଡିସ୍ ଅବାବାସ୍ଥିତ ନିଜ ବାସଭବନରେ ଆଉ ଜଣେ ଜେନେରାଲ ଗେଜାଇ ଅବେରାଙ୍କ ସହ ମିଶି ବୈଠକ କରିଥିଲେ। ଏହାକୁ ନେଇ ସେନା ମୁଖ୍ୟ ମେକୋନେନ୍‌ଙ୍କ ଅଙ୍ଗରକ୍ଷୀ ଉଭୟଙ୍କୁ ଗୁଳିକରି ହତ୍ୟା କରିଥିଲେ। ଅଙ୍ଗରକ୍ଷୀଙ୍କୁ ଗିରଫ କରି ହାଜତକୁ ନିଆଯାଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ଅନ୍ୟପକ୍ଷରେ ଏହାର କିଛି




ସମୟ ପୂର୍ବରୁ ଅମ୍‌ହାରା ଗଭର୍ନର ଆମବାଚିଉ ମେକୋନେନ୍ ଓ ତାଙ୍କର ଜଣେ ଉପଦେଷ୍ଟାଙ୍କୁ ମଧ ରାଜଧାନୀ ବାହିର ଦରରେ ହତ୍ୟା କରାଯାଇଥିଲା। ଏହି ଦୁଇ ହତ୍ୟାକାଣ୍ଡର ସମ୍ପର୍କ ଥିବା କୁହାଯାଉଛି। ସାମରିକ ବିଦ୍ରୋହ ଜରିଆରେ କ୍ଷମତା ହାସଲ ପାଇଁ ଲାଗିଥିବା ଅନେକ ଲୋକଙ୍କୁ ଗିରଫ କରାଯିବା ପରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ଏବି ଅହମ୍ମଦ ଏକ ଟିଭି ଚ୍ୟାନେଲରେ ଦେଶବାସୀଙ୍କୁ ସମ୍ବୋଧିତ କରି ଶାନ୍ତି ପାଇଁ ଅନୁରୋଧ କରିଛନ୍ତି। ଦେଶର ବିଭାଜନକାରୀ ତତ୍ତ୍ୱଗୁଡ଼ିକୁ ସାମ୍ନା କରିବା ଲାଗି ସେ ଏଥିରେ ଆହ୍ୱାନ ଦେଇଛନ୍ତି। ଦେଶବ୍ୟାପୀ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଛି। ସେଠାରେ ଥିବା ଆମେରିକା ଦୂତାବାସ ପକ୍ଷରୁ ଆଲର୍ଟ ଜାରି କରାଯାଇଛି। ଅନ୍ୟପକ୍ଷରେ କ୍ଷମତା ଦଖଲ ଉଦ୍ୟମର ଖଳନାୟକ କୁହାଯାଉଥିବା ଅମ୍‌ହାରାର ଆଞ୍ଚଳିକ ନିରାପତ୍ତା ମୁଖ୍ୟ ବ୍ରିଗେଡିୟର ଜେନେରାଲ ଅସାମିନ୍ୟୁ ସିଜେଙ୍କ ପତ୍ତା ମିଳୁନି। ଅସାମନ୍ୟୁ ଜଣେ ଉଚ୍ଚପାହ୍ୟାର ସେନା ଅଧିକାରୀ। ୯ ବର୍ଷ ତଳେ ସେ ଏଭଳି ଉଦ୍ୟମ କରି ଜେଲ ଯାଇଥିଲେ। ତାଙ୍କୁ ଗତବର୍ଷ ମୁକ୍ତ କରାଯାଇଥିଲା।

## ଇନ୍ଦିରା ଗାନ୍ଧୀଙ୍କୁ ଗିରଫ କରିଥିବା ପୂର୍ବତନ ଡିଜିପିଙ୍କ ପରଲୋକ

**ଚେନ୍ନାଇ,୨୩।୬(ପି.ଟି.):** ୧୯୭୭ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଏକ ଦୁର୍ନୀତି ମାମଲାରେ ଗିରଫ କରିଥିବା ତାମିଲନାଡୁର ତତ୍କାଳୀନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭି.ଆର୍. ଲକ୍ଷ୍ମୀନାରାୟଣନ୍‌ଙ୍କର ରବିବାର ପରଲୋକ ହୋଇଯାଇଛି। ୧୯୫୧ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କୁ ୯୧ ବର୍ଷ ହୋଇଥିଲା। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ, ଚରଣ ସିଂ ଏବଂ ମୋରାରଜୀ ଦେଶାଇଙ୍କ ଅଧୀନରେ କାମ କରିଥିଲେ।



# ନିଖୋଜ ପାକ୍ ବୁଡ଼ାଜାହାଜର ତଲାସି ନେଇଥିଲା ଭାରତ

**ନୂଆଦିଲ୍ଲୀ,୨୩।୬**

ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅଧିକାଂଶ ଆଣବିକ ତଥା ପାରମ୍ପରିକ ବୁଡାଜାହାଜ ପାକିସ୍ତାନ ଜଳସୀମାରେ ମୁତୟନ କରିଥିଲା। ଭାରତର ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖି ପାକିସ୍ତାନ ଆଶଙ୍କା କରିଥିଲା ପ୍ରତିଶୋଧ ନେବା ଲାଗି ନୂଆଦିଲ୍ଲୀ ନୌସେନାକୁ ବ୍ୟବହାର କରିପାରେ। ବାଲାକୋଟରେ ଥିବା ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ଶିବିର ଉପରେ ଭାରତୀୟ ବାୟୁସେନା ଏୟାରଷ୍ଟ୍ରାଇକ୍ କରିବା ପରେ ପାକିସ୍ତାନର ଅତ୍ୟାଧୁନିକ ଅଗୋସ୍ତା ଶ୍ରେଣୀର ବୁଡାଜାହାଜ ପିଏନ୍‌ଏସ୍ ସାଦ୍ ଏହାର ଜଳରାଶିରୁ ଉଭାନ ହୋଇଯାଇଥିଲା। ଏହା ପାକିସ୍ତାନ ନୌସେନାର ଏକ କୌଶଳ ଥିଲା। କରାଚି ନିକଟସ୍ଥ ଯେଉଁ ସ୍ଥାନରୁ



**ବାଲାକୋଟ ଏୟାରଷ୍ଟ୍ରାଇକ୍**

ପିଏନ୍‌ଏସ୍ ସାଦ୍ ଉଭାନ୍ ହେଲା ତାହା ଗୁଜରାଟ ଉପକୂଳରେ ପହଞ୍ଚିବାକୁ ୩ ଦିନ ଓ ମୁମ୍ବାଇରେ ପହଞ୍ଚିବାକୁ ୫ ଦିନ ଲାଗିଥାନ୍ତା। ଏହା ଭାରତର ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି କରିଥାନ୍ତା। ଗାଏବ ହୋଇଥିବା ପାକିସ୍ତାନୀ ବୁଡାଜାହାଜକୁ ଖୋଜିବା ଓ ଧ୍ୱଂସ କରିବା ଲାଗି ଭାରତ ସ୍ୱତନ୍ତ୍ର ଯୁଦ୍ଧଜାହାଜ ଓ ଲଢୁଆ ବିମାନକୁ ନିୟୋଜିତ କରିଥିଲା। ୨୧ ଦିନର ତଲାସି ପରେ ପିଏନ୍‌ଏସ୍ ସାଦ୍‌ର ସନ୍ଧାନ ପାଇଥିଲା ଭାରତୀୟ ନୌସେନା।

# ମହିଳା ଖବରଦାତାଙ୍କୁ ଗୁଳି

**ନୂଆଦିଲ୍ଲୀ,୨୩।୬(ପି.ଟି.)**

ପୂର୍ବ ଦିଲ୍ଲୀର ନ୍ୟୁ ଅଶୋକ ନଗର ଅଞ୍ଚଳରେ ଜଣେ ମହିଳା ଖବରଦାତାଙ୍କୁ ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ଗୁଳି କରିଛନ୍ତି। ମିତାଲି ଚାଣ୍ଡୋଲ ନାମ୍ନୀ ଏହି ଖବରଦାତାଙ୍କ ହାତରେ ଗୁଳି ବାଜିଛି। ପାରିବାରିକ ବିବାଦରୁ ଗୁଳିମାଡ଼ ହୋଇଥିବା ସନ୍ଦେହ କରାଯାଉଛି। ନୋଏଡାର ଏକ ଟିଭି ଚ୍ୟାନେଲ ପାଇଁ କାମ କରୁଥିବା ମିତାଲି ଶନିବାର ରାତି ୧୨ଟା ୩୦ ମିନିଟ ସମୟରେ ନିଜ କାର ଚଳାଇ ଫେରୁଥିବାବେଳେ ଅନ୍ୟ ଏକ କାର ଏହାକୁ ଅତିକ୍ରମ କରି ଧକ୍କା ଦେଇଥିଲା। ଉକ୍ତ କାରରୁ ମିତାଲିଙ୍କ କାର ଉପରକୁ ପ୍ରଥମେ ଅଣ୍ଡାମାଡ଼ କରାଯାଇଥିଲା। ସେ ନ ଅଟକିବାରୁ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଦୁଇଟି ଗୁଳି ତାଙ୍କ କାରରେ ବାଜିଥିବାବେଳେ ଅନ୍ୟଟି ତାଙ୍କ ହାତରେ ବାଜିଥିଲା। ସେହିବାଟ ଦେଇ ଯାଉଥିବା କେତେଜଣଙ୍କ ସହାୟତାରେ ମିତାଲି ପୋଲିସକୁ ଜଣାଇଥିଲେ। ମିତାଲି ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ରହୁଛନ୍ତି। ଆକ୍ରମଣରେ ତାଙ୍କ ସ୍ୱାମୀଙ୍କ ସମ୍ପୃକ୍ତି ଅଛି କି ନାହିଁ ପୋଲିସ ତଦନ୍ତ ଚଳାଇଛି।






### ନାବାଳିକାଙ୍କୁ ୫ ଦିନ ଗଣବଳାତ୍କାର

**ଅମରାବତୀ,୨୩।୬(ପି.ଟି.)**

ଆନ୍ଧ୍ରପ୍ରଦେଶର ଓଙ୍ଗୋଲେ ସହରରେ ଜଣେ ୧୬ ବର୍ଷୀୟା ଝିଅଙ୍କୁ ୬ ଜଣ ବ୍ୟକ୍ତି ୫ ଦିନ ଧରି ଗଣବଳାତ୍କାର କରିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ୩ ନାବାଳକ ଥିବା ରବିବାର ପୋଲିସ କହିଛି। ଗୁଣ୍ଟୁର ଜିଲାର ନାବାଳିକା ଜଣକ ଗତ ୧୭ ତାରିଖରେ ଓଙ୍ଗୋଲେସ୍ଥିତ ଆର୍‌ଟିସି ବସ୍‌ଷ୍ଟାଣ୍ଡରେ ଜଣେ ସାଙ୍ଗଙ୍କୁ ଅପେକ୍ଷା କରିଥିଲେ। ଏତିକିବେଳେ ନାବାଳିକାଙ୍କ ଜଣେ ବନ୍ଧୁ ତାଙ୍କୁ ନିଜ ରୁମ୍‌କୁ ନେଇଯାଇଥିଲେ। ସେଠାରେ ସେ ଓ ଅନ୍ୟ ଅଭିଯୁକ୍ତମାନେ ତାଙ୍କୁ ୫ ଦିନ ଧରି ବଳାତ୍କାର କରିଥିଲେ। ଶନିବାର ସନ୍ଧ୍ୟାରେ ସେ କୌଣସି ପ୍ରକାରେ ସେଠାରୁ ଖସିଯାଇ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିବାବେଳେ କେତେଜଣ ପୋଲିସ କର୍ମଚାରୀ ତାଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅଭିଯୋଗ କ୍ରମେ ପୋଲିସ ତନାଘନା ଚଳାଇ ବିଭିନ୍ନ ସ୍ଥାନରୁ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଏଫ୍‌ଏଟିଏଫ୍‌ର ଚେତାବନୀ ପରେ ପାକ୍ ସେନାମୁଖ୍ୟଙ୍କ ସଫେଇ

# ଆତଙ୍କବାଦ ଦମନ ପାଇଁ ଉଦ୍ୟମ କରୁଛୁ

**ଲଣ୍ଡନ,୨୩।୬**

ଆତଙ୍କବାଦ ବିରୋଧରେ ପାକିସ୍ତାନକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ ବୋଲି ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)ର ଚେତାବନୀ ପରେ ଇସ୍‌ଲାମାବାଦ ନରମିଛି। ପାକ୍ ମାଟିରୁ ଆତଙ୍କବାଦର ମୂଳୋତ୍ପାଟନ ଲାଗି ଯଥାସାଧ୍ୟ ଉଦ୍ୟମ କରାଯାଉଛି ଓ ସମସ୍ତ ତାକତକୁ ଲଗାଯାଇଛି ବୋଲି ଏହାର ସେନାମୁଖ୍ୟ ଜେନେରାଲ କମର ଜାଭେଦ୍ ବାଜୱା ଦାବି କରିଛନ୍ତି। ଇସ୍‌ଲାମାବାଦ ଦୀର୍ଘମିଆଦୀ ଶାନ୍ତି ଓ ସ୍ଥିରତା ଲାଗି ପ୍ରୟାସ ଜାରି ରଖିଥିବା ସେ କହିଛନ୍ତି। ଲଣ୍ଡନର ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍ (ଆଇଆଇଏସ୍‌ଏସ୍)ରେ ଉଦ୍‌ବୋଧନ ଦେଇ ପାକ୍ ସେନାମୁଖ୍ୟ କହିଛନ୍ତି, ଆତଙ୍କବାଦ ସମସ୍ତଙ୍କର ଶତ୍ରୁ ହୋଇଥିବାରୁ ଆମ ପଡୋଶୀଙ୍କ ସମେତ ସବୁ ଦେଶ ଏକାଠି ହୋଇ ଏହାର ମୂଳୋତ୍ପାଟନ ଦିଗରେ କାର୍ଯ୍ୟ କରିବା ଉଚିତ। ଆତଙ୍କବାଦ ଯୋଗୁ ପାକିସ୍ତାନ ଅତୀତରେ ଅନେକ ଭୋଗିଲାଣି, ଭବିଷ୍ୟତରେ ଆଉ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ଚାହେଁନି ବୋଲି ବାଜୱା କହିଛନ୍ତି। ଲଶ୍କର-ଇ-ତୋଇବା, ଜୈଶ୍-ଇ-ମହମ୍ମଦ ଏବଂ ଅନ୍ୟ ଆତଙ୍କବାଦୀ ସଂଗଠନକୁ ମିଳୁଥିବା ପାଣ୍ଠି ବନ୍ଦ କରିବାରେ ପାକ୍ ସରକାର ବିଫଳ ହୋଇଥିବାରୁ ଏହାକୁ ଧୂସର (ଗ୍ରେ) ତାଲିକାଭୁକ୍ତ କରିବା ଲାଗି ଏଫ୍‌ଏଟିଏଫ୍ ନିଷ୍ପତ୍ତି ନେଇଛି। ଆତଙ୍କବାଦ ବିରୋଧରେ ୨୭ ସୂତ୍ରୀ କାର୍ଯ୍ୟ ଯୋଜନା କାର୍ଯ୍ୟକାରୀ କରିବା ଲାଗି ପାକିସ୍ତାନକୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୟସୀମା ଦିଆଯାଇଛି।


କମର ଜାଭେଦ୍ ବାଜୱା

## ଇଭିଏମ୍ ସୁରକ୍ଷାରେ ଗୁରୁତର ତ୍ରୁଟି

# ଷ୍ଟୋର ରୁମ୍‌ରୁ ଯନ୍ତ୍ରାଂଶ ଗାଏବ

**ଭୋପାଳ,୨୩।୬(ପି.ଟି.)**

ମଧ୍ୟପ୍ରଦେଶର କେତେକ ଜିଲାରେ ଥିବା ସୁରକ୍ଷିତ ପ୍ରକୋଷ୍ଠରୁ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଗାଏବ ହୋଇଯାଇଥିବା ଅନୁଧ୍ୟାନରୁ ଜଣାପଡିଛି। ଇଭିଏମ୍‌ର ମୁଖ୍ୟ ଯନ୍ତ୍ରାଂଶ କୁହାଯାଉଥିବା ବାଲଟ ୟୁନିଟ (ବିୟୁ) ଏବଂ ଡିଟାଚେବଲ୍ ମେରୋରି ମଡ୍ୟୁଲ (ଡିଏମ୍‌ଏମ୍) ମିଳୁନାହିଁ। ଉକ୍ତ ଇଭିଏମ୍‌ଗୁଡିକ ଗତ ନିର୍ବାଚନରେ ବ୍ୟବହାର ହୋଇଥିଲା କି ନାହିଁ ତଥ୍ୟ ଜାଣିବା ଅଧିକାର (ଆରଟିଆଇ) ବଳରେ ଆବେଦନ ହୋଇଥିଲେ ମଧ ତାହା ସ୍ପଷ୍ଟ ହୋଇନାହିଁ।

ଅନୁଧ୍ୟାନ ରିପୋର୍ଟ ଏପ୍ରିଲ୍ ଜୁନ୍‌ରେ ପ୍ରସ୍ତୁତ ହୋଇ ଆର୍‌ଟିଆଇ ଆବେଦନକାରୀ ଅଜୟ ଦୁବେଙ୍କୁ ପ୍ରଦାନ କରାଯାଇଛି। ମଧ୍ୟପ୍ରଦେଶରେ ଇଭିଏମ୍ ସୁରକ୍ଷା ଓ ପରିଚାଳନା ସମ୍ପର୍କିତ ସବିଶେଷ ତଥ୍ୟ ସେ ରାଜ୍ୟ ନିର୍ବାଚନ କମିଶନଙ୍କୁ ମାଗିଥିଲେ। ତାଙ୍କୁ ପ୍ରଦାନ କରାଯାଇଥିବା ରିପୋର୍ଟ ଅନୁଯାୟୀ ଉମାରିଆସ୍ଥିତ ଇଭିଏମ୍ ଷ୍ଟୋର ରୁମ୍‌ରୁ ୯ଟି ଡିଏମ୍‌ଏମ୍ ଗାଏବ ହୋଇଯାଇଛି। ତେବେ ଗାଏବ ହେବାର



କାରଣ ସମ୍ପର୍କରେ କିଛି କୁହାଯାଇନାହିଁ। ଡିଏମ୍‌ଏମ୍ ହେଉଛି ଇଭିଏମ୍‌ର ଏକ ଅତିରିକ୍ତ ମେମୋରି ଯାହାକୁ ମେଶିନ୍‌ଠାରୁ ଅଲଗା କରି ରଖାଯାଇଥାଏ। ଷ୍ଟକ୍ ରେଜିଷ୍ଟର ଅନୁଯାୟୀ ନରସିଂହପୁର ଜିଲାର ସରକାରୀ ପଲିଟେକ୍ନିକ୍ କଲେଜ ଷ୍ଟ୍ରଙ୍ଗରୁମ୍‌ରେ ୨୭୦୯ଟି ଡିଏମ୍‌ଏମ୍ ରଖାଯାଇଥିଲା। ଯାଞ୍ଚ ବେଳେ ୨୫୦୮ଟି ଡିଏମ୍‌ଏମ୍ ମିଳି ନ ଥିଲା ବୋଲି ଜିଲା ପ୍ରଶାସନ କହିଛି। ନିର୍ବାଚନରେ ବ୍ୟବହୃତ ହୋଇ ନ ଥିବା ୬୮୭ଟି ଡିଏମ୍‌ଏମ୍‌କୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟକୁ ଫେରାଇ ଦିଆଯାଇଥିଲା ବୋଲି କୁହାଯାଇଛି। ଯେଉଁଗୁଡିକ ନିର୍ବାଚନରେ ବ୍ୟବହୃତ ହୋଇଥିଲା ସେଗୁଡିକୁ ହାଇଦ୍ରାବାଦର ଇସିଆଇଏଲ୍‌କୁ ପଠାଯାଇଥିଲା। ଷ୍ଟୋର ରୁମ୍‌ରେ ମାତ୍ର ୨୦୧ଟି ଡିଏମ୍‌ଏମ୍ ରହିଥିବାବେଳେ ଗାଏବ ଅନ୍ୟ ଡିଏମ୍‌ଏମ୍ ସମ୍ପର୍କରେ କିଛି କୁହାଯାଇନାହିଁ। ସେହିପରି ଭିନ୍ଦ୍ ଜିଲା ଷ୍ଟ୍ରଙ୍ଗ୍‌ରୁମ୍‌ରେ ଯାଞ୍ଚ ବେଳେ ୯ଟି ବାଲଟ ୟୁନିଟ ମିଳିନାହିଁ। ୨୦୧୮ ମେ ମାସରେ ଇଭିଏମ୍ ଯାଞ୍ଚ ବେଳେ ୧୩ଟି କଣ୍ଟ୍ରୋଲ ୟୁନିଟ ଏବଂ ୧୬ ବାଲଟ ୟୁନିଟ କାମ କରୁ ନ ଥିବା ଦେଖାଯାଇଥିଲା। କମିଶନ ଇଞ୍ଜିନିୟର ପଠାଇବା ସତ୍ତ୍ୱେ ସେଗୁଡିକୁ ଠିକ୍ କରାଯାଇ ନ ଥିଲା ବୋଲି ଜିଲା ପ୍ରଶାସନ ଦେଇଥିବା ରିପୋର୍ଟରୁ ଜଣାପଡିଛି। ମଣ୍ଡସୌର ଜିଲାରେ ୮ ବିୟୁ ଏବଂ ଶାଜପୁର ଜିଲାରେ ଗୋଟିଏ ଡିଏମ୍‌ଏମ ମିଳିନାହିଁ । ସେହିପରି ବାଲାଘାଟ ଜିଲା ପୁରୁଣା କଲେକ୍ଟର ଭବନ ଷ୍ଟ୍ରଙ୍ଗରୁମ୍‌ରୁ ୨୬ ଡିଏମ୍‌ଏମ୍ ମିଳୁ ନ ଥିବାବେଳେ ସାଗର ଓ ଗ୍ୱାଲିୟର ଜିଲା ଷ୍ଟୋର ରୁମ୍‌ରୁ ଯଥାକ୍ରମେ ୧୧ଟି ଓ ୨୮ଟି ବିୟୁ ମିଳିନାହିଁ। ଇଭିଏମ୍‌ର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଗାଏବ ହେବା ଘଟଣାର ତୁରନ୍ତ ତଦନ୍ତ ହେବା ଆବଶ୍ୟକ। ଇଭିଏମ୍ ସୁରକ୍ଷାରେ ଏହା ଗୁରୁତର ତ୍ରୁଟି ବୋଲି ଦୁବେ କହିଛନ୍ତି। ଭୋପାଳ ଓ ରେୱା ଜିଲା ପ୍ରଶାସନ ଏପର୍ଯ୍ୟନ୍ତ ସେମାନଙ୍କ ରିପୋର୍ଟ ଦାଖଲ କରିନାହାନ୍ତି।

# ବିମାନରେ ମାନସିକ ବିକାରଗ୍ରସ୍ତ ଯାତ୍ରୀଙ୍କ ଉତ୍ପାତ

**ଭୁବନେଶ୍ୱର, ୨୩।୬(ବ୍ୟୁରୋ)**

- ଭୁବନେଶ୍ୱରରେ ଜରୁରୀ ଅବତରଣ କଲା ଇଣ୍ଡିଗୋ
- କ୍ୟାପିଟାଲ ହସ୍ପିଟାଲରେ ସମ୍ପୃକ୍ତ ଯୁବକଙ୍କୁ ଭର୍ତ୍ତି କଲା ପୋଲିସ

ମଝି ଆକାଶରେ ଜଣେ ବିମାନ ଯାତ୍ରୀଙ୍କ ଉତ୍ପାତ। ଅସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରିବା ସହ ଡେଇଁ ପଡ଼ିବାକୁ ଉଦ୍ୟମ। ହାଇଦ୍ରାବାଦରୁ ଗୁଆହାଟୀ ଅଭିମୁଖେ ଯାଉଥିବା ଇଣ୍ଡିଗୋ ୬ଇ-୪୬୨ ବିମାନରେ ରବିବାର ଏଭଳି ଘଟଣା ଘଟିଥିଲା। ଫଳରେ ବିମାନଟି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା।

ଉକ୍ତ ଯାତ୍ରୀ ଜଣକ ହେଲେ ଇର୍ସାଦ ଅଲ୍ଲୀ। ସେ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡ଼ିଛି। ବିମାନଟି ବହୁ ଉଚ୍ଚରେ ଥିବାବେଳେ ହଠାତ୍ ୨୦ବର୍ଷୀୟ ଇର୍ସାଦ ନିଜ ସିଟ୍ ଉପରେ ଛିଡ଼ା ହୋଇ ଚିତ୍କାର କରିଥିଲେ। ପରେ ଅନ୍ୟ ଯାତ୍ରୀ ଓ କ୍ରିଉ ମେମ୍ବରଙ୍କୁ ଗାଳିଗୁଲଜ କରିବା ସହ ନାଲି ଆଖି ଦେଖାଇଥିଲେ। ଏଣେତେଣେ ଚଲାବୁଲା କରିଥିଲେ। ଡେଇଁ ପଡ଼ିବାକୁ ଧମକ ଦେଇ ବିମାନର ମୁଖ୍ୟ ଦ୍ୱାରକୁ ଖୋଲିବାକୁ ଉଦ୍ୟମ କରିଥିଲେ। ଇର୍ସାଦଙ୍କ ଏଭଳି ଆଚରଣ ଦେଖି ଅନ୍ୟ ଯାତ୍ରୀ ଅତ୍ୟନ୍ତ ଭୟଭୀତ ହୋଇପଡ଼ିଥିଲେ। ତାଙ୍କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରି ବିମାନ କର୍ମଚାରୀ ନାକେଦମ୍ ମଧ ହୋଇଥିଲେ। ଏଥିଯୋଗୁ ବିମାନ ଚଳାଚଳରେ ମଧ ଅସୁବିଧା ସୃଷ୍ଟି ହୋଇଥିଲା। ଶେଷରେ ବିମାନକୁ ଜରୁରୀ ଅବତରଣ କରିବାକୁ ନିଷ୍ପତ୍ତି ନିଆଗଲା। ଭୁବନେଶ୍ୱର ବିମାନବନ୍ଦର ନିକଟରେ ଥିବାରୁ ଏଠାରେ ଅବତରଣ ପାଇଁ ପାଇଲଟ୍ ଏଟିସିଙ୍କୁ ଅନୁମତି ମାଗିଥିଲେ। ଅନୁମତି ମିଳିବା ପରେ ସକାଳ ୬ଟା ୧୦ରେ ବିମାନଟି ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇଥିଲା। ଉତ୍ପାତ କରୁଥିବା ଇର୍ସାଦଙ୍କୁ ପୋଲିସକୁ ହସ୍ତାନ୍ତର କରାଯିବା ପରେ ଘଣ୍ଟାଏ ବିଳମ୍ବରେ ଅର୍ଥାତ୍ ସକାଳ ୭ଟା ୧୩ରେ ବିମାନଟି ପୁଣି ଗନ୍ତବ୍ୟସ୍ଥଳ ଗୁଆହାଟୀ ଅଭିମୁଖେ ଯାତ୍ରା କରିଥିଲା। ଅନ୍ୟପକ୍ଷରେ ପୋଲିସ ଇର୍ସାଦଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେ ମାନସିକ ବିକାରଗ୍ରସ୍ତ ଥିବା ଡାକ୍ତର କହିବା ସହ ଚିକିତ୍ସା ଆରମ୍ଭ କରିଥିଲେ। ତାଙ୍କର ଏବେ ଚିକିତ୍ସା ଚାଲିଛି। ସୋମବାର ୩ଟାରେ ପରିବାର ଲୋକେ ପହଞ୍ଚିବା ପରେ ତାଙ୍କୁ ଜିମା କରାଯିବ ବୋଲି ଏୟାରଫିଲ୍ଡ ଥାନା ଆଇଆଇସି ଉମାକାନ୍ତ ପ୍ରଧାନ କହିଛନ୍ତି।




# ଯବାନଙ୍କ ଗଳାକାଟି ହତ୍ୟା କଲେ ମାଓବାଦୀ

**ମାଲକାନଗିରି, ୨୩।୬ (ସ୍ୱ.ପ୍ର.)**

ସୀମାନ୍ତରେ ପୁଣି ଲାଲବାହିନୀ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସେମାନେ ଜଣେ ଯବାନଙ୍କ ଗଳାକାଟି ହତ୍ୟା କରିଛନ୍ତି। ଛତିଶଗଡ଼ର ବିଜାପୁର ଜିଲା ମିରତୁରରେ ରବିବାର ଏପରି ଦୁଃଖଦ ଘଟଣା ଘଟିଛି। ମୃତ ଯବାନ ଜଣକ ହେଲେ ଚିନ୍ଟୁ କଡକି। ଚିନ୍ଟୁ ରବିବାର ଅପରାହ୍ନରେ ପରିବାର ଲୋକଙ୍କ ସହ ବଜାରକୁ ଯାଉଥିବା ବେଳେ ସାଦା ପୋଷାକରେ ହଠାତ୍ ୫ଜଣ ମାଓବାଦୀ ଆସି ତାଙ୍କୁ ଘେରିଯାଇଥିଲେ। ପରେ ସେମାନେ ଚିନ୍ଟୁଙ୍କ ଗଳାକାଟି ଦେଇ ସେଠାରୁ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏପରି ଘଟଣା ପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପେରଶନ ଚଳାଇଛନ୍ତି ବୋଲି ବିଜାପୁର ଏସ୍‌ପି ଡିୟୋଗ ପଟେଲ କହିଛନ୍ତି।












ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନରେ ଏକ କୋଇଲା ବୋଝେଇ ଟ୍ରେନ ଅଟକି ଥିବାବେଳେ ରବିବାର ପୂର୍ବାହ୍ନ ସାଢେ ୧୦ଟା ବେଳେ ସେଥିରେ ନିଆଁ ଲାଗି ଯାଇଥିଲା। ଟ୍ରେନରେ ୫୯ବଗି ରହିଥିଲା। ସେଥିରୁ ୧୬ ନମ୍ବର ବଗିରେ ନିଆଁ ଲାଗିଥିବା ଜଣାପଡିବାରୁ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ସୋରରୁ ଦୁଇଟି ଦମକଳ ପହଞ୍ଚି ଦେଢଘଣ୍ଟା କାଳ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲା। ନିଆଁ କିପରି ଲାଗିଲା ତାହା ଜଣାପଡ଼ି ନାହିଁ। ଘଟଣାର ତଦନ୍ତ କରାଯାଉଛି ବୋଲି ଷ୍ଟେଶନ ମ୍ୟାନେଜର ଆର.ଏନ. ବେହେରା ପ୍ରକାଶ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଦିବ୍ୟାଂଶୁ
ପରିବାରବର୍ଗ



ଦିବ୍ୟାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାଟି ବନ୍ଦ ଥିଲେ କଥା ଉଠିବନି: ନରସିଂହ

**ଭୁବନେଶ୍ୱର, ୨୩।୬(ବ୍ୟୁରୋ)**

ଓଡିଶାରେ ରାଜ୍ୟ ସଭାର ୩ଟି ପଦ ଖାଲି ହୋଇଛି। ୩ଟି ଯାକ ପଦ ପୂରଣ କରିବା ପାଇଁ ବିଜେଡି ପାଖରେ ଯଥେଷ୍ଟ ସଂଖ୍ୟା ଥିଲା। କିନ୍ତୁ ବିଜେଡି ୨ ଜଣଙ୍କୁ ନିଜ ଦଳରୁ ପ୍ରାର୍ଥୀ କରିଥିବା ବେଳେ ଭାଜପାର ଜଣେ ନେତାଙ୍କୁ ରାଜ୍ୟ ସଭା ପଠାଇବାକୁ ଘୋଷଣା କରିଛି। ମୁଖ୍ୟ ବିରୋଧୀ ଦଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ରାଜ୍ୟ ସଭା ପଦ ଛାଡିବାପରେ କଂଗ୍ରେସ ସମାଲୋଚନା କରିବା ଆରମ୍ଭ କରିଦେଇଛି। ଏନେଇ ଉଭୟ ବିଜେଡି ଓ ଭାଜପାକୁ କଂଗ୍ରେସ ବରିଷ୍ଠ ବିଧାୟକ ନରସିଂହ ମିଶ୍ର ସମାଲୋଚନା କରିଛନ୍ତି। ନରସିଂହ କହିଛନ୍ତି, ରାଜ୍ୟରେ ବିଜେଡି-ଭାଜପା ଭାଇଭାଇ। ବିରୋଧୀ ଦଳ କିଏ ସେନେଇ ନିଷ୍ପତ୍ତି ନେବାକୁ ହେବ। ସଂଖ୍ୟା ବହୁତ ଥିଲେ ମଧ୍ୟ ପାଟି ବନ୍ଦ ଥିଲେ କଥା ଉଠିବନି। ସଂଖ୍ୟା କମ୍ ଥିଲେ ମଧ୍ୟ ଯଦି ପାଟି ଖୋଲୁଛି ତେବେ ଲୋକଙ୍କ ଦାବି ଉପସ୍ଥାପନ କରିପାରିବୁ। ଗୋଟେ ସରକାର ସଂଖ୍ୟା ବଳରେ ଆମ କଥାକୁ ଚପାଇ ଦେଇପାରେ। କିନ୍ତୁ ନିଶ୍ଚିତଭାବେ ଲୋକଙ୍କ ସମସ୍ୟା ଆମ ଯୁକ୍ତି ଉପସ୍ଥାପନ କରିବୁ ବୋଲି ନରସିଂହ କହିଛନ୍ତି।

ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ନରସିଂହ ବାବୁ ଜଣେ ଅଭିଜ୍ଞ ନେତା। ସାମ୍ବିଧାନିକ ପଦବୀକୁ ନେଇ ରାଜନୀତି କରିବା କଥା ଉଚିତ୍ ନୁହେଁ। ୫ମ ଥର ପାଇଁ ସରକାରକୁ ଆସିଲୁ। ଏହା କଣ ଭାଜପା ସହ ଡିଲ୍ କରିବାରୁ ସମ୍ଭବ ହେଲା। ବିଜେଡି ସପକ୍ଷରେ କଂଗ୍ରେସ ବହୁ ଚିନ୍ତା କରୁଛି। କଂଗ୍ରେସ ଆତ୍ମଚିନ୍ତନ କରୁ ରାଜ୍ୟରେ ୩ୟ ସ୍ଥାନକୁ କାହିଁକି ଆସିଲା। ସବୁଥର ଭଳି ଏଥର ମଧ୍ୟ ବିରୋଧୀଙ୍କୁ ସାମ୍ନା କରିବୁ ବୋଲି ଶଶିଭୂଷଣ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଗୁପ୍ତ ନୁହେଁ...

ରାଜ୍ୟ ସଭା ପଠାଇବା ଓଡିଶାବାସୀଙ୍କୁ ଲଜ୍ଜିତ କରିଛି। ଯେଉଁ ରାଜ୍ୟରେ ଭାଜପା ବିଧାୟକଙ୍କ ସଂଖ୍ୟା ଅଧିକ ଅଛି ସେଠାରୁ କାହିଁକି ଅଶ୍ୱିନୀଙ୍କୁ ରାଜ୍ୟ ସଭା ପଠାଗଲାନି ବୋଲି ଧର୍ମେନ୍ଦ୍ରଙ୍କୁ ନରସିଂହ ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ ନରସିଂହଙ୍କ ସମାଲୋଚନା ଉପରେ ପ୍ରତିକ୍ରିୟା ରଖି ବରିଷ୍ଠ ଭାଜପା ନେତା ଦାମୋଦର ରାଉତ କହିଛନ୍ତି, ଅଶ୍ୱିନୀ ଜଣେ ପାରିବାର ଓ ଭଲ ପ୍ରଶାସକ। ୫ରୁ ୭ବର୍ଷ ହେବ ସେ ନବୀନ ବାବୁଙ୍କୁ ବିଭିନ୍ନ କ୍ଷେତ୍ରରେ ପରାମର୍ଶ ଦେଉଥିଲେ। କାଲି ପର୍ଯ୍ୟନ୍ତ ଅଶ୍ୱିନୀ ଏକ ଖଣି କମ୍ପାନୀର ଡାଇରେକ୍ଟର, ଏକଥା କ'ଣ ନରସିଂହ ମିଶ୍ର କେବଳ ଜାଣିଛନ୍ତି ଆଉ କେହି ଜାଣିନାହାନ୍ତି। ଖଣି ବେପାର କରୁଥିବା ଲୋକେ କ'ଣ ରାଜନୀତି କରିପାରିବେନି, ଏହା ପ୍ରସଙ୍ଗ ନୁହେଁ। ଗଣତନ୍ତ୍ରରେ ଲୋକ ପ୍ରତିନିଧିଙ୍କ ଭୂମିକା ଗୌଣ ହେଉଛି ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଭୂମିକା ବଢୁଛି। ଏହା ଆମ ପାଇଁ ଗୌରବର ବିଷୟ। ବିଜେଡି ପୂର୍ବରୁ କହି ଆସୁଥିଲା କେନ୍ଦ୍ରରେ ଆମର ଦୁର୍ବଳ ସରକାର ହେବ। ରାଜ୍ୟରେ ସେମାନେ ୨୧ରୁ ୨୧ ଲୋକ ସଭା ଆସନ ନେବେ। ହେଲେ ସେମିତି ହେଲାନି ଏଠି ୮ଟି ଲୋକ ସଭା ଆସନରେ ଆମକୁ ସଫଳତା ମିଳିଲା। ଅଶ୍ୱିନୀଙ୍କୁ କିପରି ଭାଜପା ପ୍ରାର୍ଥୀ କଲା ପ୍ରଶ୍ନରେ ଦାମ କହିଛନ୍ତି, ଦଳର ନୀତି ନିର୍ଦ୍ଧାରଣରେ ସେ ନାହାନ୍ତି। ମାତ୍ର ଏହାଦ୍ୱାରା ରାଜ୍ୟ ଓ କେନ୍ଦ୍ର ସମ୍ପର୍କରେ ଶାଳୀନତା ଆସିଛି। ଦୁଇ ସରକାର ମଧ୍ୟରେ ସହଯୋଗ ରହିଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଦାମ କହିଛନ୍ତି।

### ଅତ୍ୟଧିକ...

କରାଯାଇଥିଲା। ତେବେ କୋହଲି ଅମ୍ପାୟର ଆଲିମ ଦାରଙ୍କ ନିକଟକୁ ମାଡିଯାଇ ଜୋରଦାର ଅପିଲ କରିଥିଲେ। କୋହଲି ଏହା ଦ୍ୱାରା ଆଚରଣବିଧିର ଉଲ୍ଲଂଘନ କରିଥିଲେ ବୋଲି ଆଇସିସି ତରଫରୁ କୁହାଯାଇଥିଲା। ସେ ମଧ୍ୟ ତାଙ୍କ ତ୍ରୁଟି ସ୍ୱୀକାର କରିବା ସହ ଜରିମାନାକୁ ଗ୍ରହଣ କରିଛନ୍ତି। ଫଳରେ ଏହି ଘଟଣାରେ କୌଣସି ଶୁଣାଣିର ଆବଶ୍ୟକତା ନାହିଁ ବୋଲି ଆଇସିସି ମ୍ୟାଚ୍ ରେଫରି କ୍ରିସ ବ୍ରଡ କହିଛନ୍ତି। ଦୁଇ ଫିଲ୍ଡ ଅମ୍ପାୟର ଅଲିମ ଦାର ଓ ରିଚାର୍ଡ ଇଲିଙ୍ଗୱର୍ଥ, ତୃତୀୟ ଅମ୍ପାୟର ରିଚାର୍ଡ କେଟିଲବରୋ ଓ ଚତୁର୍ଥ ଅମ୍ପାୟର ମାଇକେଲ ଗଫ୍ କୋହଲିଙ୍କ ବିରୋଧରେ ଏ ନେଇ ଅଭିଯୋଗ ଆଣିଥିଲେ। ଉଲ୍ଲେଖଥାଉ କି, ଏପରି ଅଭିଯୋଗରେ ଜଣେ ଖେଳାଳିଙ୍କୁ ସର୍ବାଧିକ ମ୍ୟାଚ୍ ଫି'ର ୫୦ ପ୍ରତିଶତ ଜରିମାନା ଆକାରରେ ଦେବାକୁ ହୋଇଥାଏ ଓ ଅତିକମ୍‌ରେ ଚେତାବନୀ ଦେଇ ସତର୍କ କରାଯାଇଥାଏ। ଏଥି ସହିତ ଗୋଟିଏ କିମ୍ବା ଦୁଇଟି ଡିମେରିଟ ପଏଣ୍ଟ ପେନାଲ୍ଟି ଆକାରରେ ଦିଆଯାଇଥାଏ। ପୂର୍ବରୁ ମଧ୍ୟ କୋହଲି ୨୦୧୮ ଜାନୁୟାରୀ ୧୫ ତାରିଖରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରିଟୋରିଆ ଟେଷ୍ଟରେ ଏହି ଭଳି ଆଚରଣ ପ୍ରଦର୍ଶନ କରିଥିଲେ ଓ ଗୋଟିଏ ଡିମେରିଟ୍ ପଏଣ୍ଟ ପାଇଥିଲେ।

### ମୁସଲିମ୍...

ବିରାଦରି ନାମକ ସଙ୍ଗଠନର ସଂଯୋଜକ ଅଫ୍‌ଜଲ ଅନିସ୍ ଅଭିଯୋଗ ଆଣିଛନ୍ତି। ତବ୍‌ରେଜ୍‌ଙ୍କ ଦାଦା ମକ୍‌ସୁଦ୍ ଅନ୍‌ସାରୀ କହିଛନ୍ତି, ଜେଲ୍‌ରେ ପୁତୁରାଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଜେଲ ଅଧିକାରୀମାନେ ନିଜକୁ ବଞ୍ଚାଇବା ପାଇଁ ତାଙ୍କୁ ହସ୍ପିଟାଲକୁ ପଠାଇଦେଇଥିଲେ। ପୋଲିସ ଓ ଜେଲ୍ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ଭାରତରେ ସଂଖ୍ୟାଲଘୁଙ୍କ ଉପରେ ହିନ୍ଦୁବାଦୀ ସଙ୍ଗଠନଗୁଡ଼ିକର ଆକ୍ରମଣ ବଢ଼ି ଚାଲିଥିବା ନେଇ ଆମେରିକାର ଏକ ରିପୋର୍ଟ ପ୍ରକାଶ ପାଇଥିବାବେଳେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରିଛି। ଏହି ପରିପ୍ରେକ୍ଷୀରେ ତବ୍‌ରେଜ୍‌ଙ୍କ ମୃତ୍ୟୁ ଅନେକ ପ୍ରଶ୍ନ ଛିଡ଼ା କରିଛି।

### ତମ୍ବୁ ଭାଙ୍ଗି...

୧୪ ଜଣଙ୍କ ଜୀବନ ଚାଲିଯାଇଥିଲା। ତମ୍ବୁ ଖସିପଡ଼ିଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କେତେଜଣଙ୍କ ଜୀବନ ଯାଇଥିବାବେଳେ ୫୦ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ବାଡ଼ମେର ଓ ଯୋଧପୁର ଜିଲାର କେତେକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଏଏସ୍‌ପି ରତନଲାଲ ଭାର୍ଗବ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏହି ଘଟଣାକୁ ନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଅନୁକମ୍ପାମୂଳକ ରାଶି ଓ ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏହାସହ କିଭଳି ସ୍ଥିତିରେ ଏହା ଘଟିଲା ସେନେଇ ଯୋଧପୁର ଡିଭିଜନାଲ କମିଶନର ବି.ଏଲ୍. କୋଠାରିଙ୍କ ନେତୃତ୍ୱରେ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ଏମ୍‌ପି ତଥା କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧୁରୀ ମୃତକଙ୍କ ପରିବାର ଓ ଆହତଙ୍କୁ ଭେଟିବା ପାଇଁ ବାଡ଼ମେର ଗସ୍ତ କରିଛନ୍ତି।

# ଶୁଟିଂ ପାଇଁ ବ୍ରସେଲ୍ସରେ ଅନୁଷ୍କା

**ବ୍ରସେଲ୍ସ**

ସ୍ୱାମୀ ତଥା କ୍ରିକେଟର ବିରାଟ କୋହଲିଙ୍କ ସହିତ ଲଣ୍ଡନରେ କିଛିଦିନ କଟାଇବା ପରେ ଅଭିନେତ୍ରୀ ଅନୁଷ୍କା ଶର୍ମା ବର୍ତ୍ତମାନ ବ୍ରସେଲ୍ସରେ ଶୁଟିଂ ପାଇଁ ବ୍ୟସ୍ତ ଅଛନ୍ତି। ସେଠାରେ ତାଙ୍କର ରହଣି ବେଳର ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ପ୍ରଶଂସକଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସେ ପ୍ରଥମେ ବିମାନରେ ବସିଥିବାର ଏକ ଫଟୋକୁ ପୋଷ୍ଟ କରିବା ସହିତ ଏହାର କ୍ୟାପଶନ୍ ଲେଖିଛନ୍ତି-'ଆଡିଓସ୍ ଲଣ୍ଡନ, ହେଲୋ ବ୍ରସେଲ୍ସ'। ବର୍ତ୍ତମାନ ଏକ ଶୁଟିଂ କାର୍ଯ୍ୟ ପାଇଁ ସେ ବ୍ରସେଲ୍ସରେ ଥିବାବେଳେ ଉକ୍ତ ଫିଲ୍ମର ନାଁ ପ୍ରକାଶ କରିନାହାନ୍ତି। ଏଥିରୁ ବୁଝାପଡୁଛି, ଅଭିନେତ୍ରୀ ଏହି ଫିଲ୍ମରେ କାର୍ଯ୍ୟ କରିବା ପାଇଁ ସ୍ପଷ୍ଟ ନିଷ୍ପତ୍ତି ନେଇପାରି ନାହାନ୍ତି। ଅନୁଷ୍କା ମଧ୍ୟ ଏକ ସୁନ୍ଦର ସୂର୍ଯ୍ୟାସ୍ତର ଫଟୋ ଉଠାଇବା ସହିତ ଗୃହ ମଧ୍ୟରେ ରହି ପ୍ରକୃତିକୁ ଉପଭୋଗ କରୁଥିବାର ଦୃଶ୍ୟକୁ ଶେୟାର କରିଛନ୍ତି।

ଆଉ ଏକ ଫଟୋରେ 'ସୁଲତାନ' ଅଭିନେତ୍ରୀ ସୂର୍ଯ୍ୟୋଦୟ ସମୟରେ ରାସ୍ତା ମଝିରେ ଛିଡା ହୋଇଥିବାର ଫଟୋ ପୋଷ୍ଟ କରିଛନ୍ତି। ସେ ବ୍ଲାକ ଟ୍ରାଉଜର ଓ ଶାର୍ଟ ସହିତ ଏକ ଡେନିମ ଜ୍ୟାକେଟ ଓ ହ୍ୱାଇଟ ସ୍ନିକର୍ସ ପରିଧାନ କରିଥିବା ଦେଖାଯାଉଛି। ଏହି ଫଟୋ ତଳେ ସେ 'ଶାଇନିଂ' ବୋଲି ଉଲ୍ଲେଖ କରିଛନ୍ତି।



## ବିରୋଧୀ ଦଳ ନେତା ଚୟନ ବୈଠକ

# ଭିତରେ ଚୂଡ଼ାନ୍ତ, ବାହାରେ ନାହିଁ ନାହିଁ



ରାଜ୍ୟ ଭାଜପା କାର୍ଯ୍ୟାଳୟରେ ରବିବାର ବସିଥିବା ବିରୋଧୀ ଦଳ ନେତା ଚୟନ ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ।

**ଭୁବନେଶ୍ୱର, ୨୩।୬(ବ୍ୟୁରୋ)**

- ଶାହ ଶୁଣାଇବେ ଶେଷ ନିଷ୍ପତ୍ତି
- ଆଜି ହୋଇପାରେ ଘୋଷଣା

୨୦୧୯ ସାଧାରଣ ନିର୍ବାଚନ ଶେଷ ହୋଇ ଫଳାଫଳ ପ୍ରକାଶ ପାଇବାରେ ଏକ ମାସ ବିତିଯାଇଛି। ନିର୍ବାଚନରେ ୨୩ ଆସନ ପାଇ ଭାଜପା ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ହୋଇପାରିଛି। କିନ୍ତୁ ଦଳ ପକ୍ଷରୁ ଏ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଚୟନ କରାଯାଇନାହିଁ। ଆସନ୍ତା ୨୫ରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏହାର ଦିନକ ଆଗରୁ ବିରୋଧୀ ଦଳ ନେତା କାହାକୁ କରାଯିବ ସେନେଇ ଦଳ ଘୋଷଣା କରିବ ବୋଲି ଜଣାପଡିଛି। କେତେଜଣ ବରିଷ୍ଠ ନେତା ବିଧାୟକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏକ ନୂଆ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ଭାଜପା ବିଧାୟକ ଦଳ ବୈଠକ ରବିବାର ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ଏମ୍‌ପି ସୁଶ୍ରୀ ସରୋଜ ପାଣ୍ଡେ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଠକରେ ଉପସ୍ଥିତ ଥିଲେ। ଦୀର୍ଘ ସମୟ ଧରି ଆଲୋଚନା ଚାଲିବାପରେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ବାହାରକୁ ବାହାରି ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ। ତାଙ୍କ ସହ ଭିତରୁ ୫ରୁ ୬ଜଣ ବିଧାୟକଙ୍କୁ ମଧ୍ୟ ସାଙ୍ଗରେ ରହିବାକୁ ପରାମର୍ଶ ଦିଆଗଲା। ବିଷ୍ଣୁ ସେଠୀ କହିଛନ୍ତି, ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହୋଇଛି ଯେ, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଯାହାଙ୍କ ନାମ ଘୋଷଣା କରିବେ ତାଙ୍କୁ ସମସ୍ତେ ଗ୍ରହଣ କରିବେ। ଦିନେ ଦୁଇଦିନ ମଧ୍ୟରେ ଏହା ଚୂଡାନ୍ତ ହେବ। ପାର୍ଟି ନିଷ୍ପତ୍ତି ନେବା ପଛରେ କୌଣସି ଅସୁବିଧା କି କନ୍ଦଳ ନ ଥିବା ସେ କହିଛନ୍ତି।

ସ୍ଥିତି ଦେଖିଲେ ଦଳ ପକ୍ଷରୁ ଏ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଚୟନ କରାଯାଇ ନ ପାରିବା ପଛରେ ଭିନ୍ନ କାରଣ ଥିବା ସୂତ୍ରରୁ ଜଣାପଡିଛି। ବରିଷ୍ଠତା ଦୃଷ୍ଟିରୁ ଏହି ପଦ ପାଇଁ ୩ ଜଣଙ୍କ ନାଁକୁ ନେଇ ବିଶେଷ ଚର୍ଚ୍ଚା ହେଉଛି। ଜୟନାରାୟଣ ମିଶ୍ର, ବିଷ୍ଣୁ ସେଠୀ ଏବଂ ପ୍ରଦୀପ୍ତ ନାଏକ ଏହି ଦୌଡରେ ଆଗରେ ଥିବା ରାଜନୈତିକ ବିଶେଷଜ୍ଞମାନେ ମତ ରଖୁଛନ୍ତି। ଅନ୍ୟପଟେ ଏହି ପଦ ପାଇଁ ନେତାମାନେ ନିଜ ନିଜ ସ୍ତରରେ ଜୋର୍‌ଦାର ଉଦ୍ୟମ ମଧ୍ୟ ଚଳାଇଛନ୍ତି। କିନ୍ତୁ ଦଳର କେତେଜଣ ବରିଷ୍ଠ ନେତା ନିଜ ପସନ୍ଦ ମୁତାବକ ଜଣଙ୍କୁ ଏହି ପଦରେ ବସାଇବାକୁ ଲକ୍ଷ୍ୟ ରଖିଥିବା କୁହାଯାଉଛି। ଯିଏ ଏହି ପଦରେ ବସିବ ସେନେଇ ଏକ ପ୍ରକାର ସ୍ଥିର ମଧ୍ୟ ହୋଇସାରିଛି। ଅସନ୍ତୋଷକୁ ରୋକିବା ସକାଶେ ବିଧାୟକମାନଙ୍କ ଆଗରେ ଶାହଙ୍କ ନିଷ୍ପତ୍ତି ଚୂଡାନ୍ତ ହେବ ଏକ ବାର୍ତ୍ତା ଦିଆଯିବାର ଯୋଜନା ହୋଇଛି ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଏପରି ହେଲେ ଦଳରେ ଯାହାଙ୍କୁ ଏହି ପଦ ମିଳିବ ଉପାୟଶୂନ୍ୟ ହୋଇ ସମସ୍ତେ ତାଙ୍କୁ ମାନିବାକୁ ବାଧ୍ୟ ହେବେ। ଅନ୍ୟପଟେ ଏହି ପଦ ପାଇବାକୁ ଥିବା ନେତାଙ୍କୁ ମଧ୍ୟ ସୂଚନା ମିଳିସାରିଥିବା ଆଲୋଚନା ହେଉଛି।

ବୈଠକରେ ସାମିଲ ଥିବା ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ୭ କିମ୍ବା ୮ ଦିନ ପୂର୍ବରୁ ସମସ୍ତ ବିଧାୟକଙ୍କୁ ନିଜର ବାୟୋଡାଟା ଦେବା ଲାଗି ନିର୍ଦ୍ଦେଶ ହୋଇଥିଲା। ବିଧାୟକଙ୍କୁ ଏକାଠି ରଖିବା ଲାଗି ଏହା ସୁଚିନ୍ତିତ ଯୋଜନା। ଏମିତି ହେଲେ କାହା ମନରେ କିଛି ପ୍ରଶ୍ନ ରହିବନାହିଁ। ବାହାରକୁ ଯାହା କୁହାଗଲା ପ୍ରକୃତରେ କଥା ସମ୍ପୂର୍ଣ୍ଣ ଭିନ୍ନ। ଯିଏ ହେବେ ସେନେଇ ସ୍ଥିର ହୋଇସାରିଛି। କେବଳ ମୁଖ୍ୟ ଦାବିଦାର ଥିବା କେତେଜଣଙ୍କୁ ଶାନ୍ତ ରଖିବାର ଏହା ପ୍ରୟାସ ଥିଲା ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବୃହସ୍ପତିଙ୍କ ନକ୍ଷତ୍ରସ୍ଥ ଲାଭଭାବସ୍ଥ ଚନ୍ଦ୍ର ଆପଣଙ୍କ ଜୀବନଯାତ୍ରାକୁ ପ୍ରୀତିପ୍ରଦ କରାଇବ। ପାରିବାରିକ ସମ୍ପର୍କ ଭଲ ରହିବା ସହ ଆଶା କରୁଥିବା ଜିନିଷ ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। କିନ୍ତୁ ଦୀର୍ଘ ଦିନରୁ ପରସ୍ପର ପଟୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିପାରେ। ବନ୍ଧୁଙ୍କ ଆଗମନରେ ମନ ଖୁସି ହୋଇଯିବ।

**ବୃଷ** ରାହୁଙ୍କ ନକ୍ଷତ୍ରସ୍ଥ ରବି ତୃତୀୟଭାବରୁ ଭାଗ୍ୟସ୍ଥାନକୁ ପ୍ରଭାବିତ କରୁଥିବାରୁ ଆପଣଙ୍କ ଚେଷ୍ଟା ଫଳବତୀ ହେବାର ଆଶା ମଉଳି ଯାଇପାରେ। ସହକର୍ମୀ କିମ୍ବା ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ଅସମର୍ଥ ହୋଇପାରନ୍ତି। ସପ୍ତମାଧିପତି ତୃତୀୟସ୍ଥ ହେତୁ ବନ୍ଧୁ କିମ୍ବା ସହକର୍ମୀଙ୍କ ସହାୟତାରେ ବ୍ୟବସାୟ ଓ ପରିବହନରେ ଥିବା ସମସ୍ୟା ଦୂର ହେବ।

**ମିଥୁନ** ବୁଧ ଦେବଗୁରୁଙ୍କ ନକ୍ଷତ୍ରରେ ରହି ଧନଭାବ ମଣ୍ଡନ କରିଥିବାରୁ କୌଣସି ବନ୍ଧୁଙ୍କ ସାହାଯ୍ୟରେ ଆପଣଙ୍କ ଆଶା ପୂରଣ ହେବ। ପ୍ରଶାସନିକ ସ୍ତରରେ ଅବହେଳାବଶତଃ ଅଟକି ରହିଥିବା କାରଣରୁ ସେହିକଥା ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ସହକର୍ମୀଙ୍କ କୌଣସି ନୂତନ କାର୍ଯ୍ୟରେ ଯୋଗଦେଇ ପୂର୍ବ ପ୍ରତିଶ୍ରୁତିକୁ ପାଳନ କରିପାରନ୍ତି।

**କର୍କଟ** କର୍ମାଧିପ ମଙ୍ଗଳ ବ୍ୟୟାଧିପ ବୁଧଙ୍କ ସହ ରାଶିରେ ଅବସ୍ଥାନ କରି ବ୍ୟୟ ଅଟକଳ କରିପାରନ୍ତି। ଶନିକ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ମାନସିକ ଚାପ ବୃଦ୍ଧି ପାଇବା କାରଣରୁ ଅପେକ୍ଷାକୃତ ଅସୁବିଧା ଭୋଗିପାରନ୍ତି। ବୃହସ୍ପତିଙ୍କ ଦୃଷ୍ଟିରୁ ଧର୍ମାନୁଷ୍ଠାନ ଦିଗରେ ଆପଣଙ୍କ ସକ୍ରିୟ ସହଯୋଗ ଯୋଗୁ ସାମାଜିକ ସ୍ତରରେ ଆଦୃତି ଲାଭ କରିବେ। କଳା, କ୍ରୀଡ଼ା, ସଙ୍ଗୀତରେ ଉନ୍ନତି କରିବେ।

**ସିଂହ** ରାଶ୍ୟାଧିପତି ପାପଗ୍ରହ ଯୁକ୍ତ କାରଣରୁ ଦୈହିକ ସୁସ୍ଥତା ରହି ନ ପାରେ। ଏଣେ ଶନିଙ୍କ ସ୍ଥିତି ଆପଣଙ୍କ ଭୁଲ୍ ନିଷ୍ପତ୍ତି ବହୁଜନଙ୍କର ଅଶାନ୍ତିର କାରଣ ହୋଇପାରେ। ଶୁକ୍ରଙ୍କ ସୁପ୍ରଭାବରେ ସାହିତ୍ୟ, ସଙ୍ଗୀତ, କଳା, ସାହିତ୍ୟ ଚର୍ଚ୍ଚା ଓ ରଚନାତ୍ମକ କାମରୁ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡାନୁଭବ କରିପାରନ୍ତି।

**କନ୍ୟା** ଏକାଦଶାଧିପତି ଚନ୍ଦ୍ର ନିଜ ଭାବରୁ ଅଷ୍ଟମସ୍ଥ ଯୋଗୁ ଅପୂରଣୀୟ ଆଶା ଓ କାମନା ପାଇଁ ଅନ୍ୟମାନଙ୍କୁ ଦାୟୀ କରିପାରନ୍ତି। ପୁନଶ୍ଚ କଠିନ ଶ୍ରମ ଓ ଭ୍ରମଣଜନିତ ସ୍ୱାସ୍ଥ୍ୟ କିମ୍ବା ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ଗୃହ ମରାମତି, ଜମିଜମା କ୍ରୟବିକ୍ରୟ, ମାଲିମକଦ୍ଦମା ସମ୍ପର୍କିତ ଆଲୋଚନାରେ ସାଧାରଣ ଅଗ୍ରଗତି ହୋଇପାରେ।

**ତୁଳା** କର୍ମାଧିପତି ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ପୂର୍ଣ୍ଣ ତୃତୀୟ ଦୃଷ୍ଟି ମାନସିକ ସୁସ୍ଥତାକୁ ବ୍ୟାହତ କରିପାରେ। ବିଭିନ୍ନ ପ୍ରକାର ସମସ୍ୟା ସାଙ୍ଗକୁ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁନାମ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭଫଳ ମିଳିବ।

**ବିଛା** ଆଜିର ଗଜକେଶରୀ ଯୋଗ ସାଙ୍ଗକୁ ଗୁରୁଶୁକ୍ରଙ୍କ ପାରସ୍ପରିକ ଦୃଷ୍ଟି ଆପଣଙ୍କ ଯାତ୍ରା, ବନ୍ଧୁସମ୍ପର୍କ ଓ କର୍ମକ୍ଷେତ୍ରକୁ ଦୃଢୀଭୂତ କରିବ। ବନ୍ଧୁମିଳନ ଅବକାଶରେ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ଆଗାମୀ ସମୟ ପାଇଁ କାମକୁ ଆସିବ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ବାରମ୍ବାର ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ ସକାଶେ ଚିନ୍ତା କରିପାରନ୍ତି।

**ଧନୁ** ଆଜିର ଗ୍ରହସ୍ଥିତି ବିଶେଷ ଅନୁକୂଳ ନ ଥିଲେ ମଧ୍ୟ ନିକଟ ସମ୍ପର୍କୀୟଙ୍କ ସହଯୋଗ ଅବ୍ୟାହତ ରହିବ। ଦୀର୍ଘଦିନରୁ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରି ସଫଳ ହୋଇ ପାରନ୍ତି। ବ୍ୟବସାୟ,ପରିବହନରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ରାଶିସ୍ଥ ପାପଗ୍ରହ କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର** ଅଷ୍ଟମାଧିପତି ତୃତୀୟସ୍ଥ ଯୋଗୁ ନିକଟ ସମ୍ପର୍କୀୟଙ୍କ ପାଇଁ ଚିନ୍ତିତ ରହିପାରନ୍ତି। ମନ ଭିତରର ଇଚ୍ଛା ଓ ଅଭିଳାଷକୁ ପୂରଣ କରିବାରେ ସଫଳତା ପାଇବା କଷ୍ଟକର ହେବ। ଅବଶ୍ୟ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ । ଆନୁଷ୍ଠାନିକ କାମ, ବନ୍ଧୁମିଳନ, ପାରିବାରିକ ଓ କର୍ମକ୍ଷେତ୍ର ପାଇଁ ବିଶେଷ ଅସୁବିଧା ହେବନାହିଁ।

**କୁମ୍ଭ** ଆପଣଙ୍କ ରାଶିପାଇଁ ଧନସ୍ଥାନସ୍ଥ ଚନ୍ଦ୍ର ଋଣ ମାଧ୍ୟମରେ ଅର୍ଥପ୍ରାପ୍ତି କରାଇବ। ପରିସ୍ଥିତିକୁ ସ୍ୱାଭାବିକ କରିବା ସକାଶେ ବନ୍ଧୁମାନଙ୍କୁ ମନ ବୁଝିଲା ଭଳି କଥା କହିପାରନ୍ତି। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡିବା ପାଇଁ ଚିନ୍ତା କରିବେ। ବନ୍ଧୁମାନେ ସାହାଯ୍ୟ ସହଯୋଗର ଦୃଢ ପ୍ରତିଶ୍ରୁତି ଦେବେ।

**ମୀନ** ମଙ୍ଗଳ ଓ ବୁଧ କୋଣଭାବରେ ଥିବାରୁ ବନ୍ଧୁଙ୍କ କଥାରେ ବିଶ୍ୱାସକରି କୌଣସି କାମରେ ହାତ ଦେଇପାରନ୍ତି। ଚତୁର୍ଥଭାବ ପାପଯୁକ୍ତ ଯୋଗୁ ସାମାନ୍ୟ କଥାକୁ କେନ୍ଦ୍ରକରି ପରିବାରରେ ମତଭେଦ ଘଟିପାରେ। ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆଜିର ଯାତ୍ରା, ବ୍ୟବସାୟ ଓ ଅର୍ଥପ୍ରାପ୍ତିର ଆଶା କେତେକାଂଶରେ ସଫଳତା ଲାଭ କରିବେ।

ଆଜି ଆଷାଢ କୃଷ୍ଣ ସପ୍ତମୀ ସୋମବାର, ଜୁନ୍ ୨୪ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ମିଥୁନ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୦ମି. ମଧ୍ୟେ ଘ୧।୦୫ମି. ଗତେ, ଘ୨।୪୩ମି. ମଧ୍ୟେ ଘ୪।୪୩ମି. ଗତେ, ଘ୬।୨୨ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୨୮ମି. ଗତେ ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୬।୫୧ମି. ଗତେ ଘ୮।୩୦ମି. ମଧ୍ୟେ ରାହୁକାଳ।

# ମୃତା ମହିଳାଙ୍କୁ ବଞ୍ଚାଇବା ପାଇଁ ଝଡ଼ାଫୁଙ୍କା

**ପଦ୍ମପୁର, ୨୩।୬(ଡି.ଏନ.ଏ)**

ଆଧୁନିକ ଯୁଗରେ ମଣିଷ ମହାକାଶରେ ପାଦ ଥାପିସାରିଲାଣି। ତଥାପି ଝଡ଼ାଫୁଙ୍କା, ଗୁଣି ଗାରେଡ଼ି ଭଳି ଅନ୍ଧବିଶ୍ୱାସ ଲୋକଙ୍କ ମନରୁ ଲିଭିନାହିଁ। ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ରବିବାର ଏଭଳି ଏକ ଘଟଣା ଘଟିଛି। ସାପ କାମୁଡିଥିବା ଜଣେ ମହିଳାଙ୍କୁ ଡାକ୍ତର ମୃତ ଘୋଷଣା କରିସାରିଥିବା ବେଳେ ତାଙ୍କ ପରିବାର ଲୋକେ ଜଣେ ଗୁଣିଆଙ୍କୁ ଡାକି ଝଡ଼ାଫୁଙ୍କା କରିଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସର ହସ୍ତକ୍ଷେପ ଯୋଗୁ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ପ୍ରକାଶ ଯେ, ପଦ୍ମପୁର ଉପଖଣ୍ଡ ଚଙ୍ଗରିଆ(ତାଲପାଲି) ନିବାସୀ ସପ୍ତସିନ୍ଧୁ ଭୋଇ(୪୦) ଶନିବାର ରାତ୍ରିରେ ଘରେ ଶୋଇଥିବା ବେଳେ ତାଙ୍କ ହାତ ପାପୁଲିକୁ କୌଣସି ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ଏହାପରେ ପରିବାର ଲୋକେ ଜଣେ ଗୁଣିଆଙ୍କୁ ଡାକି ଝଡ଼ାଫୁଙ୍କା କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିବାରୁ ଉକ୍ତ ମହିଳାଙ୍କୁ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାସତ୍ତ୍ୱେ ଗୁଣିଆ ଡାକ୍ତରଖାନା ପରିସରରେ ମୃତଦେହ ପାଖରେ ଦୀର୍ଘସମୟ ଧରି ଝଡ଼ାଫୁଙ୍କା କରିଥିବା ଦେଖିବାକୁ ମିଳିଥିଲା।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931. D-66705

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66907

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

1500sqft. (6nos), 2000sqft (7nos) mainroad side Plot, infront Tata Ariana Ghatikia, Sankarpur, Bhubaneswar 30ft. road, electricity, supply water available 8114744495, 8328943165. D-66499

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




300 sqft. shop for medicine, etc., A/43, near Reliance Fresh, Ruchika Market, Baramunda, Bhubaneswar. 8763246739. D-58093




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674- 2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayurvedic body massage smart therapist, Shree herbal. 7750020754. D-66576

Ayurvedic full body massage ladies/ gents smart experts therapist. 9114697517. D-66906

Physiotherapy, full body massage by trained ladies/ gents therapist- 7008773793. D-66493

**ପଞ୍ଚମ ଜନ୍ମବାର୍ଷିକୀ**



**ଦିବ୍ୟାଶା ରଥ (ବେବି)**
ପିତା: ଦୀପ୍ତିମୟ ରଥ, ମା: ଦୀପ୍ତିରାଣୀ ରଥ
ଏନ୍: ୬/୧୮୭, ଜୟଦେବ ବିହାର, ଭୁବନେଶ୍ୱର
ତୁମର ୫ମ ଜନ୍ମବାର୍ଷିକୀ ଅବସରରେ ଶୁଭ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛାସହ:**
କେଜେବାପା, କେଜେମା, କକେଇ, ଖୁଡ଼ୀ, ଅଜା, ଆଈ, ମାମୁ ଏବଂ ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୩୧୧୧

**ପଞ୍ଚମ ଜନ୍ମବାର୍ଷିକୀ**



**ଦିବ୍ୟାଂଶୁ ରଥ(ବାବୁ)**
ପିତା: ଦୀପ୍ତିମୟ ରଥ, ମା: ଦୀପ୍ତିରାଣୀ ରଥ
ଏନ୍: ୬/୧୮୭, ଜୟଦେବ ବିହାର, ଭୁବନେଶ୍ୱର
ତୁମର ୫ମ ଜନ୍ମବାର୍ଷିକୀ ଅବସରରେ ଶୁଭ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛାସହ:**
କେଜେବାପା, କେଜେମା, କକେଇ, ଖୁଡ଼ୀ, ଅଜା, ଆଈ, ମାମୁ ଏବଂ ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୩୧୧୦

ରାଜ୍ୟର ଘରୋଇ ଚିକିତ୍ସାଳୟଗୁଡିକରେ କିଭଳି ମନମାନି ଚାଲିଛି ତା'ର ଏକ ଉଦାହରଣ ଦେଖିବାକୁ ମିଳିଛି ଭୁବନେଶ୍ୱରସ୍ଥିତ ଏକ ବଡ ଘରୋଇ ମେଡିକାଲରେ। କେନ୍ଦ୍ରପଡ଼ା ଜିଲା ମାର୍ଶଘାଇ ଅଞ୍ଚଳରୁ ଚିକିତ୍ସା ପାଇଁ ଆସିଥିବା ଜଣେ ବ୍ୟକ୍ତିଙ୍କ ପୁଅର ମୃତ୍ୟୁ ଘଟିବା ପରେ ଟଙ୍କା ନ ଥିବାରୁ ଦୀର୍ଘ ୧୧ ଘଣ୍ଟା ଧରି ମୃତଦେହ ଛଡାଯାଇ ନ ଥିଲା। ଏନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଖବର ପ୍ରଚାରିତ ହେବାପରେ ଆନ୍ତର୍ଜାତିକ ମାନବାଧିକାର କମିଟି ଓ ଗ୍ରାମୀଣ ବିକାଶ ଯୁବକ ସଂଘ ଏଥିରେ ହସ୍ତକ୍ଷେପ କରିବା ପରେ ରବିବାର ଦ୍ୱିପ୍ରହରରେ ମୃତଦେହକୁ ଡାକ୍ତରଖାନାରୁ ଅଣାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।





## ଜିଲା ଟିଠି
### କନ୍ଧମାଳ

# ପାଠକୁ ଛାଡ଼ି ଅପାଠରେ ବ୍ୟସ୍ତ

କନ୍ଧମାଳ ଏକ ପଛୁଆ ଜିଲା ଭାବେ ପରିଚିତ । ଏହି ଜିଲାର ପିଲାମାନେ କିପରି ଭଲ ପାଠ ପଢ଼ିବେ, ତାହା ଉପରେ ସବୁବେଳେ ଆଲୋଚନା ହୁଏ। ମାତ୍ର ପିଲାଙ୍କ ରେଜଲ୍ଟ କିପରି ଭଲ ହେବ ସେ ନେଇ ଜିଲା ଶିକ୍ଷା ବିଭାଗର ଆନ୍ତରିକତା ଥିବା ଭଳି ଦୃଷ୍ଟିଗୋଚର ହେଉନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ମାଟ୍ରିକ ପରୀକ୍ଷାଫଳ। ଜିଲାର ୭ ସ୍କୁଲରେ ମାଟ୍ରିକ ଫଳାଫଳ ଶୂନ ରହିଛି । ୯୭ ସ୍କୁଲରେ ଛାତ୍ରୀଛାତ୍ରମାନେ ୫୦ ପ୍ରତିଶତରୁ କମ୍ ପାସ୍ କରିଛନ୍ତି। ଜିଲାରେ ପାସ୍ ହାର ମାତ୍ର ୫୭ ପ୍ରତିଶତ। ପିଲାମାନଙ୍କ ପାଠପଢ଼ା କିପରି ହେଉଛି, ତାହାର ତଦାରଖ କରିବା ପରିବର୍ତ୍ତେ କେଉଁ ଯୋଜନାରେ କେତେ ଅର୍ଥ ମିଳିବ ତାହା ଉପରେ ନଜର ରହୁଛି। ଏହାକୁ ନେଇ ଏବେ ଜିଲାର ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସହରର ସର୍ବପୁରାତନ ଫୁଲବାଣୀ ଏଜେଓ ହାଇସ୍କୁଲ ଫଳାଫଳ ୫୦ ପ୍ରତିଶତରୁ ବହୁତ କମ୍ ରହିଛି । କଥା ଉଠୁଛି, ଅଭିଭାବକଙ୍କ ବିଶ୍ୱାସଭାଜନ ହୋଇଥିବା ଏହି ସ୍କୁଲରେ ଯଦି ଫଳାଫଳ ଏପରି ନୈରାଶ୍ୟଜନକ, ତା' ହେଲେ ଅନ୍ୟ କେଉଁ ବିଦ୍ୟାଳୟ ଉପରେ ଭରସା କରାଯିବ। ଅନ୍ୟପକ୍ଷରେ ଘରୋଇ ସ୍କୁଲରେ ପିଲାମାନେ ଭଲ ରେଜଲ୍ଟ କରୁଛନ୍ତି। କିନ୍ତୁ ଘରୋଇ ସ୍କୁଲ ଚାଲିବା ପାଇଁ ସରକାରଙ୍କ ଯେଉଁ ନିୟମ ରହିଛି, ତାହାକୁ ଅଣଦେଖା କରାଯାଉଛି। ସିଓଆର (ସାର୍ଟିଫିକେଟ ଅଫ୍ ରେକମେଣ୍ଡେଶନ) ପାଇବା ପାଇଁ ଯୋଗ୍ୟ ନ ଥିବା ସ୍କୁଲକୁ ଶିକ୍ଷା ବିଭାଗ ତାହା ପ୍ରଦାନ କରୁଛି। ସରକାରୀ ବିଦ୍ୟାଳୟରେ ପାଠପଢ଼ାରେ ସୁଧାର ଆସିପାରୁ ନ ଥିବା ବେଳେ ଘରୋଇ ବିଦ୍ୟାଳୟକୁ ଅନୁକମ୍ପା ଦେଖାଇବା ଘଟଣାରେ ଜିଲା ଶିକ୍ଷା ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏବେ ମାଟ୍ରିକ ରେଜଲ୍ଟ ଭଲ ହୋଇ ନ ଥିବା ସ୍କୁଲଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ, ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ଇନ୍‌କ୍ରିମେଣ୍ଟ ବନ୍ଦ କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଉଛି। କିନ୍ତୁ ତାହା ବାସ୍ତବରେ ଲୋକ ଦେଖାଣିଆ ବୋଲି ସାଧାରଣରେ ଆଲୋଚନା ହେଉଛି। ସରକାରୀ ସ୍କୁଲରେ ଖରାପ ରେଜଲ୍ଟ ହେବା ପଛରେ ନିୟମ ଅନୁଯାୟୀ ଶିକ୍ଷକମାନଙ୍କ ବଦଳି ନ ହେବା ଏକ କାରଣ ବୋଲି କୁହାଯାଉଛି। ବର୍ଷ ବର୍ଷ ଧରି ଅଧିକାଂଶ ଶିକ୍ଷକ ସହରର ଗୋଟିଏ ସ୍କୁଲରେ ରହିଛନ୍ତି। ସେମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ ରହୁ ନ ଥିବା ବେଳେ ଅଣ ଶିକ୍ଷାଦାନ କାର୍ଯ୍ୟରେ ସେମାନେ ବ୍ୟସ୍ତ ରହୁଥିବାରୁ ଲୋକେ କ୍ଷୋଭ ପ୍ରକାଶ କରୁଛନ୍ତି। ଶିକ୍ଷା ବିଭାଗ ଅଧିକାରୀମାନେ ସେମାନଙ୍କ ହାତବାରିସି ହେବା ସହ ମଧ୍ୟାହ୍ନଭୋଜନ ଚାଉଳ ସ୍କୁଲକୁ ପଠା ନ ଯାଇ କିଭଳି ବିକ୍ରି କରାଯିବ, ସେଥିପ୍ରତି ବ୍ୟଗ୍ର ରହୁଥିବା କୁହାଯାଉଛି। ଏବେ ଶୁଣିବାକୁ ମିଳୁଛି, ଗୋଟିଏ ସ୍କୁଲରେ ୫ ବର୍ଷରୁ ଅଧିକ ଥିବା ଶିକ୍ଷକଙ୍କ ବଦଳି ହେବ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ଭଳି ପରୀକ୍ଷା ଦେବାକୁ ପଡ଼ିବ। ଯେଉଁମାନେ ଭଲ କରିବେ ଅର୍ଥାତ୍ କୃତକାର୍ଯ୍ୟ ହେବେ, ସେମାନଙ୍କୁ ପୁରସ୍କାର ସ୍ୱରୂପ ଉତ୍ତମ ପ୍ରଦର୍ଶନ କରୁଥିବା ବିଦ୍ୟାଳୟରେ ଅବସ୍ଥାପିତ କରାଯିବ। ଯେଉଁମାନେ ଅକୃତକାର୍ଯ୍ୟ ହେବେ, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦରମା ସହ ଇନ୍‌କ୍ରିମେଣ୍ଟ ବନ୍ଦ କରାଯିବ। ହେଲେ ଏସବୁ ଲୋକଦେଖାଣିଆ ନା ସତରେ ବିଭାଗ କିଛି ପଦକ୍ଷେପ ନେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।

– ରାକେଶ କୁମାର ରାଉତ

## ■ ବିଜେଡି ବିଧାୟକ ଦଳ ବୈଠକରେ ବଦଳିଲା ସ୍ୱର

# ତୁଣ୍ଡରେ କେନ୍ଦ୍ର ଅବହେଳାର ଶବ୍ଦ ନାହିଁ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ସମୟ ବଦଳିବା ସହ ରାଜନୀତିରେ ସ୍ୱର ବଦଳିଥାଏ। ବଦଳୁଥିବା ସ୍ୱର ନୂଆ ରଣନୀତିର ରୂପ ନିଏ। ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ରାଜନୀତିରେ ସେପରି କିଛି ଘଟିଛି। କେନ୍ଦ୍ର ଅବହେଳାକୁ ନେଇ ଗଳା ଫଟାଇ ଚିତ୍କାର କରୁଥିବା ବିଜେଡି ନରମି ଯାଇଛି। ପ୍ରତ୍ୟେକ ବିଧାନସଭା ଅଧିବେଶନ ପୂର୍ବରୁ କେନ୍ଦ୍ର ବିରୋଧରେ ରାଜ୍ୟର ସ୍ୱରକୁ ଶାଣିତ କରାଯିବ ବୋଲି କହୁଥିବା ବିଜେଡି ୫ମ ପାଳି ସରକାର ଗଠନ ପରେ ବଦଳିଯାଇଛି। ତୁଣ୍ଡରେ କେନ୍ଦ୍ର ଅବହେଳାର ଶବ୍ଦ ନାହିଁ। ରାଜ୍ୟର ସ୍ୱାର୍ଥ ପାଇଁ କେନ୍ଦ୍ରକୁ ସମସ୍ତ ପ୍ରକାର ସହଯୋଗ ଓ ଆଲୋଚନା ଲାଗି ପ୍ରସ୍ତୁତ ଥିବା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ରବିବାର ବସିଥିବା ବିଜେଡି ବିଧାୟକ ଦଳ ବୈଠକ ପରେ ମୁଖ୍ୟମନ୍ତ୍ରୀ ଏହି କଥା କହିଛନ୍ତି।

ନବୀନ କହିଛନ୍ତି ଯେ, ଆସନ୍ତା ଅଧିବେଶନରେ ବିଜେଡିର ପ୍ରତ୍ୟେକ ବିଧାୟକ ସକାରାତ୍ମକ ଭାବେ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିବେ। ନିର୍ବାଚନ ସମୟରେ ଦଳ ପକ୍ଷରୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରାଯିବ। ଇସ୍ତାହାରରେ ଉପସ୍ଥାପନ କରାଯାଇଥିବା ବିଷୟକୁ କାର୍ଯ୍ୟକାରୀ କରାଯିବ। ରାଜ୍ୟ ସ୍ୱାର୍ଥ ସମ୍ବନ୍ଧିତ ଯେକୌଣସି ପ୍ରସଙ୍ଗରେ ସରକାର କେନ୍ଦ୍ର ସହ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକ।

**୨୫ରୁ ବିଧାନସଭା ମୌସୁମୀ ଅଧିବେଶନ**
- ■ କେନ୍ଦ୍ର ସହ ସମସ୍ତ ଆଲୋଚନା ପାଇଁ ନବୀନ ପ୍ରସ୍ତୁତ
- ■ ବୈଷ୍ଣବଙ୍କ ପ୍ରାର୍ଥିତ୍ୱ ପରେ ସ୍ଥିତି ପରିବର୍ତ୍ତନ

ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ଦୁଇଟି ପର୍ଯ୍ୟାୟରେ ଅଧିବେଶନକୁ ଭାଗ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବଜେଟ ଉପସ୍ଥାପନ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ବଜେଟ ଆଲୋଚନା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରାଯିବ। ଲୋକଙ୍କ ପାଇଁ କାର୍ଯ୍ୟ କରିବା ଜନପ୍ରତିନିଧିଙ୍କ କାମ। ବିରୋଧୀଙ୍କୁ ବିଶ୍ୱାସଭାଜନ କରାଯାଇ ଗୃହକାର୍ଯ୍ୟ ପରିଚାଳନା କରାଯିବ ବୋଲି ଆରୁଖ କହିଛନ୍ତି।

ସନ୍ଧ୍ୟା ୫ଟା ୩୦ରେ ହୋଇଥିବା ବୈଠକରେ ପ୍ରାୟ ୯୬ ଜଣ ବିଜେଡି ବିଧାୟକ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟର ସାମାନ୍ୟ ବିଳମ୍ବରେ ମୁଖ୍ୟମନ୍ତ୍ରୀ ବୈଠକରେ ପହଞ୍ଚି ଅଧ୍ୟକ୍ଷତା କରିଥିଲେ। ନବନିର୍ବାଚିତ ବିଧାୟକଙ୍କୁ ସ୍ୱାଗତ କରିବା ସହ ଗୃହ କାର୍ଯ୍ୟରେ ସମସ୍ତଙ୍କୁ ସହଯୋଗ କରିବା ପାଇଁ କହିଥିଲେ। ବିଧାନସଭାରେ ଉପଯୁକ୍ତ ସମନ୍ୱୟ ନେଇ ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଉପ-ମୁଖ୍ୟ ସଚେତକ ପ୍ରଣବ ବଳବନ୍ତରାୟ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ବୈଠକରେ ସୂଚନା ଦିଆଯାଇଥିଲା। ଓଡ଼ିଶାର ଜନସାଧାରଣ ଲଗାତର ପଞ୍ଚମଥର ପାଇଁ ବିଜେଡିକୁ ବିଜୟୀ କରିଛନ୍ତି। ତେଣୁ ଲୋକଙ୍କ ବିଶ୍ୱାସକୁ ବଜାୟ ରଖିବା ଉପରେ ନବୀନ ଗୁରୁତ୍ୱ ଦେଇଛନ୍ତି।

ସଂଖ୍ୟା ନ ଥାଇ ଭାଜପା ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସହଯୋଗରେ ରାଜ୍ୟ ସଭାକୁ ପଠାଇବାକୁ ଯାଉଛି। ତେଣୁ ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ସମୟରେ ପରସ୍ପର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସାଜିଥିବା ବିଜେଡି-ଭାଜପା ପରବର୍ତ୍ତୀ ସମୟରେ ଉଭୟଙ୍କର ଆବଶ୍ୟକତା ପାଲଟିଥିବା ଆଲୋଚନା ହେଉଛି। ସେହିପରି ଅଶ୍ୱିନୀଙ୍କ ପ୍ରାର୍ଥିତ୍ୱ ଓ ବିଜେଡିର ସହଯୋଗ ନେଇ ବିଜେଡିର ଅନେକ ନେତାଙ୍କୁ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରଶ୍ନ କରୁଥିବାର ଦେଖାଯାଉଥିଲା। ହେଲେ ମୁରୁକିହସା ମାରି ବିଜେଡି ନେତାମାନେ କଥାକୁ ଏଡାଇ ଯାଉଥିବାର ଲକ୍ଷ୍ୟ କରାଯାଇଥିଲା। ଆସନ୍ତା ୨୫ରୁ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ହେଲେ ବିଜେଡି-ଭାଜପା ମଧ୍ୟରେ ସଦ୍ୟ ରାଜନୈତିକ ବୁଝାମଣା ପରେ ଗୃହ ଭିତରେ କିପରି ସ୍ଥିତି ରହିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ସୂଚନାଥାଉ କି, ମୌସୁମୀ ଅଧିବେଶନର ପ୍ରଥମ ଦିନ ରାଜ୍ୟପାଳ ଗଣେଶୀ ଲାଲ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ୨୬ ତାରିଖରେ ରାଜ୍ୟପାଳଙ୍କ ଉଦ୍‌ବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରାଯିବ। ସେହିଦିନ ଉପବାଚସ୍ପତି ନିର୍ବାଚନ ନେଇ ବିଧିବଦ୍ଧଭାବେ ବିଜ୍ଞପ୍ତି ପ୍ରକାଶ ପାଇବ। ୨୭ରେ ଆବଶ୍ୟକ ପଡ଼ିଲେ ନିର୍ବାଚନ ହେବ। ୨୮ ତାରିଖରେ ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରାଯିବ। ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜୁଲାଇ ୨ ଯାଏ ଚାଲିବ। ଏହା ପରେ ପୁନର୍ବାର ଜୁଲାଇ ୧୨ରୁ ବୈଠକ ଆରମ୍ଭ ହୋଇ ଅଗଷ୍ଟ ୮ ଯାଏ ଚାଲିବ।

# ଭାଜପା ସଦସ୍ୟତା କ୍ରିୟାନ୍ୱୟନ ବୈଠକ

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

ଭାଜପା ସଦସ୍ୟତା ଅଭିଯାନକୁ ଠିକ୍ ଭାବେ କ୍ରିୟାନ୍ୱିତ କରିବା ପାଇଁ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ୩ ବର୍ଷରେ ଥରେ ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମ ହୋଇଥାଏ । ଏହି ସଦସ୍ୟତା ଅଭିଯାନ ଆସନ୍ତା ଜୁଲାଇ ୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ । ଉଭୟ ଅନ୍‌ଲାଇନ ଏବଂ ଅଫ୍ ଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ ବୋଲି ସଦସ୍ୟତା ଅଭିଯାନ ରାଜ୍ୟ ପ୍ରଭାରୀ ଅନନ୍ତ ନାୟକ ବୈଠକ ପରେ ସୂଚନା ଦେଇଛନ୍ତି । ଅନନ୍ତ କହିଛନ୍ତି ଯେ, ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ କରିବା ଏବଂ ନୂତନ ସଦସ୍ୟ ସଂଗ୍ରହ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟରେ ଜାତି, ବର୍ଣ୍ଣ, ଅନୁସୂଚିତ ଜାତି/ଜନଜାତି, ମହିଳା, ଯୁବକ, ଛାତ୍ର, ଗରିବ, ମଧ୍ୟମ ବର୍ଗ ମଧ୍ୟରେ ସଦସ୍ୟତା ଅଭିଯାନକୁ କୌଣସି ଭେଦଭାବ ନ ରଖି ତୀବ୍ର କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ଏହାସହ ନିଜ ମୋବାଇଲ ନମ୍ବର '୮୯୮୦୮-୦୮୦୮୦'ରେ ମିସ୍ କଲ୍ ଦେଇ ସଦସ୍ୟତା ଗ୍ରହଣ କରିହେବ। ଯେଉଁଠାରେ ମୋବାଇଲ ସେବା ଉପଲବ୍ଧ ନାହିଁ ସେଠାରେ ବ୍ୟକ୍ତିଗତ ଭାବେ ସଦସ୍ୟତା ଫର୍ମ ପୂରଣ କରି ସଦସ୍ୟତା ଗ୍ରହଣ କରାଯାଇପାରିବ। ଗୋଟିଏ ମୋବାଇଲ ନମ୍ବରରୁ ସର୍ବାଧିକ ୪ ଜଣ ସଦସ୍ୟତା ନେଇପାରିବେ। ସେହିପରି ପ୍ରଥମଥର ମତଦାତା ହୋଇଥିବା ବା ହେବାକୁ ଥିବା ଯୁବତୀ, ଯବକଙ୍କୁ ଯୋଗାଯୋଗ କରି ସେମାନଙ୍କୁ ଦଳର ସଦସ୍ୟଭାବେ ସାମିଲ କରାଯିବ। ସରକାରୀ ଯୋଜନାର ଲାଭାର୍ଥୀ, ସ୍କୁଲ, କଲେଜ, ଛାତ୍ରାବାସ, ଶହୀଦଙ୍କ ପରିବାର ଏବଂ ବସ୍ତିରେ ବାସ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସଦସ୍ୟ କରିବା ପାଇଁ ପ୍ରାଥମିକତା ଦିଆଯିବ। ଏହି ବୈଠକରେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକ ସଭା ଉପବାଚସ୍ପତି ପଦ ପାଇଁ ୱାଇଏସ୍‌ଆର ସିପି ଅରାଜି

# ଶିବସେନା, ବିଜେଡି ଉପରେ ନଜର

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଆନ୍ଧ୍ରପ୍ରଦେଶରେ କ୍ଷମତାସୀନ ଥିବା ୱାଇଏସ୍‌ଆର କଂଗ୍ରେସ ପାର୍ଟି ଲୋକ ସଭା ଉପବାଚସ୍ପତି ପଦ ଗ୍ରହଣ କରି ନ ପାରେ। ଅବିଭକ୍ତ ଆନ୍ଧ୍ରର ବିଭାଜନ ପରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ନେଇ ରାଜନୀତି ହୋଇଆସୁଛି। ହେଲେ ତାହା ଅଦ୍ୟାବଧି ପୂରଣ ହୋଇନାହିଁ। ତେଣୁ ୱାଇଏସ୍ ଜଗନ୍‌ମୋହନ୍ ରେଡ୍ଡୀଙ୍କ ଦୀର୍ଘବର୍ଷର ଉଦ୍ୟମ ପରେ ରାଜ୍ୟରେ କ୍ଷମତାସୀନ ୱାଇଏସ୍‌ଆର କଂଗ୍ରେସ ପାର୍ଟି ଲୋକ ସଭାରେ ଉପବାଚସ୍ପତି ପଦ ଗ୍ରହଣ କରିବାକୁ ଉପଯୁକ୍ତ ମଣୁନାହିଁ। କେନ୍ଦ୍ର ଯଦି ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବ ତେବେ ୱାଇଏସ୍‌ଆର ଉପବାଚସ୍ପତି ପଦ ଗ୍ରହଣ କରିପାରେ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ସାମ୍ପ୍ରତିକ ଜାତୀୟ ରାଜନୀତିକୁ ଅନୁଧ୍ୟାନ କଲେ କୌଣସି ରାଜ୍ୟକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେଇ ନ ପାରନ୍ତି। ଆନ୍ଧ୍ରରେ ୱାଇଏସ୍‌ଆର ପରି ବିହାରରେ ଜେଡି(ୟୁ) ଏବଂ ଓଡ଼ିଶାରେ ବିଜେଡି ଏହି ପାହ୍ୟା ପାଇଁ ଦାବି କରୁଛନ୍ତି। ହେଲେ ୱାଇଏସ୍‌ଆର ସିପି ଯଦି ଉପବାଚସ୍ପତି ପଦକୁ ମନା କରିଦିଏ, ତେବେ ଶିବସେନା ଏବଂ ବିଜେଡି ଏହାକୁ ନେଇ ଭାଜପା ସହ ଆଲୋଚନା କରିପାରନ୍ତି ବୋଲି ଜଣାପଡିଛି।

ଶିବସେନା ଏନ୍‌ଡିଏର ପୁରୁଣା ସହଯୋଗୀ ରହିଆସିଛି। କିଛିମାସ ପରେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଶିବସେନା ଉପବାଚସ୍ପତି ପଦକୁ ନେଇ ଦୃଢ଼ ଦାବି କରିବା ସ୍ୱାଭାବିକ। କିଛିଦିନ ପୂର୍ବେ ଜାତୀୟ ଗଣମାଧ୍ୟମରେ ବିଜେଡିର ଭର୍ତ୍ତୃହରି ମହତାବ ଉପବାଚସ୍ପତି ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଏହି ଚର୍ଚ୍ଚାକୁ ନେଇ ଶିବସେନାର ବରିଷ୍ଠ ନେତା ସଞ୍ଜୟ ରାଉତ ପ୍ରତିକ୍ରିୟା ରଖିଥିଲେ। ବିଜେଡି ଏନ୍‌ଡିଏ ବିରୋଧରେ ନିର୍ବାଚନ ଲଢ଼ିଥିଲା, ତେଣୁ ଉପବାଚସ୍ପତି ପଦ ବିଜେଡିକୁ ଦିଆଯିବା ଠିକ୍ ନୁହେଁ ବୋଲି ସଞ୍ଜୟ ମତ ରଖିଥିଲେ। କିନ୍ତୁ ରାଜନୈତିକ ସ୍ଥିତି ଦ୍ରୁତଗତିରେ ବଦଳୁଛି। ନିକଟରେ ଓଡ଼ିଶାରେ ୩ଟି ରାଜ୍ୟ ସଭା ପଦ ପାଇଁ ପ୍ରାର୍ଥୀ ଘୋଷଣା ପରେ ବିଜେଡି ଭାଜପା ମଧ୍ୟରେ ଥିବା ଭିତିରିଆ ସମ୍ପର୍କ ପଦାରେ ପଡିଛି। ତେଣୁ ସଂଖ୍ୟାବଳ ଥାଇ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କରିଥିବା ବିଜେଡି ଉପବାଚସ୍ପତି ପଦ ପାଇଁ ଦାବି କରିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।


ଉଦ୍ଧବ ଠାକ୍‌ରେ    ନବୀନ ପଟ୍ଟନାୟକ




## ବିଧାନସଭା ମୌସୁମୀ ଅଧିବେଶନ
### ଆଜି ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ନବଗଠିତ ଷୋଡ଼ଶ ବିଧାନସଭାର ଏହା ପ୍ରଥମ ଅଧିବେଶନ । ଆସନ୍ତା ୨୮ରେ ୨୦୧୯-୨୦ ବର୍ଷ ପାଇଁ ବଜେଟ ଆଗତ କରାଯିବ। ଏହି ଅଧିବେଶନ ପ୍ରାରମ୍ଭରୁ ରାଜ୍ୟପାଳଙ୍କ ଅଭିଭାଷଣ ଏବଂ ଉପବାଚସ୍ପତି ନିର୍ବାଚନ ଭଳି ପ୍ରକ୍ରିୟା ରହିଛି। ତେଣୁ ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବା ଲାଗି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି। ବିଧାନସଭାର ୫୪ନଂ. ପ୍ରକୋଷ୍ଠରେ ସୋମବାର ଅପରାହ୍ନ ୫ଟା ୩୦ରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ ବିଜେଡି, ଭାଜପା, କଂଗ୍ରେସ, ସିପିଏମ୍ ଦଳର ପ୍ରତିନିଧିମାନଙ୍କୁ ଯୋଗଦେବାକୁ କୁହାଯାଇଛି।






ମଣିଷର ସ୍ୱର୍ଗାରୋହଣ ନୁହେଁ– ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। – ଶ୍ରୀଅରବିନ୍ଦ

# ଠିକ୍ ବାର୍ତ୍ତା ଯାଉ

ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ନିକଟରେ ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ସଂକ୍ରାନ୍ତ ବାର୍ଷିକ ରିପୋର୍ଟ ୨୦୧୮ ପ୍ରକାଶ ପାଇଛି। ଏଥିରେ ଭାରତ ସମ୍ପର୍କରେ କୁହାଯାଇଛି ଯେ, ହିନ୍ଦୁ କଠୋରପନ୍ଥୀଙ୍କ ଦ୍ୱାରା ସଂଖ୍ୟାଲଘୁ ବିଶେଷକରି ମୁସଲମାନ ଓ ଦଳିତଙ୍କ ଉପରେ ଗୋହତ୍ୟା ଓ ଗୋମାଂସ ବ୍ୟବସାୟ କରୁଥିବା ନେଇ ହୋଇଥିବା ୧୮ଟି ଆକ୍ରମଣରେ ୮ ଜଣଙ୍କ ପ୍ରାଣ ଯାଇଛି। ଏଥିସହିତ ଭାରତବ୍ୟାପୀ ଖ୍ରୀଷ୍ଟିଆନ ପାଦ୍ରୀ ଓ ଗୀର୍ଜା ଉପରେ ଆକ୍ରମଣ ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ଅନେକ କ୍ଷେତ୍ରରେ ଦୋଷୀଙ୍କୁ ସୁରକ୍ଷା ଦିଆଯାଉଥିବା ବିଷୟ ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି। ଦେଶର ଧର୍ମୀୟ ସ୍ୱାଧୀନତା ନେଇ ଆମେରିକା ପକ୍ଷରୁ ଏଭଳି ରିପୋର୍ଟ ଆସିବା ପରେ ଭାରତ ପ୍ରତିକ୍ରିୟା ପ୍ରକାଶ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି ଯେ, ଭାରତୀୟ ନାଗରିକଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷା ନେଇ ଏକ ବିଦେଶ ରାଷ୍ଟ୍ର ଏଭଳି ମତ ରଖିବା ଠିକ୍ ନୁହେଁ। ଭାରତ ସହିଷ୍ଣୁତା ପ୍ରତି ଅଙ୍ଗୀକାରବଦ୍ଧ ଏବଂ ଧର୍ମନିରପେକ୍ଷତା ବଜାୟ ରଖୁଥିବାରୁ ଗର୍ବିତ। ତେଣୁ ଭାରତର ଧର୍ମୀୟ ସ୍ୱାଧୀନତାକୁ ନେଇ ଆମେରିକା ପରରାଷ୍ଟ୍ର ବିଭାଗ ସମାଲୋଚନା କରିବାର କୌଣସି ବୈଧତା ନାହିଁ। ଏପରି କି ଭାଜପା ପକ୍ଷରୁ କୁହାଯାଇଛି ଯେ, ଉକ୍ତ ରିପୋର୍ଟ ଦଳ ଓ ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ପକ୍ଷପାତିତା ଆଣିଛି।

୨୮ ଜୁନ୍‌ରେ ଜାପାନର ଓସାକାଠାରେ ହେବାକୁ ଥିବା ଜି–୨୦ ଶିଖର ସମ୍ମିଳନୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ୍ ହେବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ୨୫ ଜୁନ୍‌ରେ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ନୂଆଦିଲ୍ଲୀ ଆସି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏଭଳିସ୍ଥଳେ ଧର୍ମୀୟ ସ୍ୱାଧୀନତା ନେଇ ପ୍ରକାଶିତ ରିପୋର୍ଟ ଉପରେ ଭାରତର ପ୍ରତିକ୍ରିୟା ସେହି କଥାକୁ ଲମ୍ୱାଇଲା ଭଳି ସ୍ଥିତି ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ଭାରତ ଉକ୍ତ ରିପୋର୍ଟକୁ ଭଲ ଭାବେ ତର୍ଜମା କରିବା ଉଚିତ। ନିକଟ ଅତୀତରେ ଗୋରୁଙ୍କ ସୁରକ୍ଷା ନାମରେ ତଥାକଥିତ ଗୋରକ୍ଷକମାନେ ବିଭିନ୍ନ ସ୍ଥାନରେ ବ୍ୟାପକ ହିଂସାକାଣ୍ଡ ଘଟାଇଛନ୍ତି। ବିଶେଷକରି ମୁସଲମାନ ଓ ଦଳିତମାନଙ୍କ ଉପରେ ଆକ୍ରମଣ ହୋଇଥିଲା। ସେହିସବୁ ଘଟଣାକୁ ଆଧାର କରି ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତ୍ୟେକ ଦେଶର ନାଗରିକଙ୍କ ମୌଳିକ ଅଧିକାରକୁ କିଭଳି ସମ୍ମାନ ଦିଆଯାଇଥାଏ, ତାହାକୁ ବିଶ୍ଳେଷଣ କରାଯାଇ ଉକ୍ତ ରିପୋର୍ଟ ସାର୍ବଜନୀନ କରାଯାଏ।

ସାଧାରଣତଃ ଭାରତ ସପକ୍ଷରେ କୌଣସି ଅନ୍ତର୍ଜାତୀୟ ରିପୋର୍ଟ ପ୍ରକାଶ ପାଇଲେ ଆମେ ଖୁସିରେ ଗଦ୍‌ଗଦ୍ ହୋଇଯାଇଥାଉ। ଯେତେବେଳେ ବିପକ୍ଷରେ ତଥ୍ୟ ପ୍ରକାଶପାଏ, ସେତେବେଳେ ତାହାକୁ ଗ୍ରହଣ କରାଯାଇ ନ ଥାଏ। ନିକଟରେ ସପ୍ତଦଶ ଲୋକ ସଭାରେ ଏକ ଘଟଣା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବିରୋଧୀ ଦଳ ସଦସ୍ୟମାନେ ଶପଥ ଗ୍ରହଣ କରିବାକୁ ଗଲାବେଳେ ଭାଜପା ସଭ୍ୟମାନେ ବଡ଼ ପାଟିରେ 'ଜୟ ଶ୍ରୀରାମ' ସ୍ଲୋଗାନ କରିଥିବା ଦେଖିବାକୁ ମିଳିଥିଲା। ଏଥିରେ କିଛି ବିରୋଧୀ 'ରାଧେ ରାଧେ' ଏବଂ 'ଜୟ ମା' କାଳୀ' କହି ଆଗକୁ ବଢ଼ିଥିଲେ। ସବୁଠାରୁ ଚିନ୍ତାର ବିଷୟ ହେଲା, ଏଭଳି ସ୍ଲୋଗାନକୁ ଭାଜପାର କେହି ବରିଷ୍ଠ ନେତା ପାର୍ଲାମେଣ୍ଟ ଭିତରେ କିମ୍ବା ବାହାରେ ସମାଲୋଚନା କରି ନ ଥିଲେ। ହିନ୍ଦୁ ଧର୍ମରେ 'ଜୟ ଶ୍ରୀରାମ', 'ରାଧେ ରାଧେ' ବା 'ନମସ୍କାର', ଇସଲାମ୍‌ରେ 'ଆଲ୍ଲାହୁ ଆକବର', 'ଅସ୍‌ଲା ମାଲେକୁମ୍', ଖ୍ରୀଷ୍ଟିଆନ୍‌ଙ୍କ 'ଗୁଡ୍ ମର୍ନିଂ' ଭଳି ଉଚ୍ଚାରଣକୁ ଶୁଭେଚ୍ଛାର ପ୍ରତୀକ ଭାବେ ଧରାଯାଇଥାଏ। ବର୍ତ୍ତମାନ ଜୟ ଶ୍ରୀରାମ ଭଳି ଶୁଭେଚ୍ଛା ବାର୍ତ୍ତାକୁ ସ୍ଲୋଗାନରେ ପରିବର୍ତ୍ତନ କରିବା ଦ୍ୱାରା ଏକ ନକାରାତ୍ମକ ସନ୍ଦେଶ ଦେଶବାସୀଙ୍କ ନିକଟକୁ ଯାଉଛି। ଏଭଳି ଏକ ସ୍ଥିତିରେ କେନ୍ଦ୍ର ସରକାର ଓ ଭାଜପା ନେତୃବୃନ୍ଦ ଲୋକଙ୍କୁ ଆଶ୍ୱାସନା ବାର୍ତ୍ତା ଦେବା ଜରୁରୀ। କେବଳ ବାର୍ତ୍ତାରେ ନୁହେଁ, ସଂଖ୍ୟାଲଘୁଙ୍କୁ ସାନ୍ତ୍ୱନା ଦେବା ଲାଗି ସବୁ କାର୍ଯ୍ୟରେ ଏହା ପରିଲକ୍ଷିତ ହେବା ଉଚିତ। ଅନ୍ତର୍ଜାତୀୟ ରିପୋର୍ଟକୁ ଯେତେ ଖଣ୍ଡନ କଲେ ମଧ୍ୟ ତାହା ସଂଖ୍ୟାଲଘୁଙ୍କ ମନରୁ ଶଙ୍କା ଦୂର କରିପାରିବ ନାହିଁ।

## ଚିରନ୍ତନୀ

ଏ ଦେଶ କାହୁଁ ଚିହ୍ନିଲ ତୁମେ
  ସଦା ଯେ ତୁମେ ନିଜକୁ ଭୁଲି ?
କହ ଗୋ କାହୁଁ ଆସିଲ ଏଥି
  ଚରଣ ତଳେ ଫୁଟାଇ ଫୁଲ।
କପାଳେ ତବ ଶିଶିର ତୁମେ
  ନୟନେ ଲାଗେ ସ୍ୱପନ ରାଶି,
ନିଜନ ଏହି ମଉନ ଦେଶେ
  କହ ଗୋ କାହୁଁ ଅଇଲ ଭାସି।

(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ପ୍ରକାଶ ତ୍ରିପାଠୀ

# ଜଣଙ୍କୁ ଦେଖି ଆଉ ଜଣେ

ପ୍ରାୟତଃ ଦେଖାଯାଇଥାଏ ଯେ, ଜଣଙ୍କର ସଫଳତା ଅପେକ୍ଷା ବିଫଳତା ଅନେକଙ୍କୁ ଅଧିକ ପ୍ରଭାବିତ କରିଥାଏ। ଅମୁକ ଲୋକ ଦ୍ୱାରା ସେ କାମ ଯଦି ହୋଇପାରିଲା ନାହିଁ, ତେବେ ମୋ ଦ୍ୱାରା କେମିତି ସମ୍ଭବ ହେବ– ଏପରି ନକାରାତ୍ମକ ଭାବନାରେ ମଣିଷ ଏତେ ଆକ୍ରାନ୍ତ ହୋଇଯାଏ ଯେ, ତା' ମନରେ ସେ କାମ ପ୍ରତି ଆଉ ଆଗ୍ରହ ସୃଷ୍ଟି ହୁଏ ନାହିଁ। ଅନାଗ୍ରହରେ କାର୍ଯ୍ୟ କରିବା ଯୋଗୁ ସଫଳତା ମଧ୍ୟ ହାସଲ ହୋଇପାରେ ନାହିଁ। କିନ୍ତୁ ଆଉ କିଛି ଲୋକ ଭାବିଥାନ୍ତି ଯେ, ଯଦି ସେ କାମ ଅମୁକ ଲୋକ କରିପାରିଲା, ତେବେ ମୁଁ କାହିଁକି ପାରିବି ନାହିଁ। ଏପରି ସକାରାତ୍ମକ ଭାବନାରେ ଉଦ୍‌ବୁଦ୍ଧ ହୋଇ ସେ କାର୍ଯ୍ୟ କରିଥାଏ ଓ ସଫଳତା ବି ପାଏ। ଏପରି ଏକ ସକାରାତ୍ମକ ଭାବନାକୁ ନେଇ ଆଜିର ଏହି ଆଲେଖ୍ୟଟିକୁ ପ୍ରସ୍ତୁତ କଲାବେଳେ ଦୁଇଜଣ ମହାନ୍ ସମାଜସେବୀ ଓ ଆମ ସମୟର ଦୁଇଜଣ ଦେବତୁଲ୍ୟ ମଣିଷଙ୍କ ନାମ ମନକୁ ଚାଲିଆସେ, ଯେଉଁମାନଙ୍କ ଉତ୍ସର୍ଗୀକୃତ ସେବାକୁ ଦେଖିଲେ ସମ୍ମାନରେ ମୁଣ୍ଡ ନଇଁଯାଏ। ଜଣଙ୍କ ନିଃସ୍ୱାର୍ଥପର ସମାଜସେବାକୁ ଦେଖି ଅନ୍ୟ ଜଣେ କିପରି ବସ୍ତୁବାଦୀ ଦୁନିଆର ସମସ୍ତ ଆକର୍ଷଣକୁ ତୁଚ୍ଛକରି ଦୁଃଖୀଦରିଦ୍ରଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଚାଲିଛନ୍ତି, ତା'ର ନିଚ୍ଛକ ପ୍ରମାଣ ମିଳେ। ଏହି ଦୁଇଜଣ ଚର୍ଚ୍ଚିତ ଚେହେରା ହେଉଛନ୍ତି ମହାରାଷ୍ଟ୍ରର ବମ୍ବେନିବାସୀ ହରକଚାନ୍ଦ ସାଲ୍‌ୱା ଓ ଅନ୍ୟ ଜଣେ ହେଉଛନ୍ତି ସିମ୍‌ଲାର ସରବ୍‌ଜିତ ସିଂ ବବି। ଉଭୟଙ୍କ ସମାଜସେବାର ଭାବନା ପ୍ରାୟତଃ ସମାନ। ସାଲ୍‌ୱାଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା କଥାକୁ ସ୍ୱୀକାର କରନ୍ତି ସରବ୍‌ଜିତ। କର୍କଟରୋଗୀ ଓ ସେମାନଙ୍କ ପରିବାରଙ୍କ ପ୍ରତି ଉତ୍ସର୍ଗୀକୃତ ହୋଇଛନ୍ତି ଉଭୟ ସମାଜସେବୀ।

ହରକଚାନ୍ଦଙ୍କ ମନରେ ଗରିବ, ଅସହାୟ ତଥା କର୍କଟରୋଗ ଭଳି ଏକ ମାରାତ୍ମକ ବ୍ୟାଧି ଦ୍ୱାରା ଆକ୍ରାନ୍ତ ରୋଗୀ ଓ ଏହି ରୋଗର ଚିକିତ୍ସା ପାଇଁ ସର୍ବସ୍ୱ ହରାଉଥିବା ତାଙ୍କ ଆତ୍ମୀୟମାନଙ୍କ ପ୍ରତି କରୁଣା ସୃଷ୍ଟି ହୋଇଥିଲା ସ୍କୁଲରେ ପଢ଼ିବା ବେଳୁ। ଜଣେ ଅନ୍ତରଙ୍ଗ ସହପାଠୀଙ୍କ ବାପା କର୍କଟ ରୋଗରେ ଆକ୍ରାନ୍ତ ହେଲେ ଓ କିଛିଦିନର ବ୍ୟୟବହୁଳ ଚିକିତ୍ସା ପରେ ତାଙ୍କର ଦେହାନ୍ତ ହେଲା। ତାଙ୍କ ମୃତ୍ୟୁ ପରେ ଆର୍ଥିକ ଦୁରବସ୍ଥା ପାଇଁ ହରକଚାନ୍ଦଙ୍କ ସହପାଠୀଙ୍କର ସ୍କୁଲପଢ଼ା ବନ୍ଦ ହେଲା। ଏହା ଖୁବ୍ ଆଘାତ ଦେଇଥିଲା ହରକଚାନ୍ଦଙ୍କୁ। ତାଙ୍କ ଘରଠାରୁ ସ୍କୁଲର ଦୂରତା ଥିଲା ପ୍ରାୟ ପାଞ୍ଚ କି.ମି.। ଗାଡିରେ ଯିବା ଆସିବା ଓ ଟିଫିନ ପାଇଁ ଦୈନିକ ତାଙ୍କୁ ପଇସା ଘରୁ ମିଳେ। ସେ ଚାଲି ଚାଲି ସ୍କୁଲ ଯିବାଆସିବା କଲେ ଓ ଏ ବାବଦରେ ଯେଉଁ ଗାଡି ଖର୍ଚ୍ଚ ସଞ୍ଚୟ କଲେ, ସେହି ଅର୍ଥ ସେ ନିଜ ସହପାଠୀଙ୍କ ପଢ଼ାରେ ଖର୍ଚ୍ଚ କଲେ। ପିଲାଟିଦିନର ସେହି ଦୟା, କରୁଣା ଓ ପରୋପକାରର ବୀଜ ଆଜି ମହାଦ୍ରୁମ ପାଲଟିଛି ଓ ବମ୍ବେର ଟାଟା ମେମୋରିଆଲ ହସ୍ପିଟାଲକୁ ଆସୁଥିବା ଅନେକ ଗରିବ ଓ ଅସହାୟ ପରିବାରର ଅସୁସ୍ଥ ଏବଂ ସେମାନଙ୍କ ଆତ୍ମୀୟଙ୍କୁ ମାଗଣା ଖାଦ୍ୟ ପରଷି ଦେଉଛନ୍ତି। ଗତ ଦୁଇ ଦଶନ୍ଧି ନିରବଚ୍ଛିନ୍ନ ଭାବେ ହରକଚାନ୍ଦଙ୍କ ଦ୍ୱାରା ସ୍ଥାପିତ ଜୀବନଜ୍ୟୋତି ଫାଉଣ୍ଡେଶନ ସଂସ୍ଥା ମାଗଣା ଖାଦ୍ୟ ସହ ଔଷଧ ମଧ୍ୟ ଯୋଗାଇ ଦେଇଆସୁଛି। କର୍କଟ ରୋଗ ଭଳି ଏକ ବ୍ୟୟବହୁଳ ଚିକିତ୍ସାରେ ରୋଗୀ ଓ ରୋଗୀଙ୍କ ଆତ୍ମୀୟଙ୍କୁ ସେବା ପ୍ରଦାନ କରିଆସୁଥିବା ହରକଚାନ୍ଦଙ୍କ ବିଷୟରେ ଜାଣିବା ପରେ ସିମ୍‌ଲାର ସରବ୍‌ଜିତ ସିଂ ବବି ଅନୁପ୍ରାଣିତ ହୋଇଥିଲେ ଓ ଅନୁରୂପ ସେବା ପ୍ରଦାନ ପାଇଁ ସେ ଅଣ୍ଟା ଭିଡ଼ିଥିଲେ।

ସରବ୍‌ଜିତଙ୍କ ସମାଜସେବା ଆରମ୍ଭ ହୁଏ ରକ୍ତଦାନ ଅଭିଯାନରୁ। ସିମ୍‌ଲାର ଏକ ଗୁରୁଦ୍ୱାରା ଦ୍ୱାରା ନିୟମିତ ଭାବେ ଆୟୋଜିତ ରକ୍ତଦାନ ଶିବିରରେ ସାମିଲ ହେଲେ ସେ। ମାତ୍ର ସମୟକ୍ରମେ ଗୁରୁଦ୍ୱାରା ଏପରି କାର୍ଯ୍ୟକ୍ରମ ବନ୍ଦ କରିଦେଇଥିଲେ ହେଁ ଏହାକୁ ଅବ୍ୟାହତ ରଖିଥିଲେ ସରବ୍‌ଜିତ। ଏବେ ବି ନିୟମିତ ରକ୍ତଦାନ ଶିବିର ଆୟୋଜିତ ହେଉଛି ଓ ଗତ ଦଶବର୍ଷ ମଧ୍ୟରେ ସେ ତିରିଶ ହଜାର ୟୁନିଟ୍‌ରୁ ଅଧିକ ରକ୍ତ ସିମ୍‌ଲାର ଦୁଇ ପ୍ରମୁଖ ହସ୍ପିଟାଲକୁ ଯୋଗାଇ ସାରିଛନ୍ତି। ରକ୍ତ ଅଭାବରୁ ଯେପରି ହିମାଚଳପ୍ରଦେଶରେ ଜଣେ ବ୍ୟକ୍ତି ମୃତ୍ୟୁବରଣ ନ କରେ, ତାହା ହୋଇଯାଇଛି ସରବ୍‌ଜିତଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ। ରକ୍ତଦାନ ବ୍ୟତୀତ ସମାଜସେବାର ଆଉ ଏକ ସୋପାନ ହେଉଛି ଦେୟମୁକ୍ତ ଭାବେ ହସ୍ପିଟାଲରୁ ଶ୍ମଶାନଘାଟ ଅବା ରୋଗୀର ଘରକୁ ମୃତଦେହ ପରିବହନ ଓ ଶବଦାହ। ଯେତେବେଳେ ପାରିଶ୍ରମିକ ନେଇ ଡ୍ରାଇଭରଟିଏ ଅସମୟରେ ଓ ପ୍ରତିକୂଳ ପରିବେଶରେ ମୃତଦେହ ଗାଡିରେ ନେବାକୁ ମନା କରିଦେଇଥାଏ, ସେତେବେଳେ ଅନନ୍ୟୋପାୟ ହୋଇ ଖୋଜାପଡ଼ନ୍ତି ସରବ୍‌ଜିତ। ଦିନରାତି ଚବିଶ ଘଣ୍ଟା ପ୍ରସ୍ତୁତ ହୋଇ ରହିଥାନ୍ତି ସରବ୍‌ଜିତ ଲୋକଙ୍କ ଅନ୍ତିମ ଯାତ୍ରାରେ ନିଜକୁ ସାମିଲ କରିବା ପାଇଁ, ତାହା ପୁଣି ବିନା ମୂଲ୍ୟରେ। ଏପରି କି ଦାବିଦାର ନ ଥିବା ଅଚିହ୍ନା, ଅଜଣା ତଥା ପଚିଶଢ଼ି ଯାଇଥିବା ଶବକୁ ଡାକ୍ତରଖାନାରୁ ନିଜ ଗାଡିରେ ଶ୍ମଶାନଘାଟକୁ ନେଇ ତାକୁ ସସମ୍ମାନେ ଦାହ କରିବାରେ କେବେ ବି ଅନାଗ୍ରହ ଦେଖାଇ ନାହାନ୍ତି ସେ। ସିମ୍‌ଲାର ହସ୍ପିଟାଲଗୁଡିକଠାରୁ ଶ୍ମଶାନ ସ୍ଥାନ ଅନେକ ଦୂର ଓ ଏହି ରାସ୍ତା ଅନେକ ଘାଟିପୂର୍ଣ୍ଣ। ତେଣୁ ସନ୍ଧ୍ୟା ପରେ ଅନେକ ଡ୍ରାଇଭର ସେଠାକୁ ଯିବା ପାଇଁ ରାଜି ହୋଇ ନ ଥାନ୍ତି। ହସ୍ପିଟାଲ ବା ମ୍ୟୁନିସିପାଲିଟି ତରଫରୁ ଲୋକଙ୍କୁ ଏ କ୍ଷେତ୍ରରେ ସହଯୋଗ କରିବାକୁ କୌଣସି ବ୍ୟବସ୍ଥା ନ ଥିବାରୁ ସରବ୍‌ଜିତ ହିଁ ଏହି ଦାୟିତ୍ୱ ସ୍ୱେଚ୍ଛାକୃତ ଭାବେ ଆପଣେଇଛନ୍ତି। ଗତ ଦଶବର୍ଷ ଭିତରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଶବ ପରିବହନ ଓ ଦାହ ସଂସ୍କାର କରିସାରିଥିବା ସରବ୍‌ଜିତ ନିଜକୁ ଏଥିପାଇଁ ଗୌରବାନ୍ୱିତ ମନେକରନ୍ତି।

୨୦୧୪ରେ ସରବ୍‌ଜିତଙ୍କର ପ୍ରମୁଖ ତଥା ଉଲ୍ଲେଖନୀୟ ସମାଜସେବା ଆରମ୍ଭ ହୁଏ। ବମ୍ବେର ହରକଚାନ୍ଦଙ୍କ ସମାଜସେବାରେ ଅନୁପ୍ରାଣିତ ହୋଇ ସେ ସିମ୍‌ଲାସ୍ଥିତ କ୍ୟାନ୍‌ସର ହସ୍ପିଟାଲ ସମ୍ମୁଖରେ ଏକ ମାଗଣା ଚା–ବିସ୍କୁଟ କେନ୍ଦ୍ର ଖୋଲିବା ପାଇଁ ଜାଗାଟିଏ ନିମନ୍ତେ ସ୍ଥାନୀୟ ଜିଲାପାଳଙ୍କୁ ଦରଖାସ୍ତ କଲେ। ସେହି ଦରଖାସ୍ତରେ ସେ କ୍ୟାନ୍‌ସର ବନାନ ଭୁଲ କରିଥିବାରୁ ଜିଲାପାଳ ତାଚ୍ଛଲ୍ୟ କରି କହିଥିଲେ ଯେ, ତୁମକୁ କ୍ୟାନ୍‌ସର ବନାନ ଆସୁନାହିଁ। କ୍ୟାନ୍‌ସର ହସ୍ପିଟାଲ ପାଖରେ ସମାଜସେବା କ'ଣ କରିବ! ସରବ୍‌ଜିତ ସହଜ ଭାବେ ଉତ୍ତର ଦେଇଥିଲେ– ସାର୍, ଆପଣ ମୋ ବନାନକୁ ଦେଖନ୍ତୁ ନାହିଁ। ମୋ ଭାବନାକୁ ଟିକେ ବୁଝନ୍ତୁ। ଛଅମାସ ଲାଗିଥିଲା ଚା–ବିସ୍କୁଟ ଯୋଗାଇବାକୁ ଜାଗାଟିଏ ପାଇବା ପାଇଁ। ନବେ ବର୍ଗଫୁଟ ପରିମିତ ସ୍ଥାନରେ ଗତ ୫ ବର୍ଷ ତଳେ ଆରମ୍ଭ ହୋଇଥିବା ଷ୍ଟଲ୍‌ରେ ଏବେ ସକାଳ ସାତରୁ ସନ୍ଧ୍ୟା ପର୍ଯ୍ୟନ୍ତ କ୍ୟାନ୍‌ସର ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ତାଙ୍କ ଆତ୍ମୀୟଙ୍କୁ ଚା–ବିସ୍କୁଟ ସହ ରୁଟି, ଡାଲି, ଭାତ, ଫଳ, ସୁପ୍ ଆଦି ନିରାପଦ ସ୍ୱାସ୍ଥ୍ୟକର ଖାଦ୍ୟ ମାଗଣାରେ ମିଳୁଛି। ଦୈନିକ ଛଅ ଶହରୁ ସାତ ଶହ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି ସରବ୍‌ଜିତଙ୍କ ଦ୍ୱାରା ପ୍ରତିଷ୍ଠିତ ଅଲ୍‌ମାଇଟି ବ୍ଲେସିଙ୍ଗ୍ ଦ୍ୱାରା ପରିଚାଳିତ ଏହି ଷ୍ଟଲ୍‌ରୁ। ଇତିମଧ୍ୟରେ ସରବ୍‌ଜିତ ସିମ୍‌ଲାରେ ଖୋଲିଛନ୍ତି ୨୩ଟି ରୁଟି ବ୍ୟାଙ୍କ। ସ୍କୁଲ–କଲେଜର ଛାତ୍ରୀଛାତ୍ର ସେମାନଙ୍କ ଟିଫିନ ବକ୍ସରୁ ଦୈନିକ ଗୋଟିଏ ଗୋଟିଏ ରୁଟି ଦାନ କରିଥାନ୍ତି ଏହି ରୁଟି ବ୍ୟାଙ୍କକୁ। ସାଧାରଣ ଜନତା ବି ଏପରି ମହତ୍ କାର୍ଯ୍ୟ ପାଇଁ ସ୍ୱେଚ୍ଛାକୃତ ଭାବେ ରୁଟି ଦାନ କରିଥାନ୍ତି। ଏ ବାବଦରେ ଦୈନିକ ପ୍ରାୟ ପାଞ୍ଚ ହଜାରରୁ ଛଅ ହଜାର ରୁଟି ସଂଗ୍ରହ ହୋଇଯାଏ ରୁଟି ବ୍ୟାଙ୍କ ମାଧ୍ୟମରେ। ଏହା ବ୍ୟତୀତ ଜନ୍ମଦିନ, ବିବାହ ବାର୍ଷିକୀ ଓ ଅନ୍ୟାନ୍ୟ ପାରିବାରିକ ଉତ୍ସବାଦିରେ ସରବ୍‌ଜିତ ସଂଗ୍ରହ କରନ୍ତି ଖାଦ୍ୟସାମଗ୍ରୀ। ସେ କୁହନ୍ତି, ଧର୍ମୀୟ ସ୍ଥଳଗୁଡିକରେ ମାଗଣା ପ୍ରସାଦ ସେବା ସେହିମାନଙ୍କ ପାଇଁ ହୋଇଥାଏ, ଯେଉଁମାନଙ୍କ ପେଟ ପୂର୍ଣ୍ଣ ହୋଇଥାଏ। ମାତ୍ର ଅସଲ ଭୋକିଲା ମଣିଷ ମିଳନ୍ତି ସରକାରୀ ଡାକ୍ତରଖାନାଗୁଡିକରେ। ଔଷଧ କିଣିବା ପାଇଁ ପଇସା ନ ଥାଏ ଏମାନଙ୍କ ପାଖରେ, ଖାଇବା କଥା ପଚାରେ କିଏ? ସୋସିଆଲ ମିଡିଆରେ ପ୍ରଶଂସା କରୁଥିବା ବନ୍ଧୁମାନଙ୍କୁ ସରବ୍‌ଜିତଙ୍କ ଗୋଟିଏ ସନ୍ଦେଶ ହେଉଛି, ଯଦି ମୋ ସେବାକୁ ପସନ୍ଦ କରୁଛ ତେବେ ନିଜ ନିଜ ଅଞ୍ଚଳର ସରକାରୀ ଡାକ୍ତରଖାନାଗୁଡିକରେ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ସାହାଯ୍ୟ କର ଓ ସେମାନଙ୍କ ଆଡ଼କୁ ସହାୟତାର ହାତ ବଢ଼ାଅ।

ଆମର ଧର୍ମୀୟ ସ୍ଥଳଗୁଡିକରେ ଈଶ୍ୱରଙ୍କୁ ଯେତିକି ପ୍ରାର୍ଥନା କରାଯାଏ, ତା'ର କେଇ ଲକ୍ଷ ଅଧିକ ଗୁଣା ପ୍ରାର୍ଥନା ହସ୍ପିଟାଲଗୁଡିକରେ ହୁଏ। ଧର୍ମୀୟସ୍ଥଳକୁ ଦେଉଥିବା ଦାନ ହୁଏତ ଠିକ୍ ଭାବେ ବିନିଯୋଗ ହୋଇ ନ ପାରେ, ହେଲେ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଅସହାୟ ରୋଗୀଙ୍କୁ ଦାନ କଦାପି ଅପବ୍ୟୟ ହୁଏନାହିଁ। ହରକ୍‌ଚାନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇ ସରବ୍‌ଜିତ ଆଗକୁ ପାଦ ବଢ଼ାଇଛନ୍ତି ଓ ତାଙ୍କୁ ସହଯୋଗ କରୁଛନ୍ତି ଅନେକ ସମଭାବାପନ୍ନ ଦରଦୀ ମଣିଷ। ସମାଜସେବା କ୍ଷେତ୍ରରେ ଜଣଙ୍କୁ ଦେଖି ଆଉ ଜଣେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସହଯୋଗ କଲେ, ସରବ୍‌ଜିତଙ୍କ ଭଳି ଅନେକ ସରବ୍‌ଜିତ ସୃଷ୍ଟି ହୋଇପାରନ୍ତେ।

ମୋ–୯୪୩୭୨୩୨୪୬୩

# ଶ୍ରୋତା ବକତା କେହି ନାହିଁ

ଦାମୋଦର ବେହେରା

ବର୍ତ୍ତମାନ ବିଭିନ୍ନ ସଭାସମିତିରେ ଶ୍ରୋତା ଓ ବକ୍ତାମାନଙ୍କୁ ନେଇ ଯେଉଁସବୁ ସମସ୍ୟା ମୁଣ୍ଡ ଟେକୁଛି ତାହା ଚିନ୍ତାର କାରଣ ହୋଇଛି। ସଭାସମିତି ହେଲେ ଛାପା ଯାଉଥିବା ନିମନ୍ତ୍ରଣ ପତ୍ରରେ ଯାହାସବୁ ଲେଖାଯାଉଛି ଅନେକତ୍ର ତାହା କାର୍ଯ୍ୟକାରୀ ହେଉନାହିଁ। ଏବେ ଚବିଶ ଘଣ୍ଟା ଚାରିଆଡେ ଚାଲିଛି ଖାଲି ସଭା, ମିଟିଂ, ଆଲୋଚନା। ସଭା ସମିତିରେ ଅନେକ କଥା ଶୁଣି ଶୁଣି ଲୋକେ କହିଲେଣି ଏସବୁ କେବଳ ମିଛ ବାକ୍‌ଚାତୁରୀ। କାରଣ ସଭାରେ କିଛି ଭାଷଣ ବା ଉପଦେଶ ପ୍ରଦାନ କରୁଥିବା ବ୍ୟକ୍ତି ବାସ୍ତବ ଜୀବନରେ ନିଜେ ତାହା ପାଳନ କରୁନାହାନ୍ତି। ଶ୍ରୋତା ବି ତଦ୍ରୂପ। ସାଧାରଣତଃ ସଭାର ବିଭିନ୍ନ ଧର୍ମ ଓ ବର୍ଗ ଥାଏ। ରାଜନୀତି, ସାହିତ୍ୟ, ଧର୍ମ, ଶିକ୍ଷା, ବିଜ୍ଞାନ, ବାଣିଜ୍ୟ, ଚିକିତ୍ସା, କୃଷିଠାରୁ ଆରମ୍ଭକରି ରାହାଜାନି, ହରତାଳ, ଦଙ୍ଗା ହଙ୍ଗାମାକୁ ନେଇ ଅହରହ ଆମ ଦେଶରେ ଅନେକ ସଭାସମିତିର ଆୟୋଜନ ହେଉଛି। ଏସବୁ ସ୍ଥାନକୁ ଲୋକେ ସ୍ୱତଃ ଯାଉଛନ୍ତି– ଅନେକତ୍ର ବାଧ୍ୟବାଧକତାରେ ମଧ୍ୟ ଯାଉଛନ୍ତି।

ଅନେକତ୍ର ସଭା ଡକା ହୋଇଥିବ ଦଶଟା ବେଳେ, ଆରମ୍ଭ ହେବ ବାରଟାରେ। ସମୟ ଜ୍ଞାନ ଥିବା ଶ୍ରୋତା କେତେଜଣ ସଭାରେ ଯଥାସମୟରେ ପହଞ୍ଚି ସମୟକୁ ଅପଚୟ କରି ଖୁବ୍ ମନସ୍ତାପ କରନ୍ତି। କ'ଣ ନା ସଭା ଟିକେ ବିଳମ୍ବ ହେବ, ଅତିଥି ପହଞ୍ଚି ନାହାନ୍ତି। ସଭାଟି ଯେତେବେଳେ ଆରମ୍ଭ ହୁଏ ଦେଖାଯାଏ କୁଆଡୁ ଆସି ଅନେକ ଅତିଥି ସଭାର ଆସନ ସଂଖ୍ୟା ବଢାଇ ଦିଅନ୍ତି। ଗୋଟେ ଗୋଟେ ସଭାରେ ବାର ପନ୍ଦର ଜଣ ବକ୍ତାଙ୍କୁ କହିବା ପାଇଁ ଆସନ ଦିଆଯାଇଥାଏ। ଆଲୋଚନାର ବିଷୟ ଥାଏ ଗୋଟେ ପ୍ରକାର ମାତ୍ର ବକ୍ତା ତାଙ୍କ ସୁବିଧାରେ ଯାହା ଇଚ୍ଛା ତାହା କହିଯାଆନ୍ତି। ଦେଖିଛି ସଭାପତି ଆସନରେ ବସିଥିବା ବ୍ୟକ୍ତି ଜଣକ ମଞ୍ଚକୁ ବାଦ୍ ଦେଇ ବେଳେ ବେଳେ ଶ୍ରୋତାମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ଭାଷଣ ପାଇଁ ଆହ୍ୱାନ କରନ୍ତି। ଦୀର୍ଘ ସମୟ ଧରି ଅତିଥିଙ୍କୁ ଶୁଣିବାକୁ ଅପେକ୍ଷା କରିଥିବା ଶ୍ରୋତାମାନେ ତାଙ୍କ ଇଚ୍ଛାର ଦାସ। ଅନେକ ସମୟରେ କିଛି ବକ୍ତା ଶ୍ରୋତାଙ୍କ ଭାବାବେଗକୁ ଆଖି ଆଗରେ ନ ରଖି ମାଇକ ଛାଡନ୍ତି ନାହିଁ। ଏଣୁ ତେଣୁ ଅନାବଶ୍ୟକ କଥା ସବୁ କହୁଥାନ୍ତି। ଏ ସବୁକୁ ଦେଖି ଶ୍ରୋତା ଖସନ୍ତି ସଭା ମଝିରୁ ନିଜ ବାଟରେ।

ଅନେକ ଜାଗାରେ ଶ୍ରେତାମାନେ ପାଟିତୁଣ୍ଡ ଆରମ୍ଭ କରନ୍ତି। ପରସ୍ପର ମଧ୍ୟରେ ଗପ ମେଲାଇ ଦିଅନ୍ତି ବା ଫୋନ ଆଳାପରେ ମାତିଯାନ୍ତି। ଏବେ ତ ସଭାରେ ଚା, ଟିଫିନ, ଖାନାପିନାର ଆୟୋଜନ ନିଶ୍ଚିତ ହୋଇଗଲାଣି। ସଭା ସରିନାହିଁ, ଆଲୋଚନା ଚାଲିଛି, ଏଣେ ଲୋକେ ଖାଇବା ଟେବୁଲ ପାଖରେ ଧାଡି ଲଗାଇ କାମ ସାରିଦିଅନ୍ତି। ଏହା ନିତିଦିନର ଘଟଣା, ଏହାକୁ ପ୍ରହସନ ଛଡା ଅନ୍ୟ କିଛି କୁହାଯିବ ନାହିଁ। ଦେଶ ସ୍ୱାଧୀନତା ପ୍ରାପ୍ତିର ସତୁରି ବର୍ଷ ଅତିକ୍ରମ କରିଗଲାଣି। ଦେଶ ସାରା ସଭାସମିତି, କେତେ କେତେ ଆଲୋଚନା ହରଦମ୍ ଚାଲିଛି। କେତେ ଜ୍ଞାନ ବଣ୍ଟାଯାଉଛି ବକ୍ତାମାନଙ୍କୁ ଡାକି। ମାତ୍ର ପରିବର୍ତ୍ତନ ଏତେ ଦୁର୍ବଳ କାହିଁକି? ସ୍ୱତନ୍ତ୍ର ବିଷୟଭିତ୍ତିକ ଜ୍ଞାନର ବିକାଶ ଘଟୁନାହିଁ କାହିଁକି? ଲୋକଙ୍କ କାର୍ଯ୍ୟଧାରା, ଚରିତ୍ର, ଚଳଣି, ହାବଭାବ ଆଶାନୁରୂପ ବଦଳୁନାହିଁ କାହିଁକି? ମନେ ହେଉଛି ଶହେରେ ନବେଭାଗ ଛଳନା ଓ ଔପଚାରିକତାର ରୂପ ନେଉଛି। ସଭାସମିତି ହେଉଛି ଜ୍ଞାନ ମନ୍ଥନର ଏକ ପରିସର। ସେଠୁ ବହୁ କଥା ଜାଣିବା, ଶିଖିବାକୁ ମିଳେ। ଏଥିପାଇଁ ଉପଯୁକ୍ତ ଶ୍ରୋତା ସହିତ ଉପଯୁକ୍ତ ବକ୍ତା ଦରକାର। କିନ୍ତୁ ଆମ ଆୟୋଜକମାନଙ୍କର ଇଚ୍ଛା ଗୁଣଗ୍ରାହୀ ଶ୍ରୋତା ହୁଅନ୍ତୁ ବା ନ ହୁଅନ୍ତୁ ସଭାକକ୍ଷଟି ଯେପରି ଲୋକ ଭିଡ଼ରେ ପୂରିଯାଉ। ସେଇଠି ସେମାନେ ଦେଖନ୍ତି ସଭାର ସଫଳତା। ଯେଉଁଠି ରାଜନୀତିବାଲାଏ ସଭା କରନ୍ତି ସେଠାକୁ ଲୋକଙ୍କୁ ଗାଡିମୋଟର କରି ନିଆଯାଉଛି। ବେଳେ ବେଳେ ଏହି ଲୋକମାନେ ଉକ୍ତ ସଭାକୁ ଆସିବାର ଉଦ୍ଦେଶ୍ୟ କିଛି ବୁଝି ନ ଥାନ୍ତି। ଖାଇବାକୁ ମିଳୁଛି, ପଇସା କିଛି ମିଳୁଛି ତ ଚାଲ। ସେଠି ଆଉ କିଛି ହେଉ ନ ହେଉ ଲୋକଶକ୍ତି ଦରକାର। ଆଜିଯାଏ ଏ ବିଷୟରେ ଲୋକମାନେ ସାମାନ୍ୟତମ ବିଚାର କରିନାହାନ୍ତି। ସୁଅ ମୁହଁରେ ପତର ପରି ଭାସି ଚାଲିଛନ୍ତି। ମନେହୁଏ ମଣିଷ ତା'ର ଅଧିକାରକୁ ଏଯାଏ ପରଖି ପାରିନାହିଁ। ଅନେକ ସମୟରେ ସାମାଜିକ କ୍ଷେତ୍ରରେ କିଛି ଅପରାଧୀ ସ୍ଖଳିତ ଚରିତ୍ର, ବଦନାମୀ ଲୋକଙ୍କୁ ବକ୍ତା ଓ ଅତିଥି କରି ଡକାଯାଇଥାଏ। କାରଣ ସେମାନଙ୍କର ଅନ୍ୟ କିଛି ଗୁଣଗ୍ରାମ ନ ଥାଉ, ତାଙ୍କ ପାୱାର ଓ ପୋଜିଶନକୁ ଭୟ। ଏହା ଆମ ସାଂସ୍କୃତିକ–ବୌଦ୍ଧିକ ଚେତନାକୁ ପ୍ରତିହତ କରେ। ବକ୍ତା ଓ ଶ୍ରୋତା ବାସ୍ତବରେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ପରସ୍ପର ମଧ୍ୟରେ ଗ୍ରହଣୀୟତା ହେଉଛି ବଡ଼ କଥା। ଯୋଗ୍ୟ ବକ୍ତାଙ୍କୁ ଯୋଗ୍ୟ ଶ୍ରୋତା ଦରକାର। ପରିମାଣକୁ ଆଖି ଆଗରେ ରଖି ଗୁଡ଼ାଏ ଲୋକଙ୍କୁ ସଭାଗୃହକୁ ଡାକିଦେଲେ ବା ଯୋଗ୍ୟତା ନ ଥାଇ ମଞ୍ଚରେ ବସାଇଦେଲେ ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ। ଯୁଗଯୁଗ ଧରି ଚାଲିଥିବ ଏ ପ୍ରହସନ।

ଆମ ବକ୍ତାମାନେ ଯାହା କହୁଛନ୍ତି ଶ୍ରୋତାମାନେ ତାକୁ ଶୁଣି ଶୁଣି ଚୁପ୍‌ଚାପ୍ ଘରକୁ ଫେରିଯାଉଛନ୍ତି। ଭାଷଣ ଭଲ ଲାଗିଲା କି ଖରାପ ଲାଗିଲା ସେ ବିଷୟରେ ପ୍ରାୟ ପ୍ରଶ୍ନ ନାହିଁ କି ବିଚାର ନାହିଁ। ଗଠନମୂଳକ ସମାଲୋଚନା ହେବା ଏକାନ୍ତ ଜରୁରୀ। ଏ ସବୁ ଚାଲିଛି ଶଗଡ଼ଗୁଳାର ପୁରୁଣା ଧାରାରେ। କୌଣସି ପରିବର୍ତ୍ତନ ନାହିଁ। ଭାଷଣ ଉପରେ ଭାଷଣ, ମାଇକର ଗର୍ଜନ। ମଞ୍ଚର କମ୍ପନ। ପୁଣି ତା' ସହିତ ମିଶିଯାଉଛି କିଛି ଅହଂକାରର ପ୍ରଲେପ। ଏବେ ଶ୍ରୋତା–ବକ୍ତା ପରସ୍ପର ସଚେତନ ହେବାର ସମୟ ଆସିଛି। ସଭାସମିତି, ଆଲୋଚନାଚକ୍ର ମର୍ଯ୍ୟାଦାର ସ୍ୱାକ୍ଷର ବହନ କରୁ। ପ୍ରତିଟି ଆଲୋଚନାର ଗ୍ରହଣୀୟତା, କାର୍ଯ୍ୟକାରିତା, ଗୁଣବତ୍ତା ରହୁ। ଶ୍ରୋତା–ବକ୍ତା ଉଭୟେ ସମ୍ମାନର ଅଧିକାରୀ ହୁଅନ୍ତୁ।

ବିତନା, ଯାଜପୁର, ମୋ–୯୯୩୮୧୪୫୪୦୭

## ଏଇ ଭାରତରେ

ମନ୍ଦିର ଭିତରକୁ କୁମ୍ଭୀର ପଶିଯିବା ଏକ ଅଚାନକ ଘଟଣା ହୋଇପାରେ, କିନ୍ତୁ ଗ୍ରାମବାସୀଙ୍କ ପାଇଁ ଥିଲା ଖୁସିର ସୁଯୋଗ। ଯେଉଁଥିପାଇଁ ବନ ବିଭାଗ କର୍ମଚାରୀଙ୍କୁ କୁମ୍ଭୀର ଉଦ୍ଧାର ପାଇଁ ଗ୍ରାମବାସୀ ବାଧା ସୃଷ୍ଟି କରିଥିଲେ। ସେମାନଙ୍କ ଧାରଣା ଥିଲା ମନ୍ଦିରର ଦେବୀଙ୍କ ବାହନ ହେଉଛି କୁମ୍ଭୀର। ଏପରି ଏକ ଘଟଣା ଘଟିଛି ଗୁଜରାଟର ମହିସାଗର ଜିଲାର ଖୋଦିୟାର ମାତା ମନ୍ଦିରରେ। ସ୍ଥାନୀୟ ମହିସାଗର ନଈରୁ ରାତିରେ ପଳାଇ ଆସିଥିବା କୁମ୍ଭୀରଟି ମନ୍ଦିରରେ ଆଶ୍ରୟ ନେବାପରେ ଗ୍ରାମବାସୀ ଏହାକୁ ଶୁଭସୂଚକ ମନେ କରିଥିଲେ। ଗୁଜରାଟରେ ପଟେଲ ସମ୍ପ୍ରଦାୟର ପାରିବାରିକ ଦେବୀ ହେଉଛନ୍ତି ଖୋଦିୟାର ମାତା। ସେ କୁମ୍ଭୀର ଉପରେ ସବାର ହୋଇ ଚଳପ୍ରଚଳ କରନ୍ତି ବୋଲି ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ମନ୍ଦିର ଭିତରେ କୁମ୍ଭୀର ଉପସ୍ଥିତି ଜାଣିବା ପରେ ବହୁ ସଂଖ୍ୟକ ଲୋକ ସେଠାରେ ସମବେତ ହୋଇ ପ୍ରାର୍ଥନା ଓ ଆଳତି କରିବା ସହିତ ୬ଫୁଟ ବିଶିଷ୍ଟ କୁମ୍ଭୀର ଉପରେ ସିନ୍ଦୂର ସିଞ୍ଚନ କରିଥିଲେ। କୁମ୍ଭୀରଟି ଦେବୀମୂର୍ତ୍ତିଙ୍କ ନିକଟରେ ପଡି ରହିଥିଲା। ବନ ବିଭାଗ କର୍ମଚାରୀମାନେ ଏହାକୁ ଉଦ୍ଧାର ପାଇଁ ଉଦ୍ୟମ କରିବାବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ଧର୍ମୀୟ ଭାବାବେଗକୁ ଆଘାତ ପହଞ୍ଚାଇବାକୁ ବନ କର୍ମଚାରୀମାନେ ଚାହିଁ ନ ଥିଲେ। ଦୁଇଘଣ୍ଟା ବିତିଯିବା ପରେ କୌଣସି ପ୍ରକାରେ କୁମ୍ଭୀରକୁ ସେଠାରୁ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଧର୍ମଧାରଣା ପାଇଁ ମନ୍ଦିର ଭିତରେ କୁମ୍ଭୀରକୁ ପୂଜା କରିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଜୁନ୍ ୧୯୯୪**

- ଉତ୍ତର ଆଟ୍‌ଲାଣ୍ଟିକ ଚୁକ୍ତି ସଙ୍ଗଠନ (ନାଟୋ)ର ସାମରିକ ସହଯୋଗ ପାଇଁ ଗଠିତ ମିଳିତ ଶାନ୍ତି କାର୍ଯ୍ୟକ୍ରମରେ ରୁଷିଆର ଯୋଗଦାନ।
- ମହାରାଷ୍ଟ୍ର ସରକାର ସରକାରୀ ଓ ସମବାୟ ସଂସ୍ଥାମାନଙ୍କରେ ମହିଳାମାନଙ୍କ ପାଇଁ ଶତକଡା ୩୦ ଭାଗ ଚାକିରି ସଂରକ୍ଷିତ ରଖିବା ନେଇ ଘୋଷଣା କଲେ।

## ସାପ୍ତାହିକ ପଞ୍ଜିକା

ଜୁନ୍ ୧୬– ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ବିଶ୍ୱକପ୍ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭାରତ ୮୯ ରନ୍‌ରେ ପରାସ୍ତ କରିଛି।

୧୭– ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିର୍ବାଚିତ।

୧୮– ଜମ୍ମୁ–କଶ୍ମୀରର ଅନନ୍ତନାଗରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ୍ ବଡ଼ସୁଆଁଳ ଗ୍ରାମର ଓଡ଼ିଆ ଯବାନ ଅଜିତ କୁମାର ସାହୁ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଛନ୍ତି।

୧୯– ରାଜସ୍ଥାନର ଭାଜପା ଏମ୍‌ପି ଓମ୍ ବିର୍ଲା ସପ୍ତଦଶ ଲୋକ ସଭାର ବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

୨୦– ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ୪ ଜଣ ରାଜ୍ୟ ସଭା ଏମ୍‌ପି ଭାଜପାରେ ଯୋଗ ଦେଇଛନ୍ତି।

୨୧– ବ୍ରିଟେନର ଅଗ୍ରଣୀ ପତ୍ରିକା ବ୍ରିଟିଶ୍ ହେରାଲ୍‌ଡର ରିଡର୍ସ ପୋଲ୍ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତି।

* କେନ୍ଦ୍ର ସରକାରଙ୍କ ପକ୍ଷରୁ ଲୋକ ସଭାରେ ପୁଣି ତିନି ତଲାକ ବିଲ୍ ଆଗତ କରାଯାଇଛି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | C | | | | | | D | 2 | | | | 1 | | B |
| 0 | | | | | | 7 | E | | | | | | | 4 |
| | | | | | E | | 6 | | | D | | 0 | | |
| | | 2 | | 9 | 3 | | | 1 | | | 0 | A | 7 | 5 |
| | | 6 | | | 7 | 8 | | 5 | C | | 2 | 3 | | |
| | | | | 7 | | 1 | | | | A | 4 | | | 6 |
| A | | 0 | | 8 | 4 | | B | C | 3 | | 5 | | | |
| 3 | | 8 | | 2 | | | | | E | | 1 | | | |
| | | | 5 | | C | | | | | | | | | 3 |
| 9 | 6 | B | 0 | | | | 3 | | D | | | E | | |
| 7 | | | C | | | | | | 9 | 5 | | | E | |
| 8 | E | | | A | | B | C | | | | | | 9 | D |
| | | A | | 5 | 2 | 9 | 8 | | 4 | | | | | |
| | | | 4 | | 1 | A | | | B | C | 6 | | | |
| | 2 | | | | | | | 0 | 8 | 7 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 5 | 7 | 6 | E | B | 3 | 0 | 4 | 8 | C | A | 1 | D | 2 |
| 0 | D | A | 5 | 4 | 3 | C | 1 | B | 2 | 7 | 9 | 6 | E | 8 |
| E | 3 | C | 2 | 1 | 9 | 8 | 7 | 6 | 5 | D | 4 | A | 0 | B |
| 1 | 8 | 2 | 0 | 7 | A | D | E | 9 | 6 | 3 | B | 4 | C | 5 |
| 4 | B | 6 | D | C | 8 | A | 5 | 2 | E | 1 | 0 | 7 | 3 | 9 |
| A | 4 | B | 1 | 6 | 2 | 8 | 9 | C | 3 | 0 | 5 | D | 7 | E |
| C | 0 | 9 | 8 | 5 | 7 | 1 | 4 | A | B | E | D | 2 | 6 | 3 |
| 3 | 7 | D | 4 | 9 | C | E | B | 0 | A | 6 | 2 | 8 | 5 | 1 |
| 2 | 6 | 1 | E | A | 0 | 5 | D | 3 | 4 | B | 7 | 9 | 8 | C |
| 5 | E | 8 | 3 | B | D | 2 | 6 | 7 | C | 9 | 1 | 0 | 4 | A |
| 6 | A | 4 | C | 2 | 1 | 0 | 3 | E | 7 | 5 | 8 | B | 9 | D |
| D | 9 | 0 | 7 | 3 | 5 | 4 | 8 | 6 | 1 | A | E | C | 2 | B |
| 7 | C | 5 | B | 8 | E | 9 | A | D | 0 | 2 | 6 | 3 | 1 | 4 |
| 8 | 1 | 3 | 9 | 0 | 4 | 6 | 2 | 5 | D | B | C | E | A | 7 |
| B | 2 | E | A | D | 6 | 7 | C | 1 | 9 | 4 | 3 | 5 | 8 | 0 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଭୋଲ୍‌ଟେଜର ଲୁଚକାଳି ଖେଳ

ମହାଶୟ,

ଦୀର୍ଘବର୍ଷ ହେଲା ନିୟମିତଭାବେ ଆମର ବିଦ୍ୟୁତ୍ ଭୋଲ୍‌ଟେଜ ୧୦ ମିନିଟ ପୂରା ବଢିଯିବା ପରେ ଅଧଘଣ୍ଟା ପୂରା ଡିମ୍ ହୋଇଯାଉଛି। ଏଥିଯୋଗୁ ବୈଦ୍ୟୁତିକ ଉପକରଣ ନଷ୍ଟ ହେଉଛି। ଗଡମଧୁପୁର ପଞ୍ଚାୟତର ଭୁବନପୁରରେ ଏଭଳି ଅବସ୍ଥା ହେଉଛି। ବାରମ୍ବାର ବିଭାଗକୁ ଜଣାଇବା ପରେ ବି କୌଣସି ପ୍ରତିକାର କରାଯାଉ ନ ଥିବାରୁ ବାଧହୋଇ ଖାଉଟି ସୁରକ୍ଷା କୋର୍ଟର ଆଶ୍ରୟ ନେବୁ।

ସୁଧାଂଶୁ ବିଶ୍ୱାଳ, ଭୁବନପୁର, ଗଡମଧୁପୁର, ଯାଜପୁର

### ସହାୟତା କେବେ

ପ୍ରଳୟଙ୍କରୀ ବାତ୍ୟା ଫନୀରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ନଡ଼ିଆ ଚାଷୀ ଓ କୁକୁଡ଼ା ଫାର୍ମ ମାଲିକଙ୍କୁ ବାତ୍ୟା ସହାୟତା ପ୍ରଦାନ କରିବାକୁ ରାଜ୍ୟ ସରକାର ବହୁ ପୂର୍ବରୁ ଘୋଷଣା କରିଥିବା ସତ୍ତ୍ୱେ କୌଣସି ବ୍ୟକ୍ତି ସହାୟତା ପାଇନାହାନ୍ତି। ଏପରି କି ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ତରଫରୁ ଗଣନା ଆରମ୍ଭ ହୋଇନାହିଁ। ଏହି ଦୁଇ ବର୍ଗର ଲୋକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାରୁ ଏ କ୍ଷେତ୍ରରେ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବିହାରରେ ବିଜୁଳି, ଘଡ଼ଘଡ଼ି ଓ ବର୍ଷା ବିପ୍ରାତ ଯୋଗୁ ୧୦ଜଣଙ୍କ ମୃତ୍ୟୁ ଘଟିଛି। ଖାଗାରିଆ ଓ ବାଙ୍କାରେ ୩ ଜଣ ଲେଖାଏ, ଜାମୁଇରେ ୨ଜଣ ଏବଂ ବକ୍ସାର ଓ ବେଗୁସରାଇ ଜିଲାରେ ଜଣେ ଲେଖାଏ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରବିବାର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ପ୍ରତି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।



## ସଂକ୍ଷେପରେ

### ରାଜ୍ୟ ସଭା ନିର୍ବାଚନ
### ଆଜି ପ୍ରାର୍ଥୀପତ୍ର ଦାଖଲ କରିବେ ସସ୍ମିତ୍, ଅମର, ଅଶ୍ୱିନୀ

**ଭୁବନେଶ୍ୱର, ୨୩ା୬(ବ୍ୟୁରୋ):** ବିଜେଡି ପକ୍ଷରୁ ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ ଏବଂ ମୁଖପାତ୍ର ସସ୍ମିତ୍ ପାତ୍ର ସୋମବାର ପ୍ରାର୍ଥୀପତ୍ର ଦାଖଲ କରିବେ। ସେହିପରି ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡି ସମର୍ଥନ ପାଇଥିବା ଅଶ୍ୱିନୀ ବୈଷ୍ଣବ ମଧ ପ୍ରାର୍ଥୀପତ୍ର ଦାଖଲ କରିପାରନ୍ତି ବୋଲି ଜଣାପଡିଛି। ୪ ଦିନ ପୂର୍ବେ ବିଜେଡି ସାଧାରଣ ସମ୍ପାଦକ ସସ୍ମିତ୍ ୧୨ ସେଟ୍ ନାମାଙ୍କନ ପତ୍ର କିଣିଥିଲେ। ଆସନ୍ତା ୨୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିବସ।

### ନିଖୋଜ ଜମାଦାରଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର

**ଠାକୁରମୁଣ୍ଡା,୨୩ା୬(ଡି.ଏନ.ଏ):** ଗତ ୧୮ ତାରିଖରୁ ନିଖୋଜ ଥିବା କରଞ୍ଜିଆ ଉପକାରାଗାରର ଜମାଦାର ସୁକାନ୍ତ ବେହେରାଙ୍କ ଗଳିତ ମୃତଦେହ ରବିବାର କରଞ୍ଜିଆ-ଯଶିପୁର ରାସ୍ତାର ଗ୍ରୀଡ୍ ଷ୍ଟେଶନ ସମ୍ମୁଖ ଜଙ୍ଗଲର ଏକ ଶାଳଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଉପକାରାଗାର କର୍ତ୍ତୃପକ୍ଷଙ୍କ ମାନସିକ ଚାପରେ ସେ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। କରଞ୍ଜିଆ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ଘଟଣା
### କ୍ଷତିପୂରଣ ପାଇଁ ଏନ୍ଏଚ୍ଆର୍ସିରେ ପିଟିଶନ

**ଭୁବନେଶ୍ୱର, ୨୩ା୬(ବ୍ୟୁରୋ):** ରାଜ୍ୟରେ ହାତୀ ଓ ମଣିଷ ମଧ୍ୟରେ ଲଢେଇ ଜାରି ରହିଛି। ଗତ ୨୦ ତାରିଖ ସନ୍ଧ୍ୟାରେ ଅନୁଗୋଳ ଜିଲା କଣିହା ଫରେଷ୍ଟ ରେଞ୍ଜରେ ଏକ ହାତୀ ସୁଧାକର ମହାନ୍ତି ଓ ଦେବଦତ୍ତ ସାମଲଙ୍କୁ କଚାଡ଼ି ଦେଇଥିଲା। ସୁଧାକରଙ୍କ ମୃତ୍ୟୁ ଘଟିଥିବାବେଳେ ଦେବଦତ୍ତ ଗୁରୁତର ଆହତ ହୋଇ ତାଳଚେର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ଛେଣ୍ଡିପଦା ବନାଞ୍ଚଳ ଅନ୍ତର୍ଗତ ପାତ୍ରପଡା ଗ୍ରାମର ବନ୍ଧୁଆ ନାୟକଙ୍କୁ ଅନ୍ୟ ଏକ ହାତୀ କଚାଡ଼ି ମାରିଥିଲା। ଏହି ଦୁଇ ଘଟଣାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ହାତୀପଲ ଜନବସତି ଅଞ୍ଚଳକୁ ଚାଲି ଆସୁଥିଲେ ମଧ ବନ ବିଭାଗ ନିୟମିତ ଭାବେ ଘଉଡାଉ ନାହିଁ। ଫଳରେ ହାତୀ ଆକ୍ରମଣରେ ବହୁ ଲୋକଙ୍କ ଜୀବନ ଯାଉଛି। ଅନୁଗୋଳ ଜିଲାରେ ହାତୀ ଆକ୍ରମଣରେ ମୃତ ସୁଧାକର ଓ ବନ୍ଧୁଆଙ୍କ ପରିବାରକୁ ୧୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ପାଇଁ ଜଙ୍ଗଲ ବିଭାଗ ମୁଖ୍ୟ ସଚିବକୁ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଛନ୍ତି।

## ▪ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ସର୍ବେକ୍ଷଣ କାର୍ଯ୍ୟକୁ ବିରୋଧ
# ମନ୍ତ୍ରଣାଳୟ, ପରିବେଶ ପ୍ରଦୂଷଣ ବୋର୍ଡର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**କଟକ ଅଫିସ, ୨୩ା୬**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ଚଉମୁଖଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ନେଇ ଦୀର୍ଘଦିନରୁ ବିରୋଧ ଜାରି ରହିଆସିଛି। ଓଡ଼ିଶା ସରକାର ୨୦୦୮ ଜାନୁୟାରୀ ୧୧ରେ କ୍ରିଏଟିଭ ପୋର୍ଟ ଡେଭଲପମେଣ୍ଟ କମ୍ପାନୀ ସହିତ ବନ୍ଦର ତିଆରି ପାଇଁ ରାଜିନାମା ସ୍ୱାକ୍ଷର କରିଥିଲେ। ଏହି କାର୍ଯ୍ୟକୁ ଆଗେଇବା ପାଇଁ ୨୦୦୮ ଅକ୍ଟୋବର ୧୦ରେ ସୁବର୍ଣ୍ଣରେଖା ପୋର୍ଟ ନାମକ ଏକ କମ୍ପାନୀ ଗଠନ ହେଲା। ପ୍ରସ୍ତାବିତ ବନ୍ଦରରେ ବାର୍ଷିକ ୬୦ ନିୟୁତ ଟନ୍ ମାଲ ସଞ୍ଚାଳନ କରିବାର କ୍ଷମତା ଆକଳନ କରାଯାଇଛି ଏବଂ ପ୍ରକଳ୍ପ ମୂଲ୍ୟ ୨୭୪୪ କୋଟି ଧାର୍ଯ୍ୟ କରାଯାଇଛି। ଉକ୍ତ ବନ୍ଦର ପାଇଁ ୯୬୦ ଏକର ଜାଗା ଆବଶ୍ୟକ ଥିବାବେଳେ ସେଥିମଧ୍ୟରୁ ୧୫୮ ଏକର ଗୋଚର ଓ ୧୯୩ ଏକର ଭୂଦାନ କିସମର ରହିଛି। ଯାହାକି ଭୂମିହୀନଙ୍କୁ ପୂର୍ବରୁ ବଣ୍ଟନ କରାଯାଇଛି। ବନ୍ଦର ବ୍ୟତୀତ ରେଳରାସ୍ତା ପାଇଁ ୧୫୬୫ ଏକର ଜମି ଆବଶ୍ୟକ ଥିବାବେଳେ ୭୫୦ ଏକର ଜମି ବନ୍ଦର ଉନ୍ନୟନ ପାଇଁ ଆବଶ୍ୟକ ପଡ଼ିବ। ଏବେ ସର୍ବମୋଟ୍ ୩୨୭୫ ଏକର ଜମି ଆବଶ୍ୟକ ରହିଛି।

ସୂଚନାଯୋଗ୍ୟ, ଚଉମୁଖ ଗ୍ରାମର ଦୁଇତୃତୀୟାଂଶ ଜମି ସୁବର୍ଣ୍ଣରେଖା ନଦୀ ଗର୍ଭରେ ବିଭିନ୍ନ ସମୟରେ ବିଲୀନ ହୋଇଯାଇଛି। ନଦୀ ଅତଡା ଖାଇବା ଦ୍ୱାରା ସମୟେ ସମୟେ ଚାଷଜମିକୁ ନିଜ ଗର୍ଭକୁ ନେଇ ଯାଇଥାଏ। ଏଥିପାଇଁ ଗ୍ରାମବାସୀ ଗ୍ରାମରେ ଥିବା ଅନ୍ୟାନ୍ୟ ସରକାରୀ ଜମିରେ ଚାଷବାସ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ସ୍ଥାନୀୟ ଗ୍ରାମବାସୀ ଚିଙ୍ଗୁଡି ଚାଷ, ପାନବରଜ, ସଜନାଛୁଇଁ, କାଜୁଗଛରୁ ଆଦାୟ ହେଉଥିବା ଅର୍ଥରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଚିଙ୍ଗୁଡି ଓ ପାନପତ୍ରକୁ ବାହାର ରାଜ୍ୟକୁ ରପ୍ତାନି କରି ସମସ୍ତ ଯୁବକ ରୋଜଗାରକ୍ଷମ ହୋଇପାରିଛନ୍ତି। ଚଉମୁଖ ସମୁଦ୍ରକୂଳ ନାଳିକଙ୍କଡା ଏବଂ ଅଲିଭ ରିଡ୍ଲେ କଇଁଛ ପାଇଁ ଖ୍ୟାତି ଅର୍ଜନ କରିଛି। ହେଲେ ପ୍ରସ୍ତାବିତ ବନ୍ଦର ସମସ୍ତ ପ୍ରକାରର ସ୍ଥାନୀୟ ଜୀବିକାକୁ ଉଜାଡିବା ସହିତ ପ୍ରାକୃତିକ ବୈଭବ ଓ ପରିବେଶକୁ ଧ୍ୱଂସ କରିବ ବୋଲି ଆଶଙ୍କା କରି ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ଅଛନ୍ତି। ଏ ସମ୍ପର୍କରେ ଚଉମୁଖ ଗ୍ରାମବାସୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ସୁଫଳ ନ ମିଳିଲେ ଗ୍ରାମବାସୀ ନ୍ୟାୟିକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରସ୍ତାବିତ ବନ୍ଦର ପାଇଁ ୨୦୦୮ରୁ ଚୁକ୍ତି ହୋଇଥିବା ବେଳେ ୨୦୧୦ରେ ପୋଲିସ ପ୍ରଶାସନ ସହାୟତାରେ ବାହାର ଅଞ୍ଚଳ ଲୋକଙ୍କୁ ନେଇ ଜନଶୁଣାଣି ହୋଇଥିଲା। ୨୦୧୨ ମାର୍ଚ୍ଚ ୨୧ରେ ପରିବେଶ ମଞ୍ଜୁରୀ ମିଳିଥିବା ବେଳେ ୨୦୧୨ ଅକ୍ଟୋବର ୧୭ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବନ୍ଦର ସ୍ଥାପନ ପାଇଁ ଅନୁମତି ଦେଇଥିଲା। ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ରେ ବିଭିନ୍ନ ସମୟରେ ପରିବେଶ ସମ୍ପର୍କିତ ପ୍ରସଙ୍ଗକୁ ନେଇ ମାମଲା ଲଢୁଥିବା ଆଡଭୋକେଟ ଶଙ୍କର ପାଣି କୁହନ୍ତି, ପରିବେଶ ମଞ୍ଜୁରୀର ବୈଧତା ୫ବର୍ଷ ପାଇଁ ଥିଲାବେଳେ ତାହାର ଅବଧି ମାର୍ଚ୍ଚ ୨୦୧୭ରୁ ଶେଷ ହୋଇଯାଇଛି। ୧୧ ବର୍ଷ ମଧ୍ୟରେ ପ୍ରକଳ୍ପ ପାଇଁ ଇଟାଖଣ୍ଡିଏ ପକାଯାଇପାରିନାହିଁ। ୨୦୧୯ ଫେବୃୟାରୀ ୧୩ରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରଠାରୁ ଉକ୍ତ ପ୍ରକଳ୍ପକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପୁଣି ଅସନ୍ତୋଷ ତେଜି ଉଠିଛି। ଗତ ମାର୍ଚ୍ଚ ପରଠାରୁ ସ୍ଥାନୀୟ ଅଞ୍ଚଳରେ କମ୍ପାନୀ ଦ୍ୱାରା ମାଟି ପରୀକ୍ଷଣ ଓ ସମୁଦ୍ରରେ ସର୍ବେକ୍ଷଣ କାର୍ଯ୍ୟକୁ ନେଇ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି। ଗତ ଜୁନ୍ ୫ ତାରିଖ ପରିବେଶ ଦିବସରେ ସ୍ଥାନୀୟ ଅଞ୍ଚଳରେ ଅଧିବାସୀ ମିଳିତ ହୋଇ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ସର୍ବେକ୍ଷଣ କାର୍ଯ୍ୟ ବିରୋଧରେ ସ୍ଥାନୀୟ ସୂଚନା ଅଧିକାର କର୍ମୀ ଅନୋଜ ମହାପାତ୍ର ତାଙ୍କ ଓକିଲ ପାଣିଙ୍କ ଜରିଆରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟକୁ କାର୍ଯ୍ୟ ବନ୍ଦ ଆଦେଶ ଦେବା ପାଇଁ ନୋଟିସ ଆବେଦନ କରିବା ସହ ତତ୍କାଳ କାର୍ଯ୍ୟାନୁଷ୍ଠାନ ନେଇ ଆଇନଗତ ପଦକ୍ଷେପ ନେବା ପାଇଁ ଚେତାବନୀ ଦେଇଛନ୍ତି। ପ୍ରସ୍ତାବିତ ବନ୍ଦର ସର୍ଭେ କାର୍ଯ୍ୟକୁ ଆଡଭୋକେଟ ପାଣି ବେଆଇନ ଦର୍ଶାଇବା ସହ ପରିବେଶ ମଞ୍ଜୁରୀ ବୈଧତା ସମୟ ସରିଯାଇଛି ଥିବାରୁ ସମସ୍ତ ପ୍ରକାର ସର୍ଭେ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ସେହିପରି ପ୍ରସ୍ତାବିତ ବନ୍ଦର ପାଖାପାଖି ୧୨,୦୦୦ ପରିବାରର ଜୀବନ ଜୀବିକାକୁ ବିପନ୍ନ କରିବାସହ ସ୍ଥାନୀୟ ପରିବେଶକୁ ନଷ୍ଟ କରିବାର ଆଶଙ୍କାକୁ ଆଖିଆଗରେ ରଖି ବନ୍ଦର ପ୍ରକଳ୍ପକୁ ବାତିଲ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା
### ନ୍ୟାୟ ପାଇଁ ଏନ୍ଏଚ୍ଆର୍ସିରେ ଅଭିଯୋଗ

**ଭୁବନେଶ୍ୱର, ୨୩ା୬(ବ୍ୟୁରୋ)**

କେନ୍ଦ୍ରାପଡା ସଦର ଥାନାଞ୍ଚଳରେ ଜଣେ ନାବାଳିକାଙ୍କୁ ତାଙ୍କର ସମ୍ପର୍କୀୟ ଭାଇ ଅପହରଣ କରିନେବା ସହ ବଳାତ୍କାର କରିଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। କିନ୍ତୁ ପୀଡିତାଙ୍କୁ ଆବଶ୍ୟକ ନ୍ୟାୟ ପ୍ରଦାନ ପାଇଁ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆରସି)ରେ ଏକ ପିଟିଶନ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଥିସହ ପୀଡିତାଙ୍କୁ ୪ ସପ୍ତାହ ମଧ୍ୟରେ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ନାବାଳିକା ଜଣକ ସ୍ଥାନୀୟ ହାଇସ୍କୁଲରେ ପାଠ ପଢନ୍ତି। ସେ ସ୍କୁଲ୍‌ରୁ ଘରକୁ ଫେରିବା ସମୟରେ ଜଣେ ସମ୍ପର୍କୀୟ ଭାଇ ବାଇକ୍‌ରେ ପହଞ୍ଚି ତାଙ୍କୁ ଘରେ ଛାଡ଼ିଦେବାକୁ କହିଥିଲେ। ନାବାଳିକା ବାଇକ୍‌ରେ ବସିବା ପରେ ଅଭିଯୁକ୍ତ ତାଙ୍କୁ ଅପହରଣ କରି ନେଇ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ।

## ▪ ସୁନେତ୍ର ଯୋଜନାରେ ନବଜାତକଙ୍କ ଜଟିଳ ଚକ୍ଷୁରୋଗ ଚିକିତ୍ସା
# ଆଉ ୫ ମେଡିକାଲ କଲେଜରେ ଉପଲବ୍ଧ ହେବ ରେଟ୍‌କ୍ୟାମ୍, ଲେଜର ଯନ୍ତ୍ର

**ଭୁବନେଶ୍ୱର,୨୩ା୬(ବ୍ୟୁରୋ)**

ସମୟ ପୂର୍ବରୁ ଜନ୍ମ ହେଉଥିବା ଓ କମ୍ ଓଜନର ଶିଶୁଙ୍କ ଚକ୍ଷୁ ଅନ୍ତଃପଟଳରେ ରକ୍ତବାହୀ ଶିରା, ପ୍ରଶିରାଗୁଡ଼ିକ ଅନେକ ସମୟରେ ଅସ୍ୱାଭାବିକ ଭାବେ ବଢ଼ିଥାଏ। ଠିକଣା ସମୟରେ ଏହାର ଚିକିତ୍ସା ନ ହେଲେ ଶିଶୁଙ୍କ ବୟସ ବୃଦ୍ଧି ସହିତ ଦୃଷ୍ଟିଶକ୍ତି ହରାଇବାର ସମ୍ଭାବନା ଥାଏ। ହେଲେ ଏଭଳି ଜଟିଳ ରୋଗର ଚିକିତ୍ସା ଏବେ ସରକାରୀ ଚିକିତ୍ସାଳୟରେ ବିନା ମୂଲ୍ୟରେ ଉପଲବ୍ଧ ହେବ। ରାଜ୍ୟ ସରକାରଙ୍କ ସୁନେତ୍ର ଯୋଜନାରେ ଏହି ଚିକିତ୍ସା ସମ୍ପୂର୍ଣ୍ଣ ମାଗଣା ଓ ଅତି ସହଜରେ ହୋଇପାରୁଛି। ଜନ୍ମ ପରେ ଏସ୍ଏନ୍‌ସିୟୁରେ ରହୁଥିବା ଶିଶୁଙ୍କ ଚକ୍ଷୁର ଆର୍ଓପି ସ୍କ୍ରିନିଂ କରାଯିବା ପରେ ଏହି ରୋଗ ସଂକ୍ରାନ୍ତରେ ଚିକିତ୍ସକମାନେ ଜାଣିଥାଆନ୍ତି। ଏଥିସହିତ ଆବଶ୍ୟକସ୍ଥଳେ ଅନ୍ୟ ନବଜାତକମାନଙ୍କର ମଧ ସ୍କ୍ରିନିଂ କରାଯାଇଥାଏ। ଏହି ପରୀକ୍ଷା ଲାଗି ପ୍ରାୟ ଦେଢ଼ କୋଟି ଟଙ୍କା ମୂଲ୍ୟର 'ରେଟ୍‌କ୍ୟାମ୍' ଓ କୋଟିଏରୁ ଅଧିକ ଟଙ୍କା ମୂଲ୍ୟର 'ଲେଜର ଯନ୍ତ୍ର' ଆବଶ୍ୟକ ହୋଇଥାଏ। ରେଟ୍‌କ୍ୟାମ୍‌ରେ ନବଜାତକଙ୍କ ଚକ୍ଷୁ ପରୀକ୍ଷା ପରେ ଆବଶ୍ୟକସ୍ଥଳେ ଲେଜର ଚିକିତ୍ସା କିମ୍ବା ଇଞ୍ଜେକଶନ ଦେବାକୁ ପଡ଼ିଥାଏ। ରାଜ୍ୟ ସରକାର ଇତିମଧ୍ୟରେ ସୁନେତ୍ର ଯୋଜନାରେ କ୍ୟାପିଟାଲ ହସ୍ପିଟାଲର ଏସ୍ଏନ୍‌ସିୟୁ ସହ ଏସ୍‌ସିବି ମେଡିକାଲ କଲେଜ, ଭିମ୍‌ସାର, ଏମ୍‌କେସିଜି, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଏସ୍ଏନ୍‌ସିୟୁକୁ ଏହି ମୂଲ୍ୟବାନ ଯନ୍ତ୍ର ଯୋଗାଇ ଦେଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ଏସ୍ଏନ୍‌ସିୟୁରେ ଶିଶୁ ବିଶେଷଜ୍ଞଙ୍କ ସହ ଦିଲ୍ଲୀ ଏମ୍ସରୁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଚକ୍ଷୁରୋଗ ବିଶେଷଜ୍ଞ ଡା. ଅଶ୍ୱିନୀ ମେହେର୍ଦ୍ଦା ଓ ତାଙ୍କ ଟିମ୍ ଏହି ଜଟିଳ ଚିକିତ୍ସା କରୁଛନ୍ତି। ଏଥିପାଇଁ ଏସ୍ଏନ୍‌ସିୟୁ ନିକଟରେ ସ୍ୱତନ୍ତ୍ର କୋଠରି ପ୍ରସ୍ତୁତ ହୋଇଛି। ବର୍ତ୍ତମାନ ସୁଦ୍ଧା ଏଠାରେ ୧୮୬ ନବଜାତକଙ୍କ ଚକ୍ଷୁର ଆର୍ଓପି ସ୍କ୍ରିନିଂ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଚକ୍ଷୁରେ ଲେଜର ଚିକିତ୍ସା ଓ ଆଉ ୬ଜଣଙ୍କୁ ଆଣ୍ଟି ଭେଜ୍ ଇଞ୍ଜେକଶନ ଦିଆଯାଇଛି। ଏହି ଇଞ୍ଜେକଶନର ବଜାର ମୂଲ୍ୟ ୨୦ହଜାରରୁ ଅଧିକ ଟଙ୍କା ହୋଇଥିବା ବେଳେ ରାଜ୍ୟ ସରକାର ସୁନେତ୍ର ଯୋଜନାରେ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେଉଥିବା ଡା. ମେହେର୍ଦ୍ଦା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ଯୋଜନାରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟୟବହୁଳ ରେଟିନା ଅପରେଶନ ଆରମ୍ଭ ହୋଇଛି। ଘରୋଇ ଡାକ୍ତରଖାନାଗୁଡ଼ିକରେ ଏଥିପାଇଁ ରୋଗୀଙ୍କୁ ୫୦ରୁ ୬୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଏଠାରେ ବିନା ମୂଲ୍ୟରେ ହୋଇପାରୁଛି। ଏତଦ୍‌ବ୍ୟତୀତ ମଧୁମେହ ରୋଗୀଙ୍କ ଚକ୍ଷୁରେ ଆବଶ୍ୟକ ପଡୁଥିବା ଦାମୀ ଇଞ୍ଜେକଶନ ମଧ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି।



'ରେଟ୍‌କ୍ୟାମ୍'

## ସର୍ବସାଧାରଣଙ୍କ ନିମନ୍ତେ ସୂଚନା

**ମେସର୍ସ ଆରିୟନ୍ ମାଇନିଂ ଏବଂ ଟ୍ରେଡିଂ କର୍ପୋରେସନ ପ୍ରାଇଭେଟ୍ ଲିମିଟେଡ୍, ନାରାୟଣପୋଷି ଲୌହ ଏବଂ ମାଙ୍ଗାନିଜ୍ ଖଣି, କୋଇଡ଼ା, ସୁନ୍ଦରଗଡ଼, ଓଡ଼ିଶା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଓଡ଼ିଶା ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ତହସିଲ ଅନ୍ତର୍ଗତ କୋଇଡ଼ା ଏବଂ କାଶିରା ଗ୍ରାମ ଏବଂ କାଠମାଳ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସୀମିତ ଥିବା ମେସର୍ସ ଆରିୟନ୍ ମାଇନିଂ ଏବଂ ଟ୍ରେଡିଂ କର୍ପୋରେସନ୍‌ଙ୍କର ନାରାୟଣପୋଷି ଲୌହ ଏବଂ ମାଙ୍ଗାନିଜ ଖଣି ତାହାର ବାର୍ଷିକ ଲୌହ ଉତ୍ପାଦନ କ୍ଷମତା ୩.୦ ନିୟୁତ ଟନ୍‌ରୁ ୬.୦ ନିୟୁତ ଟନ୍‌କୁ ବୃଦ୍ଧି ଏବଂ ଅବସ୍ଥିତ ୦.୦୩୬ ନିୟୁତ ଟନ୍ ମାଙ୍ଗାନିଜ୍ ଖଣିଜ ଉତ୍ପାଦନ ଏବଂ ବାର୍ଷିକ ୨.୦ ନିୟୁତ ଟନ୍ ବିଶିଷ୍ଟ ବିଶୋଧନାଗାର ଓ ଖଣିଜ କ୍ରସର, ସ୍କ୍ରିନିଙ୍ଗ୍ କାରଖାନା ସ୍ଥାପନା ନିମିତ୍ତ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ଚିଠି ସଂଖ୍ୟା J-11015/288/2008-IA-II(M), ତା:୧୮।୦୬।୨୦୧୯ରିଖ ମାଧ୍ୟମରେ ପରିବେଶୀୟ ମଞ୍ଜୁରୀ ଲାଭ କରିଛି। ପରିବେଶୀୟ ମଞ୍ଜୁରୀର ଚିଠି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ୱେବ୍‌ସାଇଟ୍ (www.parivesh.nic.in) ସହିତ କମ୍ପାନୀ ୱେବ୍‌ସାଇଟ୍ (www.aryanmining.in)ରେ ମଧ ଉପଲବ୍ଧ ଅଟେ।

ସ୍ୱା./– ସାଧାରଣ ପରିଚାଳକ
ଆରିୟନ୍ ମାଇନିଂ ଏବଂ ଟ୍ରେଡିଂ କର୍ପୋରେସନ
ପ୍ରାଇଭେଟ୍ ଲିମିଟେଡ୍

## ‘କମ୍ୟୁନିଟି ରେଡିଓ ତୃଣମୂଳ ଖବରକୁ ଅଧିକ ପ୍ରାସଙ୍ଗିକତା ଦେଇଥାଏ’

**ଭୁବନେଶ୍ୱର,୨୩ା୬(ବ୍ୟୁରୋ)**

ଗୋଷ୍ଠୀ ବେତାର ତଥା କମ୍ୟୁନିଟି ରେଡିଓ ହିଁ ତୃଣମୂଳ ଖବରର ପ୍ରାସଙ୍ଗିକତାକୁ ଲୋକଲୋଚନକୁ ଆଣିଥାଏ। ତେଣୁ ଗୋଷ୍ଠୀ ବେତାରରେ କାର୍ଯ୍ୟ କରୁଥିବା ଖବରଦାତାମାନେ ଅଧିକ ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି। ଗୋଷ୍ଠୀ ବେତାରରେ କାର୍ଯ୍ୟ କରୁଥିବା ଯୁବ ଗଣମାଧ୍ୟମ ପ୍ରତିଭାମାନେ ସମୟାନୁଯାୟୀ ନିଜକୁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ସ୍ଥାନୀୟ ଇମେଜ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଗୋଷ୍ଠୀ ବେତାର କାର୍ଯ୍ୟ କରୁଥିବା ଯୁବ ଖବରଦାତାଙ୍କୁ ନେଇ ଆୟୋଜିତ କର୍ମଶାଳାରେ ବକ୍ତାଗଣ ଏହି ମନ୍ତବ୍ୟ ରଖିଛନ୍ତି।

ୟଙ୍ଗ୍ ଇଣ୍ଡିଆ ଏବଂ କମ୍ୟୁନିଟି ରେଡ଼ିଓ, ଓଡ଼ିଶା ପକ୍ଷରୁ ଆୟୋଜିତ କର୍ମଶାଳାରେ ରବିବାର ପୂର୍ବାହ୍ନରେ ଏନ୍.ଏ.ଶାହ ଅନ୍‌ସାରୀ ବିଭିନ୍ନ ପ୍ରକାର ରେଡିଓ ପ୍ରସାରଣ କୌଶଳ, ଯୋଗାଯୋଗ ଓ ପଦ୍ଧତି ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ଜଳ ଓ ପରିମଳ ବିଶେଷଜ୍ଞ କୁମୁଦଚନ୍ଦ୍ର ଶତପଥୀ ଗୋଷ୍ଠୀ ବେତାର ଗଣମାଧ୍ୟମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ନିରୋଦବରଣ ଖୁଣ୍ଟିଆ ରେଡିଓର ଉପସ୍ଥାପକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଜନସଂଚାର ସଂସ୍ଥାନ(ଆଇଆଇଏମ୍‌ସି)ର ମୁଖ୍ୟ ଡ. ମୃଣାଳ ଚାଟାର୍ଜୀ କମ୍ୟୁନିଟି ରେଡିଓର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିବା ପରେ ପାୱାରପଏଣ୍ଟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଖ୍ ମହମ୍ମଦ ନିଆଜ୍, ରୋଜାଲିନ୍ ପ୍ରଧାନ, ସୁନୀଲ ବେହେରା ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ।

### ଆଜି ଲୋକାୟୁକ୍ତଙ୍କ ଖବରଦାତା ସମ୍ମିଳନୀ

**ଭୁବନେଶ୍ୱର,୨୩ା୬(ବ୍ୟୁରୋ)**

ଲୋକାୟୁକ୍ତ ଜଷ୍ଟିସ୍ ଅଜିତ୍ ସିଂଙ୍କ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହେବ। ସ୍ଥାନୀୟ ତୋଷାଳି ଭବନରେ ଅପରାହ୍ନ ୨ଟା ୩୦ରେ ଏହି ଖବରଦାତା ସମ୍ମିଳନୀ କରାଯିବ। ରାଜ୍ୟର ପ୍ରଥମ ଲୋକାୟୁକ୍ତ ଭାବେ ଦାୟିତ୍ୱ ନେବା ପରେ ଏହା ଜଷ୍ଟିସ୍ ସିଂଙ୍କ ପ୍ରଥମ ଖବରଦାତା ସମ୍ମିଳନୀ ହେବାକୁ ଯାଉଛି। ସେ ପୂର୍ବରୁ ଗୁଆହାଟୀ ହାଇକୋର୍ଟର ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରିସାରିଛନ୍ତି।

**UTKAL UNIVERSITY OF CULTURE**
SANSKRUTI VIHAR, AT/PO- MADANPUR
BHUBANESWAR-752054, DIST.- KHURDA, ODISHA
Phone: 0674-2972315
Email: chairmanpc.uuc@gmail.com, Website: www.uuc.ac.in
No. 926/UUC Date: 01.06.2019
CAD-48

**ADMISSION NOTIFICATION 2019-20**

Online applications are invited for admission to different Post Graduate and M.Phil Programmes of Utkal University of Culture, Sanskruti Vihar, Madanpur, Bhubaneswar for the Academic Session 2019-20, which can be made available from 01.07.2019 to 07.07.2019. For details regarding the courses, procedure of admission, admission dates, prospectus, etc., please visit the University website www.uuc.ac.in (Admissions-2019) from 01.07.2019 onwards. For further queries, please contact the Chairman, P.G. Council at: 0674-2972315 (office).

*Sd./- Prof. Jagannath Kuanr*
*Chairman, P.G. Council*
03005/11/0001/1920

## କୋଚିଂ ସେଣ୍ଟର ବିଜ୍ଞାପନରେ ଜାଲିଆତି: ପିଲା, ର୍ୟାଙ୍କ୍ ନକଲି
# ତଦନ୍ତ କରିବେ ସିପି, ଏଡିଜି

**ଭୁବନେଶ୍ୱର, ୨୩ା୬(ବ୍ୟୁରୋ)**

- ଭୁବନେଶ୍ୱରରେ ୧୮ କୋଚିଂ ସେଣ୍ଟର ନାଁରେ ଅଭିଭାବକ ସଂଘର ଅଭିଯୋଗ
- ଏ ସଂକ୍ରାନ୍ତ ରିପୋର୍ଟ ଦେବାକୁ ଗୃହ ବିଭାଗର ନିର୍ଦ୍ଦେଶ
- କାର୍ଯ୍ୟାନୁଷ୍ଠାନ ନେଇ ଉଠିଲା ପ୍ରଶ୍ନ

ରାଜଧାନୀ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ଭଳି କୋଚିଂ ସେଣ୍ଟର ଖୋଲୁଛି। ତେବେ ଅଧିକାଂଶ କୋଚିଂ ସେଣ୍ଟର ଠକୁଥିବା ନେଇ ଗୁରୁତର ଅଭିଯୋଗ ଆସିଛି। କୋଚିଂ ସେଣ୍ଟରଗୁଡିକ ପକ୍ଷରୁ ଦିଆଯାଉଥିବା ବିଜ୍ଞାପନରେ ନକଲି ର୍ୟାଙ୍କ୍ ସହ ନକଲି ପିଲାଙ୍କ ଫଟୋ ଲଗାଯାଉଛି। ଏଥିରେ ଆକୃଷ୍ଟ ହୋଇ ଆଡ୍‌ମିଶନ ପାଇଁ ଯାଉଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ନାନା ଭାବେ ଭୁଆଁ ବୁଲାଯାଇ ମନଇଚ୍ଛା ଫି ନିଆଯାଉଛି। ଏହି ଠକେଇ ଓ ଶୋଷଣ ସମ୍ପର୍କରେ ଅଭିଭାବକ ସଂଘ ଜାଣିବା ପରେ ଭୁବନେଶ୍ୱରର ୧୮ଟି କୋଚିଂ ସେଣ୍ଟର ନାଁରେ ଗୃହ ବିଭାଗ ନିକଟରେ ଅଭିଯୋଗ କରିଛି। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଡିଜିପି, ଗଣଶିକ୍ଷା ଓ ଉଚ୍ଚଶିକ୍ଷା ସଚିବ, ପୋଲିସ ଆଇଜି ଏବଂ ପୋଲିସ କମିଶନରଙ୍କୁ ଚିଠି କରିଛନ୍ତି। ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଦେବାକୁ ମଧ କୁହାଯାଇଛି। ଗୃହ ବିଭାଗର ଏହି ନିର୍ଦ୍ଦେଶ ପରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଓ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ ଘଟଣାର ତଦନ୍ତ କରିବେ ବୋଲି ଜଣାପଡ଼ିଛି।

ଓଡିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଗୃହ ବିଭାଗ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ, କୋଚିଂ ସେଣ୍ଟରଗୁଡିକ ଲଗାଉଥିବା ସାଇନ୍‌ବୋର୍ଡ, ବ୍ରୋଚର ସମେତ ବିଭିନ୍ନ ଟିଭି ଓ ଖବରକାଗଜରେ ଦେଉଥିବା ବିଜ୍ଞାପନରେ ନକଲି ଫଟୋ ବ୍ୟବହାର କରାଯାଉଛି। କୋଚିଂ ସେଣ୍ଟରଗୁଡିକ ଭଲ ପାଠପଢ଼ା ନାଁରେ ଏଭଳି ଖେଳ ଖେଳୁଥିବାରୁ ପିଲାଙ୍କ ଭବିଷ୍ୟକ ଅନ୍ଧକାରମୟ ହେଉଛି। ଲକ୍ଷ ଲକ୍ଷ ଟଙ୍କା ନେଇ ଆଡମିଶନ କରିବା ପରେ ପାଠପଢ଼ାର ନାଁ ଗନ୍ଧ ରହୁନି। ଶିକ୍ଷକ ନ ଥିବାରୁ ଅନେକ ସମୟରେ ପିଲାମାନେ ବସି ବସି ଆସୁଛନ୍ତି। ଫଳରେ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କଷ୍ଟକର ହୋଇପଡୁଛି ବୋଲି ମହାସଂଘ ଅଭିଯୋଗ ଆଣିଛି। ଏନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଏଭଳି ହେଉଥିଲେ ସାଂଘାତିକ ଘଟଣା। ତେବେ ଏ ସଂକ୍ରାନ୍ତ ଚିଠି ଆସିବା ପରେ କଟକ ଭୁବନେଶ୍ୱରରେ ଥିବା କୋଚିଂ ସେଣ୍ଟରଗୁଡିକରେ ଯାଞ୍ଚ କରାଯିବ। ବିଜ୍ଞାପନରେ ନକଲି ଫଟୋ ଓ ର୍ୟାଙ୍କ୍ ଦେଇ ଠକୁଥିବା କୋଚିଂ ସେଣ୍ଟର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ କୋଚିଂ ସେଣ୍ଟରଗୁଡିକ ପଞ୍ଜୀକରଣ ଓ ଅନ୍ୟ ସମସ୍ତ ତଥ୍ୟ ରଖିବା ସଂକ୍ରାନ୍ତରେ ଆଗକୁ ନିୟମ କରାଯିବ। ବେଆଇନ କୋଚିଂ ସେଣ୍ଟର ବା ଯେଉଁ କୋଚିଂ ସେଣ୍ଟରଗୁଡିକ ବେଆଇନ କାର୍ଯ୍ୟ କରୁଛନ୍ତି ତାହା ଉପରେ ଅଙ୍କୁଶ ଲଗାଯାଇପାରିବ ବୋଲି କମିଶନର କହିଛନ୍ତି।

ଅନ୍ୟପକ୍ଷରେ ଗୃହ ସଚିବଙ୍କ ନିର୍ଦ୍ଦେଶ କାର୍ଯ୍ୟକାରିତାକୁ ନେଇ କେତେକ ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କର କହିବା କଥା ହେଲା, ଏବେ ପରିସ୍ଥିତି ଆଉ ଆୟତ୍ତ ଭିତରେ ନାହିଁ। ସ୍ୱତନ୍ତ୍ର ପଞ୍ଜୀକରଣ ବ୍ୟବସ୍ଥା ନ ଥିବାବେଳେ ଦଲାଲମାନେ ଘରେ ଘରେ କୋଚିଂ ସେଣ୍ଟର ଖୋଲୁଛନ୍ତି। ପୋଲିସ ଯଦି ଘର ଘର ବୁଲି କୋଚିଂ ସେଣ୍ଟର ଖୋଜିବ ଆଇନଶୃଙ୍ଖଳାକୁ କିଏ ନିୟନ୍ତ୍ରଣ କରିବ ବୋଲି ସେମାନେ କହିଛନ୍ତି। ଜଣେ ବରିଷ୍ଠ ପୋଲିସ ଅଧିକାରୀ ମଧ ସମାନ କଥା କହିଛନ୍ତି। ଯଦି ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ନୋଟିସ କରି କୋଚିଂ ସେଣ୍ଟରଗୁଡିକୁ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଅନ୍ତି ତେବେ କିଛି ମାତ୍ରାରେ ଏହି ସମସ୍ୟାର ସମାଧାନ ହୋଇଯାଆନ୍ତା। କାରଣ ପଞ୍ଜିକୃତ କୋଚିଂ ସେଣ୍ଟର କର୍ତ୍ତୃପକ୍ଷ ଏଭଳି ବେଆଇନ କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିଖିଳ ଚନ୍ଦ୍ର ଦାସ**
ଆବିର୍ଭାବ: ୨୩।୧୦।୧୯୪୧
ତିରୋଧାନ: ୧୪।୦୬।୨୦୧୯
ବାଲ୍ୟରୁ ଶୈଶବ ପୁଣି ସେଠାରୁ ଯୌବନ
ପାଇଥିଲୁ ବୁଝିଥିଲୁ ସଂସାରର ଜ୍ଞାନ।।
ଆପଣଙ୍କ ସଙ୍ଗେ ଥାଏ ଅଫୁରନ୍ତ ଶକ୍ତି
ନାହାନ୍ତି ଆପଣ ମନେ ପଡୁଥାଏ ନିତି।।
ଜନମେ ଜନମେ ତୁମେ ବାପା ଆମ ହେବ
ଭୁଲି ଯେ ନ ଯିବ ତୁମ ଅପେକ୍ଷା ରହିବ।।
ବୈକୁଣ୍ଠର ସବୁସୁଖ ଆପଣଙ୍କୁ ମିଳୁ
ବାପି, ଲିପି ମନାସନ୍ତି ନିଶ୍ଚେ ଏହା ଫଳୁ।।
ଇତି
**ଶୋକସନ୍ତପ୍ତ: ପରିବାରବର୍ଗ**
ଧ-୧୩୦୭୬

**Shradhanjali on the eve of 12th day**



**Late Batchu Narayana Murty**
**(20.10.1928 - 13.06.2019)**
Throughout this period of ascendance of your soul to its heavenly abode, not a moment passed without remembering you for your unconditional love and affection that you showered on us all while you were in our midst. We humbly pray to Bhagwan, the supreme soul to grant eternal peace to your noble soul.
**Bereaved family:** Laxmi, Ramakrishna, Narasimha, Ranganath, Bharati, Sivananda, Subha, Sanjeev, Shubhadra, Sangeeta, Sandeep, Saipriya, Sai Piyush, Sai Jagadish and Sai Kiran.
D-66150

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସନ୍ତୋଷ କୁମାର ମିଶ୍ର**
ଆଷାଢ ଶୁକ୍ଳ ଅଷ୍ଟମୀ
ତିରୋଧାନ: ୨୪।୦୬।୨୦୧୫
ହଠାତ୍ ଅସମୟରେ ଆମ ଦୁହିଁଙ୍କୁ ଏକୁଟିଆ ଛାଡ଼ି ଚାଲିଗଲୁ। ତୋର ସ୍ଥାନ କେବେବି କେହି ପୂରଣ କରିପାରିବେ ନାହିଁ। ଚତୁର୍ଥ ବର୍ଷର ଅବସରରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଇତି।
**ଶୋକସନ୍ତପ୍ତ:**
(ବାବା ଓ ବୋଉ)
ଧ-୧୩୧୦୯



ଅଣଗାନ୍ଧୀ ମଧ କଂଗ୍ରେସ ଅଧକ୍ଷ ହୋଇପାରିବେ। କିନ୍ତୁ ଦଳର ସଙ୍ଗଠନରେ ଗାନ୍ଧୀ ପରିବାର ସକ୍ରିୟ ରହିବା ଜରୁରୀ।
-ମଣିଶଙ୍କର ଆୟାର,
ବରିଷ୍ଠ କଂଗ୍ରେସ ନେତା



# କମିଶନି ଫେରାଇବାକୁ କହି ଅଡୁଆରେ ମମତା

**କୋଲକାତା,୨୩।୬**



୨୦୧୧ରୁ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ହିତାଧିକାରୀଙ୍କୁ ଶୋଷଣ କରି ଆଦାୟ କରିଥିବା କମିଶନ ଅର୍ଥ ଫେରାଇଦେବାକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳୀୟ ନେତା ଓ ସବୁ ସ୍ତରର ଲୋକପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇ ଦୁର୍ନୀତିର ଭାନୁମତି ପେଡ଼ି ଖୋଲିଦେଇଛନ୍ତି। ଲୋକ ସଭା ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଅଧକ୍ଷ ଅମିତ୍ ଶାହ ଯାହା ଅଭିଯୋଗ କରିଥିଲେ, ମମତା ତାହାକୁ ସ୍ୱୀକାର କରିନେଇଛନ୍ତି। ଟିଏମ୍‌ସି ନେତାମାନେ ଭୂମିହୀନ ଚାଷୀଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କୁ ଶୋଷଣ କରିଥିବା ଭାଜପା ଅଭିଯୋଗ କରିଥିଲା। ୨୦୨୦ ପୌର ନିର୍ବାଚନ ଓ ୨୦୨୧ ବିଧାନସଭା ନିର୍ବାଚନରେ ଟିଏମ୍‌ସି ଏହାର ଗୁରୁତର ପରିଣାମ ଭୋଗିବ ବୋଲି ବିରୋଧୀ ନେତା ଓ ରାଜନୈତିକ ସମୀକ୍ଷକମାନେ ଅନୁଭବ କରୁଛନ୍ତି।

ଗତ ୧୮ ତାରିଖରେ କୋଲକାତା ମହାନଗର ନିଗମର ନେତାମାନଙ୍କୁ ଉଦ୍‌ବୋଧନ ଦେଇ ମମତା କହିଥିଲେ, ଯେଉଁମାନେ ସାଧାରଣ ଜନତାଙ୍କଠାରୁ କମିଶନି ନେଇଛନ୍ତି, ସେମାନଙ୍କୁ ତୁରନ୍ତ ଫେରାଇବାକୁ ହେବ। ଟିଏମ୍‌ସିର କେତେକ ନେତା ମଲା ଲୋକଙ୍କୁ ବି ଛାଡିନାହାନ୍ତି। ମୃତଦେହ ସତ୍କାର ପାଇଁ ଗରିବ ପରିବାରକୁ ସରକାର ଦେଉଥିବା ୨୦୦୦ ଟଙ୍କାରୁ ଟିଏମ୍‌ସି ନେତା ୨୦୦ ଟଙ୍କା କମିଶନି ନେଇଯାଉଛନ୍ତି ବୋଲି ମମତା କହିଥିଲେ। ୧୯ ତାରିଖରେ ମାଲଦା ଜିଲାର ରାତୁଆଠାରେ ଗଣବିକ୍ଷୋଭ ପରେ ନିର୍ମଳ ବଙ୍ଗଳା ପ୍ରକଳ୍ପ ପାଣ୍ଠିରୁ ୧ କୋଟି ହଡପ କରିଥିବା ଅଭିଯୋଗରେ ପୂର୍ବତନ ସରପଞ୍ଚ ସୁକେଶ ଯାଦବ, ସରକାରୀ କର୍ମଚାରୀ ପ୍ରମୋଦ କୁମାର ସର୍କାରଙ୍କୁ ପୋଲିସ ଗିରଫ କରିଥିଲା। ଏବେ ସାରା ରାଜ୍ୟରୁ ଦୁର୍ନୀତି ଅଭିଯୋଗମାନ ଆସିବାରେ ଲାଗିଛି ଓ ପ୍ରତିଦିନ ବିଭିନ୍ନ ଜିଲାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ପଞ୍ଚାୟତ ୱାର୍ଡମେମ୍ବରଠାରୁ ଆରମ୍ଭ କରି ରାଜ୍ୟ ସଭା ସଦସ୍ୟ ପର୍ଯ୍ୟନ୍ତ ଏଥିରେ ସମ୍ପୃକ୍ତ। ଦୁର୍ନୀତି ଅଭିଯୋଗରେ ରାଜପୁର-ସୋନାରପୁର ମ୍ୟୁନିସିପାଲିଟିର ଉପାଧକ୍ଷ ଶାନ୍ତା ସର୍କାରଙ୍କୁ ଟିଏମ୍‌ସି ବିଦା କରିଛି।

## ଜେଲ୍‌ରୁ ୪ କଏଦୀ ଚମ୍ପଟ

**ନିମଚ୍ (ଏମ୍‌ପି),୨୩।୬(ପି.ଟି.):** ମଧ୍ୟପ୍ରଦେଶର ନିମଚ୍ ଜିଲାରେ ଥିବା ଏକ ଜେଲ୍‌ରୁ ୪ କଏଦୀ ଚମ୍ପଟ ମାରିଛନ୍ତି। ସେମାନଙ୍କ ମଧରୁ ୨ ଜଣ ନିଶା ଚୋରା କାରବାର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ଅନ୍ୟ ଦୁଇଜଣ ବଳାତ୍କାର ଓ ହତ୍ୟା ମାମଲାରେ ବିଚାରାଧୀନ ବନ୍ଦୀ ଥିଲେ। କାନାବତୀ ଅଞ୍ଚଳରେ ଥିବା ସବ୍‌ଜେଲ୍ ବାରାକ୍‌ର ଲୁହା ରଡ୍ କାଟି ଦଉଡି ସହାୟତାରେ ପାଚେରି ଡେଇଁ ସେମାନେ ଫେରାର ହୋଇଯାଇଛନ୍ତି। ଏଥିରେ ସେମାନଙ୍କୁ କେତେଜଣ ବାହାର ଲୋକ ସହାୟତା କରିଥିବା କୁହାଯାଉଛି। ଉଚ୍ଚ ପଦାଧିକାରୀ ଜେଲ୍‌ରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। କର୍ତ୍ତବ୍ୟରେ ଅବହେଳା ପାଇଁ ଜେଲର ଆର୍.ପି. ବାସୁଲିୟା ଓ ୪ ଜଣ ଗାର୍ଡଙ୍କୁ ନିଲମ୍ବନ କରାଯାଇଛି।

## [ଇତିହାସର ଆଇନାରେ]

## ଜୁନ୍ ୨୪ର ପ୍ରମୁଖ ଘଟଣା

୨୦୦୨ ଜୁନ୍ ୨୪ରେ ଟାଞ୍ଜାନିଆରେ ଇଗାଣ୍ଡୁ ଟ୍ରେନ୍ ଦୁର୍ଘଟଣାରେ ୨୮୧ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହା ଥିଲା ଆଫ୍ରିକା ଇତିହାସରେ ସବୁଠୁ ଭୟାନକ ଦୁର୍ଘଟଣା। ୧୨୦୦ ଲୋକଙ୍କୁ ନେଇ ଯାତ୍ରା କରୁଥିବା ଏହି ଟ୍ରେନ୍‌ଟି ଏକ ପାର୍ବତ୍ୟାଞ୍ଚଳରେ ପଛକୁ ଗଡିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟ୍ରେନ୍‌ଟି ଦର ଏସ୍ ସଲାମଠାରୁ କେନ୍ଦ୍ରୀୟ ଟାଞ୍ଜାନିଆର ଡୋଡୋମା ଷ୍ଟେଟ୍‌କୁ ଯାଉଥିଲା।

୨୦୦୪ ଜୁନ ୨୪ରେ ନ୍ୟୁୟର୍କରେ ମୃତ୍ୟୁଦଣ୍ଡ ଅଣସାମ୍ବିଧାନିକ ବୋଲି ଘୋଷଣା ହୋଇଥିଲା। ମୃତ୍ୟୁଦଣ୍ଡ ହେଉଛି ସରକାରଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ ଏକ ଦଣ୍ଡବ୍ୟବସ୍ଥା, ଯେଉଁଠି ଜଣେ ବ୍ୟକ୍ତିଙ୍କୁ ତାଙ୍କ ଅପରାଧ ପାଇଁ ଜୀବନରୁ ମାରିଦିଆଯାଏ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ। **ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସଙ୍ଗକୁ ଅପରାହ୍ନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ଅଛି। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୪.୯ |
| ଚାନ୍ଦବାଲି | ୩୪.୨ | ୨୬.୨ |
| କଟକ | ୩୩.୫ | ୨୪.୦ |
| ପାରାଦ୍ୱୀପ | ୩୨.୪ | ୨୮.୧ |
| ଭୁବନେଶ୍ୱର | ୩୩.୨ | ୨୫.୬ |
| ଗୋପାଳପୁର | ୩୨.୭ | ୨୭.୫ |
| ପୁରୀ | ୩୨.୮ | ୨୭.୦ |
| ଅନୁଗୋଳ | ୩୪.୭ | ୨୧.୬ |
| ବାରିପଦା | ୩୨.୪ | ୨୬.୦ |
| ଝାରସୁଗୁଡ଼ା | ୩୩.୨ | ୨୬.୨ |
| କେନ୍ଦୁଝର | ୩୧.୨ | ୨୩.୬ |
| ସମ୍ବଲପୁର | ୩୬.୧ | ୨୬.୨ |
| ସୁନ୍ଦରଗଡ଼ | ୩୨.୦ | ୧୯.୦ |
| ହୀରାକୁଦ | ୩୩.୩ | ୨୬.୧ |
| ତାଲଚେର | ୩୭.୧ | ୨୩.୩ |
| ଭବାନୀପାଟଣା | ୩୨.୦ | ୨୫.୦ |
| ବଲାଙ୍ଗୀର | ୩୨.୦ | ୨୪.୦ |
| କୋରାପୁଟ | ୨୬.୨ | ୨୦.୦ |
| ଫୁଲବାଣୀ | ୨୭.୬ | --- |
| ଟିଟିଲାଗଡ଼ | ୩୧.୬ | ୨୩.୦ |
| ମାଲକାନଗିରି | ୨୯.୦ | ୨୦.୨ |
| ସୋନପୁର | ୩୪.୨ | ୨୩.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

## ବୃଦ୍ଧ ଦମ୍ପତି, ଚାକରଙ୍କୁ ତଣ୍ଟିକାଟି ହତ୍ୟା

**ନୂଆଦିଲ୍ଲୀ,୨୩।୬**

ଦକ୍ଷିଣ ଦିଲ୍ଲୀର ବସନ୍ତ ବିହାର ଅଞ୍ଚଳରେ ରବିବାର ଏକ ବୃଦ୍ଧ ଦମ୍ପତି ଓ ସେମାନଙ୍କ ଘରୋଇ ଚାକରଙ୍କୁ ତଣ୍ଟିକାଟି ହତ୍ୟା କରାଯାଇଛି। ମୃତ ଦମ୍ପତି ବିଷ୍ଣୁ କୁମାର (୮୦) ଓ ଶିଶି ମାଥୁର(୭୫) ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ସେମାନଙ୍କ ସହ ବସନ୍ତ ବିହାର ଆପାର୍ଟମେଣ୍ଟରେ ଚାକର ଖୁଶ୍‌ବୁ ନୌଟିୟାଲ(୨୪) ରହୁଥିଲେ। ଘର ଭିତରୁ ରକ୍ତ ବାହାରୁଥିବା ଦେଖି ପଡୋଶୀ ପୋଲିସକୁ ଖବର ଦେଇଥିଲେ। ହତ୍ୟାକାଣ୍ଡ ପଛରେ ଡକାୟତି ଯୋଜନା ନ ଥିଲା ବୋଲି ପୋଲିସ କହିଛି। ବୃଦ୍ଧ ଦମ୍ପତିଙ୍କ ପୁଅଙ୍କର ନିକଟରେ ମୃତ୍ୟୁ ହୋଇଥିଲା। ସେମାନଙ୍କ ଝିଅ ବାହାରେ ରହୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଙ୍ଗୁଠି ଭିତରେ ମଳି**
**ଭିତରେ ଭିତରେ ସଲାସୁତର**
**ଉପରେ ଉପରେ କଳି ।**

ଲୋକେ ଜାଣିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଭିତରେ ବୁଝାମଣା ଏକଦମ୍ ଠିକ୍। ସ୍ୱାମୀ ସ୍ତ୍ରୀଙ୍କ ସମ୍ବନ୍ଧ ପରି ଘନିଷ୍ଠ ସମ୍ବନ୍ଧ। କପଟୀ ବ୍ୟକ୍ତିଙ୍କର ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅବସରରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଆଲୋ କାଳୀ,**
**ବେକରେ ପିନ୍ଧିଛୁ କୋଚିଲା ମାଳି**
**ତହିଁକି ହୋଇଛି ରାନ୍ଧଣା ପାଳି ।**

ସାଧାରଣତଃ ତରୁଣୀ ବା ଯୁବତୀମାନେ ବେଶଭୂଷା ହୋଇ ଅନ୍ୟ ଆଗରେ ଦେଖେଇ ହେବାରେ ଆନନ୍ଦ ପାଇଥାଆନ୍ତି। ତେବେ ନିଜ ରୂପବର୍ଣ୍ଣକୁ ଚାହିଁ ବେଶ ପରିପାଟୀ ହେଲେ ଅନ୍ୟ ଆଖିରେ ତାହା ସୁନ୍ଦର ଲାଗିଥାଏ। ଏପରିସ୍ଥଳେ ରୋଷଶାଳାରେ କାର୍ଯ୍ୟ କରୁଥିବା ଶ୍ୟାମଳବର୍ଣ୍ଣା ଯୁବତୀର ବିଚିତ୍ର ବେଶଭୂଷା ଓ ପରିପାଟୀ ପ୍ରତି ତାଚ୍ଛଲ୍ୟଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ■ ୨୪ ଘଣ୍ଟାରେ ୯ ହତ୍ୟାକାଣ୍ଡ

# କେଜ୍‌ରିୱାଲ-ଦିଲ୍ଲୀ ପୋଲିସ ମୁହାଁମୁହିଁ

**ନୂଆଦିଲ୍ଲୀ,୨୩।୬**

ରାଜଧାନୀ ଦିଲ୍ଲୀରେ ଅପରାଧ ବଢ଼ିଚାଲିଛି। ବସନ୍ତ ବିହାର ଅଞ୍ଚଳରେ ବୃଦ୍ଧ ଦମ୍ପତି ଓ ସେମାନଙ୍କ ଚାକରଙ୍କୁ ହତ୍ୟା ସମେତ ଗତ ୨୪ ଘଣ୍ଟାରେ ୯ ହତ୍ୟାକାଣ୍ଡ ଘଟିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଦିଲ୍ଲୀବାସୀ ସୁରକ୍ଷା ପାଇଁ କାହା ପାଖକୁ ଯିବେ ବୋଲି କେଜ୍‌ରିୱାଲ ସୋସିଆଲ ମିଡିଆରେ ଟୁଇଟ୍ କରିବା ପରେ ଦିଲ୍ଲୀ ପୋଲିସ ଏହାର ପ୍ରତିବାଦ କରିଛି। ଦିଲ୍ଲୀ ପୂର୍ବପେକ୍ଷା ସୁରକ୍ଷିତ ରହିଛି ବୋଲି ପୋଲିସ ଦାବି କରିଛି। ଦିଲ୍ଲୀର ଆଇନ ଶୃଙ୍ଖଳା ଦାୟିତ୍ୱ କେନ୍ଦ୍ର ସରକାରଙ୍କର ହୋଇଥିବାରୁ କେଜ୍‌ରିୱାଲ ପରୋକ୍ଷରେ ଏନ୍‌ଡିଏ ସରକାରଙ୍କୁ ଦୋଷ ଦେଇଛନ୍ତି। ସୂଚନାଯୋଗ୍ୟ ଦିଲ୍ଲୀ ପୋଲିସକୁ ନିଜ ଅଧୀନକୁ ଆଣିବା ଲାଗି ଆମ୍ ଆଦ୍‌ମୀ ପାର୍ଟି ସରକାର ଦୀର୍ଘଦିନ ହେଲା ଦାବି କରିଆସୁଛି। ଗତ ବର୍ଷ ଦିଲ୍ଲୀ ବିଧାନସଭାରେ ଏଥିପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ବେଦାଂଶୀ ଫାଇନାନ୍ସ ପ୍ରା.ଲି.
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ 2ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

See Color Display Classified on every Tuesday & Friday

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

REGISTRATION FREE | GOVT. APPROVED
BHARTIYA TELECOM GROUP
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍ ଉପରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ, ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ
କାମ ଆମର ବିଶ୍ୱାସ ଆପଣଙ୍କର
(ଠକମାନଙ୍କ ପ୍ରତି ସାବଧାନ)
08417868634
08417868647
VILLAGE-MATORDA, BHADSON, PATIALA, NABHA, PUNJAB 147202

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରିମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

DHARITRI Career appointment Every Wednesday and Saturday

FINANCE

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

All INDIA FINANCIAL SERVICES
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

SINGHANIA
MFC FINANCIAL GROUP
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id -- document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
94857-90203
94858-27609

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narnol, Haryana

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



# ‘ମିସେସ୍ କୁଇନ୍ ୟୁନିଭର୍ସ’ ହେଲେ ଓଡ଼ିଆ ବୋହୂ

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଅନ୍ତର୍ଜାତୀୟ ସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଚମକିଛନ୍ତି ଓଡ଼ିଆ ବୋହୂ ପ୍ରତିମା ପଣ୍ଡା। ଜୁନ୍ ୧୬ରୁ ୧୯ତାରିଖ ମଧ୍ୟରେ ଦିଲ୍ଲୀରେ ଅନୁଷ୍ଠିତ ବିଉଟି ପାଜେଣ୍ଟ ମିସେସ୍ କୁଇନ୍ ୟୁନିଭର୍ସରେ କରିସ୍ମା ଦେଖାଇବା ସହ ମିସେସ୍ କୁଇନ୍ ୟୁନିଭର୍ସ ଟାଇଟଲ ହାସଲ କରିଛନ୍ତି ପ୍ରତିମା। ସମଗ୍ର ଦେଶ ସହ ଅନ୍ତର୍ଜାତୀୟ ସ୍ତର ତଥା ଚାଇନା ଓ ନେଦରଲାଣ୍ଡ ଭଳି ଦେଶରୁ ଅଂଶଗ୍ରହଣ କରିଥିବା ୪୬ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଏହି ଟାଇଟଲ ଜିତିଛନ୍ତି। ଭୁବନେଶ୍ୱରର ବାସିନ୍ଦା ପ୍ରତିମା ପେସାରେ ଜଣେ ବିଉଟିସିଆନ୍। ନିଜର ଏହି ସଫଳତା ପାଇଁ ପରିବାର ଓ ସ୍ୱାମୀଙ୍କୁ ସମସ୍ତ କ୍ରେଡିଟ୍ ଦେଇଛନ୍ତି। ଏହି ଟାଇଟଲ ଜିତିବା ଯେତିକି ଚ୍ୟାଲେଞ୍ଜିଂ ଥିଲା, ସେତିକି ଉତ୍ସାହଜନକ ଥିଲା ବୋଲି ପ୍ରତିମା କହିଛନ୍ତି। ପ୍ରତିଯୋଗିତା ପାଇଁ ସେ ନିଜର ଫିଟ୍‌ନେସ୍ ଉପରେ ପ୍ରାଥମିକତା ଦେବା ସହ ଡାଏଟ୍ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। ଏହାସହ ପ୍ରଶ୍ନୋତ୍ତର ରାଉଣ୍ଡ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ବିଭିନ୍ନ ସାଧାରଣ ଜ୍ଞାନ ବହି ପଢ଼ିଥିଲେ। ଆଗାମୀ ଦିନରେ ଫିଲ୍ମରେ ଅଭିନୟ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରତିମା ଓଡ଼ିଶାରେ ଆର୍ଥିକ ଅନଗ୍ରସର ପିଲାଙ୍କୁ ବିଭିନ୍ନ ବିଉଟି ପ୍ୟାଜେଣ୍ଟ ପାଇଁ ପ୍ରସ୍ତୁତ କରିବାକୁ ଏକ ମଡେଲ୍ ସ୍କୁଲ ଖୋଲିବେ ବୋଲି ‘ଧରିତ୍ରୀ’କୁ କହିଛନ୍ତି। ଏହି ବିଉଟି କଣ୍ଟେଷ୍ଟ ମିସେସ୍ ଇଣ୍ଡିଆ ହୋମ୍ ମେକର୍ ସଂସ୍ଥା ଦ୍ୱାରା ଆୟୋଜିତ ହୋଇଥିଲା।

# ‘ବିଜୁ ପଟ୍ଟନାୟକ ସ୍ମୃତି ଫଟୋ ଗ୍ୟାଲେରି’ ଲୋକାର୍ପିତ

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଘଟଣାବହୁଳ ଜୀବନ ଆଧାରିତ ଏକ ଫଟୋ ଗ୍ୟାଲେରି ଭୁବନେଶ୍ୱରଠାରେ ସ୍ଥାପିତ ହୋଇଛି। ‘ବିଜୁ ପଟ୍ଟନାୟକ ସ୍ମୃତି ଫଟୋ ଗ୍ୟାଲେରି’ ନାମରେ ନାମିତ ଏହି ଗ୍ୟାଲେରିକୁ ରବିବାର ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଲୋକାର୍ପଣ କରିଛନ୍ତି। ଇଷ୍ଟର୍ନ ପ୍ରେସ୍ ଏଜେନ୍ସି ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି ଗ୍ୟାଲେରି ବିଜୁବାବୁଙ୍କ ସ୍ୱପ୍ନ ଓ ସଂକଳ୍ପପୂର୍ଣ୍ଣ ଜୀବନ କାହାଣୀକୁ ସମକାଳ ଓ ଭବିଷ୍ୟତ ପିଢ଼ିଙ୍କ ନିକଟରେ ପହଞ୍ଚାଇବାରେ ସମର୍ଥ ହେବ ବୋଲି ବାଚସ୍ପତି କହିଥିଲେ। ଲୋକାର୍ପଣ କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ରହି ଏହି ଗ୍ୟାଲେରି ପ୍ରବାଦପୁରୁଷଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକ ଦେବୀପ୍ରସାଦ ମିଶ୍ର, ଅରବିନ୍ଦ ଢାଲି, ଅମର ପ୍ରସାଦ ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କ ସମେତ ବହୁ ବିଶିଷ୍ଟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗ୍ୟାଲେରିରେ ବିଜୁବାବୁଙ୍କ ଘଟଣାବହୁଳ ଜୀବନର ଆଲେଖ୍ୟ ବହନ କରିଥିବା ୨୮୮ଟି ବିରଳ ଫଟୋଚିତ୍ର ସ୍ଥାନ ପାଇଛି। ଏହାବ୍ୟତୀତ ବିଜୁବାବୁ ତାଙ୍କ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଅନେକ ଉପକରଣ ମଧ୍ୟ ଗ୍ୟାଲେରିରେ ଦେଖିବାକୁ ମିଳୁଛି। ପ୍ରବାଦପୁରୁଷଙ୍କ ଚିତାଭସ୍ମ ମଧ୍ୟ ଗ୍ୟାଲେରିରେ ରହିଛି। ଏହି ଗ୍ୟାଲେରି ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହିଛି। ସୋମବାର ବ୍ୟତୀତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ୧ଟା ପର୍ଯ୍ୟନ୍ତ ଓ ଅପରାହ୍ନ ୨ଟା ୩୦ ରୁ ୪ଟା ପର୍ଯ୍ୟନ୍ତ ଏହା ଖୋଲାରହିବ।



ଗ୍ୟାଲେରି ଲୋକାର୍ପଣ କରିବାପରେ ବୁଲି ଦେଖୁଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର।

# ଜାତୀୟ ଶିକ୍ଷାନୀତି ୨୦୧୯ ଉପରେ ରାଜ୍ୟସ୍ତରୀୟ ଆଲୋଚନା





## ଯୋଗଦେଲେ ୩୦ ଜିଲାର ଶିକ୍ଷକ ନେତା

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ରବିବାର ଉତ୍କଳ ଅଡିଟୋରିୟମ୍‌ଠାରେ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି-୨୦୧୯କୁ ନେଇ ପ୍ରସ୍ତୁତ ଖସଡ଼ା ଉପରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଜାତୀୟ ଶିକ୍ଷାନୀତି-୨୦୧୯ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। କେତେକ ସଂଶୋଧନ ପ୍ରସ୍ତାବ କର୍ମଶାଳାରେ ଗୃହୀତ ହୋଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ ବୋଲି ଓଷ୍ଟା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ଏହି ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଦୁଇଟି ପର୍ଯ୍ୟାୟରେ କରାଯାଇ ପ୍ରସ୍ତୁତ ଖସଡ଼ା ଉପରେ ସବିଶେଷ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି। ପ୍ରଥମାର୍ଦ୍ଧରେ ରାଜ୍ୟର ବିଶିଷ୍ଟ ଶିକ୍ଷାବିତ୍ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭ ଲିଖିତ ଭାବେ ଉପସ୍ଥାପନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ଶିକ୍ଷାବିତ୍ ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ, ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଅମିୟ ମହାନ୍ତି ଓ ପ୍ରାଧ୍ୟାପକ ସୁରେନ୍ଦ୍ର ଜେନା ସମ୍ମାନିତ ଅତିଥି ଏବଂ ଆଲୋଚକ ଭାବେ ଯୋଗଦେଇ ନୂତନ ଖସଡ଼ା ‘ଜାତୀୟ ଶିକ୍ଷାନୀତି -୨୦୧୯’ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କର୍ମଶାଳାର ଦ୍ୱିତୀୟାର୍ଦ୍ଧରେ ଦଳଗତ ଆଲୋଚନା ହୋଇଥିଲା। ରାଜ୍ୟର ୩୦ ଜିଲା ଏବଂ ଏକ ସାଙ୍ଗଠନିକ ଜିଲାରୁ ଅଂଶଗ୍ରହଣ କରିଥିବା ଶିକ୍ଷକ ନେତାମାନଙ୍କୁ ୪ ଦଳରେ ବିଭକ୍ତ କରାଯାଇ ଖସଡ଼ା ଉପରେ ତର୍ଜମା କରାଯିବା ପରେ ନିଷ୍କର୍ଷ ବାହାର କରାଯାଇଥିଲା। ଓଷ୍ଟା ସଭାପତି ବିନୋଦ ବିହାରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଙ୍ଗଠନ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଭିତ୍ତିପତ୍ର ଉପସ୍ଥାପନ କରିଥିଲେ।



# ଦେଶରେ ବୈକଳ୍ପିକ ବ୍ୟବସ୍ଥାର ସ୍ୱପ୍ନ ଦେଖିଥିଲେ ଶ୍ୟାମା ପ୍ରସାଦ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୩।୬(ବ୍ୟୁରୋ):** ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାଜପା ବିଚାରଧାରା ଓ ରାଜନୈତିକ ଆନ୍ଦୋଳନର ପ୍ରଣେତା ଥିଲେ। ତାଙ୍କ ନେତୃତ୍ୱରେ ଭାରତୀୟ ଜନସଂଘର ପ୍ରତିଷ୍ଠା ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଭାଜପା ଆକାରରେ ବଡ଼ ବଟ ବୃକ୍ଷର ରୂପ ନେଇଛି । ଆଜି ଦେଶ ସେବାର ଦାୟିତ୍ୱ ସେହି ବିଚାରଧାରାକୁ ମିଳିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭାରତୀୟ ଜନ ସଂଘର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥି ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଧର୍ମେନ୍ଦ୍ର ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଶ୍ୟାମା ପ୍ରସାଦ ଦେଶରେ ଏକ ବୈକଳ୍ପିକ ବ୍ୟବସ୍ଥାର ସ୍ୱପ୍ନ ଦେଖିଥିଲେ। କେବଳ ଗୋଟିଏ ଦେଶରେ ଦୁଇଟି ବିଧାନ ଓ ଦୁଇଟି ନିଶାନର କଥା ନ ଥିଲା। ମୂଳଭୂତଭାବେ ଦେଶର ଅର୍ଥନୀତି କେଉଁଭଳି ହେବ, ଦେଶର ବିକାଶ, ରାଷ୍ଟ୍ରୀୟ ସୁରକ୍ଷା, ସମାଜ ନୀତି କିପରି ହେବ ଓ ଆମୂଳଚୂଳ ବିକଳ୍ପ ରଖୁଥିବା ନେତା ଶ୍ୟାମା ପ୍ରସାଦ ଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୂର୍ଯ୍ୟକାନ୍ତ



ନୀହାରିକା



ସୁଶୀଲ



ହରପ୍ରିୟା



ହିମାଂଶୁ



ଚିନ୍ମୟ



A NEW LOCATION.
A NEW STORE. A NEW YOU.
Grand Opening Today at 11.00 A.M.
Come, visit the new Raymond store at Patia, Bhubaneshwar.
Explore our wide range of fine fabrics, suave Ready-to-Wear collections and experience the charm of Custom Tailoring.
INAUGURAL DISCOUNT OF 10% ON EVERY PURCHASE
Raymond
Kalamandir Group, Plot No. 389,
Patia Main Road, Bhubaneswar. Tel: 0674-2975083

# ରଥରେ ପଡ଼େ ୯ ହରିବୋଲ

**ପୁରୀ ଅଫିସ, ୨୩।୬**



ଶ୍ରୀଜଗନ୍ନାଥଙ୍କୁ ହରି ଭାବରେ ସମ୍ବୋଧନ କରାଯାଏ। ଶାସ୍ତ୍ର, ପୁରାଣରେ ଏହା ବର୍ଣ୍ଣିତ ରହିଛି। ପ୍ରତ୍ୟେକ ଏକାଦଶୀ ଦିନ ଶ୍ରୀମନ୍ଦିରରେ ମହାଦୀପ ଉଠିବା ପରେ ହରିବୋଲ ପଡିଥାଏ। ହରିବୋଲ ଶବ୍ଦ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡିତ ରହିଛି। ଯେ କୌଣସି ଶୁଭ, ମଙ୍ଗଳ କାର୍ଯ୍ୟର ଆରମ୍ଭ, ମଧ୍ୟାନ୍ତର ଓ ଶେଷରେ ହରିବୋଲ ପକାଇବାର ପରମ୍ପରା ରହିଛି। ହରିବୋଲ ପକାଇ ହରିଙ୍କୁ ହିଁ ସ୍ମରଣ କରାଯାଏ। ହରିବୋଲ ଶବ୍ଦ ଉଚ୍ଚାରଣ ମାତ୍ରକେ ମନରେ ପବିତ୍ର, ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନା ଭାବ ଜାଗ୍ରତ ହୋଇଥାଏ। ଆବାହମାନ କାଳରୁ ରଥ ନିର୍ମାଣ ସହ ଜଡ଼ିତ ରହିଛି ହରିବୋଲ। ରଥ ନିର୍ମାଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୯ ଥର ହରିବୋଲ ପଡିଥାଏ। ରବିବାର ପ୍ରତି ରଥରେ ଛ କାଠ ଉଠିଥିଲା। ଛ କାଠ ଉଠିବା ପରେ ଭୋଇ ସେବକ ମାନେ ନିଜ ବାଡରେ ଠିଆ ହୋଇ ହରିବୋଲ ଡାକ ଛାଡିଥିଲେ। ରଥଖଳାରେ ଏକ ଆଧ୍ୟାତ୍ମିକ ବାତାବରଣ ଖେଳିଯାଇଥିଲା। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନେ ଏହାକୁ ଉତ୍ସାହର ସହ ଦେଖିଥିଲେ।

**ହରିବୋଲ ୧:** ଶ୍ରୀକ୍ଷେତ୍ର ଭଉଁରୀରେ ପ୍ରତି ରଥର ଦୁଇଟି ଲେଖାଏ ଚକ ଡେରାଯାଏ। ଅଖ ସହିତ ଚକ ସଂଯୋଗ କରାଯାଏ। ଭୋଇ ସେବକମାନେ ଚକ ସହିତ ଅଖକୁ ସଂଯୋଗ କରି ଡେରିଥାନ୍ତି। ଏହାକୁ ଚକଡେରା ନୀତି କୁହାଯାଏ। ଏହି ନୀତି ସରିବା ପରେ ଭୋଇ ସେବକ ମାନେ ନିଜ ନିଜ ବାଡରେ ରହି ହରିବୋଲ ପକାଇଥାନ୍ତି।

**ହରିବୋଲ ୨:** ସମସ୍ତ ଚକ ଅଖ ସଂଯୋଗ ହୋଇ ଡେରା ସରିବା ପରେ ଦଣ୍ଡା ସେଟ୍ ହୋଇଥାଏ। ପ୍ରଥମେ ଅଖ ଉପରକୁ ପାଞ୍ଚଦଣ୍ଡା ଉଠିଥାଏ। ତିନିରଥର ପାଞ୍ଚଦଣ୍ଡା ଉଠିସାରିବା ପରେ ଭୋଇ ସେବାକମାନେ ହରିବୋଲ ପକାଇଥାନ୍ତି।

**ହରିବୋଲ ୩:** ଦେବସ୍ନାନ ପୂର୍ଣ୍ଣିମାରେ ତିନିରଥର ୪ ନାହାକା ଉଠେ। ଦଣ୍ଡା ଉପରେ ଗରଗରା, ଗରଗରା ଉପରେ ଚାରିନାହାକା ସ୍ଥାପନ ହୋଇଥାଏ। ଏହି ଚାରିନାହାକା ଉଠା କାର୍ଯ୍ୟ ସମାପ୍ତ ପରେ ହରିବୋଲ ପଡିଥାଏ।

**ହରିବୋଲ ୪:** ତିନିରଥର ଚାରିନାହାକା ଉଠିବା ପରେ ଭୂଇଁ ସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ପ୍ରଥମ ଭୂଇଁ ଉଠିବା ପୂର୍ବରୁ ପ୍ରଥମେ ଛ କାଠ ଉଠିଥାଏ। ଏହି ଛ କାଠ ଉଠିସାରିବା ପରେ ହରିବୋଲି ପଡିଥାଏ।

**ହରିବୋଲ ୫:** ରଥର ରଷିପଟା ଲାଗିବା ପରେ ବଡଥାଳି ପୋଟଳ ତା ଉପରେ ଉଠିଥାଏ। ଏହି କାର୍ଯ୍ୟ ଶେଷ ହେବା ପରେ ହରିବୋଲ ପଡିଥାଏ।

**ହରିବୋଲ ୬:** ତିନିରଥର ୧୩ ପରସ୍ତ ପୋଟଳ ଉଠିଥାଏ। ଏହା ଉପରକୁ ଖପୁରି ଉଠାଇବା ପରେ ଭୋଇ ସେବକ ନିଜ ନିଜ ବାଡ ଉପରେ ଠିଆ ହୋଇ ହରିବୋଲ ପକାଇଥାନ୍ତି।

**ହରିବୋଲ ୭:** ପ୍ରତି ରଥରେ ୪ଟି ଲେଖାଏ ଦୁଆର ବେଢା ରହିଥାଏ। ଏହା ରଥର ସୌନ୍ଦର୍ଯ୍ୟ ବୃଦ୍ଧି କରେ। ରଥ ଉପରକୁ ଭୋଇ ସେବକ ମାନେ ଏହି ଦୁଆର ବେଢା ଉଠାଇଥାନ୍ତି। ଏହି କାର୍ଯ୍ୟ ସମ୍ପନ୍ନ ପରେ ହରିବୋଲ ପଡେ।

**ହରିବୋଲ ୮:** ରଥ ଖପୁରୀ ଉପରେ କଳସ ସ୍ଥାପନ ହୋଇଥାଏ। ଏହା ଉପରେ ଅଁଳା, ଦଧି ନଉତି ରହେ। କଳସ ସ୍ଥାପନ ପରେ ଭୋଇ ସେବକମାନେ ହରିବୋଲ ପକାନ୍ତି। ପ୍ରତିରଥର ସିଂହାସନ ପଛରେ ପ୍ରଭା ରହେ। ଏହା ରଥର ଶୋଭାବର୍ଦ୍ଧନ କରେ। ମହାରଣା ମାନେ ନିର୍ମାଣ କରି ସାରିବା ପରେ ରୂପକାର ସେବକ ଏଥିରେ ଖୋଦେଇ କରନ୍ତି। ଚିତ୍ରକାର ଏଥିରେ ରଙ୍ଗ ଦିଅନ୍ତି। ପରେ ଭୋଇ ସେବକ ଏହାକୁ ରଥ ଉପରକୁ ଉଠାନ୍ତି। ଏହି କାର୍ଯ୍ୟ ସମ୍ପନ୍ନ ପରେ ଶେଷ ହରିବୋଲି ପଡିଥାଏ।

ଏ ସମ୍ପର୍କରେ ଭୋଇ ସର୍ଦ୍ଦାର ରବି ଭୋଇ କୁହନ୍ତି, ରଥ ନିର୍ମାଣରେ ଭୋଇ ସେବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରଥଖଳାରେ ମହାରଣାଙ୍କୁ ସମସ୍ତ କାଠ ଯୋଗାଇବା ସହିତ ଅନ୍ୟାନ୍ୟ କାମରେ ସହଯୋଗ କରନ୍ତି। ରଥ ନିର୍ମାଣର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ କାମ ସରିବା ପରେ ହରିବୋଲ ପଡିଥାଏ। ରଥ ନିର୍ମାଣ ବେଳେ ସମୁଦାୟ ୯ଟି ହରିବୋଲ ପଡିଥାଏ। ଏହା କାହିଁକି ପଡେ, ପରମ୍ପରା କଣ ତାହା ଆମକୁ ଜଣାନାହିଁ। ପରମ୍ପରା ରହିଛି। ଆମେ ମଧ୍ୟ ଏହି ପରମ୍ପରାକୁ ବଜାୟ ରଖିଛୁ। ଏଥିରେ କେବେ ହେଲେ ବ୍ୟତିକ୍ରମ କରିନାହୁଁ।



ରଥରେ ୬ କାଠ ସଂଯୋଗ କରାଯାଉଛି।

# ରଥରେ ୬ କାଠ ଉଠିଲା, ପଡ଼ିଲା ହରିବୋଲ

**ପୁରୀ ଅଫିସ, ୨୩।୬**

**ରଥଖଳାରୁ...**



୬ କାଠ ସ୍ଥାପନ ପରେ ହରିବୋଲ ପକାଉଛନ୍ତି ଭୋଇ ସେବକମାନେ।

ରଥଖଳାରେ ଚାଲିଛି ରଥକାମ। ଦେବସ୍ନାନ ପୂର୍ଣ୍ଣମୀରେ ଚାରି ନାହାକା ଉଠିଥିଲା। ଭୋଇ ସେବକ ମାନେ ହରିବୋଲ ସହ ରଥରେ ଚାରି ନାହାକାକୁ ସଂଯୋଗ କରିଥିଲେ। ରଥର ସମସ୍ତ ଭାର ଏହି ଚାରା ନାହାକା ଉପରେ ରହିଥାଏ। ପରେ ତିନି ରଥରେ ପୋଲ ଗୟଳ ମୋଡାଯାଇଥିଲା। ଶନିବାର ତିନିରଥର ଯୋଖା ଲାଗିବା କାମ ଶେଷ ହେବା ସହ ରଥଖଳାରେ ପ୍ରଥମ ଭୂଇଁ ପଡିଥିଲା। ପ୍ରଥମ ଭୂଇଁ ଛଅ କାଠ( ୪ଟି ଚଉତା ଓ ୨ଟି ଓରା) ଖଞ୍ଜା ଯାଇଥିଲା। ୬ଟି ଭୂଇଁ ଦଣ୍ଡା ତଳ ଉପର ରଖାଯାଇ କଣ୍ଟା ବାଡିଆ ହୋଇଥିଲା। ଏଥିରେ ମାଛ ପାଡିଆ, ଛଆଁଣ, ପାଖୁଡା ଭୂଇଁ ଖମ୍ବି, ଭୂଇଁ ଶ୍ରେଣୀ ଆଦି ଦେଇ ଖଞ୍ଜା ଯାଇଥିଲା। ରବିବାର ରଥରେ ୬କାଠ ଚାରି ନାହାକା ଉପରକୁ ଉଠିଥିଲା। ଭୋଇ ସର୍ଦ୍ଦାର ରବି ଭୋଇ କୁହନ୍ତି, ଛ କାଠ ଉଠିବା ପରେ ଭୋଇ ମାନେ ଚତୁର୍ଥ ଥର ହରିବୋଲ ଦେଇଥିଲେ। ଅନ୍ୟପଟେ ରଥଖଳାରେ ୧୪ ନାହାକା କାଠ ହଣା ଚାଲିଛି।

ନନ୍ଦିଘୋଷ ରଥ ରୂପକାର କାହ୍ନୁଚରଣ ମହାପାତ୍ର କୁହନ୍ତି, କଣଗୁଜ ସମାପ୍ତ ହେବା ପରେ ଏବେ ରଥରେ ପଟାଗୁଜ ଖୋଦେଇ ଚାଲିଛି। ଏଥିସହିତ ନାଟଗୋଡ ଓ ସିଂହାସନ ଖୋଦେଇ ଚାଲିଛି। ପଟାଗୁଜରେ ନରବିରାଳ, ସିଂହବିରାଳ ଓ ଗଜବିରାଳ ଖୋଦେଇ ଚାଲିଛି। ନାଟଗୋଡରେ ଏକ ଅସୁର ଚିତ୍ର ଖୋଦେଇ କରାଯାଇଥିବା ବେଳେ ସିଂହାସନରେ ଗଛ, ଡାଳି, ପଦ୍ମପାଖୁଡା ଖୋଦେଇ କରାଯାଇଥାଏ। ସେପଟେ କମାର ଶାଳରେ ଭୂଇଁ କଣ୍ଟା ତିଆରି ଚାଲିଛି। ତାଳଧ୍ୱଜ ରଥ ରୁପକାର ଜଗନ୍ନାଥ ମହାରଣା କୁହନ୍ତି, ପ୍ରଥମ ଓ ଦ୍ୱିତୀୟ ଭୂଇଁ ଲାଗି ପ୍ରତି ରଥରେ ୮ଟି ଲେଖାଏଁ, ତୃତୀୟ ଭୂଇଁରେ ୪ଟି ଲେଖାଏଁ ଭୂଇଁ କଣ୍ଟା ତିଆରି କରାଯାଏ। ଗୋଟିଏ ରଥ ଲାଗି ୨୦ଟି ଭୂଇଁ କଣ୍ଟା ତିଆରି କରାଯିବ। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚିତ୍ରକାର ସେବକ ପାର୍ଶ୍ୱଦେବାଦେବୀ, ନର୍ତ୍ତକୀ, ହଂସପଟାରେ ଚିତ୍ର ଅଙ୍କନ କରୁଛନ୍ତି।

## ଓଷୁଅ ଲାଗି ହେଲେ ଠାକୁର

**ପୁରୀ ଅଫିସ, ୨୩।୬:** ପବିତ୍ର ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗଡ୍ଡୁ ଜଳରେ ସ୍ନାନ କରିବା ପରେ ଏବେ ଜ୍ୱରରେ ପୀଡିତ। ଜ୍ୱରରୁ ଉପଶମ ପାଇବା ପାଇଁ ଅଣସର ଘରେ ଚତୁର୍ଦ୍ଧାବିଗ୍ରହଙ୍କର ଚାଲିଛି ଗୁପ୍ତ ସେବା। ଭିତର ଅଣସର ପିଣ୍ଡିରେ ଚାଲିଥିବା ଏହି ଗୁପ୍ତ ସେବାରେ ଶନିବାର ପଞ୍ଚମୀରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରିଛନ୍ତି ଦଇତାପତି ସେବାୟତ। ରବିବାର ଷଷ୍ଠୀରେ ଶ୍ରୀବିଗ୍ରହଙ୍କୁ ଓଷୁଅ ଲାଗି କରାଯିବାର ପରମ୍ପରା ରହିଛି। ତେଣୁ ମହାପ୍ରଭୁଙ୍କୁ ଓଷୁଅ ଲାଗି କରାଯାଇଛି। ଏ ସମ୍ପର୍କରେ ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ଅଣସର ସମୟରେ ମହାପ୍ରଭୁଙ୍କୁ ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷୁଅ ଲାଗି କରାଯାଇଥାଏ। ଏହି ଚାରିଦିନ ମଧ୍ୟାହ୍ନ ଧୂପ ସରିବା ପରେ ଅଣସର ଘର ଖୋଲିଥାଏ। ଅଣସର ଶୁଦ୍ଧସୁଆର ଝୁଣା, ରାଶିତେଲରେ ପ୍ରସ୍ତୁତ କରିଥିବା ଓଷୁଅ ଦଇତାପତିମାନେ ନେଇ ଶ୍ରୀଅଙ୍ଗରେ ଲେପ ଦିଅନ୍ତି। ଏହାପରେ ଠାକୁରଙ୍କ ଚକଟା ଭୋଗ, ପଣାଭୋଗ ହୋଇ ଅନ୍ୟାନ୍ୟ ନୀତି କରାଯାଏ।



ଷଷ୍ଠ ଦିନରେ ଅଣସର ଦର୍ଶନ

## ପାଗ ଭଲହେବାରୁ ବଢ଼ିଲା ଶ୍ରଦ୍ଧାଳୁଙ୍କ ଭିଡ଼

**ବ୍ରହ୍ମଗିରି, ୨୩।୬(ଡି.ଏନ୍.ଏ.):** ଶ୍ରୀଅଲାରନାଥ ମନ୍ଦିରରେ ଚାଲିଥିବା ଅଣସର ଦର୍ଶନ ରବିବାର ଷଷ୍ଠ ଦିନରେ ପହଞ୍ଚିଛି। ଅନୁକୂଳ ପାଗ ଯୋଗୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଫଳରେ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ଅଲାର ଗାଁ ଭିତରୁ ମନ୍ଦିର ଚାରିପାଖରେ ଲମ୍ବା ଧାଡି ଲାଗିଥିଲା। ରାତି ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି, ତଡପଲାଗି, ଅବକାଶ, ୫ଟାରେ ଅଣସରବେଶ, ୫ଟା ୩୦ରେ ତୁଳସୀ ଚନ୍ଦନ ଲାଗି ଓ ଗୋପାଳ ବଲ୍ଲଭ, ସକାଳ ୬ଟାରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ୧୨ଟାରେ ସକାଳ ଧୂପ, ଅପରାହ୍ନ ୨ଟାରେ ମଧ୍ୟାହ୍ନ ଧୂପ, ୨ଟା ୩୦ରେ ପହୁଡ ପଡିଥିଲା। ୨ଟା ୪୫ରେ ଚିଆଁ ପହୁଡ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟା ୭ଟା ୧୦ରୁ ୭ଟା ୪୦ ପର୍ଯ୍ୟନ୍ତ ସନ୍ଧ୍ୟା ଆଳତୀ, ବଡସିଂହାର ବେଶ ଓ ବଡସିଂହାର ଧୂପ ଅନୁଷ୍ଠିତ ହୋଇଥିଲା। ରାତି ୧୧ଟା ୩୦ରେ ଅନ୍ୟାନ୍ୟ ନୀତି ବଢି ପହୁଡ ହୋଇଥିଲା। ପାଗ ଭଲ ରହିବା ଯୋଗୁ ଆନନ୍ଦ ବଜାରରେ ଭିଡ ଜମିଥିଲା। ଦିନ ତମାମ ପୋଲିସ ତରଫରୁ କଡା ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଜଣେ ବୃଦ୍ଧ ଦର୍ଶନ ସମୟରେ ଅଚେତ ହୋଇଥିବା ଜଣାପଡ଼ିଛି।

## ଶ୍ରୀଜଗନ୍ନାଥପୁରୀ ଓ କାଞ୍ଚିପୁରୀ

ଭାରତବର୍ଷରେ କାଞ୍ଚିପୁରୀ ଯେତିକି ପ୍ରସିଦ୍ଧ ତା'ଠୁ କାହିଁ କେତେଗୁଣ ଶ୍ରୀଜଗନ୍ନାଥପୁରୀ ପ୍ରସିଦ୍ଧ। ଉଭୟ ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିରୁ ବହୁ ପ୍ରାଚୀନ କାଳରୁ ସମ୍ବନ୍ଧିତ। ଦକ୍ଷିଣ ଭାରତର କାଞ୍ଚିପୁରୀ ଯେମିତି ବିଦ୍ୟାନଗରୀ ଭାବରେ ପ୍ରସିଦ୍ଧ ଥିଲା, ପୂର୍ବ ଭାରତରେ ସେମିତି ଶ୍ରୀଜଗନ୍ନାଥପୁରୀ ବିଦ୍ୟାନଗରୀ ଭାବରେ ସୁନାମ ଅର୍ଜନ କରିଥିଲା। କାଞ୍ଚିପୁରୀର ବହୁ ସାଧୁ, ସନ୍ଥ ଓ ଯୋଗୀ ଚତୁର୍ଥ ଶତକରୁ ନୀଳାଦ୍ରି କ୍ଷେତ୍ରକୁ ଆସି ନିଜ ପରମ୍ପରା ଓ ବିଶ୍ୱାସକୁ ନୀଳାଦ୍ରିନାଥଙ୍କଠାରେ ଦେଖିଥିଲେ। କାଞ୍ଚି ରାଜାଙ୍କର ଓଡ଼ିଶାର ଗଜପତିମାନଙ୍କ ସହିତ ବନ୍ଧୁ ବେଭାର ବି ଥିଲା।

ଅବସ୍ଥା ଚକ୍ରରେ ପ୍ରାୟ ୮୦୦ ବର୍ଷ ତଳେ ଗଙ୍ଗବଂଶୀ ଗଜପତି ଅନଙ୍ଗଭୀମ ଦେବ କାଞ୍ଚି ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧ ହେଲା। ଜିତିଲେ ମଧ। ସୂର୍ଯ୍ୟବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବ ଦାକ୍ଷିଣାତ୍ୟ ଅଭିଯାନ କାଳରେ ଦ୍ୱିତୀୟଥର ପାଇଁ କାଞ୍ଚି ବିଜୟ କରି କଳିଙ୍ଗ ସାମ୍ରାଜ୍ୟରେ ବହୁ ବର୍ଷ ଧରି ମିଶାଇ ରଖିଥିଲେ। ତାଙ୍କ ପୁଅ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଜେମାଙ୍କୁ ଇଚ୍ଛା କରିଥିଲେ, କାରଣ ପିତାଙ୍କ ଅମଳରୁ ଥିବା ଗୋଟିଏ କରଦ ରାଜ୍ୟର ରାଜଜେମାଙ୍କୁ ଇଚ୍ଛା କରିବା ତାଙ୍କ ପାଇଁ ବଡ଼ କଥା ନ ଥିଲା। କାଞ୍ଚିରାଜାଙ୍କୁ ରଥଯାତ୍ରା ଦେଖିବାକୁ ସେ ଡାକିଥିଲେ। ରାଣୀ ଓ ରାଜଜେମା କାଞ୍ଚିରାଜାଙ୍କ ସହ ଆସିଥିଲେ। ରଥ ଉପରେ ପୁରୁଷୋତ୍ତମ ଦେବଙ୍କ ଛେରାପହଁରା ଦେଖି ଫେରିଥିଲେ। ବନ୍ଧୁ ଭାବ ନିବିଡ଼ ଥିଲା। ରାଜଜେମାଙ୍କ ପ୍ରସ୍ତାବ ଯିବା ପରେ କାଞ୍ଚିରାଜାଙ୍କ ବନ୍ଧୁପଣିଆ ଭିତରେ ଥିବା ଅହଂକାର ଜଣାପଡିଥିଲା। ପ୍ରସ୍ତାବ ଫେରାଇଲେ ନାହିଁ ଯେ, ଚାଣ୍ଡାଳ ଶବ୍ଦ ପ୍ରୟୋଗ କରି ଅପମାନିତ କଲେ ବୋଲି ଦୂତଠୁ ଶୁଣିଲେ। ଯୁଦ୍ଧ ଘୋଷଣା କଲେ ଗଜପତି। ୧୪୬୩ ମସିହା କଥା। ଗଜପତି ହାରିଗଲେ। ପୁଣିଥରେ ପରବର୍ଷ ଯୁଦ୍ଧ ଘୋଷଣା କଲେ। ମହାପ୍ରଭୁଙ୍କ ଆଶୀର୍ବାଦ ନେଇଗଲେ। ଯୁଦ୍ଧରେ ଜିଣି ରାଜଜେମାଙ୍କୁ ଆଣିଲେ। ସେତିକିବେଳେ ଆଉ



**ଐତିହ୍ୟ ପୃଷ୍ଠାରୁ...**

୮ଟି ସ୍ମୃତି ବି ଓଡ଼ିଶାକୁ ଆଣିଥିଲେ। ସ୍ମୃତିଗୁଡ଼ିକ ଓଡ଼ିଶାରେ ଏବେ ବି ଜୀବନ୍ତ ଅଛନ୍ତି।

ସତ୍ୟବାଦୀରେ ପୂଜିତ ଶ୍ରୀଗୋପାଳ ସେଇବେଳରେ ଓଡ଼ିଶାକୁ ଆସିଥିଲେ। ଶ୍ରୀମନ୍ଦିର ବେଢାରେ ବିଜେ କରିଥିବା କାଞ୍ଚିଗଣେଶ, କୋରାପୁଟର ଜୟପୁରଠାରେ ବିଜେ କରିଥିବା ଶ୍ରୀବଲ୍ଲଭ ନାରାୟଣ, ପାରଳାଖେମୁଣ୍ଡିଠାରେ ପୂଜିତ ଦେବୀ ମାଣିକେଶ୍ୱରୀ, ଗଞ୍ଜାମର ଜରଡ଼ାଠାରେ ବିଜେ କରିଥିବା ସାରଥି ଗୋସେଇଁ ବା ଶ୍ରୀପାର୍ଥସାରଥି, ଋଷିକୁଲ୍ୟା ନଦୀ ଉପତ୍ୟକାରେ ପ୍ରସିଦ୍ଧି ପାଇଥିବା ଶ୍ରୀସୁନ୍ଦର ମାଧବ, ଗଡ଼ମାଣିତ୍ରୀର ଶ୍ରୀଗୋବିନ୍ଦଜୀଉ ଓ ଘଟଗାଁର ମା' ତାରିଣୀ ଆଜି ବି ସ୍ମୃତି ବହନ କରି ଓଡ଼ିଶାରେ ରହିଛନ୍ତି।



ବିଜୟ ସ୍ମୃତିରେ ବାଲେଶ୍ୱର ଜିଲାରେ ମୁଗୁନିପଥରରେ ତିଆରି ଧଳାଘୋଡା ଓ କଳାଘୋଡା ଉପରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ପ୍ରତିଷ୍ଠା ପାଇଛନ୍ତି। କଟକ ନିକଟରେ ମହାନଦୀ ସେପଟେ ଗଜପତିଙ୍କ ଅନୁମତିକ୍ରମେ ତିନୋଟି ବ୍ରାହ୍ମଣ ଶାସନ, ଗଞ୍ଜାମ ଜିଲାର ମନ୍ତ୍ରିଡିଠାରେ ସେଇ ସ୍ମୃତିରେ ନିର୍ମିତ ହୋଇଥିବା ଶ୍ରୀଜଗନ୍ନାଥ ମନ୍ଦିର ଆଜି ବି ଐତିହାସିକ ସ୍ମୃତି ବହନ କରି ଓଡ଼ିଶାର ଐତିହ୍ୟକୁ ଗୌରବମୟ କରୁଛି।

–ଡ. ସୁରେନ୍ଦ୍ର କୁମାର ମିଶ୍ର

# ରଥରେ ଯା'ନ୍ତି ଗନ୍ଧର୍ବ, ଯକ୍ଷ ଓ ଅପ୍‌ସରା

**ପୁରୀ ଅଫିସ, ୨୩।୬**

ବିଶ୍ୱବ୍ରହ୍ମାଣ୍ଡର ହିତ ନିମନ୍ତେ ଅନୁଷ୍ଠିତ ହୋଇଥାଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା। ଏଥିପାଇଁ ପ୍ରତିବର୍ଷ ତିନିଗୋଟି ରଥ ନିର୍ମିତ ହୋଇଥାଏ। ଏହି ରଥରେ ଚତୁର୍ଦ୍ଧାବିଗ୍ରହଙ୍କ ସହିତ ରାମ, କୃଷ୍ଣ ଓ ମଦନମୋହନ ଯାଇଥାନ୍ତି। ଏଥିସହିତ ଗନ୍ଧର୍ବ, ଯକ୍ଷ ଓ ଅପ୍‌ସରାମାନେ ମଧ ଯାତ୍ରା କରିଥାନ୍ତି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପୁରାଣ ମତରେ ଗନ୍ଧର୍ବ ଅର୍ଥ ଦେବତାଙ୍କ ଶ୍ରେଣୀବିଶେଷ। ଏମାନେ ସ୍ୱର୍ଗରେ ରହନ୍ତି ଓ ଗାନ କରନ୍ତି। ଅଗ୍ନି ପୁରାଣରେ ଗନ୍ଧର୍ବଙ୍କର ୧୧ ପ୍ରକାର ଭେଦ କଳ୍ପନା କରାଯାଇଛି। ବେଦରେ ଗନ୍ଧର୍ବଙ୍କୁ ଦୁଇଶ୍ରେଣୀରେ ବିଭକ୍ତ କରାଯାଇଛି ଯଥା ସ୍ୱର୍ଗବାସୀ ଓ ଅନ୍ତରୀକ୍ଷବାସୀ। ଗନ୍ଧର୍ବମାନଙ୍କର ସ୍ୱାମୀ ବରୁଣ ଓ ମତାନ୍ତରେ କୁବେର। ଗନ୍ଧର୍ବମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ ଭକ୍ତ ଅଟନ୍ତି। ତେଣୁ ରଥଯାତ୍ରା ସମୟରେ ରଥର ନିର୍ଦ୍ଦିଷ୍ଟ ସ୍ଥାନରେ ରହି ଏମାନେ ଯାତ୍ରା କରିଥାନ୍ତି। ଶ୍ରୀବଳଭଦ୍ରଙ୍କ ରଥରେ ଥିବା ଗନ୍ଧର୍ବଙ୍କ ନାମ ହୁହୁ ଏବଂ ଦେବୀ ସୁଭଦ୍ରାଙ୍କ ରଥରେ ଥିବା ଗନ୍ଧର୍ବଙ୍କ ନାମ ହାହା।

ସେହିପରି ଯକ୍ଷ ମଧ ରଥରେ ଅବସ୍ଥାନ କରି ଯାତ୍ରା କରିଥାନ୍ତି। ଯକ୍ଷ ହେଉଛନ୍ତି ଦେବଯୋନି ବିଶେଷ। କୁବେରଙ୍କ ଧନ ଓ ଉଦ୍ୟାନର ରକ୍ଷକ। ଏମାନଙ୍କର ସାଧନା କଲେ ସାଧକ ବହୁ ଧନଶାଳୀ ହୋଇଥାନ୍ତି। ଏମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରମ ଭକ୍ତ। ତେଣୁ ରଥଯାତ୍ରା ସମୟରେ ଯକ୍ଷ ମଧ ଯାତ୍ରାରେ ସାମିଲ ହୋଇଥାନ୍ତି। ଶ୍ରୀଜଗନ୍ନାଥଙ୍କ ରଥରେ ଥିବା ଯକ୍ଷଙ୍କ ନାମ ହର୍ଯ୍ୟକ୍ଷ। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଯାତ୍ରା କରୁଥିବା ଯକ୍ଷଙ୍କ ନାମ କିଂକ୍ୱଳିକା। ଏଥିସହିତ ଅପ୍‌ସରାମାନେ ମଧ ରଥରେ ବସି ଠାକୁରଙ୍କ ସହିତ ଯାତ୍ରା କରିଥାନ୍ତି। ଅପ୍‌ସରାମାନେ ସ୍ୱର୍ଗର ନର୍ତ୍ତକୀ। ଏମାନେ ଇନ୍ଦ୍ରଙ୍କ ରାଜସଭା ସୁଧର୍ମାରେ ଗୀତ ଗାଇ ନାଚନ୍ତି। ଏମାନେ ଅତି ସୁନ୍ଦରୀ ଓ ନୃତ୍ୟଶୀଳା। ଏ ସମସ୍ତେ ସମୁଦ୍ର ମନ୍ଥନରୁ ଜାତ। ଏମାନଙ୍କ ମଧ୍ୟରୁ ୨ ଜଣ ଅପ୍‌ସରା ପୁଲୋମୋଚା ଓ ଉର୍ବଶୀ ନନ୍ଦିଘୋଷ ରଥରେ ଯଥାସ୍ଥାନରେ ଅବସ୍ଥାନ କରି ଯାତ୍ରା କରିଥାନ୍ତ। ଏହିପରି ଭାବେ ରଥରେ ଠାକୁରମାନଙ୍କ ସହିତ ଗନ୍ଧର୍ବ, ଯକ୍ଷ ଓ ଅପ୍‌ସରାମାନେ ଯାଇଥାନ୍ତି।







ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ,
ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭୁବନେଶ୍ୱର ଅଟୋରିକ୍ସା ମହାସଂଘର ସମ୍ବର୍ଦ୍ଧନା ଉତ୍ସବ ଓ ରକ୍ତଦାନ ଶିବିର, ସୂଚନା ଭବନ, ପୂର୍ବାହ୍ନ ୯ଟା ୩୦।
- ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା।
- କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ପକ୍ଷରୁ କର୍ମଶାଳା ଶିବିର, କୃଷି ଭବନ, ପୂର୍ବାହ୍ନ ୧୦ଟା।
- ସମାଜବାଦୀ ପାର୍ଟି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୩୫ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ମାଲ୍ୟାର୍ପଣ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷାସନ୍ଧାନ ପକ୍ଷରୁ ରାଜ୍ୟସ୍ତରୀୟ ସଭା, ରୋଟାରୀ ଭବନ, ପୂର୍ବାହ୍ନ ୧୧ଟା।
- ଗୋଷ୍ଠୀ ବେତାର ଯୁବ ଖବରଦାତାଙ୍କ ତାଲିମ ଓ ଦକ୍ଷତା ବୃଦ୍ଧି କର୍ମଶାଳା, ଇମେଜ୍, ପୂର୍ବାହ୍ନ ୧୧ଟା।
- ସମାଜବାଦ ସଙ୍ଗଠନ ଲୋହିଆ ଏକାଡେମୀ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଓ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।
- ସ୍ୱର-ରଙ୍ଗ ଅନୁଷ୍ଠାନ ପକ୍ଷରୁ ପ୍ରଣବ-ରଙ୍ଗଙ୍କ ୧୨୨ତମ ଜୟନ୍ତୀ ଉତ୍ସବ, ରୋଟାରୀ ଭବନ, ୟୁନିଟ-୯, ସନ୍ଧ୍ୟା ୬ଟା।
- ରେଡ୍ ସ୍ୱସ୍ତିକ ସୋସାଇଟି ପକ୍ଷରୁ ଆୱାର୍ଡ ପ୍ରଦାନ ଉତ୍ସବ, ଉତ୍କଳ ମଣ୍ଡପ, ୟୁନିଟ-୪, ସନ୍ଧ୍ୟା ୬ଟା।
- ବୟନିକା ପକ୍ଷରୁ ଡିଜାଇନରସ୍ କଲେକ୍ସନ ସେଣ୍ଟର ଉନ୍ମୋଚନ, ପ୍ରଥମ ମହଲା, ବୟନ ଭବନ, ୟୁନିଟ-୩, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖି ପୀଠ, ଭୁବନପୁର, ରାତି ୭ଟା।

## ■ ପୋଲିସ ଅବହେଳାରୁ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

# କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ପରେ ବି ଟେକାମାଡ଼

- ■ ୮ଶହ ଟଙ୍କା ଦେଇ ମାମଲା ରଫାଦଫା କଲେ ତଦନ୍ତ ଅଧିକାରୀ
- ■ ଜମି ଉପରେ ଅଭିଯୁକ୍ତଙ୍କ ନଜର, ମହିଳାଙ୍କ ଜୀବନ ପ୍ରତି ବିପଦ
- ■ ପୋଲିସ କମିଶନର କହିଲେ ତଦନ୍ତ ହେବ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ବଡ଼ଗଡ ଥାନା ଅଞ୍ଚଳରେ ପୋଲିସ ଅବହେଳାରୁ ଜଣେ ମହିଳାଙ୍କ ଘର ଭାଙ୍ଗିବା ସହ ମରଣାନ୍ତକ ଆକ୍ରମଣ କରାଗଲା। ମହିଳାଙ୍କୁ ହସ୍ପିଟାଲ ନେବା ବଦଳରେ ପୋଲିସ ଥାନାରେ ବସାଇ ରଖିଲା। ଏପରିକି ମାମଲା ରୁଜୁ କଲାନି କି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲାନି। ଶେଷରେ ମହିଳାଙ୍କୁ ୮ଶହ ଟଙ୍କା ଦେଇ ମାମଲାକୁ ରଫାଦଫା କରିଦେଲା। ଏପରିକି କାର୍ଯ୍ୟାନୁଷ୍ଠାନ ପାଇଁ ଅତିରିକ୍ତ ଡିସିପିଙ୍କ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଭିଯୁକ୍ତମାନେ ପୁଣି ଧମକ ଦେବା ସହ ତାଙ୍କ ଘର ଉପରକୁ ଟେକାମାଡ଼ କରିଛନ୍ତି। ଅଭିଯୁକ୍ତମାନେ ତାଙ୍କ ଜମି କବ୍ଜା କରିବାକୁ ଉଦ୍ୟମ କରୁଥିବା ଓ ଜୀବନ ପ୍ରତି ବିପଦ ଥିବା ନେଇ ମହିଳା ଜଣକ ଜଣାଇଛନ୍ତି।

ଅଭିଯୋଗ ମୁତାବକ, ବରଗଡ ଥାନା ଅନ୍ତର୍ଗତ ମହିଷାଖାଲ ବିଜେବି ନଗରରେ ସୁନିତା ଦିଗଲ ରୁହନ୍ତି। ୩ ବର୍ଷ ପୂର୍ବେ ବାପାଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀ ରାଜସ୍ଥାନରେ ରହୁଥିବାରୁ ସେ ଘରେ ଏକୁଟିଆ ରହୁଛନ୍ତି। ଗତ କିଛିଦିନ ହେବ କେତେଜଣ ଲୋକ ତାଙ୍କ ଜମି କବ୍ଜା ପାଇଁ ଉଦ୍ୟମ ଚଳାଇଛନ୍ତି। ସେମାନେ ବିଳମ୍ବିତ ରାତିରେ ତାଙ୍କ ଘର ଉପରକୁ ଟେକା ଫିଙ୍ଗିବା ସହ ନାନାଦି ହଇରାଣ ହରକତ କରୁଛନ୍ତି। ଏ ନେଇ ଗତ ୧୧ ତାରିଖରେ ସୁନିତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅଭିଯୁକ୍ତମାନେ ଗତ ୧୭ ତାରିଖ ସନ୍ଧ୍ୟା ସାଢେ ୬ଟାରେ ତାଙ୍କ ଘର କବାଟ ଭାଙ୍ଗି ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କଲେ। ଏଥିସହ କାଠ ଫାଳିଆରେ ତାଙ୍କୁ ନିସ୍ତୁକ ପିଟିଲେ। ଫଳରେ ତାଙ୍କର ହାତଗୋଡ ପିଠିରେ ଗଭୀର କ୍ଷତ ସୃଷ୍ଟି ହେବା ସହ ଶରୀରରେ ଗଭୀର ଆଘାତ ଲାଗିଥିଲା। ଜୀବନ ବଞ୍ଚାଇବାକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଥାନାକୁ ଦୌଡ଼ି ପଳାଇଥିଲେ। ପୋଲିସ ଅଭିଯୋଗ ଶୁଣିଲେନି। ଏପରିକି ମେଡିକାଲ ନ ନେଇ ୨ ଘଣ୍ଟା ଥାନାରେ ବସାଇଲା। ଶେଷରେ ବାଧହୋଇ ସୁନିତା ରାତି ୯ଟାରେ ଜଣେ ସମ୍ପର୍କୀୟଙ୍କୁ ଡକାଇ ଡିସିପି ଅଫିସକୁ ଯାଇଥିଲେ। ଡିସିପିଙ୍କ ସହ ଭେଟ ହୋଇ ନ ଥିଲା। ହେଲେ ମହିଳାଙ୍କ ଏପରି ଅବସ୍ଥା ଦେଖି ଡିସିପି ଅଫିସ୍ ପକ୍ଷରୁ ବରଗଡ ଥାନାକୁ ଫୋନ କରାଯାଇ ତାଙ୍କୁ ସେଠାକୁ ପଠାଗଲା। ପୋଲିସ ପିସିଆର୍ ଭ୍ୟାନ୍‌ରେ ତାଙ୍କୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଇ ଘରେ ଛାଡିଥିଲା। ହେଲେ ପୋଲିସ କୌଣସି ମାମଲା ରୁଜୁ କଲାନାହିଁ। ଗତ ୧୮ ତାରିଖରେ ତଦନ୍ତକାରୀ ଅଧିକାରୀ ବୈକଣ୍ଠ ବେହେରା ମେଡିସିନ ଖର୍ଚ୍ଚ ପାଇଁ ତାଙ୍କୁ ଜବରଦସ୍ତ ୮ଶହ ଟଙ୍କା ଧରାଇ ମାମଲା ରଫାଦଫା କରି ଘରକୁ ପଠାଇ ଦେଇଥିଲେ। ଶେଷରେ ମହିଳା ଜଣକ ଶନିବାର ଅତିରିକ୍ତ ଡିସିପି ତ୍ରିନାଥ ମିଶ୍ରଙ୍କୁ ଭେଟିଥିଲେ। ଅତିରିକ୍ତ ଡିସିପି ତୁରନ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜୋନ୍ ଏସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଶନିବାର ରାତିରେ ପୁଣି ତାଙ୍କ ଘରକୁ ଟେକାମାଡ଼ ହେବା ସହ ଅଭିଯୁକ୍ତମାନେ ତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ସୁନିତା ରବିବାର ଗଣମାଧ୍ୟମକୁ ଜଣାଇଛନ୍ତି। ବରଗଡ ଥାନା ପୋଲିସ ଅଭିଯୁକ୍ତଙ୍କ ସହ ହାତ ମିଳାଇଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ କହିଛନ୍ତି। ଘଟଣା ସମ୍ପର୍କରେ ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୋଲିସ ଅବହେଳାର ତଦନ୍ତ କରାଯିବ। ସତ୍ୟସତ୍ୟ ଜଣାପଡିଲେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଦେବଦୂତ ସାଜିଲେ ଆର୍‌ପିଏଫ୍ କନଷ୍ଟେବଲ

### ■ ଟ୍ରେନ୍ ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନରେ କାର୍ଯ୍ୟରତ ଆର୍‌ପିଏଫ୍ କନ୍‌ଷ୍ଟେବଲ ଏନ୍.ବି. ରାଓଙ୍କ ପାଇଁ ଜଣେ ଯାତ୍ରୀ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ପୂରା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବାବେଳେ ସବୁଠି କନ୍‌ଷ୍ଟେବଲଙ୍କୁ ସାବାସ୍ ଜଣାଉଛନ୍ତି। ଉଦ୍ଧାର ଯାତ୍ରୀ ଜଣକ ହେଲେ ପଶ୍ଚିମବଙ୍ଗ ତମଲୁକ ଥାନା ଅନ୍ତର୍ଗତ ମଥୁରୀ ଅଞ୍ଚଳର ନାଜିର ମଲ୍ଲିକ। ନାଜିର ଭୁବନେଶ୍ୱରରୁ ଭଦ୍ରକ ଯାଉଥିବା ମେମୁ ପାସେଞ୍ଜର ଟ୍ରେନରେ କଟକ ଅଭିମୁଖେ ଚଢ଼ିଥିଲେ। ଟ୍ରେନ୍ ଆଗକୁ ଗଡୁଥିବାବେଳେ କୌଣସି କାରଣରୁ ହଠାତ୍ ନାଜିର ତରବରରେ ତଳକୁ ଓହ୍ଲାଉଥିଲେ। ତାଙ୍କ ଗୋଡ଼ ଖସି ଯିବାରୁ ପ୍ଲାଟ୍‌ଫର୍ମ ଧାରରେ ପଡ଼ିଯାଇ ଟ୍ରେନ୍ ତଳକୁ ଖସି ଯାଉଥିଲେ। ଏହି ସମୟରେ ଚାଲି ଚାଲି ଯାଉଥିବା ଆର୍‌ପିଏଫ୍ କନ୍‌ଷ୍ଟେବଲ ରାଓ ସତେ ଯେପରି ଦେବଦୂତ ସାଜିଥିଲେ। ନାଜିର ଖସିପଡିବା ପରେ ଦୁଇଗୋଡ଼ ଟ୍ରେନ୍ ତଳକୁ ଖସି ଯାଉଥିଲା। ଏହାଦେଖି କନଷ୍ଟେବଲ ଦୌଡ଼ିଯାଇ ତାଙ୍କୁ ଟାଣି ଆଣିଥିଲେ। ପରେ ସେଠାରେ ଅନ୍ୟ ଯାତ୍ରୀଙ୍କ ଭିଡ଼ ଜମିଥିଲା। ସମସ୍ତଙ୍କ ମୁହଁରେ କନଷ୍ଟେବଲ ରାଓଙ୍କ ପ୍ରଶଂସା। ନାଜିର ମଧ୍ୟ ତାଙ୍କୁ ଭଗବାନ ବୋଲି କହିପକାଇଥିଲେ।

### ■ ଶହୀଦଙ୍କ ମରଶରୀର ଉପରେ ବିଜେଡି ପତାକା ଘଟଣା

## କ୍ୟାପିଟାଲ ଥାନାରେ ଅଭିଯୋଗ

ଭୁବନେଶ୍ୱର,୨୩।୬(ବ୍ୟୁରୋ)



ଜମ୍ମୁ କଶ୍ମୀରର ଅନନ୍ତନାଗ ଅଞ୍ଚଳରେ ଆତଙ୍କବାଦୀଙ୍କ ଆଇଡି ବିସ୍ଫୋରଣରରେ ଶହୀଦ ହୋଇଥିବା ଓଡିଆ ଯବାନ ଅଜିତ ସାହୁଙ୍କ ମରଶରୀରକୁ ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିଅନରୁ ନିଜ ଗ୍ରାମ ଢେଙ୍କାନାଳ ବଡସୁଆଁଳ ଗ୍ରାମକୁ ନିଆଯାଉଥିଲା। ବାଟରେ କଟକ ଜିଲା ଅଞ୍ଚଳରେ କେତେଜଣ ବ୍ୟକ୍ତି ଶହୀଦଙ୍କ ମରଶରୀର ଉପରେ ରଖାଯାଇଥିବା ତ୍ରିରଙ୍ଗା ପତାକା ଉପରେ ବିଜେଡି ପତାକା ପକାଇ ଦେଇଥିଲେ। ଏହା ଶହୀଦ ଓ ତ୍ରିରଙ୍ଗା ପ୍ରତି ଅପମାନ ହୋଇଥିବାରୁ ଏନେଇ ଓଡ଼ିଶା ଲୋକଦଳ ପକ୍ଷରୁ ରବିବାର କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ପୋଲିସ ଅଭିଯୋଗକୁଗ ଗ୍ରହଣ କରିବା ସହ ତଦନ୍ତ କରୁଥିବା କହିଛି। ତେବେ ଏ ସଂକ୍ରାନ୍ତରେ ଓଡ଼ିଶା ଲୋକଦଳର ସଭାପତି ଦିପ୍ତୀରଞ୍ଜନ ମହାନ୍ତି କହିଛନ୍ତି, ଦେଶ ପାଇଁ ଜୀବନ ଦେଇଥିବା ଜଣେ ବୀରଙ୍କୁ ଦଳୀୟ ପତାକା ପକାଇ ଏଭଳି ଅପମାନ କରିବା ବଡ଼ ଅପରାଧ। ଏହାଦ୍ୱାରା ଜାତୀୟ ସ୍ତରରେ ଓଡିଆ ଜାତି ଓ ଶହୀଦଙ୍କୁ ନିନ୍ଦିତ କରାଯାଇଛି। ଦଳୀୟ ପତାକା ପକାଇଥିବା ବ୍ୟକ୍ତିଙ୍କୁ ଦଳରୁ ନିଲମ୍ବନ କରିଦେଲେ ଅପମାନ ଲୁଚି ଯାଏନି। ସେମାନଙ୍କୁ ଆପରାଧିକ ଧାରାରେ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି।

## ବୋମା ମାଡ଼ ଘଟଣା, ୨ ଗିରଫ

**ବାଲିପାଟଣା,୨୩।୬(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ସୁମୁଦି ଗାଁରେ ଗତ ୧୪ତାରିଖରେ ବୋମା ମାଡ଼ କରି ଫେରାର ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ସେମାନେ ହେଲେ ସୁମୁଦି ଗ୍ରାମର ରାଜୀବ ଲୋଚନ ସ୍ୱାଇଁ ଓରଫ ରିଣ୍ଟୁଆ ଓ ତାଙ୍କ ସହଯୋଗୀ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ନୂଆସାହି ଗାଁର ଦୀପକ ରାଉତରାୟ। ପ୍ରକାଶ ଯେ, ଗତ ୧୪ତାରିଖରେ ସୁମୁଦି ଗ୍ରାମର ବଜାର ଉପରେ ରିଣ୍ଟୁଆ ଓ ଦୀପକ ମିଶି ଦୁଇଟି ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଏଥିରେ ୩ଜଣ ଆହତ ହୋଇଥିଲେ। ବୋମା ମାଡ଼ର କୌଣସି କାରଣ ମଧ ଜଣାପଡି ନ ଥିବା ପୋଲିସ ପ୍ରକାଶ କରିଛି। କୌଣସିସୂତ୍ରରୁ ବାଲିପାଟଣା ପୋଲିସ ଗୋବିନ୍ଦପୁର ଥାନା ଏରଞ୍ଚ ବଜାରରେ ମୁଖ୍ୟ ଅଭିଯୁକ୍ତ ରିଣ୍ଟୁଆ ଥିବା ଜାଣି ଚଢ଼ାଉ କରି ଧରିଥିବାବେଳେ ସହଯୋଗୀ ଦୀପକଙ୍କୁ ତାଙ୍କ ଘରେ ଚଢ଼ାଉ କରି ଗିରଫ କରିଥିବା ପୋଲିସ କହିଛି। ଏ ନେଇ ପୋଲିସ ନଂ ୧୩୮/୧୯ରେ ମାମଲା ରୁଜୁ କରିଛି।





ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ସାଂସ୍କୃତିକ ଅନୁଷ୍ଠାନ 'ସାଂସ୍କୃତିକୀ' ପକ୍ଷରୁ ଆୟୋଜିତ ରବିବାର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲର ଦ୍ୱିତୀୟ ଦିବସରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ବାଣିଜ୍ୟରେ ନିସ୍ ଜୁନିୟର କଲେଜର ଶତପ୍ରତିଶତ ସଫଳତା

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବାଣିଜ୍ୟ ପରୀକ୍ଷାରେ ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଜୁନିୟର କଲେଜର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ପ୍ରଦର୍ଶନ କରିଛନ୍ତି। ନୂପୁର ରାମ ୯୦%ରୁ ଅଧିକ ନମ୍ବର ରଖି ମେଧା ତାଲିକାରେ ସ୍ଥାନ ପାଇବା ସହ ସିଏଚ୍‌ଏସ୍‌ଇ ବାଣିଜ୍ୟ ବିଭାଗର ଶ୍ରେଷ୍ଠ ୨୦ରେ ରହିଛନ୍ତି। ତେଣୁ ଅନୁଷ୍ଠାନ ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ ନୂପୁରଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି। ସୂଚନାଯୋଗ୍ୟ, ନିସ୍ ଜୁନିୟର କଲେଜର ସମସ୍ତ ଛାତ୍ରୀଛାତ୍ର ବାଣିଜ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ୭୦% ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କୁ ବିଭାଗୀୟ ମୁଖ୍ୟ ପ୍ରଫେସର ଇନ୍ଦ୍ରଜିତ ଦାସ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରିଥିବା ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରକାଶ କରିଛନ୍ତି।

## ୩ ଘଣ୍ଟା ଅନ୍ଧାରରେ ଶିଶୁଭବନ

**କଟକ ଅଫିସ,୨୩।୬:** କଟକସ୍ଥିତ ଶିଶୁଭବନରେ ରବିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଲକ୍ଷାଧିକ ଟଙ୍କାର ଜେନେରେଟର ଏହି ସମୟ ମଧ୍ୟରେ କାର୍ଯ୍ୟ କରି ନ ଥିଲା। ଅସହ୍ୟ ଗୁଳୁଗୁଳିରେ ରୋଗୀଙ୍କୁ ୩ ଘଣ୍ଟା କାଟିବାକୁ ପଡ଼ିଲା। ଏ ନେଇ ଶିଶୁଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀ କୁହନ୍ତି, ୪୫ ମିନିଟ୍‌ରୁ ଗୋଟିଏ ଘଣ୍ଟା ମାତ୍ର ବିଦ୍ୟୁତ୍ କାଟ ହୋଇଥିଲା।

## ଜଳବାୟୁ ସଚେତନତା ପଦଯାତ୍ରା





ପଦଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ର।

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଭୁବନେଶ୍ୱରରେ ପ୍ରଥମଥର ପାଇଁ ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବା ସହ ସହରକୁ ସବୁଜ ଭରା କରିବା, ପ୍ଲାଷ୍ଟିକ୍ ବର୍ଜନ କରିବା, ଚଳ ହିଁ ଜୀବନ ପରି ବହୁତ ନାରା ଦେଇଥିଲେ। ଏ ପରିପ୍ରେକ୍ଷୀରେ ଏକ ପଦଯାତ୍ରା ରାଜମହଲ ଓଭରବ୍ରିଜ୍‌ରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଯାଏ ଆସିଥିଲା। 'ଗ୍ଲୋବାଲ କ୍ଲାଇମେଟ ଷ୍ଟ୍ରାଇକ୍' ଅନୁଷ୍ଠାନ ପକ୍ଷରୁ ଏହି ପଦଯାତ୍ରାର ଆୟୋଜନ କରାଯାଇଥିବା ବେଳେ ଜଳବାୟୁକ୍ଷେତ୍ରରେ କାର୍ଯ୍ୟରତ ଗ୍ରୀଟା ଥୁନବର୍ଗ ଏହାକୁ ପରିଚାଳନା କରିଥିଲେ। ଜଳବାୟୁ ନେଇ ସଚେତନତା କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଥିଲା।

## ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦର ଅଧିବେଶନ

ପୁରୀ ଅଫିସ, ୨୩।୬:

ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦର ୨୯ତମ ଅଧିବେଶନ ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ବିଶ୍ୱମ୍ଭର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ପଣ୍ଡିତ ରୋହିତ ଦାଶ, ପଣ୍ଡିତ ଜିତୁ ଦାଶ, ପଣ୍ଡିତ ବାସୁଦେବ ମିଶ୍ର, ପଣ୍ଡିତ ନାରାୟଣ ମିଶ୍ର, ପଣ୍ଡିତ ସୁଧାଂଶୁ ଶେଖର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୈଦିକ ଓ ସନାତନ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ବ୍ରାହ୍ମଣ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବ୍ରାହ୍ମଣ ମାନଙ୍କ ବିକାଶ ଦିଗରେ ଆଲୋଚନା କରାଯାଇଥିଲା। ତୃଣମୂଳ ସ୍ତରରେ ବ୍ରାହ୍ମଣ ମାନଙ୍କୁ ଏକାଠି କରାଯିବା ସହ ସମସ୍ତ ବ୍ରାହ୍ମଣ ମାନଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତି ଲାଗି ନିଷ୍ପତ୍ତି ହୋଇଥିଲା। ପ୍ରତି ଜିଲାରେ ପରିଷଦର ସଙ୍ଗଠନ ରହିବ। ଏକ ଶୃଙ୍ଖଳିତ, ସୁ ସଂସ୍କାର ସମ୍ପନ୍ନ ରାଷ୍ଟ୍ର ଗଠନ ଲାଗି ପ୍ରୟାସ ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅଧିବେଶନରେ ପରିଷଦର ସମସ୍ତ ସଦସ୍ୟ, ଜିଲାର ପ୍ରଭାରୀ, ମୁକ୍ତିମଣ୍ଡପ ପଣ୍ଡିତ ସଭାର ବିଦ୍ୱାନ୍ ତଥା ଓଡ଼ିଶାର ବହୁ ବିଦ୍ୱାନ ମାନେ ଯୋଗଦାନ କରିଥିଲେ।

### କ୍ଷମା ମାଗିଲେ ପଣ୍ଡିତ ଜିତୁ ଦାଶ

ଏକ ବୈଦ୍ୟୁତିକ ଆଧାତ୍ମିକ ଚ୍ୟାନେଲରେ ପ୍ରସାରିତ ଧାରାବାହିକରେ ପଣ୍ଡିତ ଜିତୁ ଦାଶ ବ୍ରାହ୍ମଣମାନଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିଲେ। ଏନେଇ ଚାରିଆଡୁ ସେ ସମାଲୋଚିତ ହୋଇଥିଲେ। ବିଭିନ୍ନ ସଙ୍ଗଠନ ତାଙ୍କୁ ବିରୋଧ କରିଥିଲେ। ରବିବାର ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ଆୟୋଜିତ ଅଧିବେଶନରେ ଯୋଗଦେଇ ସେ ବ୍ରାହ୍ମଣମାନଙ୍କ ପ୍ରତି ଦେଇଥିବା କଟୁ ମନ୍ତବ୍ୟ ଲାଗି କ୍ଷମା ପ୍ରାର୍ଥନା କରିଥିଲେ। ସେ କହିଲେ ଯେ, ବ୍ରାହ୍ମଣଙ୍କୁ ଆକ୍ଷେପ କରିବା ତାଙ୍କ ଅଭିପ୍ରାୟ ନ ଥିଲା। କେବଳ ଶାସ୍ତ୍ର, ପୁରାଣ ଆଲୋଚନା ବେଳେ ଏପରି ଏକ ଶବ୍ଦ ପ୍ରୟୋଗ ହୋଇଯାଇଥିଲା। ଯଦି ଏନେଇ ବ୍ରାହ୍ମଣ ମାନଙ୍କ ମର୍ଯ୍ୟାଦାରେ ହାନୀ ଘଟିଥାଏ, ତେବେ ମୁଁ କ୍ଷମା ଚାହୁଁଛି ବୋଲି କହିଥିଲେ। ଏ ସମ୍ପର୍କରେ ବୈଦିକ ବ୍ରାହ୍ମଣ ପରିଷଦ ନିଜର ସ୍ପଷ୍ଟିକରଣ ରଖିଥିଲା। ପଣ୍ଡିତ ଦାଶଙ୍କୁ ପରିଷଦର ଉପଦେଷ୍ଟା ଭାବେ ଗ୍ରହଣ କରାଗଲା ବୋଲି ପରିଷଦ ସଭାପତି ବିଶ୍ୱମ୍ଭର ମିଶ୍ର କହିଥିଲେ।

## ବ୍ୟବସାୟୀଙ୍କୁ ଆକ୍ରମଣ ପରେ ଲୁଟ ଘଟଣା, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୩।୬(ବ୍ୟୁରୋ):** କ୍ୟାପିଟାଲ ଥାନା ଅଧୀନ ୟୁନିଟ ୧ ନମ୍ବର ହାଟରେ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ୪୦ ହଜାର ଟଙ୍କା ଲୁଟ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ଅଧୀନ ବାଙ୍କୁଆଳ ଅଞ୍ଚଳର ସାଗର ସ୍ୱାଇଁ। ୧ ନମ୍ବର ହାଟରେ ଥିବା ସନ୍ତୋଷ ସାହୁଙ୍କ ଗ୍ରୋସରୀ ଦୋକାନରୁ ମାର୍ଚ୍ଚ ୧୨ ରାତିରେ ଦୋକାନ ବନ୍ଦ କରି ବାହାରୁଥିବା ବେଳେ ସାଗର ଏବଂ ବାଙ୍କୁଆଳ ଗ୍ରାମର ଅନ୍ୟ ତିନି ସହଯୋଗୀ ତାଙ୍କୁ କଟୁରିରେ ଆକ୍ରମଣ କରି ୪୦ ହଜାର ଟଙ୍କା ଛଡାଇ ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୮୮/୧୯ରେ ମାମଲା ରୁଜୁ କରିଥିଲା। ଖବରପାଇ ପୋଲିସ ବାଙ୍କୁଆଳ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରିଛି।

## ରାଜ୍ୟ ଭାରତ ବିକାଶ ପରିଷଦର ପ୍ରାନ୍ତୀୟ କର୍ମଶାଳା

**ଭୁବନେଶ୍ୱର,୨୩।୬(ବ୍ୟୁରୋ):** ରାଜ୍ୟ ଭାରତ ବିକାଶ ପରିଷଦର ପ୍ରାନ୍ତୀୟ କର୍ମଶାଳା ଏବଂ ବାର୍ଷିକ ସଭା ରବିବାର ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ଉପସଭାପତି ସଚ୍ଚିଦାନନ୍ଦ ପଣ୍ଡା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସଙ୍ଗଠନ ସଚିବ ସୁରେଶ ଜୈନ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ଅତିରିକ୍ତ ମହାସଚିବ ଡ. ବାଲ୍ମୀକି କୁମାର, ରାଷ୍ଟ୍ରୀୟ ଅର୍ଥ ସଚିବ ଦୀପକ ରୁଇଆ, ରାଷ୍ଟ୍ରୀୟ ସଚିବ ଗୀତା ପଟ୍ଟନାୟକ, ପ୍ରାନ୍ତୀୟ ସଭାପତି ଶୁଭାଶିଷ କର, ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଏବଂ ଅର୍ଥ ସଚିବ ଶ୍ରୀଧର ସାହୁ ଯୋଗ ଦେଇଥିଲେ।

## ଜେଡ୍ ୱାନ୍ ଫ୍ଲାଟ ବାସିନ୍ଦାଙ୍କ ଧାରଣା

- ■ ଚୁକ୍ତିର ୩ବର୍ଷ ପରେ ବି ମିଳିନି କ୍ଷମତା

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ-ନନ୍ଦନକାନନ ରୋଡ୍‌ରେ ଥିବା ଜେଡ୍ ୱାନ୍ ଇଷ୍ଟେଟର ଫ୍ଲାଟ ବାସିନ୍ଦାମାନେ ରବିବାର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଇଷ୍ଟେଟ୍ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି ମୁତାବକ ମୌଳିକ ସୁବିଧା ଯୋଗାଇ ଦେଉ ନ ଥିବା ଅଭିଯୋଗ କରି ଶତାଧିକ ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଅଭିଯୋଗ ମୁତାବକ, ୨୦୧୬ ସେପ୍ଟେମ୍ବରରେ ଆପାର୍ଟମେଣ୍ଟରେ ଫ୍ଲାଟ କିଣିଥିବା ମାଲିକମାନଙ୍କୁ ଘର ହସ୍ତାନ୍ତର କରାଯାଇଥିଲା। ବର୍ଷକ ପରେ ସୋସାଇଟି ତିଆରି କରିବା ସହ ଫ୍ଲାଟ୍ ମାଲିକଙ୍କୁ ସମସ୍ତ କ୍ଷମତା ପ୍ରଦାନ କରାଯିବା ନେଇ ଚୁକ୍ତି ହୋଇଥିଲା। ଇତିମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ମାଲିକମାନଙ୍କୁ ନେଇ ସୋସାଇଟି ଗଠନ କରାଯାଉନାହିଁ। ସେହିଭଳି କ୍ଷମତା ଓ ଆପାର୍ଟମେଣ୍ଟରେ ଥିବା କ୍ଲବ୍ ହାଉସକୁ ମଧ୍ୟ ହସ୍ତାନ୍ତର କରାଯାଉ ନାହିଁ। ଫଳରେ ଫ୍ଲାଟ୍ ବାସିନ୍ଦାମନେ ପାଣି, ବିଦ୍ୟୁତ୍ ଆଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାତ୍ୟା ପରଠାରୁ ସ୍ଥିତି ଅଧିକ ଜଟିଳ ହୋଇଯାଇଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କର୍ତ୍ତୃପକ୍ଷ କିଛି ଶୁଣୁ ନାହାନ୍ତି। ଶେଷରେ ବାଧହୋଇ ସମସ୍ତ ଫ୍ଲାଟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଏ ନେଇ ଜେଡ୍ ୱାନ ଇଷ୍ଟେଟ୍‌ର ମୁଖ୍ୟ ତପନ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆପାର୍ଟମେଣ୍ଟରେ ୪୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ମାତ୍ର କେତେଜଣ ଲୋକ ତାଙ୍କ ବ୍ୟକ୍ତିଗତ ଫାଇଦା ପାଇଁ ଏପରି ଧାରଣା ଦେଇଛନ୍ତି। ସୋସାଇଟି ତିଆର କରିବା ମାଲିକଙ୍କର କାମ। ଏଥିରେ ତାଙ୍କ ତରଫରୁ କୌଣସି ଅବହେଳା କରାଯାଇ ନାହିଁ। ରହିଥିବା କେତେକ ଆଇନଗତ ସମସ୍ୟା ଯୋଗୁ ସୋସାଇଟି ଗଠନ କରି କ୍ଷମତା ହସ୍ତାନ୍ତର କରାଯାଇ ନାହିଁ। ଖୁବ୍‌ଶୀଘ୍ର ସୋସାଇଟି ଗଠନ କରାଯିବାକୁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।

### ■ ମନ୍ଦିର, ସଂଗ୍ରହାଳୟ ପଦଯାତ୍ରାର ମଜା ନେଲେ ପର୍ଯ୍ୟଟକ

# ଚିତ୍ରରେ ପୁରାତନ ମନ୍ଦିରର ବ୍ୟାଖ୍ୟା

ଭୁବନେଶ୍ୱର, ୨୩।୬(ବ୍ୟୁରୋ)



ମୌସୁମୀ ଓଡ଼ିଶା ଛୁଇଁବା ପରେ ସକାଳୁ ପାଗ କୋହଲା ରହିଥିଲା। ଆକାଶ ମେଘାଚ୍ଛନ୍ନ ଥିଲା। ସେହି ପାଗ ସାଙ୍ଗକୁ ପୁରୁଣା ଭୁବନେଶ୍ୱର ଖ୍ରୀଷ୍ଟପୂର୍ବ ୧୦ମ ଶତାବ୍ଦୀରେ ନିର୍ମିତ ଶୈବାଳୟ ମୁକ୍ତେଶ୍ୱର ମନ୍ଦିରରୁ ୧୨୫ତମ ଐତିହ୍ୟ ପଦଯାତ୍ରା ଆରମ୍ଭ ହୋଇଥିଲା। ୩୫ ପର୍ଯ୍ୟଟକଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ମନ୍ଦିରର କଳାକୃତି ଓ ପୌରାଣିକ ଗାଥା ଜଣାଯିବା ସହ ତା'ର ଇତିହାସ ଓ ପୃଷ୍ଠଭୂମି ଉପରେ କୁହାଯାଇଥିଲା। ତେବେ ପାଗ ମେଘୁଆ ଥିବାରୁ ଏହି ପଦଯାତ୍ରାକୁ ଗୋଟିଏ ଘଣ୍ଟା ଘୁଞ୍ଚାଇ ଦିଆଯାଇଥିଲା। ଯେଉଁଥିରେ କି, ଚିତ୍ରକାର ଶିବ ଶଙ୍କର ଚିତ୍ରକଳା ମାଧ୍ୟମରେ ପର୍ଯ୍ୟଟକଙ୍କୁ ପୁରୁଣା ଭୁବନେଶ୍ୱରର ଏକ ଝଲକ ଦେଖାଇଥିଲେ। ବିନ୍ଦୁସାଗର କୂଳରେ ଥିବା ଅନନ୍ତ ବାସୁଦେବ ମନ୍ଦିରରେ ସେ ଏହି ଚିତ୍ରକଳା ପ୍ରଦର୍ଶନ କରିବା ସହ କହିଥିଲେ, ଯଦି ଓଡ଼ିଶା ଭାରତର ସବୁଠୁ ଭଲ ରହସ୍ୟାତ୍ମକ ସ୍ଥାନ ବୋଲି କୁହାଯିବ ତାହା ହେଲେ ପୁରୁଣା ଭୁବନେଶ୍ୱର ରାଜଧାନୀର ରହସ୍ୟାମୟ ସ୍ଥାନ। ଏଥିରେ ବହୁ ଲୁପ୍ତ ପ୍ରାୟ ସ୍ଥାନ ରହିଛି, ଯାହା ବିଷୟରେ ସମସ୍ତେ ଜାଣିବା ଜରୁରୀ ବୋଲି ସେ କହିଥିଲେ। ଏଥିସହ ଶନିବାର ଉଦୟଗିରି ଓ ଖଣ୍ଡଗିରି ପାହାଡ ବୁଲି ଯାଇଥିବା ଅଷ୍ଟ୍ରେଲିଆର ଛାତ୍ରୀଛାତ୍ରମାନେ ମଧ୍ୟ ଏହି ପଦଯାତ୍ରାରେ ଯୋଗ ଦେଇଥିଲେ।

### ସଂଗ୍ରହାଳୟ ପଦଯାତ୍ରାର ବର୍ଷେ ପୂର୍ତ୍ତି

ଅନ୍ୟପକ୍ଷେ ଅପରାହ୍ନରେ ଆୟୋଜିତ କଳାଭୂମି ସଂଗ୍ରହାଳୟ ଯାତ୍ରାକୁ ରବିବାର ବର୍ଷେ ପୂରିଛି। ଏହି ଅବସରରେ ୪୦ ଜଣ ପର୍ଯ୍ୟଟକ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଝାଡଖଣ୍ଡ ସରକାରଙ୍କ ଅର୍ଥବିଭାଗର ସ୍ୱତନ୍ତ୍ର ସଚିବ ଦୀପ୍ତି ଜୟରାଜ ଏହି ଯାତ୍ରାରେ ଅଂଶଗ୍ରହଣ କରି କହିଥିଲେ, ଓଡ଼ିଶାର ହସ୍ତ, କୁଟୀର ଓ ବୟନ ଶିଳ୍ପ ବିଷୟରେ ବହୁତ କିଛି ଜାଣିବାକୁ ପାଇଲି। ସଂଗ୍ରହାଳୟ ଯାତ୍ରାରେ ଭାଗ ନେଇଥିବା ଶ୍ରୁତି ଓ ବିବେକ କହିଥିଲେ ଯେ, କଳାଭୂମିରେ ସଂଗୃହୀତ କଳାକୃତି, ହସ୍ତଶିଳ୍ପଗୁଡ଼ିକ ବହୁତ ସୁନ୍ଦର ଏବଂ ଏହାର ଇତିହାସ ମଧ୍ୟ ବହୁତ ଜ୍ଞାନଦାୟକ। ଆଶୀର୍ବାଦ ଧୀର ଯିଏ କଳାଭୂମିରେ କିଛି ସମୟ ବ୍ୟତୀତ କରି କହିଥିଲେ, ଏହି ସଂଗ୍ରହାଳୟରେ ସଂରକ୍ଷିତ ଓଡ଼ିଶା ସଂସ୍କୃତି ଓ ପରମ୍ପରା ଯେତିକି ଦେଖିବାକୁ ସୁନ୍ଦର ସେତିକି ଶୁଣିବାକୁ ମଧ୍ୟ ସୁନ୍ଦର ବୋଲି ସେ କହିଥିଲେ। ପୁଣି ଥରେ ନିଶ୍ଚୟ ସେ ତାଙ୍କ ପରିବାରକୁ ନେଇ ଆସି ସମଗ୍ର ପଦଯାତ୍ରାକୁ ଉପଭୋଗ କରିବେ ବୋଲି କହିଥିଲେ। ବର୍ଷକ ପୂର୍ବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସଂଗ୍ରହାଳୟ ଯାତ୍ରାକୁ ଐତିହ୍ୟ ପଦଯାତ୍ରାରେ ସାମିଲ କରାଯାଇଥିଲା। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ପୁରାତନ କୀର୍ତ୍ତିରାଜିକୁ ଲୋକଲୋଚନକୁ ଆଣିବା ଲାଗି ଏହି ପ୍ରୟାସ ଆରମ୍ଭ କରାଯାଇଥିଲା।

# ଦୈନନ୍ଦିନ ଜୀବନଶୈଳୀ ଓ ମସ୍ତିଷ୍କର କାର୍ଯ୍ୟଧାରା

ସନ୍ତୁଳିତ ଜୀବନଶୈଳୀ ଆମକୁ କେତେକାଂଶରେ ସୁସ୍ଥ ରଖିଥାଏ। ଯଦି ଜଣେ ବ୍ୟକ୍ତି ନିଜର ଜୀବନଶୈଳୀକୁ ଠିକ୍ ଭାବରେ ଆଗେଇ ନିଅନ୍ତି ତେବେ ତାଙ୍କର ମସ୍ତିଷ୍କ ଆହୁରି ସକ୍ରିୟ ରହିଥାଏ ବୋଲି ଗବେଷଣାରୁ ଜଣାପଡିଛି। 'ଦୈନନ୍ଦିନ ଜୀବନଶୈଳୀ ଓ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଯେଉଁମାନଙ୍କର ଜୀବନଶୈଳୀ ସନ୍ତୁଳିତ ସେମାନଙ୍କ ମସ୍ତିଷ୍କ କିପରି କାର୍ଯ୍ୟ କରୁଛି ତାହା ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ପରିଶେଷରେ ସେମାନେ ଜାଣିପାରିଥିଲେ ଯେ, ଯଦି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀକୁ ସବୁବେଳେ ସନ୍ତୁଳିତ ରଖନ୍ତି ତେବେ ତାହାର ସୁପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ ଏବଂ ଏହା ପୂର୍ବାପେକ୍ଷା ଅଧିକ ସକ୍ରିୟ ରହିଥାଏ।



# ଏକାଗ୍ରତା ବଢ଼ାଏ ସଙ୍ଗୀତ

ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲ୍‌କା କରିଥାଏ ସଙ୍ଗୀତ। ତେଣୁ ଅବସର ସମୟରେ ଅନେକେ ମନ ପସନ୍ଦର ସଙ୍ଗୀତ ଶୁଣିବାକୁ ପସନ୍ଦ କରିଥାଆନ୍ତି। ଏଭଳି ଅଭ୍ୟାସ ଜଣେ ବ୍ୟକ୍ତିର ଏକାଗ୍ରତା ଉପରେ ସୁପ୍ରଭାବ ପକାଇଥାଏ। କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଯଦି ଜଣେ ମନ ପସନ୍ଦର ଗୀତ ଶୁଣନ୍ତି ତେବେ କୌଣସି କାମ କରିବା ସମୟରେ ଏକାଗ୍ରତା ଆହୁରି ବଢ଼ିଥାଏ । 'ଏକାଗ୍ରତା ଏବଂ ସଙ୍ଗୀତ' ବିଷୟ ଉପରେ ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ର ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ କାମ କରିବା ସମୟରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ଏକାଗ୍ରତା ଆହୁରି ବଢ଼ିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ସ୍ୱାସ୍ଥ୍ୟୋପକାରୀ ଫଳ ଚୋପା

ତଟକା ଫଳମୂଳ ତଥା ପନିପରିବା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ଏହାର ଚୋପାରେ ମଧ୍ୟ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ସେ ସମ୍ପର୍କରେ ଟିପ୍ସ...

**ଆଳୁ ଚୋପା:** ଆଳୁରେ ଅଧିକ ପରିମାଣରେ ଷ୍ଟାର୍ଚ ରହିଛି, ଯାହା ଚର୍ମକୁ ଲୋଚାକୋଚାରୁ ରକ୍ଷା କରିଥାଏ। ଏହାକୁ ଚର୍ମରେ ଘଷିଲେ ତାହା ଏଥିରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିଥାଏ।

**କଦଳୀ ଚୋପା:** କଦଳୀ ଚୋପାକୁ ସିଧା ସଳଖ ଲଗାନ୍ତୁ କିମ୍ବା ଏହାର ପେଷ୍ଟ ଲଗାଇବା ଦ୍ୱାରା ବ୍ରଣ ସମସ୍ୟାରୁ ଅନେକାଂଶରେ ଉପଶମ ମିଳିଥାଏ। କୌଣସି ପୋକ ଯଦି କାମୁଡି ଦେଇଛି ସେଇ ସ୍ଥାନରେ କଦଳୀ ଚୋପା ଘଷିବେ ଦେଖି ତ ଆରାମ ମିଳିବ।



**ଲେମ୍ବୁ ଚୋପା :** ଲେମ୍ବୁ ରସ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏଥି ସହିତ ଏହାର ଚୋପାରେ ନିୟମିତ ଦାନ୍ତ ଘଷିବା ଦ୍ୱାରା ଦାନ୍ତ ସଫା ରହିଥାଏ।

**କାକୁଡି ଚୋପା :** କାକୁଡି ଚୋପାରେ ସବୁଠୁ ଅଧିକ ଆଣ୍ଟିଅକ୍ସିଡାଣ୍ଟ, ପଟାସିୟମ୍ ଓ ଫାଇବର ରହିଛି ।





ଜୀବାଣୁଜନିତ ଏଇଏସ୍ ଯେକୌଣସି ଋତୁରେ ହୋଇପାରେ। ଭୂତାଣୁ ମଧ୍ୟରେ ଜାପାନୀ ଜ୍ୱର, ହରପିସ୍, ହାଡ଼ଫୁଟି, ମିଜିଲ୍ସ, ଗାଲୁଆ, ଡେଙ୍ଗୁ ଜ୍ୱର ଇତ୍ୟାଦି ମୁଖ୍ୟ ଭୂମିକା ନିଭେଇଥାନ୍ତି । ଜୀବାଣୁ ମଧ୍ୟରେ ଲେପ୍ଟୋସ୍ପାଇରା ଏବଂ ଯକ୍ଷ୍ମା, କୀଟାଣୁ ଭିତରେ ଆମୋଇବା, ଟକ୍ସୋପ୍ଲାଜମା, ସ୍କ୍ରବଟାଇଫସ୍ ଏବଂ ଫିମ୍ପି ମଧ୍ୟରେ କ୍ରିପ୍ଟୋକୋକସ ମୁଖ୍ୟ । ୫ରୁ ୧୦% କ୍ଷେତ୍ରରେ ଏହାର କୌଣସି କାରଣ ଜଣାପଡ଼େ ନାହିଁ। ଉପରଲିଖିତ କାରଣଗୁଡ଼ିକ ମଧ୍ୟରୁ କିଛିର ଚିକିତ୍ସା ଉପଲବ୍ଧ ଅଛି, କିନ୍ତୁ ଅଧିକନ୍ତୁର ଠିକ୍ ଚିକିତ୍ସା ଉପଲବ୍ଧ ନାହିଁ ...

# ଆକ୍ୟୁଟ୍ ଏନ୍‌ସେଫାଲାଇଟିସ ସିଣ୍ଡ୍ରୋମ




ଆକ୍ୟୁଟ୍ ଏନ୍‌ସେଫାଲାଇଟିସ୍ ସିଣ୍ଡ୍ରୋମ (ଏଇଏସ) ରୋଗ ଯେକୌଣସି ବୟସ ଏବଂ ଲିଙ୍ଗର ଲୋକମାନଙ୍କୁ ହୋଇପାରେ। ଏହା ହେଲେ ଜ୍ୱର ହେବା ସହିତ ବାନ୍ତି ଲାଗିବା, ଦେହ ହାତ ଘୋଳାବିନ୍ଧା ହେବା, ଚେତାବୁଡ଼ିବା, ଝଟ୍‌କା ମାରିବା (ମାର୍କି କିମ୍ବା କନଭଲସନ କିମ୍ବା ହାପୁରା), ବାଉଳେଇ ଚାଉଳେଇ ହେବା, ପକ୍ଷାଘାତ ଇତ୍ୟାଦି ଲକ୍ଷଣମାନେ ଦେଖାଦେଇଥାଏ। ଏହା ମୁଖ୍ୟତଃ ୬ ଗୋଟି କାରଣ (୧) ଭୂତାଣୁଜନିତ (ଭାଇରାଲ), (୨) ଜୀବାଣୁଜନିତ(ବ୍ୟାକଟେରିଆଲ), (୩) କୀଟାଣୁଜନିତ(ପାରାସାଇଟ୍), (୪) ଫିମ୍ପିଜନିତ(ଫଙ୍ଗାଲ୍), (୫) ଅନ୍ୟାନ୍ୟ (ହାଇପୋଗ୍ଲାଇସେମିଆ, ସନ୍‌ଷ୍ଟ୍ରୋକ୍, ଶରୀରରେ ଇଲେକ୍ଟ୍ରୋଲାଇଟ୍‌ର ମାତ୍ରା କମିବା, ଜୀବ ବିଷ ଜନିତ), (୬) କାରଣ ଜଣା ନାହିଁ (୫ରୁ ୧୦%) ପାଇଁ ହୋଇଥାଏ। ଭୂତାଣୁଜନିତ ଏଇଏସ୍ ମୁଖ୍ୟତଃ ଗ୍ରୀଷ୍ମ ଶେଷ ଅଥବା ବର୍ଷା ଆରମ୍ଭରେ ଦେଖାଦେଇଥାଏ (ଗ୍ରୀଷ୍ମଋତୁ ମଝିରେ ଅସରାଏ ବର୍ଷା ଏହି ରୋଗ ପାଇଁ ମୁଖ୍ୟତଃ ଦାୟୀ)। ଜୀବାଣୁଜନିତ ଏଇଏସ୍ ଯେକୌଣସି ଋତୁରେ ହୋଇପାରେ। ଭୂତାଣୁ ମଧ୍ୟରେ ଜାପାନୀ ଜ୍ୱର, ହରପିସ୍, ହାଡଫୁଟି, ମିଜିଲ୍ସ, ଗାଲୁଆ, ଡେଙ୍ଗୁ ଜ୍ୱର ଇତ୍ୟାଦି ମୁଖ୍ୟ ଭୂମିକା ନିଭେଇଥାନ୍ତି। ଜୀବାଣୁ ମଧ୍ୟରେ ଲେପ୍ଟୋସ୍ପାଇରା ଏବଂ ଯକ୍ଷ୍ମା, କୀଟାଣୁ ଭିତରେ ଆମୋଇବା, ଟକ୍ସୋପ୍ଲାଜମା, ସ୍କ୍ରବଟାଇଫସ୍ ଏବଂ ଫିମ୍ପି ମଧ୍ୟରେ କ୍ରିପ୍ଟୋକୋକସ ମୁଖ୍ୟ। ୫ରୁ ୧୦% କ୍ଷେତ୍ରରେ ଏହାର କୌଣସି କାରଣ ଜଣାପଡ଼େ ନାହିଁ। ଉପରଲିଖିତ କାରଣମାନଙ୍କ ମଧ୍ୟରୁ କିଛିର ଚିକିତ୍ସା ଉପଲବ୍ଧ ଅଛି, କିନ୍ତୁ ଅଧିକନ୍ତର ଠିକ୍ ଚିକିତ୍ସା ଉପଲବ୍ଧ ନାହିଁ। ଏହି କ୍ଷେତ୍ରରେ ରୋଗୀର ଭାଇଟାଲ୍‌କୁ (ପଲ୍ସ, ରକ୍ତଚାପ, ନିଃଶ୍ୱାସ ପ୍ରଶ୍ୱାସ, ହାର୍ଟ ରେଟ୍) ସମ୍ଭାଳିକି ରଖିବା ସହିତ ରୋଗର ଲକ୍ଷଣମାନଙ୍କୁ ଲକ୍ଷ୍ୟ କରି ଚିକିତ୍ସା କରାଯାଏ। ଏହି ରୋଗରେ ମୃତ୍ୟୁର ମାତ୍ରା ୦%-୨୫% ପର୍ଯ୍ୟନ୍ତ ହୋଇପାରେ। ଏହି ରୋଗ ମୁଖ୍ୟତଃ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କ କ୍ଷେତ୍ରରେ ଦେଖାଦେଇଥାଏ। କାହିଁକି ନା ଦାରିଦ୍ର୍ୟ ଏବଂ ପୁଷ୍ଟିହୀନତା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ କମାଇ ଦେଇଥାଏ, ଯଦ୍ୱାରା ଉପରୋକ୍ତ ଜୀବାଣୁ/ଭୂତାଣୁ/କୀଟାଣୁ/ଅନ୍ୟାନ୍ୟ ଶରୀରକୁ ଆକ୍ରାନ୍ତ କରିନେଇଥାନ୍ତି।


ଡା. ନିହାର ରଞ୍ଜନ ମିଶ୍ର

ବର୍ତ୍ତମାନ ଏହି ରୋଗ ବିହାର ରାଜ୍ୟର ମୁଜାଫରପୁରରେ ମହାମାରୀ ଭଳି ବ୍ୟାପିବାରେ ଲାଗିଛି। ଏଥିରେ ଏ ପର୍ଯ୍ୟନ୍ତ ପ୍ରାୟ ୧୦୫ରୁ ଊର୍ଦ୍ଧ୍ୱ ଶିଶୁ ମୃତ୍ୟୁବରଣ କରିସାରିଲେଣି ଏବଂ ସମସ୍ତଙ୍କର ବୟସ ୧୦ ବର୍ଷରୁ କମ୍। ୨୦୦୦ ମସିହାରୁ ୨୦୧୮ ପର୍ଯ୍ୟନ୍ତ ପ୍ରାୟ ୨୦୦୦ରୁ ଅଧିକ ଶିଶୁ ଏହି ରୋଗରେ ମୃତ୍ୟୁବରଣ କରିସାରିଲେଣି। ଏହି ଶିଶୁମାନଙ୍କର ରକ୍ତ ନମୁନାରୁ କିଛି ବି ଜୀବାଣୁ ଅଥବା ଭୂତାଣୁ ଅଥବା କୀଟାଣୁ ଥିବା ପ୍ରମାଣ ବି ମିଳିପାରୁ ନାହିଁ। କିଛି ଗବେଷଣାକାରୀଙ୍କ ମତାନୁସାରେ ଲିଚୁକୋଳି ଏହି ରୋଗ ପାଇଁ ମୁଖ୍ୟତଃ ଦାୟୀ। କିନ୍ତୁ ଅନ୍ୟ କିଛି ଗବେଷଣାକାରୀଙ୍କ ମତାନୁସାରେ ଖାଲିପେଟରେ ପ୍ରଚୁର ମାତ୍ରାରେ ଲିଚୁକୋଳି ଖାଇବା ସହିତ ପୁଷ୍ଟିହୀନତା ଏବଂ ପ୍ରଖର ସୂର୍ଯ୍ୟଙ୍କ ପ୍ରକୋପ (ସନ୍‌ଷ୍ଟ୍ରୋକ୍) ଏହାର ମାତ୍ରାକୁ ବଢ଼ାଇଦେଇଛି। ନଚେତ ଯେତେ ଶିଶୁ ଲିଚୁକୋଳି ଖାଉଛନ୍ତି ସମସ୍ତଙ୍କୁ ହୁଅନ୍ତା ଏବଂ ଆମେମାନେ ମଧ୍ୟ ବିହାରରୁ ଆମଦାନୀ ହେଉଥିବା ଲିଚୁକୋଳି ଖାଉଛୁ କିନ୍ତୁ ଆମ୍ଭମାନଙ୍କର କିଛି ଅସୁବିଧା ହେଉନାହିଁ। ଲାନ୍‌ସେଟ୍ ଗ୍ଲୋବାଲ ହେଲଥ୍ ୨୦୧୭ (Lancet Global Health, a renowned mod journal) ଏହି ରୋଗର କାରଣ ସମ୍ବନ୍ଧରେ କିଛିଟା ଟିପ୍ପଣୀ ଦେଇଛନ୍ତି। ତାଙ୍କ ଅନୁସାରେ ଲିଚୁକୋଳିରେ ମିଥିଲିନ୍ ସାଇକ୍ଲୋପ୍ରୋପାଇଲ ଗ୍ଲାଇସିନ (ଏମ୍‌ସିପିଜି) ନାମରେ ଏକ ରସାୟନ ପଦାର୍ଥ ଥାଏ, ଯାହାର କାମ ଶରୀରରେ ଶର୍କରା ତିଆରି କରିବା ପ୍ରଣାଳୀକୁ କମାଇ ଦେଇଥାଏ ଅଥବା ବନ୍ଦ କରିଦେଇଥାଏ। ଯଦି କୌଣସି ଲୋକ ଖାଲିପେଟରେ ପ୍ରଚୁର ମାତ୍ରାରେ ଲିଚୁକୋଳି ଖାଇଥାଏ, ଏଥିରେ ଥିବା ଏମ୍‌ସିପିଜି ରସାୟନ ଶରୀରରୁ ଶର୍କରାର ମାତ୍ରା କମାଇଦେଇଥାଏ, ଯାହାକୁ ଡାକ୍ତରୀ ଭାଷାରେ 'ହାଇପୋଗ୍ଲାଇସେମିଆ' କୁହାଯାଏ। ଖାଲି ପେଟରେ ଏମିତି ବି ଶରୀରର ଶର୍କରା ମାତ୍ରା କମ ଥାଏ ଏବଂ ଶରୀର ଚେଷ୍ଟା କରେ ଶର୍କରା ତିଆରି କରିବା ପାଇଁ, କିନ୍ତୁ ଲିଚୁକୋଳିର ଏମ୍‌ସିପିଜି ଏହି ପ୍ରଣାଳୀକୁ କମାଇଦିଏ, ତଦ୍ୱାରା ଶର୍କରା ମାତ୍ରା ଅତ୍ୟଧିକ କମିଯାଏ ଏବଂ ମସ୍ତିଷ୍କରେ ଅସୁବିଧା ଘଟିଥାଏ। ଦାରିଦ୍ର୍ୟ ଏବଂ ପୁଷ୍ଟିହୀନତାରେ ରହୁଥିବା ଲୋକମାନଙ୍କର ଏପରି କି ଶରୀରରେ ଶର୍କରାର ମାତ୍ରା କମ୍ ଥାଏ ଏବଂ ଉପରୋକ୍ତ କାରଣ ପାଇଁ ଏହା ଆହୁରି କମିଯାଏ ଏବଂ ଲକ୍ଷଣ ଦେଖାଦିଏ । ତେଣୁ ଏହି ରୋଗରେ ଶର୍କରା ଶରୀରରେ ଦେବା ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ହୁଏ, କିନ୍ତୁ ଏହା ସଙ୍ଗେ ସଙ୍ଗେ ଠିକ୍ ହେବା ଦରକାର, କାହିଁକି ନା ଅଧଘଣ୍ଟାରୁ ଅଧିକ ସମୟ ହାଇପୋଗ୍ଲାଇସେମିଆ ଜୀବନ ନେଇପାରେ। ତେଣୁ ବର୍ତ୍ତମାନ ପର୍ଯ୍ୟନ୍ତ ଲକ୍ଷଣ ଦେଖିବା କ୍ଷଣି ସଙ୍ଗେ ସଙ୍ଗେ ଡାକ୍ତରଖାନାରେ ପହଞ୍ଚିବା ଏକମାତ୍ର ବିକଳ୍ପ। ଏହା ଉପରେ ଆହୁରି ଗବେଷଣା ଚାଲୁଅଛି।

ବିହାର ଏବଂ ଉତ୍ତରପ୍ରଦେଶ ବ୍ୟତୀତ ଏହା ଆସାମ, ଝାଡଖଣ୍ଡ, ମଣିପୁର ଏବଂ ଓଡିଶା ସମେତ ୧୭ଟି ରାଜ୍ୟରେ ଏହା ଅଳ୍ପ କିଛି ମାତ୍ରାରେ ଦେଖାଦେଇଛି। ୨୦୧୮ ମସିହାରେ ସର୍ବମୋଟ ୧୦୪୮୫ ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ୬୩୨ ଜଣ ପ୍ରାଣ ହରାଇସାରିଲେଣି।

*–ସହକାରୀ ପ୍ରାଧ୍ୟାପକ (ଆସିଷ୍ଟାଣ୍ଟ ପ୍ରଫେସର), ଭିମ୍‌ସାର, ବୁର୍ଲା, ସମ୍ବଲପୁର*



### ଜରୁରୀ କଥା

- ଏଇଏସର ଲକ୍ଷଣ ଦେଖାଦେଲେ ସଙ୍ଗେ ସଙ୍ଗେ ନିକଟସ୍ଥ ଡାକ୍ତରଙ୍କର ପରାମର୍ଶ କରନ୍ତୁ।
- ଏହି ରୋଗ ପାଇଁ ଭୟଭୀତ ହୁଅନ୍ତୁ ନାହିଁ, କାହିଁକି ନା ଏ ରୋଗର ପୂରାପୂରି ସମ୍ପୂର୍ଣ୍ଣ ନିରାକରଣ ସମ୍ଭବପର, କିନ୍ତୁ ଠିକ୍ ସମୟରେ ଡାକ୍ତରୀ ପରାମର୍ଶ ଲୋଡ଼ା।
- ଲିଚୁକୋଳି ଖାଇବା ଜୀବନ ପ୍ରତି ବିପଜ୍ଜନକ ନୁହେଁ, କିନ୍ତୁ ବର୍ତ୍ତମାନର ଗବେଷଣା ଅନୁଯାୟୀ ଖାଲିପେଟରେ ପ୍ରଚୁର ମାତ୍ରାରେ ଲିଚୁକୋଳି ଖାଆନ୍ତୁ ନାହିଁ।

## ସ୍ୱା ସ୍ଥ୍ୟ ସୂ ଚ ନା



- କୌଣସି ରୋଗ ବିଷୟରେ ଡାକ୍ତର ଆପଣଙ୍କୁ ଯାହା ପଚାରୁଛନ୍ତି ନିଃସଙ୍କୋଚରେ ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦିଅନ୍ତୁ। କାରଣ ଯଦି କୌଣସି ବିଷୟକୁ ଆପଣ ପ୍ରକାଶ ନ କରନ୍ତି ତେବେ ତାହା ଆପଣଙ୍କ ପାଇଁ ସମସ୍ୟା ଡାକି ଆଣିଥାଏ।
- କେତେକ ଡାକ୍ତର ପରାମର୍ଶକୁ ଠିକ୍ ଭାବରେ ପାଳନ କରି ନ ଥାନ୍ତି। ରୋଗରୁ ଆରୋଗ୍ୟ ମିଳିବା ମାତ୍ରେ ଔଷଧ ଖାଇବା ବନ୍ଦ କରିଦେବା, ଡାକ୍ତର ସୂଚୀତ କରିଥିବା ପରୀକ୍ଷା ନ କରିବା ନିଜର ବୋକାମି ବ୍ୟତୀତ ଆଉ କିଛି ନୁହେଁ। କାରଣ ଜଣେ ଡାକ୍ତର ରୋଗୀର ଅବସ୍ଥାକୁ ଦେଖି କେତେ ଦିନ ଔଷଧ ଖାଇବ ଆରୋଗ୍ୟ ଲାଭ କରିବା ପରେ ମଧ୍ୟ କି କି ପରୀକ୍ଷା କରାଇବାକୁ ପଡିବ ସେ ସମ୍ପର୍କରେ ପ୍ରେସକ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି, ଯାହାକୁ ଅନୁସରଣ କରନ୍ତୁ।
- ଅଧକପ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ ଭଲ ଭାବରେ ମିଶାଇ ଦିଅନ୍ତୁ। ତା'ପରେ ଏଥିରେ ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ଉଷୁମ କରି ପିଅନ୍ତୁ। ନିୟମିତ କିଛି ଦିନ ଏହାକୁ ପିଇଲେ କଫ ସମସ୍ୟା ଦୂର ହୋଇଥାଏ।
- ଅଦାକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏହାକୁ ପାଣିରେ ମିଶାଇ ଭଲ ଭାବରେ ଫୁଟାନ୍ତୁ। ଏହାକୁ ଉଷୁମ ଅବସ୍ଥାରେ ପିଇଲେ କଫରୁ ଉପଶମ ମିଳିଥାଏ। ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପିଇଲେ କଫ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ।
- ନିଜକୁ ସୁସ୍ଥ ରଖିବା ପାଇଁ ଚାହୁଁଛନ୍ତି ? ତେବେ ପ୍ରଥମେ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।
- ଦିନତମାମ ଯେତେ କାର୍ଯ୍ୟବ୍ୟସ୍ତ ଥିଲେ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ କରାଇ ନେବାକୁ ଭୁଲନ୍ତୁ ନାହିଁ।
- କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ତାହାକୁ ଅଣଦେଖା ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ରୋଗ ପ୍ରତିରୋଧକ ଶକ୍ତି ଓ ଡାଇବେଟିସ

ଡାଇବେଟିସ ଏପରି ଏକ ସମସ୍ୟା ଯାହା ଥରେ ଦେଖାଦେଲେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ଯଦି ଦୀର୍ଘ ମାସ ଧରି ଆପଣଙ୍କର ସୁଗାର ସ୍ତର ଅସନ୍ତୁଳିତ ରହିଲା ତେବେ ତାହା ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟିକରିବା ଯଥେଷ୍ଟ ଆଶଙ୍କା ରହିଛି। ଆମେରିକୀୟ ବିଶେଷଜ୍ଞଙ୍କ ଦ୍ୱାରା ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡ଼ିଛି। ଦୀର୍ଘବର୍ଷ ଧରି ଡାଇବେଟିସ୍‌ରେ ପୀଡ଼ିତ ବ୍ୟକ୍ତିଙ୍କର ସୁଗାର ସ୍ତର ଯଦି ସନ୍ତୁଳିତ ନ ରହିଲା ତେବେ ଧୀରେ ଧୀରେ ତାହା ତାଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରରେ ଏଚ୍‌ଆଇଭି ପରି ମାରାତ୍ମକ ଭୂତାଣୁ ବଂଶବିସ୍ତାର କରିବା ଯଥେଷ୍ଟ ଆଶଙ୍କା ରହିଛି। କାରଣ ସର୍ଭେ ସମୟରେ କେତେକ ଡାଇବେଟିସ୍ ରୋଗୀଙ୍କଠାରେ ଏଚ୍‌ଆଇଭି ଭାଇରସ ଦେଖିବାକୁ ମିଳିଥିଲା। ବାରମ୍ବାର ସୁଗାର ସ୍ତର ଅସନ୍ତୁଳିତ ରହିବା ଏହାର କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି। ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କଠାରେ ଏପରିସମସ୍ୟା ଦେଖାଯିବା ଆଶଙ୍କା ରହିଛି ବୋଲି ଆମେରିକୀୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।



“ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ଗତ ଦୁଇ ବର୍ଷରେ ଇନ୍‌ଫୋସିସ୍ ଆମେରିକାରେ ୯୧୦୦ ଜଣଙ୍କୁ ନିଯୁକ୍ତି ଦେଇ ୧୦ ହଜାର ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାର ଟାର୍ଗେଟ ହାସଲ କରିସାରିଛି।
– ୟୁ.ବି.ପ୍ରବୀଣ ରାଓ, ଇନ୍‌ଫୋସିସ୍ ସିଓଓ



“ ଚଳିତ ଆର୍ଥିକ ବର୍ଷରେ ସୋନି ଇଣ୍ଡିଆ ୧୦ରୁ ୧୫ ପ୍ରତିଶତ ବିକ୍ରି ଅଭିବୃଦ୍ଧି ହାସଲ କରିବ। ଲକ୍ଷ୍ୟ ହାସଲ ହେଲେ କମ୍ପାନୀ ଦେଶରେ ଭଲ ସ୍ଥିତିରେ ରହିବ।
– ସୁନୀଲ ନାୟାର, ଏମ୍‌ଡି, ସୋନୀ ଇଣ୍ଡିଆ



## ସଂକ୍ଷେପରେ

### ପି-ନୋଟ୍ସ ଜରିଆରେ ୮୨,୬୧୯ କୋଟି ନିବେଶ

**ମୁମ୍ବାଇ,୨୩-୬:** ଭାରତୀୟ ପୁଞ୍ଜି ବଜାରରେ ପାର୍ଟିସିପେଟରୀ ନୋଟ୍ସ(ପି-ନୋଟ୍ସ) ଜରିଆରେ ମେ’ ଶେଷ ସୁଦ୍ଧା ନିବେଶ ପ୍ରାୟ ୧୪୦୦ କୋଟି ଟଙ୍କା ବୃଦ୍ଧି ପାଇ ୮୨,୬୧୯ କୋଟି ଟଙ୍କାରେ ପହଞ୍ଚିଯାଇଛି। ପୂର୍ବ ମାସ ତୁଳନାରେ ଏହା ୧.୭୨% ଅଧିକ। ବିଦେଶୀ ନିବେଶକଙ୍କୁ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ଦ୍ୱାରା ପି-ନୋଟ୍ସ ଜାରି କରାଯାଇଥାଏ। ପି-ନୋଟ୍ସ ଜରିଆରେ ବିଦେଶୀ ନିବେଶକ ଭାରତୀୟ ଷ୍ଟକ୍ ବଜାରରେ ସିଧାସଳଖ ପଞ୍ଜୀକରଣ ନ କରି ମଧ ନିବେଶ କରିପାରୁଛନ୍ତି। ଏପ୍ରିଲ ଶେଷ ସୁଦ୍ଧା ସେମାନଙ୍କ ନିବେଶ ପରିମାଣ ୮୧,୨୨୦ କୋଟି ଟଙ୍କା ଥିଲା। ପି-ନୋଟ୍ସ ଜରିଆରେ ବିଦେଶୀ ନିବେଶକମାନେ ଶେୟାରରେ ୬୨,୫୭୪ କୋଟି ଟଙ୍କା ଏବଂ ଋଣ ବା ବଣ୍ଡ୍‌ରେ ୧୯,୬୮୧ କୋଟି ଟଙ୍କା ଏବଂ ଡେରିଭେଟିଭ୍ସ ବା ଭବିଷ୍ୟ କାରବାରରେ ୧୯୩ କୋଟି ଟଙ୍କା ନିବେଶ କରିଛନ୍ତି। ପି-ନୋଟ୍ସ ଜରିଆରେ ଫେବୃୟାରୀରେ ୭୩,୪୨୮ କୋଟି, ମାର୍ଚ୍ଚରେ ୭୮,୧୧୦ କୋଟି ଟଙ୍କା ନିବେଶ କରାଯାଇଥିଲା।

### ବିଏସ୍‌ଏନ୍‌ଏଲ୍‌ର ପୁନରୁଦ୍ଧାର ଲାଗି ମୋଦିଙ୍କ ହସ୍ତକ୍ଷେପ ଲୋଡିଲେ ଇଞ୍ଜିନିୟର




**ନୂଆଦିଲ୍ଲୀ,୨୩-୬:** ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍)ର ପୁନରୁଦ୍ଧାର ଲାଗି କମ୍ପାନୀର ଇଞ୍ଜିନିୟର ଓ ଆକାଉଣ୍ଟସ ଅଧିକାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଅଲ୍ ଇଣ୍ଡିଆ ଗ୍ରାଜୁଏଟ୍ ଇଞ୍ଜିନିୟର୍ସ ଏବଂ ଟେଲିକମ୍ ଅଫିସର୍ସ ଆସୋସିଏଶନ ପକ୍ଷରୁ ଗତ ୧୮ରେ ମୋଦିଙ୍କୁ ପତ୍ର ଲେଖାଯାଇଛି। ବିଏସ୍‌ଏନ୍‌ଏଲ୍‌ର ନଗଦ ସଙ୍କଟ ଦୂର କରିବା ଲାଗି ସରକାର ବଜେଟରେ ସହାୟତା କରିବାକୁ ନିବେଦନ କରାଯାଇଛି। ଏହାଛଡ଼ା କର୍ମଚାରୀଙ୍କ ମଧ ପ୍ରଦର୍ଶନଭିତ୍ତିକ ଏକ ବ୍ୟବସ୍ଥା ଲାଗୁ କରିବାକୁ ପତ୍ରରେ ସୁପାରିସ୍ କରାଯାଇଛି। ଏହାଦ୍ୱାରା ଭଲ ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯିବା ସହ ନିକମାଙ୍କୁ ଦାୟୀ କରାଯାଇପାରିବ। ୨୦୧୦ରୁ ନିଲାମ ଭିତ୍ତିରେ ସ୍ପେକ୍ଟ୍ରମ ବ୍ୟବହାର ଲାଗି ସରକାରଙ୍କୁ ଅର୍ଥ ପୈଠ କରିବାକୁ କୁହାଯିବା ପରେ ଦୁଇଟି ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍ କ୍ଷତିରେ ଚାଲିବା ଆରମ୍ଭ କରିଛି ବୋଲି ପତ୍ରରେ ଦର୍ଶାଯାଇଛି। ଏଥିରେ କୁହାଯାଇଛି ଯେ, ଟେଲିକମ୍ ସେକ୍ଟର ଚାପଗ୍ରସ୍ତ ହୋଇଥିଲେ ମଧ ଆତ୍ମନିର୍ଭରଶୀଳ ତଥା ଋଣମୁକ୍ତ ଭାବେ ବିଏସ୍‌ଏନ୍‌ଏଲ୍‌ର ବଜାର ଅଂଶ ବଢ଼ିବାରେ ଲାଗିଛି ବୋଲି ଆସୋସିଏଶନ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି।

# ମିଶିଯିବେ ସାଧାରଣ ବୀମା କମ୍ପାନୀ

■ ବିଭିନ୍ନ ବିକଳ୍ପ ଉପରେ ବିଚାର
■ ନ୍ୟୁ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ସହ ମିଶିପାରେ ସବୁ କମ୍ପାନୀ
■ ଶେୟାର ବିକ୍ରି କରାଯାଇପାରେ
■ ଚଳିତ ଆର୍ଥିକ ବର୍ଷରେ ପୁଞ୍ଜିପ୍ରତ୍ୟାହାରରୁ ୯୦ ହଜାର କୋଟି ଆଦାୟ ଲକ୍ଷ୍ୟ




**ନୂଆଦିଲ୍ଲୀ,୨୩-୬**

କେନ୍ଦ୍ର ସରକାର ସାଧାରଣ ବୀମା କମ୍ପାନୀଙ୍କୁ ମିଶାଇ ଦେବା ଲାଗି ଯୋଜନା ପ୍ରସ୍ତୁତ କରୁଛନ୍ତି। ଏନେଇ ବିଚାରବିମର୍ଶ ଚାଲିଛି। ସରକାର ଏ ଦିଗରେ ବିଭିନ୍ନ ବିକଳ୍ପ ଉପରେ ବିଚାର କରୁଛନ୍ତି।
ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସମସ୍ତ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀଙ୍କୁ ନ୍ୟୁ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ସହ ମିଶାଇ ଦେବାକୁ ଚାହୁଁଛନ୍ତି। ଏହାଦ୍ୱାରା ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଭଳି ଏକ ବିଶାଳ ବୀମା କମ୍ପାନୀ ଗଠନ କରିବା ମୂଳ ଲକ୍ଷ୍ୟ ରହିଛି। ତେବେ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ନିବେଶ ଏବଂ ଲୋକ ସମ୍ପତ୍ତି ପରିଚାଳନା ବିଭାଗ(ଦୀପମ୍) ଅନ୍ୟ ବିକଳ୍ପ ଉପରେ ମଧ ବିଚାର କରୁଛି। ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ, ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ ୟୁନାଇଟେଡ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀର ଅଂଶଧନକୁ ବିକ୍ରି କରିବାର ବିକଳ୍ପ ରହିଛି। ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀଙ୍କ ଅଂଶଧନ ବିକ୍ରିକୁ ଦ୍ରୁତତର କରିବା ଲାଗି ସରକାର ଚାହୁଁଛନ୍ତି। କାରଣ ଗତ ୨ ବର୍ଷ ହେଲା ବିକ୍ରି ନିଷ୍ପତ୍ତି ଝୁଲି ରହିଛି। ଏହାବ୍ୟତୀତ ଅନ୍ୟ କେତେକ ବିକଳ୍ପକୁ ନେଇ ମଧ ଚର୍ଚ୍ଚା ହେଉଛି। ନୂଆ ଶେୟାର ଜାରି କରିବା ଏଭଳି ଏକ ବିକଳ୍ପ ରହିଛି, ଯାହାକୁ ନ୍ୟୁ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କିଣିପାରିବ। ଅଥବା ଏହାକୁ ସରକାର ସିଧାସଳଖ ଶେୟାର ବିକ୍ରି କରିବେ। ସେହିପରି ୪ ସାଧାରଣ ବୀମା କମ୍ପାନୀଙ୍କୁ ମିଶାଇ ଦେଇ ଏଲ୍‌ଆଇସି ଭଳି ଏକ ବୃହତ କମ୍ପାନୀ ଗଢ଼ି ସରକାର ଏଥିରେ ଥିବା ନିଜର ଶେୟାରକୁ ବିକ୍ରି କରିଦେବେ। ଏଥିପାଇଁ ୟର୍ନେଷ୍ଟ ଆଣ୍ଡ ୟଙ୍ଗକୁ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ସୂଚନାଥାଉ କି, ସାଧାରଣ ବୀମା କମ୍ପାନୀଗୁଡ଼ିକୁ ଏକୀକରଣ କରିବା ସରକାରଙ୍କ ପୁଞ୍ଜିପ୍ରତ୍ୟାହାରର ଏକ ରଣନୀତି ଭାବେ ଧରାଯାଇଛି। ୨୦୧୭ରେ ସରକାର ନ୍ୟୁ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ଏବଂ ଜେନେରାଲ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆର ଶେୟାରକୁ ବଜାରରେ ତାଲିକାଭୁକ୍ତ କରିଥିଲେ। ଏହି ବିକ୍ରିରୁ ସରକାରୀ କୋଷାଗାରକୁ ପାଣ୍ଠି ଆସିଥିଲା। ସୂଚନାଯୋଗ୍ୟ ଯେ, ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ସରକାର ପୁଞ୍ଜି ପ୍ରତ୍ୟାହାରରୁ ୯୦ ହଜାର କୋଟି ଟଙ୍କା ଆଦାୟ କରିବାର ଲକ୍ଷ୍ୟ ହାସଲ କରିଛନ୍ତି।

## ବନ୍ୟା, ଭୂମିକମ୍ପ ପାଇଁ ଅଲଗା ହେବ ଗାଡ଼ି ବୀମା ପଲିସି

**ନୂଆଦିଲ୍ଲୀ,୨୩-୬**

ସାଧାରଣ ବୀମା କମ୍ପାନୀ ଭୂମିକମ୍ପ, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ, ଭଙ୍ଗାରୁଜା ଏବଂ ଦଙ୍ଗା ଭଳି ଘଟଣା ଲାଗି ଏଣିକି ଗାଡ଼ି ଲାଗି ସ୍ୱତନ୍ତ୍ର ବାର୍ଷିକ ବୀମା ପଲିସି ଉପଲବ୍ଧ କରିବେ। ବୀମା ନିୟାମକ ଆଇଆର୍‌ଡିଏ ସାଧାରଣ ବୀମା କମ୍ପାନୀଙ୍କୁ ସେପ୍ଟେମ୍ବର ପହିଲାରୁ ନୂଆ ଅଥବା ପୁରୁଣା କାର୍, ଦୁଇଚକିଆ ଯାନ ଲାଗି ଅଲଗା ଅଲଗା ପ୍ରକାର ବୀମା ପଲିସି ଉପଲବ୍ଧ କରାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବୀମା ନିୟାମକ ପ୍ରାଧିକରଣ(ଆଇଆର୍‌ଡିଏ) ସୁପ୍ରିମକୋର୍ଟଙ୍କ ରାୟକୁ ପାଳନ କରିବାକୁ ଯାଇ ନିଜର ପୂର୍ବର ନିର୍ଦ୍ଦେଶରେ ସଂଶୋଧନ କରିଛନ୍ତି। ଏଣିକି ସେପ୍ଟେମ୍ବର ପହିଲାରୁ ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ, ଭଙ୍ଗାରୁଜା ଓ ଦଙ୍ଗାର ବୀମା ପଲିସି ଏକୀକୃତ ହେବ ନାହିଁ। ଗାଡ଼ିକୁ ବନ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ଏବଂ ଦଙ୍ଗା ଯୋଗୁ ହେଉଥିବା ଭଙ୍ଗାରୁଜା ଘଟଣାଯୋଗୁ ହେଉଥିବା ସ୍ୱତଃ କ୍ଷତି(ଓନ୍ ଡ୍ୟାମେଜ୍ ବା ଓଡି) ବିପଦରୁ ରକ୍ଷା ପାଇବା ଲାଗି କିଣାଯିବାକୁ ଥିବା ବୀମା ପଲିସିକୁ ବୈକଳ୍ପିକ ରଖାଯାଇଛି। ଏଣିକି ସେପ୍ଟେମ୍ବର ପହିଲାରୁ ବୀମା କମ୍ପାନୀଗୁଡ଼ିକ ଅଲଗା ଅଲଗା ବୀମା ପଲିସି ଜାରି କରିପାରିବେ। ବର୍ତ୍ତମାନ ବୀମା କମ୍ପାନୀଗୁଡ଼ିକୁ ସ୍ୱତଃ କ୍ଷତି ପାଇଁ ଦୀର୍ଘମିଆଦି ପଲିସି ଜାରି କରିବାକୁ ଅନୁମତି ଦିଆଯାଉ ନାହିଁ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

### କାନାରା ବ୍ୟାଙ୍କ ପକ୍ଷରୁ ୯.୨୮ କୋଟି ଟଙ୍କା




**ଭୁବନେଶ୍ୱର,୨୩-୬:** କାନାରା ବ୍ୟାଙ୍କ ପକ୍ଷରୁ ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୯.୨୮ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଆର୍.ଏ. ଶଙ୍କର ନାରାୟଣନ୍ ଭୁବନେଶ୍ୱର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥିବାବଦ ଚେକ୍ ପ୍ରଦାନ କରିଛନ୍ତି। ସେହିଭଳି ସେ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ ମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ଏବଂ ଅନ୍ୟ ଅଧିକାରୀମାନେ ଶଙ୍କରନାରାୟଣନ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶଙ୍କର ନାରାୟଣନ୍ ମଣ୍ଡଳ କାର୍ଯ୍ୟାଳୟଠାରେ ରିଟେଲ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ ଏକ୍ସପୋର ଉଦ୍‌ଘାଟନ କରିଥିଲେ।

### ଓସାଫି ଦେଲା ୩୩.୩୧ ଲକ୍ଷ




**ଭୁବନେଶ୍ୱର,୨୩-୬:** ଫନୀ ପ୍ରଭାବିତ ଅଞ୍ଚଳଗୁଡିକର ପୁନର୍ଗଠନ ଲାଗି ରାଜ୍ୟରେ କାର୍ଯ୍ୟରତ ୧୦ କ୍ଷୁଦ୍ର ଆର୍ଥିକ ସଂସ୍ଥାଙ୍କ ସଙ୍ଗଠନ ଓସାଫି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩୩.୩୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିଭଳି ସଂସ୍ଥାଗୁଡିକ ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ମଧ ହାତକୁ ନିଆଯାଇଛି। ଓସାଫିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ନରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ସଦସ୍ୟ ସଂସ୍ଥାର ପ୍ରତିନିଧି ସୁଶାନ୍ତ ତ୍ରିପାଠୀ, ଗୋବିନ୍ଦ ଦଳ ବେହେରା, ଯୁଗଳ କିଶୋର ପଟ୍ଟନାୟକ, ରାମକୃଷ୍ଣ ଆତେ, ସୁଧୀର ପଟ୍ଟନାୟକ, ଅନୁପ ଘୋଷ, ରାକେଶ ମେହେର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ସିଡନୀ ଏୟାରପୋର୍ଟରେ ମହଙ୍ଗା ପଡିଲା ଚୋରି

# ଏୟାର ଇଣ୍ଡିଆର ସିନିୟର କମାଣ୍ଡର ସସ୍‌ପେଣ୍ଡ

**ନୂଆଦିଲ୍ଲୀ,୨୩-୬**



ଏୟାର ଇଣ୍ଡିଆର ଜଣେ ସିନିୟର କମାଣ୍ଡର ତଥା ଆଞ୍ଚଳିକ ଡାଇରେକ୍ଟର ରୋହିତ ଭାସିନ୍‌ଙ୍କୁ ସିଡନୀ ଏୟାରପୋର୍ଟରେ ଏକ ଡ୍ୟୁଟି ଫ୍ରି ଦୋକାନରୁ ସାମଗ୍ରୀ ଚୋରି କରିବା ଅଭିଯୋଗରେ ସସ୍‌ପେଣ୍ଡ କରାଯାଇଛି। କମ୍ପାନୀ ଡାଇରେକ୍ଟର(ପର୍ସୋନେଲ) ଅମୃତା ଶରଣ ଏହି ସସ୍‌ପେଣ୍ଡ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଶନିବାର ରାତିରେ ସସ୍‌ପେଣ୍ଡ ହୋଇଥିବା କମାଣ୍ଡର ଜଣକ ଦିଲ୍ଲୀ ଉଦ୍ଦେଶ୍ୟରେ ଫ୍ଲାଇଟ୍ ଉଡ଼ାଇବାକୁ ଯିବା ପୂର୍ବରୁ ସେ ଜେଜେବାପା ହୋଇଛନ୍ତି ବୋଲି ଖବର ପାଇବା ମାତ୍ରେ ବିମାନ ବନ୍ଦରସ୍ଥିତ ଏକ ଡ୍ୟୁଟି ଫ୍ରି ଦୋକାନକୁ ଯାଇ ଏକ ସାମଗ୍ରୀ କିଣିଥିଲେ। ତେବେ ସେ ଏଥିପାଇଁ ଅର୍ଥ ପୈଠ କରିବାକୁ ଭୁଲି ଯାଇଥିଲେ। ରବିବାର ସକାଳେ ସେ ଦିଲ୍ଲୀରେ ପହଞ୍ଚିବା କ୍ଷଣି ତାଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ଏୟାର ଇଣ୍ଡିଆ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶରନ ତାଙ୍କ ସସ୍‌ପେଣ୍ଡ ଅର୍ଡରରେ ଲେଖିଛନ୍ତି ଯେ, ଶନିବାର ରାତିରେ ବିମାନ ଛାଡ଼ିବା ପୂର୍ବରୁ ସିନିୟର କମାଣ୍ଡର ଏକ ଶୁଳ୍କମୁକ୍ତ ଦୋକାନରୁ ସାମଗ୍ରୀ ଚୋରି କରିଛନ୍ତି ବୋଲି ସିଡନୀସ୍ଥିତ ଆଞ୍ଚଳିକ ମ୍ୟାନେଜରଙ୍କଠାରୁ ସୂଚନା ମିଳିଥିଲା।

# ୧୨୦୦ ଟଙ୍କାରେ ବିକ୍ରି ହେଉଛି ଗୋଟିଏ ଆମ୍ବ

**ନୂଆଦିଲ୍ଲୀ,୨୩-୬**



ଗୋଟିଏ ଆମ୍ବର ଦାମ ୧୨୦୦ ଟଙ୍କା, ଏହା କେହି କେବେ କଳ୍ପନା ମଧ କରି ନ ଥିବେ। କିନ୍ତୁ ଏହା ନିରାଟ ସତ। ଆମ୍ବର ମହାରାଣୀ କୁହାଯାଉଥିବା ବିଖ୍ୟାତ ‘ନୁରଜାହାଁ’କୁ ଏବେ ୧୨୦୦ ଟଙ୍କାରେ ବିକ୍ରି କରାଯାଉଛି। ଚଳିତବର୍ଷ ମୌସୁମୀ ସହାୟକ ହୋଇଥିବାରୁ ଏହି ଶ୍ରେଣୀର ଗୋଟିଏ ଆମ୍ବର ଓଜନ ୨.୭୫ କେଜି ହୋଇଛି। ଆଫଗାନିସ୍ତାନରେ ମିଳୁଥିବା ଏହି ସ୍ୱତନ୍ତ୍ର ପ୍ରଜାତିର ଆମ୍ବ ଦୀର୍ଘଦିନ ହେବ ମଧ୍ୟପ୍ରଦେଶର ଅଲିରାଜପୁର ଜିଲାର କଚ୍ଛିବାଡା ଅଞ୍ଚଳରେ ଚାଷ କରାଯାଉଛି। ଏହି ଅଞ୍ଚଳଟି ଗୁଜରାଟ ସୀମାରେ ରହିଛି। ଇନ୍ଦୋରଠାରୁ ପ୍ରାୟ ୨୫୦କିମି ଦୂର କଚ୍ଛିବାଡାରେ ଏହି ପ୍ରଜାତିର ଆମ୍ବ ଚାଷ କରିବାରେ ପାରଙ୍ଗମତା ହାସଲ କରିଥିବା ଇଶାକ୍ ମନସୁରୀଙ୍କ କହିବାନୁଯାୟୀ, ମୌସୁମୀ ଅନୁକୂଳ ଥିବାରୁ ଚଳିତବର୍ଷ ନୁରଜାହାଁ ଆମ୍ବ ଫସଲ ବେଶ ଭଲ ହୋଇଛି। ଏଥର ଗୋଟିଏ ଆମ୍ବର ହାରାହାରି ଓଜନ ପ୍ରାୟ ୨.୭୫ କେଜି ରହିଛି। ଗତ ୩ ବର୍ଷ ହେବ ଏହାର ହାରାହାରି ଓଜନ ୨.୫ କେଜି ଥିଲା। ମନସୁରୀଙ୍କ କହିବାନୁଯାୟୀ, ବର୍ତ୍ତମାନ ବଜାରରେ ନୁରଜାହାଁର ଗୋଟିଏ ଫଳ ଦାମ ୭୦୦ରୁ ୮୦୦ ଟଙ୍କା ରହିଛି। ଅଧିକ ଓଜନର ଆମ୍ବ ପାଇଁ ଗ୍ରାହକ ୧୨୦୦ ଟଙ୍କା ଦେଉଛନ୍ତି। ଏପରିକି ଏହି ଆମ୍ବର ଉତ୍ପାଦନ କମ୍ ହେଉଥିବାରୁ ଲୋକେ ଗଛରେ ପାଚିଲା ପୂର୍ବରୁ ଆମ୍ବକୁ କିଣିବା ଲାଗି ବୁକିଂ କରାଇ ନେଇଛନ୍ତି।


## ବିହନ ବିଶୋଧନ ଅଭିଯାନ ୨୦୧୯-୨୦
(ଜିଲ୍ଲା କୃଷି କାର୍ଯ୍ୟାଳୟ, ଜଗତସିଂହପୁର)

ଫସଲକୁ ବିଭିନ୍ନ ରୋଗ ଦାଉରୁ ରକ୍ଷା କରିବା ପାଇଁ ରାଜ୍ୟ ଯୋଜନା ୨୦୧୯-୨୦ ଜରିଆରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଚଳିତ ବର୍ଷ ଜୁନ ମାସ ୨୨ ତାରିଖରୁ ଜୁଲାଇ ମାସ ୧୫ ତାରିଖ ମଧ୍ୟରେ କୃଷି ବିଭାଗ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ଜଗତସିଂହପୁରଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର, ବାଲିକୁଦା, ରଘୁନାଥପୁର, ବିରିଡି ଓ ନାଉଗାଁ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କ ସଞ୍ଚିତ ବିହନ ବିଶୋଧନ ସହିତ ବୈଷୟିକ ଜ୍ଞାନକୌଶଳ ବିଷୟରେ ଅବଗତ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ଏହାର ସଫଳ ରୂପାୟନ ପାଇଁ ଚାଷୀଭାଇ ଓ ଭଉଣୀମାନଙ୍କୁ ବିଶେଷ ଅନୁରୋଧ।
ସ୍ୱା./- ଶ୍ରୀ ପ୍ରମୋଦ କୁମାର ମଲ୍ଲିକ, ଜିଲ୍ଲା କୃଷି ଅଧିକାରୀ, ଜଗତସିଂହପୁର

## ଜିଲ୍ଲା କୃଷି ଅଧିକାରୀ, ଖୋର୍ଦ୍ଧା
### ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯-୨୦

No.13-L:- ଏତଦ୍ୱାରା ରାଜ୍ୟ ଯୋଜନାରେ ଚଳିତ ଖରିଫ ଋତୁରେ ଖୋର୍ଦ୍ଧାଜିଲ୍ଲା ଅନ୍ତର୍ଗତ ତିନିଗୋଟି ବ୍ଲକ ଯଥା: ଖୋର୍ଦ୍ଧା, ବେଗୁନିଆ ଓ ବୋଲଗଡ଼ର ସ୍ଥିରୀକୃତ ଗ୍ରାମଗୁଡ଼ିକରେ ଜୁନ ତା.୦୭।୦୬।୨୦୧୯ରୁ ୧୫।୦୭।୨୦୧୯ରିଖ ମଧ୍ୟରେ ଖରିଫ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି କାର୍ଯ୍ୟକ୍ରମରେ ଚାଷୀଭାଇ ଓ ଭଉଣୀମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ ପ୍ରଦର୍ଶନ କରାଯିବ।

ଏଣୁ, ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଗ୍ରାମର ଚାଷୀଭାଇ ଓ ଭଉଣୀମାନେ ଅଂଶଗ୍ରହଣକରି ନିଜ ନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରିବାକୁ ବିଶେଷ ଅନୁରୋଧ।

ସ୍ୱା./-
ଶ୍ରୀଯୁକ୍ତ ନାରାୟଣ ସେଠୀ
ଜିଲ୍ଲା କୃଷି ଅଧିକାରୀ, ଖୋର୍ଦ୍ଧା
01011/11/0001/1920

No.19-L
## ଜିଲ୍ଲା କୃଷି କାର୍ଯ୍ୟାଳୟ, ଭୁବନେଶ୍ୱର
### ବିହନ ବିଶୋଧନ ଅଭିଯାନ , ଖରିଫ-୨୦୧୯
### ନିରୋଗ ଫସଲ ପାଇଁ ବିହନ ବିଶୋଧନ

ବିହନ ବିଶୋଧନ କରିବା ଦ୍ୱାରା ପ୍ରାଥମିକ ଅବସ୍ଥାରେ ଆକ୍ରମଣ କରୁଥିବା ବିହନଓ ମୃତ୍ତିକାବାହୀ ରୋଗରୁ ଫସଲକୁ ସହଜରେ ଓ କମ ଖର୍ଚ୍ଚ ରେ ସୁରକ୍ଷିତ କରାଯାଇପାରିବ। ଧାନବିହନକୁ କାରବେଣ୍ଡାଜିମ 50%WP, ୧କି.ଗ୍ରା. ବିହନ ପ୍ରତି ୨ ଗ୍ରାମ, କିମ୍ବା ଥିରାମ 75%WS, ୧କି.ଗ୍ରା. ବିହନ ପ୍ରତି ୩ ଗ୍ରାମ, ହିସାବରେ ଭଲ ଭାବରେ ଗୋଳାଇ ବିଶୋଧନ କରାଯାଏ ।

ଭୁବନେଶ୍ୱର କୃଷି ଜିଲ୍ଲା ଅନ୍ତର୍ଗତ ଚାରିଗୋଟି ବ୍ଲକ ଯଥା -(ଭୁବନେଶ୍ୱର, ବାଲିଅନ୍ତା, ବାଲିପାଟଣା ଓ ଜଟଣୀ) ର ସ୍ଥିରୀକୃତ ଗ୍ରାମଗୁଡିକରେ ତା ୧୯। ୦୬। ୨୦୧୯ ଠାରୁ ୧୦।୦୭।୨୦୧୯ରିଖ ମଧ୍ୟରେ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ କରାଯାଉଅଛି । ଏହି କାର୍ଯ୍ୟକ୍ରମରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ ପ୍ରଦର୍ଶନ କରାଯିବ।

ଏଣୁ ଚାଷୀ ମାନେ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ନିଜ ଗ୍ରାମରେ ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ରୋଗ ମୁକ୍ତ କରନ୍ତୁ ।

D. Patanga 13/6/19
ସ୍ୱା/- ଦୁର୍ଯ୍ୟୋଧନ ପତଙ୍ଗ
ଜିଲ୍ଲା କୃଷି ଅଧିକାରୀ , ଭୁବନେଶ୍ୱର
01422/11/0002/1920


# ପ୍ରଡକ୍ଟ ଗୁଣବତ୍ତାରେ ସାଲିସ କରୁନା



**ଦେଶରେ ଫର୍ନିଚର ପ୍ରଡକ୍ଟ ଯୋଗାଣ କରୁଥିବା କମ୍ପାନୀଗୁଡିକ ସେମାନଙ୍କ ସ୍ଥିତିକୁ ଟାୟାର ୨ ଏବଂ ୩ ସହରଗୁଡିକରେ ଦୃଢ କରିବାକୁ ବିଭିନ୍ନ ଯୋଜନା ଗ୍ରହଣ କରୁଛନ୍ତି। ଏ ଦିଗରେ ଷ୍ଟାଇଲ ସ୍ପା ଏକ ପରିଚିତ ବ୍ରାଣ୍ଡ। ଫୋର୍ଟେ ଫର୍ନିଚର ପ୍ରଡକ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଅଧୀନରେ ଏହି ବ୍ରାଣ୍ଡ ପରିଚାଳିତ। ଘରୋଇ ବଜାରରେ କମ୍ପାନୀର ଯୋଜନା ଏବଂ ବିଭିନ୍ନ ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ନେଇ ଏହାର ସେଲ୍‌ସ ଡିଜିଏମ୍ ତଥାଗତ ଦାସଗୁପ୍ତା ‘ଧରିତ୍ରୀ’କୁ ଦେଇଥିବା ସାକ୍ଷାତକାର...**

ସାକ୍ଷାତ୍: ସତ୍ୟାନନ୍ଦ ନାୟକ

**ଗ୍ରାହକଙ୍କ ଚାହିଦାରେ ଦ୍ରୁତ ପରିବର୍ତ୍ତନ ଆସୁଛି। ଏ ଦିଗରେ କମ୍ପାନୀ କିଭଳି ଭାବେ ନିଜକୁ ପ୍ରସ୍ତୁତ ରଖିଛି?**
ପରିବର୍ତ୍ତିତ ଚାହିଦା ସହ ଲୋକଙ୍କ ଆବଶ୍ୟକତାକୁ ସବୁ ବେଳେ ଧ୍ୟାନରେ ରଖିଛୁ। ଲୋକମାନେ ପୂର୍ବରୁ ପାରମ୍ପରିକ ଢଙ୍ଗରେ ଫର୍ନିଚର ଘରେ ତିଆରି କରାଇ ବ୍ୟବହାର କରୁଥିଲେ। ଏବେ ପ୍ରସ୍ତୁତ ହୋଇଥିବା ପ୍ରଡକ୍ଟଗୁଡିକୁ କ୍ରୟ ନେଇ ଆଗ୍ରହ ଦେଖାଉଛନ୍ତି। ଏହାକୁ ଧ୍ୟାନରେ ରଖି ରେଡି ଟୁ ଆସେମ୍ବଲ ଫର୍ନିଚର କନସେପ୍ଟ ଆରମ୍ଭ କରିଥିଲୁ। ଏହା ବର୍ତ୍ତମାନ ଲୋକପ୍ରିୟତା ହାସଲ କରିଛି। ଲୋକଙ୍କ ପାଖରେ ସମୟ କମ୍ ରହିବାରୁ ସେମାନେ ରେଡିମେଡ ଫର୍ନିଚର କିଣିବାକୁ ପସନ୍ଦ କରୁଛନ୍ତି। ଏହି କ୍ରମରେ ଏବେ ପ୍ରଡକ୍ଟ କ୍ରୟ ନେଇ ମଧ ଲୋକଙ୍କ ରୁଚି ପରିବର୍ତ୍ତନ ହୋଇଛି। ପାରମ୍ପରିକ ସୋଫାର ସ୍ଥାନ ପ୍ଲସି ସୋଫା ଗ୍ରହଣ କରିଛି। ସେହିଭଳି ବେଡ୍‌ରୁମ ରେଞ୍ଜରେ ପୂର୍ବରୁ ମାନୁଆଲ ଷ୍ଟୋରେଜ ଥିବା ବେଡ୍ ଆସୁଥିବା ବେଳେ ଏହା ପରିବର୍ତ୍ତନ ହୋଇ ହାଇଡ୍ରଲିକ୍ସ ବେଡ୍ ଆସିଛି। ଏହା କେବଳ ଓଡ଼ିଶା ବଜାର କଥା ନୁହେଁ। ସାରା ଦେଶରେ ଏହି ପରିବର୍ତ୍ତନ ଧାରା ଆସିଛି। ଲୋକମାନେ କମ୍ପାକ୍ଟ ପ୍ରଡକ୍ଟ କଥା ଚିନ୍ତା କରୁଛନ୍ତି। ଲୋକଙ୍କର ଫର୍ନିଚର ଚଏସ, ସାଇଜ ଏବଂ ମଡେଲ ଚୟନ ବେଳେ ବିଭିନ୍ନ ପ୍ରସଙ୍ଗ ବିଚାର କରାଯାଉଥିବା ନଜରକୁ ଆସିଛି। ଏହାକୁ ଧ୍ୟାନରେ ରଖି ଲୋକମାନଙ୍କର ଫିଡ୍‌ବ୍ୟାକ୍ ନେଇ ପ୍ରଡକ୍ଟ ପ୍ରସ୍ତୁତ କରୁଛୁ।

**ଶୋ’ରୁମରୁ କିଣା ଯାଉଥିବା ଫର୍ନିଚରର ସ୍ଥାୟୀତ୍ୱ ଏବଂ ପ୍ରଡକ୍ଟରେ ବ୍ୟବହୃତ କଞ୍ଚାମାଲ ନେଇ ସାଧାରଣତଃ ଗ୍ରାହକଙ୍କ ମନରେ ପ୍ରଶ୍ନ ଥାଏ। ଏ ପ୍ରସଙ୍ଗରେ କ’ଣ ମତ ଦେବେ?**
ଗ୍ରାହକ କ’ଣ କିଣିବେ ନ କିଣିବେ ତାହା ସେମାନଙ୍କ ନିଜସ୍ୱ ପସନ୍ଦ ଉପରେ ନିର୍ଭର କରିଥାଏ। ମାତ୍ର ମାନୁଫାକ୍‌ଚରର ହିସାବରେ ସବୁବେଳେ ସର୍ବୋତ୍ତମ ପ୍ରଡକ୍ଟ ଯୋଗାଣ ଦିଗରେ ଆମେ ପ୍ରୟାସ ଜାରି ରଖିଛୁ। ଏହା ଦ୍ୱାରା ଗ୍ରାହକ ଆମ ପ୍ରଡକ୍ଟ ଉପରେ ଭରସା କରିବା ସହ ପୁଣି ଆମ ପାଖକୁ ଆସିପାରିବ। ଏହି ଧାରା ଯୋଗୁ ଆମେ ପୁରୁଣା ଗ୍ରାହକଙ୍କୁ ଆମ ବ୍ରାଣ୍ଡ ସହ ଯୋଡି ରଖି ପାରିଛୁ। ପ୍ରଡକ୍ଟର ଗୁଣବତ୍ତା ଦ୍ୱାରା ଆମ ସାମଗ୍ରୀ ଗ୍ରାହକଙ୍କ ଭଲ ପାଇବା ଲାଭ କରିଛି। ଏଣୁ ପ୍ରଡକ୍ଟ ଗୁଣବତ୍ତାରେ କେବେ ସାଲିସ କରୁନା।

**କମ୍ପାନୀଙ୍କ ମଧ୍ୟରେ ଏବେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଛି। ଗ୍ରାହକଙ୍କ ପାଇଁ ଏ ଦିଗରେ କମ୍ପାନୀ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛି?**
ଗ୍ରାହକଙ୍କୁ ପ୍ରଡକ୍ଟ କ୍ଷେତ୍ରରେ ୩ ବର୍ଷର ୱାରେଣ୍ଟି ଦେଉଛୁ। ଏହା ପୂର୍ବରୁ ୱାରେଣ୍ଟି ୧ ବର୍ଷ ରହିଥିଲା। ଆମର ନିଜସ୍ୱ ଫ୍ୟାକ୍ଟ୍ରି ଚେନ୍ନାଇରେ ରହିଛି। ପ୍ରଡକ୍ଟ କ୍ଷେତ୍ରରେ କୌଣସି ଅସୁବିଧା ଦେଖାଗଲେ ଏହି ଅସୁବିଧାକୁ ତ୍ୱରିତ ସମାଧାନ କରିବାକୁ ପଦକ୍ଷେପ ନେଉଛୁ। ଭଲ ପ୍ରଡକ୍ଟ, ଅଭିଜ୍ଞ ସେଲ୍‌ସ ଟିମ୍, ଉନ୍ନତ ବିକ୍ରି ପରବର୍ତ୍ତୀ ସେବା ଉପରେ ନଜର ରଖିଛୁ। ଏହା ଠିକ୍ ରହିଲେ ବଜାରରେ ଯେତେ ପ୍ରତିଦ୍ୱନ୍ଦ୍ୱିତା ରହିଲେ ମଧ ଆଗକୁ ବଢିବାରେ କୌଣସି ଅସୁବିଧା ନାହିଁ।

**ଓଡ଼ିଶା ବଜାରକୁ ନେଇ କମ୍ପାନୀର ଯୋଜନା ସମ୍ପର୍କରେ କ’ଣ କହିବେ?**
ଘରୋଇ ବଜାର କଥା ବିଚାର କଲେ ଆମ ପାଇଁ ଓଡ଼ିଶା ଏକ ଟପ୍ ପର୍‌ଫର୍ମର ବଜାର। ଓଡ଼ିଶା ବଜାର ନିରନ୍ତର ଅଭିବୃଦ୍ଧି ହାସଲ କରୁଛି। ବିଭିନ୍ନ ପ୍ରତିଷ୍ଠିତ ବ୍ରାଣ୍ଡ ଏଠାରେ ଷ୍ଟୋର ସ୍ଥାପନ କରିଛନ୍ତି। ସ୍ଥାନୀୟ ମାନୁଫାକଚରର ମଧ ଚାଇନାରୁ ସାମଗ୍ରୀ ଆମଦାନୀ କରି ଏଠାରେ ଆସେମ୍ବଲ କରୁଛନ୍ତି। ରାଜ୍ୟର ଭୁବନେଶ୍ୱର ଏବଂ ସମ୍ବଲପୁରରେ କମ୍ପାନୀ ଷ୍ଟୋର ସ୍ଥାପନ କରିଛୁ। ଉଭୟ ଷ୍ଟୋର ଭଲ କାରବାର କରୁଛି। ଏହି ଷ୍ଟୋରଗୁଡିକ ସହ କାରବାର ଧାରାକୁ ବଢାଇବାକୁ ଯୋଜନା ରହିଛି। ସାରା ରାଜ୍ୟରେ ଡିଲର ଏବଂ ଫ୍ରାଞ୍ଚାଇଜି ଓ ଡିଲର ନେଟ୍‌ୱର୍କକୁ ଦୃଢୀକରଣ କରିବାକୁ ଲକ୍ଷ୍ୟ ରଖିଛୁ। ୨୦୨୦ ମାର୍ଚ୍ଚ ସୁଦ୍ଧା ନୂଆ ୮ ଫ୍ରାଞ୍ଚାଇଜ ଯୋଡିବାକୁ ଉଦ୍ୟମ ଜାରି ରହିଛି। ଏ ନେଇ ପ୍ରକ୍ରିୟା ଆରମ୍ଭ କରିଛୁ। ଯାଜପୁର ରୋଡ,କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ଜୟପୁର ଭଳି ସ୍ଥାନରେ ନୂଆ ଷ୍ଟୋର ଆସିବ।

**ଘରୋଇ ବଜାରରେ କମ୍ପାନୀର ବର୍ତ୍ତମାନର ସ୍ଥିତି ନେଇ କିଛି ସୂଚନା ଦେବେ?**
ସାରା ଦେଶରେ ୪୦ କମ୍ପାନୀ ଷ୍ଟୋର ସହ ସେବା ଯୋଗାଇ ଦେଉଛୁ। ସେହିଭଳି ଆମ ନେଟ୍‌ୱର୍କରେ ୩୫ ରୁ ୪୦ ଡିଲର ରହିଛନ୍ତି। ଏହି ନେଟ୍‌ୱର୍କକୁ ମଧ ବଢାଯିବାକୁ ଯୋଜନା ରଖିଛୁ। ପୂର୍ବାଞ୍ଚଳରେ କମ୍ପାନୀର ୧୦ ଷ୍ଟୋର ରହିଛି। ଅଧିକାଂଶ ରାଜ୍ୟରେ ଉପସ୍ଥିତି ଜାହିର କରିଥିବା ବେଳେ ଦେଶର ଦକ୍ଷିଣାଭାଗରେ ଉପସ୍ଥିତି ଉନ୍ନତ ରହିଛି।

## ସଂକ୍ଷେପରେ

### କୋହଲି, ବୁମରାଙ୍କୁ ମିଳିବ ବିଶ୍ରାମ

ନୂଆଦିଲ୍ଲୀ,୨୩।୬: ଭାରତୀୟ ଅଧିନାୟକ ବିରାଟ କୋହଲି ଓ ପେସର ଯଶପ୍ରୀତ ବୁମରାଙ୍କୁ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯିବାକୁ ସୀମିତ ଓଭର କ୍ରିକେଟ ସିରିଜ୍‌ରୁ ବିଶ୍ରାମ ଦିଆଯିବ। ଏହି ସିରିଜ୍ ୟୁନାଇଟେଡ୍ ଷ୍ଟେଟ୍ସ ଅଫ୍ ଆମେରିକାରେ ଅଗଷ୍ଟ ୩ ତାରିଖରୁ ଖେଳାଯିବ। ଦିନିକିଆ ଓ ଟି୨୦ ସିରିଜ୍ ପରେ କୋହଲି ଓ ବୁମରା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଦଳକୁ ଫେରିବେ, ଯାହାକି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ। କୋହଲି ଓ ବୁମାରଙ୍କୁ ୩ ଟି ଲେଖାଏ ଟି୨୦ ଓ ଦିନିକିଆ ମ୍ୟାଚ୍‌ରୁ ବିଶ୍ରାମ ଦିଆଯିବ। ଭାରତୀୟ ଅଧିନାୟକ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ଠାରୁ କ୍ରମାଗତ ଖେଳୁଛନ୍ତି। ସେହିଭଳି ବୁମରାଙ୍କ କାର୍ଯ୍ୟଭାର ବୃଦ୍ଧି ପାଇଛି। ଉଭୟ ଖେଳାଳି ଟେଷ୍ଟ ସିରିଜ୍ ପୂର୍ବରୁ ଦଳରେ ଯୋଗଦେବେ ବୋଲି ସିନିୟର ବିସିସିଆଇ ଅଫିସିଆଲ କହିଛନ୍ତି। ବ୍ୟସ୍ତବହୁଳ ବିଶ୍ୱକପ୍ ପରେ ଦଳର ଆଉ କିଛି ଖେଳାଳିଙ୍କୁ ମଧ ବିଶ୍ରାମ ଦିଆଯିବ। କାରଣ ଭାରତୀୟ ଦଳ ଏବେ ୪ ବିଜୟ ସହ ସେମିଫାଇନାଲ ଖେଳିବା ପ୍ରାୟତଃ ନିଶ୍ଚିତ କରିସାରିଛି। ଦଳ ଫାଇନାଲକୁ ଉନ୍ନୀତ ହେବାରେ ସଫଳ ହେଲେ ସମସ୍ତ ଖେଳାଳି ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ଖେଳିବେ। ଏଣୁ ଆଗଧାଡ଼ିର ବ୍ୟାଟ୍ସମ୍ୟାନ ଓ ବୋଲରଙ୍କୁ ଯଥେଷ୍ଟ ବିଶ୍ରାମ ଦରକାର। ଏ ସମ୍ପର୍କରେ ବିସିସିଆଇ ଅନୁରୋଧ କ୍ରମେ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ଟେଷ୍ଟ ସିରିଜ୍‌କୁ ଟି୨୦ ଓ ଦିନିକିଆ ସିରିଜ୍ ପରେ ଆୟୋଜନ କରିବାକୁ ରାଜି ହୋଇଛି। ଟେଷ୍ଟ ସିରିଜ୍ ପୂର୍ବରୁ ମୟଙ୍କ ଅଗ୍ରୱାଲା, ପୃଥ୍ୱୀ ଶ, ହନୁମା ବିହାରୀ ସେଠାରେ ଏ' ଶ୍ରେଣୀ ମ୍ୟାଚ୍ ଖେଳିବେ। କ୍ରୁନାଲ ପାଣ୍ଡ୍ୟା, ଶ୍ରେୟାସ ଆୟାର, ରାହୁଲ ଚହର, ସଞ୍ଜୁ ସାମସନଙ୍କ ଭଳି ଖେଳାଳିଙ୍କୁ ଟି୨୦ ଦଳରେ ସୁଯୋଗ ଦିଆଯିବ।

# ଦକ୍ଷିଣ ଆଫ୍ରିକା ସେମି ଦୌଡ଼ରୁ ବାଦ୍

ଲଣ୍ଡନ,୨୩।୬(ପି.ଟି.)

ଶେଷରେ ପାକିସ୍ତାନ ଜୋରଦାର୍ ପ୍ରତ୍ୟାବର୍ତ୍ତନ ସହ ବିଶ୍ୱକପ୍‌ର ୩୦ତମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୪୯ ରନରେ ପରାସ୍ତ କରି ତା'ର ସେମିଫାଇନାଲର କ୍ଷୀଣ ଆଶାକୁ ଉଜ୍ଜୀବିତ ରଖିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୯ ଉଇକେଟ ହରାଇ ୨୫୯ ରନ କରି ପରାଜୟ ବରଣ କରିଛି। ଏଥିସହ ପାକିସ୍ତାନ ୬ଟି ମ୍ୟାଚ୍ ଖେଳି ୨ଟି ବିଜୟ, ୩ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନକୁ ଉଠିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ୭ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ତାଲିକାର ନବମ ସ୍ଥାନକୁ ଖସିଛି। ଏଥି ସହିତ ଦକ୍ଷିଣ ଆଫ୍ରିକା ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିଛି।

୩୦୯ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ଅଭିଜ୍ଞ ହାସିମ ଅମଲା (୨ରନ୍)ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଅଧିନାୟକ ଫାଫ୍ ଡୁପ୍ଲେସି (୬୩ ରନ, ୭୯ ବଲ, ୫ ଚୌକା) ଓ କ୍ୱିଣ୍ଟନ ଡିକକ୍ (୪୭ ରନ, ୬୦ ବଲ, ୩ ଚୌକା, ୨ ଛକା)ଙ୍କୁ ବାଦ ଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ବଡ଼ ସ୍କୋର ହାସଲ କରିପାରି ନ ଥିଲେ। ନିୟମିତ ଅନ୍ତରରେ ଦଳ ଉଇକେଟ ହରାଇଥିଲା। ରାସି ଭାନ୍ ଡେର ଡୁସେନ ୩୬, ଡେଭିଡ ମିଲର ୩୧, କ୍ରିସ ମୋରିସ ୧୬ ରନ କରି ଆଉଟ ହୋଇଥିଲେ। ତେବେ ଶେଷ ଆଡ଼କୁ ଆଣ୍ଡିଲ ଫେଲୁକ୍ୱାୟୋ ୩୨ ବଲରୁ ୬ ଚୌକା ସହ ୪୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ



ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ପାକିସ୍ତାନର ହାରିସ୍ ସୋହେଲ ।

ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ୱାହାବ ରିୟାଜ ଓ ସଦାବ ଖାଁ ୩ଟି ଲେଖାଏ, ମହମ୍ମଦ ଆମୀର ୨ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ ତରଫରୁ ପ୍ରତ୍ୟାବର୍ତ୍ତନ କରିଥିବା ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହାରିସ ସୋହେଲ ଜବରଦସ୍ତ ବ୍ୟାଟିଂର ନମୁନା ପ୍ରଦର୍ଶନ କରିଥିଲେ। ମାତ୍ର ୫୯ଟି ବଲର ସମ୍ମୁଖୀନ ହୋଇ ସୋହେଲ ୯ ଚୌକା ଓ ୩ ଛକା ସହ ଦ୍ରୁତ ୮୯ ରନ ସଂଗ୍ରହ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଖେଳି ୩୦ ବର୍ଷୀୟ ସୋହେଲ ଚତୁର୍ଥ ଉଇକେଟରେ ବାବର ଆଜମଙ୍କ ସହ ୮୦ ବଲରୁ ୬୯ ରନ ସଂଗ୍ରହ କରିଥିଲେ। ସେହିପରି ପଞ୍ଚମ ଉଇକେଟରେ ଇମାଦ ୱାସିମଙ୍କ ସହ ସୋହେଲ ୪୦ ବଲରୁ ୭୧ ରନ ସଂଗ୍ରହ କରିଥିଲେ। ଅନ୍ତିମ ୧୦ ଓଭରରେ ପାକିସ୍ତାନ ୯୧ ରନ ସଂଗ୍ରହ କରିଥିଲା ଓ ଏଥିରେ ସୋହେଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଖରାପ ଫର୍ମ ଦେଇ ଗତି କରୁଥିବା ଅଭିଜ୍ଞ ସୋଏବ ମଲିକଙ୍କ ସ୍ଥାନରେ ସୋହେଲଙ୍କୁ ଅନ୍ତିମ ଏକାଦଶରେ ସାମିଲ କରାଯାଇଥିଲା। ସୋହେଲ ମଧ୍ୟ ଏହାର ଯଥାର୍ଥତା ପ୍ରତିପାଦନ କରିଥିଲେ।

ଦୁଇ ଓପନର ଇମାମ ଉଲ ହକ ଓ ଫକର ଜମାନ ୪୪ ରନ ଲେଖାଏ କରି ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ଦ୍ୱାରା ଆଉଟ ହୋଇଥିଲେ। ପ୍ରଥମେ ଫକର ଓ ପରେ ଇମାମ ଆଉଟ ହୋଇଥିଲେ। ପ୍ରଥମ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୮୧ ରନ ସଂଗ୍ରହ କରିଥିଲେ। ଏହାପରେ ଅଭିଜ୍ଞ ମହମ୍ମଦ ହାଫିଜ୍ ୨୦ ରନ କରିଥିବା ବେଳେ ଏଡେନ ମାରକ୍ରାମଙ୍କ ଦ୍ୱାରା ଆଉଟ ହୋଇଥିଲେ। ନିର୍ଭରଯୋଗ୍ୟ ବାବର ଆଜମ ଆଶା ଅନୁରୂପ ପ୍ରଦର୍ଶନ କରିଥିଲେ ଓ ୮୦ଟି ବଲରୁ ୭ ଚୌକା ସହ ୬୯ ରନ କରି ଆଣ୍ଡିଲ ଫେଲୁକ୍ୱାୟୋଙ୍କ ଶିକାର ହୋଇଥିଲେ। ଇମାଦ ୱାସିମ ୧୫ ବଲରୁ ୩ ଚୌକା ସହ ଦ୍ରୁତ ୨୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଲୁନ୍‌ଗି ଏନ୍‌ଗିଡିଙ୍କ ଦ୍ୱାରା ଆଉଟ ହେବା ପୂର୍ବରୁ ସୋହେଲ ଦଳର ସ୍କୋରକୁ ୩୦୦ ପାର କରାଇଥିଲେ। ୱାହାବ ରିୟାଜ ୪ ରନ କରି ଆଉଟ ହୋଇଥିବା ବେଳେ ଅଧିନାୟକ ସର୍ଫରାଜ ଅହମ୍ମଦ ୨ ଓ ଶଦାବ ଖାଁ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଲୁନ୍‌ଗି ଏନ୍‌ଗିଡି ସର୍ବାଧିକ ୩, ତାହିର ୨, ଫେଲୁକ୍ୱାୟୋ ଓ ମାରକ୍ରାମ ଗୋଟିଏ କରି ଉଇକେଟ ହାସଲ କରିଥିଲେ। ତାହିର ଏଥିସହିତ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ପାଇଁ ରେକର୍ଡ କରିଛନ୍ତି। ସେ ମୋଟ ୩୮ଟି ଉଇକେଟ ଅକ୍ତିଆର କରି ଆଲାନ ଡୋନାଲ୍ଡଙ୍କୁ ଅତିକ୍ରମ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୫୦ ଓଭରରେ ୩୦୮/୭ (ସୋହେଲ- ୮୯, ଆଜମ- ୬୯, ଇମାମ- ୪୪, ଫକର- ୪୪, ଇମାଦ- ୨୩, ହାଫିଜ- ୨୦, ଏନ୍‌ଗିଡି- ୩/୬୪, ତାହିର- ୨/୪୧)।

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୨୫୯/୯ (ଡୁପ୍ଲେସି- ୬୩, ଡିକକ୍- ୪୭, ଫେଲୁକ୍ୱାୟୋ- ୪୬*, ଡୁସେନ- ୩୬, ମିଲର- ୩୧, ରିୟାଜ- ୩/ ୪୬, ଶଦାବ- ୩/୫୦, ଅମୀର- ୨/୪୯)।

# ଧିମା ବ୍ୟାଟିଂ ଲାଗି ଧୋନୀଙ୍କୁ ସମାଲୋଚନା

ସାଉଥାମ୍ପଟନ,୨୩।୬



ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପୁଣି ଥରେ ସମାଲୋଚନା କରାଯାଇଛି। ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଧୋନୀ ଧିମା ବ୍ୟାଟିଂ କରିଥିଲେ, ଯେଉଁ ମ୍ୟାଚ୍‌କୁ ଭାରତୀୟ ଦଳ ୧୧ ରନ୍‌ରେ ଜିତି ନେଇଥିଲା। ଶନିବାର ଅଧିନାୟକ ବିରାଟ କୋହଲିଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନଙ୍କ ଲାଗି ଆଫଗାନ ସ୍ପିନରଙ୍କ ସମ୍ମୁଖୀନ ହେବା ସହଜ ହୋଇ ନ ଥିଲେ। ଫଳରେ ଭାରତୀୟ ଦଳ ଧାର୍ଯ୍ୟ ୫୦ ଓଭରରେ ୮ ଉଇକେଟ ହରାଇ ୨୨୪ ରନ୍ କରିପାରିଥିଲା। ୫ମ କ୍ରମରେ ବ୍ୟାଟିଂ କରିବାକୁ ଆସିଥିବା ଧୋନୀ ୫୨ ବଲର ସମ୍ମୁଖୀନ ହୋଇ ମାତ୍ର ୨୮ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଏହି ଇନିଂସରେ ୩୭ ବର୍ଷୀୟ ବ୍ୟାଟ୍ସମ୍ୟାନ ୩ ଚୌକା ଲଗାଇଥିଲେ। କିନ୍ତୁ ଷ୍ଟ୍ରାଇକ ରୋଟେଟ୍ ନ କରିପାରିବାରୁ କ୍ରିକେଟ ପ୍ରଶଂସକମାନେ ତାଙ୍କୁ ସମାଲୋଚନା କରିଛନ୍ତି। ସୌରଭ ଗାଙ୍ଗୁଲିଙ୍କ ବୟସ ହୋଇଯାଇଥିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। କ୍ୟାରିୟରର ଅନ୍ତିମ ଦୁଇବର୍ଷରେ ଗାଙ୍ଗୁଲି ଧୋନୀଙ୍କଠାରୁ ବହୁତ ଭଲ ବ୍ୟାଟ୍ସମ୍ୟାନ ଥିଲେ। ଧୋନୀ ତୁରନ୍ତ ଅବସର ନେବା ଉଚିତ ବୋଲି ଜଣେ ପ୍ରଶଂସକ ଟୁଇଟ୍ କରିଛନ୍ତି। ୪୫ତମ ଓଭରରେ ଧୋନୀ ଛକା ମାରିବାକୁ ଉଦ୍ୟମ କରି ରଶିଦ ଖାନଙ୍କ ବଲରେ ଷ୍ଟମ୍ପିଂ ହୋଇଥିଲେ। କ୍ୟାରିୟରରେ ଦ୍ୱିତୀୟ ଥର ଲାଗି ସେ ଉଇକେଟକିପରଙ୍କ ଦ୍ୱାରା ଆଉଟ୍ ହୋଇଛନ୍ତି।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୬ | ୫ | ୦ | ୦ | ୧ | ୧୧ | +୧.୩୦୬ |
| ଅଷ୍ଟ୍ରେଲିଆ | ୬ | ୫ | ୧ | ୦ | ୦ | ୧୦ | +୦.୮୪୯ |
| **ଭାରତ** | **୫** | **୪** | **୦** | **୦** | **୧** | **୯** | **+୦.୮୦୯** |
| ଇଂଲଣ୍ଡ | ୬ | ୪ | ୨ | ୦ | ୦ | ୮ | +୧.୪୫୭ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ବାଂଲାଦେଶ | ୬ | ୨ | ୩ | ୦ | ୧ | ୫ | -୦.୪୦୭ |
| ପାକିସ୍ତାନ | ୬ | ୨ | ୩ | ୦ | ୧ | ୫ | -୧.୨୬୫ |
| ୱେଷ୍ଟଇଣ୍ଡିଜ | ୬ | ୧ | ୪ | ୦ | ୧ | ୩ | +୦.୧୯୦ |
| ଦକ୍ଷିଣ ଆଫ୍ରିକା | ୭ | ୧ | ୫ | ୦ | ୧ | ୩ | -୦.୩୨୪ |
| ଆଫଗାନିସ୍ତାନ | ୬ | ୦ | ୬ | ୦ | ୦ | ୦ | -୧.୭୧୨ |

# ହ୍ୟାଟ୍ରିକ୍ ହିରୋ

## ଚେତନଙ୍କଠାରୁ ସାମିଙ୍କ ପର୍ଯ୍ୟନ୍ତ

ଆଇସିସି ବିଶ୍ୱକପ୍‌ରେ ସଦ୍ୟତମ ଖେଳାଳି ଭାବେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଦିନିକିଆ ବିଶ୍ୱକପ୍ ଇତିହାସରେ ହ୍ୟାଟ୍ରିକ ନେବାରେ ଏହା ଦଶମ ଘଟଣା ଥିଲା। ପ୍ରାକ୍ତନ ଭାରତୀୟ ଦ୍ରୁତ ବୋଲର ଚେତନ ଶର୍ମା ପ୍ରଥମ ବୋଲର ଭାବେ ବିଶ୍ୱକପ୍‌ରେ ହ୍ୟାଟ୍ରିକ ନେବାର ବିରଳ କୃତିତ୍ୱ ଲାଭ କରିଥିଲେ। ସେହିଭଳି ସିଂହଳୀ ସ୍ପିଡ୍‌ଷ୍ଟାର ଲସିଥ୍ ମାଲିଙ୍ଗା ଏକମାତ୍ର ବୋଲରଭାବେ ବିଶ୍ୱକପ୍‌ରେ ୨ଥର ହ୍ୟାଟ୍ରିକ ଉଇକେଟ୍ ନେବାର ଅନନ୍ୟ ସଫଳତା ଲାଭ କରିଛନ୍ତି। ଚେତନଙ୍କଠାରୁ ଆରମ୍ଭ ହୋଇ ସାମିଙ୍କ ପର୍ଯ୍ୟନ୍ତ ଲମ୍ବିଥିବା ଏହି ହ୍ୟାଟ୍ରିକ ଉଇକେଟ୍ ହାସଲକାରୀ ବୋଲରଙ୍କ ସଫଳତା ସମ୍ପର୍କରେ...



ମହମ୍ମଦ ସାମି

### ୧ ମହମ୍ମଦ ସାମି (ଭାରତ, ୨୦୧୯)

ସଦ୍ୟତମ ବୋଲର୍‌ଭାବେ ଭାରତର ମହମ୍ମଦ ସାମି ଆଇସିସି ଦିନିକିଆ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରିଛନ୍ତି। ଇଂଲଣ୍ଡରେ ଚାଲିଥିବା ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣର ୨୮ତମ ମ୍ୟାଚ୍‌ରେ ଏସୀୟ ରାଷ୍ଟ୍ର ଆଫଗାନିସ୍ତାନ ବିପକ୍ଷରେ ସାମି ଏହି ସଫଳତା ପାଇଛନ୍ତି। ଭାରତ ପକ୍ଷରୁ ଧାର୍ଯ୍ୟ ୨୨୫ ରନର ଟାର୍ଗେଟ୍‌କୁ ପିଛା କରୁଥିବା ଆଫଗାନିସ୍ତାନର ୪୯ତମ ଓଭରର ୩ୟ, ୪ର୍ଥ ଓ ୫ମ ବଲ୍‌ରେ ଯଥାକ୍ରମେ ମହମ୍ମଦ ନବି, ଅଫତାବ ଆଲମ ଓ ମୁଜିବ୍ ଉର୍ ରହମାନଙ୍କୁ ଆଉଟ୍ କରି ସାମି ହ୍ୟାଟ୍ରିକ ପୂରଣ କରିଥିଲେ।

### ୨ ଜେପି ଡୁମିନି (ଦକ୍ଷିଣ ଆଫ୍ରିକା, ୨୦୧୫)



୨୦୧୫ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାର ଜେପି ଡୁମିନି ଲଗାତର ୩ଟି ବଲରେ ୩ ଉଇକେଟ୍ ନେଇ ହ୍ୟାଟ୍ରିକ ହାସଲକାରୀ ବୋଲର ତାଲିକାରେ ନିଜ ନାମକୁ ଯୋଡ଼ିଥିଲେ। ଡୁମିନି ଶ୍ରୀଲଙ୍କା ବିପକ୍ଷ କ୍ୱାର୍ଟରରେ ଯଥାକ୍ରମେ ଆଞ୍ଜେଲୋ ମାଥ୍ୟୁସ, ନୁଆନ କୁଲଶେଖରା ଓ ଥାରିନ୍ଦୁ କୁଶଲଙ୍କୁ ଆଉଟ୍ କରିଥିଲେ। ସେ ଗୋଟିଏ ଓଭରର ଅନ୍ତିମ ୨ ବଲ ଓ ପରବର୍ତ୍ତୀ ଓଭରର ପ୍ରଥମ ବଲରେ ଏହି ଉଇକେଟ୍ ନେଇ ପ୍ରଥମ ଦକ୍ଷିଣ ଆଫ୍ରିକା ବୋଲରଭାବେ ବିଶ୍ୱକପ୍ ଇତିହାସରେ ହ୍ୟାଟ୍ରିକ ଉଇକେଟ୍ ସଫଳତା ପାଇଥିଲେ।

### ୩ ଷ୍ଟିଭେନ୍ ଫିନ୍ (ଇଂଲଣ୍ଡ, ୨୦୧୫)



ବିଶ୍ୱକପ୍‌ର ୨୦୦୩ ଓ ୨୦୧୧ ପରି ୨୦୧୫ ସଂସ୍କରଣରେ ମଧ ୨ଟି ହ୍ୟାଟ୍ରିକ ଦେଖିବାକୁ ମିଳିଥିଲା। ଡୁମିନି ଓ ଇଂଲଣ୍ଡର ଷ୍ଟିଭେନ୍ ଫିନ୍ ୨୦୧୫ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଉଇକେଟ୍ ନେଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ହ୍ୟାଟ୍ରିକ ଉଇକେଟ୍ ଦଖଲ କରି ପ୍ରଥମ ଇଂଲିଶ ବୋଲରଭାବେ ଫିନ୍ ବିଶ୍ୱକପ୍‌ରେ ଏହି କୃତିତ୍ୱ ଅର୍ଜନ କରିଥିଲେ। ଅଷ୍ଟ୍ରେଲିଆ ଇନିଂସର ୫୦ତମ ଓଭରର ଅନ୍ତିମ ୩ ବଲରେ ବ୍ରାଡ୍ ହାଡିନ୍, ଗ୍ଲେନ୍ ମ୍ୟାକ୍ସୱେଲ ଓ ମିଚେଲ ଜନଶନ ଯଥାକ୍ରମେ ଫିନଙ୍କ ଶିକାର ବନିଥିଲେ। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୪୩ ରନର ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୧୧୧ ରନରେ ପରାସ୍ତ ହୋଇଥିଲା।

### ୪ ଲସିଥ୍ ମାଲିଙ୍ଗା (ଶ୍ରୀଲଙ୍କା, ୨୦୧୧ ଓ ୨୦୦୭)



ଭେଟେରାନ ଶ୍ରୀଲଙ୍କା ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ୨୦୧୧ ବିଶ୍ୱକପ୍‌ରେ କେନିଆ ବିପକ୍ଷରେ ହ୍ୟାଟ୍ରିକ ଉଇକେଟ୍ ନେଇଥିଲେ। ମାଲିଙ୍ଗା ନିଜ ସ୍ପେଲର ୨ଟି ଭିନ୍ନ ଓଭରର ଲଗାତର ୩ ବଲରେ ଯଥାକ୍ରମେ ତନ୍ମୟ ମିଶ୍ର, ପିଟର୍ ଓଙ୍ଗୋଡୋ ଓ ଶେମ୍ ଗୋଚେଙ୍କୁ ଆଉଟ୍ କରିଥିଲେ। ବିଶ୍ୱକପ୍‌ରେ ଏକମାତ୍ର ବୋଲର ଭାବେ ସେ ୨ଥର ହ୍ୟାଟ୍ରିକ ସଫଳତା ପାଇବାର ଗୌରବ ଲାଭ କରିଛନ୍ତି। ଏଥିପୂର୍ବରୁ ୨୦୦୭ ସଂସ୍କରଣରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ହ୍ୟାଟ୍ରିକ ଉଇକେଟ୍ ନେଇଥିଲେ। ମାଲିଙ୍ଗା ପ୍ରଥମେ ସନ୍ ପୋଲକ୍ ଓ ଏହାପରେ ଆଣ୍ଡ୍ରିଉ ହଲ୍‌ଙ୍କୁ ଆଉଟ୍ କରିଥିଲେ। ଏହା ପରବର୍ତ୍ତୀ ଓଭରର ପ୍ରଥମ ବଲରେ ଜ୍ୟାକ୍ କାଲିସଙ୍କୁ ୮୬ ରନରେ ଆଉଟ୍ କରି ମାଲିଙ୍ଗା ବିଶ୍ୱକପ୍‌ରେ ପ୍ରଥମ ହ୍ୟାଟ୍ରିକ୍ ସ୍ୱାଦ ଚାଖିଥିଲେ।

### ୫ କେମାର ରୋଚ (ୱେଷ୍ଟଇଣ୍ଡିଜ, ୨୦୧୧)



୨୦୦୩ ପରି ଭାରତରେ ଖେଳାଯାଇଥିବା ୨୦୧୧ ସଂସ୍କରଣରେ ମଧ ୨ ବୋଲର ହ୍ୟାଟ୍ରିକ ଉଇକେଟ୍ ନେଇଥିଲେ। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର କେମାର ରୋଚ୍ ନେଦରଲାଣ୍ଡ ବିପକ୍ଷରେ ଲଗାତର ୩ ବଲରେ ଯଥାକ୍ରମେ ପିଟର୍ ସିଲର, ବେର୍ନାର୍ଡ୍ସ ଲୁଟ୍ସ ଓ ବେରେଣ୍ଡ ୱେଷ୍ଟଡିଜକ୍ସଙ୍କୁ ଆଉଟ୍ କରି ନିଜର ପ୍ରଥମ ହ୍ୟାଟ୍ରିକ ପୂରଣ କରିଥିଲେ। ୱେଷ୍ଟଇଣ୍ଡିଜ ଏହି ମ୍ୟାଚ୍‌କୁ ୨୨୫ ରନର ବୃହତ ବ୍ୟବଧାନରେ ବିଜୟୀ ହୋଇଥିଲା।

### ୬ ଚାମିଣ୍ଡା ଭାସ (ଶ୍ରୀଲଙ୍କା, ୨୦୦୩)



ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ୨୦୦୩ ସଂସ୍କରଣରେ ୨ଟି ହ୍ୟାଟ୍ରିକ ଦେଖିବାକୁ ମିଳିଥିଲା। ଶ୍ରୀଲଙ୍କାର ବାମହାତୀ ସ୍ପିଡ୍ ଷ୍ଟାର୍ ଚାମିଣ୍ଡା ଭାସ ଓ ବ୍ରେଟ୍ ଲୀ ଏହି ୨ଟି ହ୍ୟାଟ୍ରିକ ନେଇଥିଲେ। ଭାସ ବାଂଲାଦେଶ ବିପକ୍ଷ ମ୍ୟାଚରେ ହ୍ୟାଟ୍ରିକ ସଫଳତା ପାଇଥିଲେ। ବାଂଲାଦେଶ ଇନିଂସର ପ୍ରଥମ ୩ ବଲରେ ଭାସ ଯଥାକ୍ରମେ ହନ୍ନନ ସରକାର, ମହମ୍ମଦ ଅସ୍ରଫୁଲ୍ଲ ଓ ଏସାନଉଲ୍ ହକ୍‌ଙ୍କୁ ଆଉଟ୍ କରିଥିଲେ। ଏଥିସହ ପ୍ରଥମ ବୋଲର ଭାବେ କୌଣସି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ର ପ୍ରଥମ ୩ ବଲରେ ଉଇକେଟ୍ ନେବାର କୃତିତ୍ୱ ଲାଭ କରିଥିଲେ।

### ୭ ବ୍ରେଟ୍ ଲୀ (ଅଷ୍ଟ୍ରେଲିଆ, ୨୦୦୩)



ଭାସଙ୍କ ପରେ ୨୦୦୩ରେ ୨ୟ ବୋଲର ଭାବେ ଅଷ୍ଟ୍ରେଲିଆର ବ୍ରେଟ୍ ଲୀ ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରିଥିଲେ। ଅପେକ୍ଷାକୃତ ଦୁର୍ବଳ କେନିଆ ବିପକ୍ଷରେ ଲୀ ଏହି ହ୍ୟାଟ୍ରିକ ସଫଳତା ପାଇଥିଲେ। କେନିଆ ଓପନର୍ କେନେଡି ଓଟିଏନୋ, ବ୍ରିଜଲ ପଟେଲ ଓ ଶେଷରେ ଡେଭିଡ୍ ଓବୁୟାସଙ୍କୁ ସ୍ଲିପ୍‌ରେ ଆଉଟ୍ କରି ଲୀ ନିଜର ହ୍ୟାଟ୍ରିକ ପୂରଣ କରିଥିଲେ।

### ୮ ସାକଲେନ୍ ମୁସ୍ତାକ (ପାକିସ୍ତାନ, ୧୯୯୯)



ଚେତନ ଶର୍ମାଙ୍କ ସଫଳତାର ଦୀର୍ଘ ୧୨ ବର୍ଷ ପରେ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଉଇକେଟ୍ ପାକିସ୍ତାନ ସ୍ପିନର ସାକଲେନ ମୁସ୍ତାକ ହାସଲ କରିଥିଲେ। ୧୯୯୯ ବିଶ୍ୱକପ୍‌ରେ ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ମୁସ୍ତାକ ଏହି ସଫଳତା ପାଇଥିଲେ। ହେନେରୀ ଓଲଙ୍ଗା, ଆଦାମ ହକ୍‌ଲେ ଓ ପୋମି ମାଙ୍ଗୱା ଯଥାକ୍ରମେ ସାକଲେନଙ୍କ ସ୍ପିନ ଜାଲରେ ଛନ୍ଦି ହୋଇଥିଲେ।

### ୯ ଚେତନ ଶର୍ମା (ଭାରତ, ୧୯୮୭)



ଚେତନ ଶର୍ମା ଆଇସିସି ବିଶ୍ୱକପ୍ ଇତିହାସରେ ପ୍ରଥମ ବୋଲରଭାବେ ହ୍ୟାଟ୍ରିକ ଉଇକେଟ୍ ନେଇ ଚିରସ୍ମରଣୀୟ ହୋଇ ରହିଛନ୍ତି। ଭାରତରେ ଅନୁଷ୍ଠିତ ୪ର୍ଥ ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଚେତନ ଏହି ହ୍ୟାଟ୍ରିକ ଉଇକେଟ୍ ନେଇଥିଲେ। ଚେତନ ଯଥାକ୍ରମେ କେନ୍ ରଦରଫୋର୍ଡ, ଇଆନ ସ୍ମିଥ୍ ଓ ଏୱିନ ଚାଟ୍‌ଫିଲ୍ଡଙ୍କୁ ନିଜ ଶିକାର ବନାଇଥିଲେ।



"ମହେନ୍ଦ୍ର ସିଂ ଧୋନୀଙ୍କ ପରାମର୍ଶକ୍ରମେ ୟର୍କର ପକାଇବାରୁ ଶନିବାର ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ମୁଁ ହ୍ୟାଟ୍ରିକ ସଫଳତା ହାସଲ କରିଥିଲି।– **ମହମ୍ମଦ ସାମି, ଭାରତୀୟ ପେସ୍ ବୋଲର**



"ଆଫଗାନିସ୍ତାନ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିଲେ ହେଁ ଆମ ପାଇଁ ତାହା ଗୁରୁତ୍ୱପୂର୍ଣ୍ଣ ଥିଲା।
**–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ**

## ସଂକ୍ଷେପରେ

### ହାମିଲଟନ ଜିତିଲେ ଫ୍ରେଞ୍ଚ୍ ଗ୍ରାଁ ପ୍ରି



**ଲି କ୍ୟାସଲେଟ୍ (ଫ୍ରାନ୍ସ), ୨୩।୬ (ଏଏଫ୍‌ପି):** ମର୍ସିଡିଜ ଟିମ୍‌ମେଟ୍ ଭାଲ୍‌ଟେରି ବୋଟାସଙ୍କୁ ପଛରେ ପକାଇ ଲୁଇସ୍ ହାମିଲଟନ ଫ୍ରେଞ୍ଚ୍ ଫର୍ମୁଲା ୱାନ ଗ୍ରାଁପ୍ରି ଟାଇଟଲ ହାସଲ କରିଛନ୍ତି। ଏହାଦ୍ୱାରା ଚାମ୍ପିୟନଶିପ୍‌ରେ ସେ ଅଗ୍ରଣୀ ବ୍ୟବଧାନକୁ ବୃଦ୍ଧି କରିଛନ୍ତି। ହାମିଲଟନଙ୍କ ଏହା କ୍ରମାଗତ ୪ର୍ଥ, ସିଜନର ୬ଷ୍ଠ ଏବଂ କ୍ୟାରିୟରର ୭୯ତମ ଟାଇଟଲ। ରବିବାର ଏହି ବିଜୟ ଦ୍ୱାରା ୨୦୧୯ ସିଜନରେ ମର୍ସିଡିଜ ଏପର୍ଯ୍ୟନ୍ତ ଅନୁଷ୍ଠିତ ସମସ୍ତ ୮ଟି ରେସ୍‌ରେ ବିଜୟ ଲାଭ କରିଛି। ଟିମ୍‌ର ଓଭରଅଲ୍ ବିଜୟ ଧାରା ୧୦କୁ ବୃଦ୍ଧି ପାଇଛି। ଚଳିତ ସିଜନର ୨୧ଟି ରେସ୍ ମଧ୍ୟରୁ ୮ଟି ଶେଷ ହୋଇଥିବା ବେଳେ ଚାମ୍ପିୟନଶିପ୍ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ହାମିଲଟନ ୧୮୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ବୋଟାସ ୧୫୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରେସ୍‌ରେ ଟପ୍ ୧୦ରେ ସ୍ଥାନ ପାଇଥିବା ଅନ୍ୟ ଡ୍ରାଇଭରମାନେ ହେଲେ ଯଥାକ୍ରମେ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ମାକ୍ସ ଭର୍ଷ୍ଟାପେନ୍ (ରେଡ୍‌ବୁଲ୍), ସେବାଷ୍ଟିଆନ ଭେଟେଲ (ଫେରାରି), କାର୍ଲୋସ ସେଞ୍ଜ୍ ଜୁନିୟର (ମ୍ୟାକଲରେନ), ଡାନିଏଲ୍ ରିକାର୍ଡୋ(ରେନଲ୍ଟ), କିମି ରାଇକୋନେନ(ଆଲ୍‌ଫା ରୋମିଓ), ନିକୋ ହକେନବର୍ଗ (ରେନଲ୍ଟ) ଏବଂ ଲାଣ୍ଡୋ ନୋରିସ ( ମ୍ୟାକଲରେନ)।

### ବାର୍ଟି ନମ୍ବର ୱାନ

**ବର୍ମିଂହାମ୍, ୨୩।୬ (ଏଏଫ୍‌ପି):** ରବିବାର ଫାଇନାଲରେ ଜୁଲିଆ ଜର୍ଜେସଙ୍କୁ ୬-୩, ୭-୫ ସେଟ୍‌ରେ ପରାସ୍ତ କରି ଆଶଲେ ବାର୍ଟି ବର୍ମିଂହାମ୍ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି। ଏଥିସହିତ ସେ ଅଷ୍ଟ୍ରେଲିଆର ଦ୍ୱିତୀୟ ମହିଳା ଟେନିସ୍ ଖେଳାଳି ହିସାବରେ ବିଶ୍ୱ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି ୨୩ ବର୍ଷୀୟ ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ୟଭୋନ୍ ଗୁଲାଗଙ୍ଗ-କାଓଲିଙ୍କ ସମକକ୍ଷ ହୋଇଛନ୍ତି। କାଓଲି ୧୯୭୬ରେ ୧୫ ଦିନ ପାଇଁ ବିଶ୍ୱର ନମ୍ବର ୱାନ ମହିଳା ସିଙ୍ଗଲ୍ସ ଖେଳାଳି ବିବେଚିତ ହୋଇଥିଲେ।

### ଫେଡରରଙ୍କୁ ୧୦ମ ହାଲେ ଏଟିପି ଟାଇଟଲ



**ହାଲେ ୱେଷ୍ଟଫଲେନ (ଜର୍ମାନୀ), ୨୩।୬ (ଏଏଫ୍‌ପି):** ରୋଜର ଫେଡରର ହାଲେ ଏଟିପି ଇଭେଣ୍ଟ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ବେଲଜିୟମର ଡେଭିଡ୍ ଗଫିନଙ୍କୁ ୭-୬ (୭/୨), ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଏଥିସହିତ ଏଠାରେ ସେ ୧୦ମ ଥର ପାଇଁ ଚାମ୍ପିୟନ ହୋଇପାରିଛନ୍ତି। ୩୭ ବର୍ଷୀୟ ଫେଡରର କହିଛନ୍ତି, ଏହାପୂର୍ବରୁ କୌଣସି ଟୁର୍ନାମେଣ୍ଟ ୧୦ ଥର ଜିତିବାରେ ସମର୍ଥ ହୋଇ ନ ଥିଲି। ସୁଇସ୍ ଟେନିସ ଷ୍ଟାରଙ୍କର ଏହା ହେଉଛି କ୍ୟାରିୟରର ୧୦୨ତମ ଟାଇଟଲ। ଆସନ୍ତା ମାସରେ ଫେଡରର ଲଣ୍ଡନରେ ତାଙ୍କ ୯ମ ୱିମ୍ବଲଡନ ଟାଇଟଲ ଅଭିଯାନ ଆରମ୍ଭ କରିବେ।

# ଜାପାନକୁ ହରାଇ ଭାରତ ଚାମ୍ପିୟନ

**ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲ**

**ହିରୋଶିମା, ୨୩।୬ (ପି.ଟି.)**

ଭାରତ ଏଫ୍‌ଆଇଏଚ୍ ମହିଳା ସିରିଜ ହକି ଫାଇନାଲ୍ସ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ୩–୧ ଗୋଲରେ ଜାପାନକୁ ପରାସ୍ତ କରିଛି। ଖେଳର ତୃତୀୟ ମିନିଟ୍‌ରେ ଅଧିନାୟିକା ରାଣୀ ରାମପାଲ ଏକ ଗୋଲ ସ୍କୋର କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ତେବେ ୧୧ତମ ମିନିଟ୍‌ରେ ଜାପାନର କାନନ ମୋରିଙ୍କ ଗୋଲ ମ୍ୟାଚକୁ ସମାନ ସ୍ତରକୁ ନେଇଆସିଥିଲେ। ଭଲ ଫର୍ମରେ ଥିବା ଗୁରଜିତ କୌର ପରେ ୪୫ ଓ ୬୦ତମ ମିନିଟ୍‌ରେ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇବା ସହ ମ୍ୟାଚରେ ବିଜୟୀ କରାଇଥିଲେ। ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଦଳ ଭାରତ ଶନିବାର ଚିଲିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ ସହ ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ୨୦୧୯ ଫାଇନାଲ ରାଉଣ୍ଡ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିପାରିଛି। ରାଣୀ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବେଳେ ଗୁରଜିତ ଟପ୍ ସ୍କୋରର ହୋଇପାରିଛନ୍ତି।

ପ୍ରଥମ କ୍ୱାର୍ଟରରେ ରାଣୀଙ୍କ ଗୋଲର କିଛି ସମୟ ପରେ ଭାରତ ଦ୍ୱିତୀୟ ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରିପାରି ନ ଥିଲା। ପ୍ରଥମ ୧୫ ମିନିଟ ଖେଳରେ ଜାପାନ ଦଳ ମାତ୍ର ଦୁଇଥର ସର୍କଲ ଏଣ୍ଟ୍ରି କରିପାରିଥିଲା। ଦ୍ୱିତୀୟ ଥର ସର୍କଲ ଏଣ୍ଟ୍ରି ବେଳେ ୟୁରି ନାଗାଇଙ୍କ ଏକ ପାସ୍‌କୁ ଗୋଲ୍‌ରେ ପରିଣତ କରିବାରେ ସଫଳ ହୋଇଥିଲେ କାନନ ମୋରି। ଭାରତୀୟ ଗୋଲକିପର ସବିତା ବଲ୍‌କୁ ରୋକିବା ପାଇଁ ଚେଷ୍ଟା କରିବା ପୂର୍ବରୁ ଏହା ଗୋଲପୋଷ୍ଟ ଭିତରକୁ ଚାଲିଯାଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ପ୍ରାଧାନ୍ୟ ବିସ୍ତାର ଜାରି ରଖିଥିଲା। ଫରୱାର୍ଡ ବନ୍ଦନା କାଟାରିୟା ୧୮ତମ ମିନିଟ୍‌ରେ ଏକ ସୁଯୋଗ ହାତଛଡ଼ା କରିଥିଲେ। ସେ ଗୋଲପୋଷ୍ଟକୁ ମାରିଥିବା ଶଟ୍ ୱାଇଡ୍ ହୋଇଯାଇଥିଲା। ଅନ୍ୟପକ୍ଷରେ ଜାପାନ ରିଦିମ ଫେରିବାକୁ ଚେଷ୍ଟା କରିଥିଲା। ଫ୍ଲାଙ୍କ ସହାୟତାରେ ଗୋଲ ସୁଯୋଗ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲା। ମାତ୍ର ସୁଶୀଳା ଚାନୁ ପୁଖ୍ରାମବାମ୍ ଏବଂ ଲିଲିମା ମିଞ୍ଜ୍ ଜାପାନିଜ ଆକ୍ରମଣକୁ ପ୍ରତିହତ କରିବାରେ ସଫଳ ରହିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଖେଳ ୧–୧ରେ ଅମୀମାଂସିତ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତ ଖେଳକୁ ଅଧିକାଂଶ ସମୟ ନିଜ ନିୟନ୍ତ୍ରଣରେ ରଖିଥିବାବେଳେ ଗୁରଜିତ ଦୁଇଟି ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ।



ଭାରତୀୟ ଖେଳାଳିଙ୍କ ସେଲିବ୍ରେଶନ ।



ଭାରତୀୟ ଦଳର ଅଧିନାୟିକା ରାଣୀ ରାମପାଲ ପୁରସ୍କାର ଗ୍ରହଣ କରୁଛନ୍ତି ।

## ସ୍ଲୋ ଓଭର ରେଟ୍ ପାଇଁ ନ୍ୟୁଜିଲାଣ୍ଡକୁ ଜରିମାନା

**ମାଞ୍ଚେଷ୍ଟର, ୨୩।୬ (ପି.ଟି.)**

ଶନିବାର ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ସ୍ଲୋ–ଓଭର ରେଟ୍ ପାଇଁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳକୁ ଜରିମାନା କରାଯାଇଛି। ମ୍ୟାଚରେ ଅଧିନାୟକ କେନ୍ ୱିଲିୟମସନ୍ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୪୮ ରନ କରିଥିବା ବେଳେ ନ୍ୟୁଜିଲାଣ୍ଡ ୫ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ୱିଲିୟମସନଙ୍କ ଦଳ ଯେତିକି ଓଭର ବୋଲିଂ କରିବା କଥା ତା'ଠାରୁ ଗୋଟିଏ ଓଭର ପଛରେ ରହିଯାଇଥିଲା। ଏମିରେଟ୍ସ ଆଇସିସି ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି ଡେଭିଡ ବୁନ୍ ଏଥିପାଇଁ ଜରିମାନା କରିଛନ୍ତି। ଆଇସିସିର ଧାରା ୨.୨୨ ଉଲ୍ଲଂଘନ ହୋଇଥିବାରୁ ନ୍ୟୁଜିଲାଣ୍ଡ ଦଳର ପ୍ରତି ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ ଫି'ର ୧୦ ପ୍ରତିଶତ ଏବଂ ଅଧିନାୟକଙ୍କୁ ତାଙ୍କ ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା କରାଯାଇଛି। ଯଦି ଏହି ଭୁଲର ପୁନରାବୃତ୍ତି ହୁଏ ଅଧିନାୟକ ୱିଲିୟମସନ ଗୋଟିଏ ମ୍ୟାଚରୁ ସସ୍‌ପେଣ୍ଡ ହୋଇପାରନ୍ତି। ଆନୁଷ୍ଠାନିକ ଶୁଣାଣି ପରେ ନ୍ୟୁଜିଲାଣ୍ଡ ଦଳ ଦଣ୍ଡବିଧାନକୁ ଗ୍ରହଣ କରିନେଇଛି। ଫିଲ୍ଡ ଅମ୍ପାୟର ଇଆନ୍ ଗୁଲ୍ଡ ଓ ରୁଚିରା ପାଲିୟାଗର୍ଜ, ତୃତୀୟ ଅମ୍ପାୟର ନିଗେଲ ଲଙ୍ଗ ଏବଂ ଚତୁର୍ଥ ଅମ୍ପାୟର ରଡ୍ ଟକର ନ୍ୟୁଜିଲାଣ୍ଡ ବିପକ୍ଷରେ ଅଭିଯୋଗ ଆଣିଥିଲେ।

## ଋତୁପର୍ଣ୍ଣାଙ୍କୁ ଟାଇଟଲ



ଗାୟତ୍ରୀ ଗୋପୀଚାନ୍ଦ ଓ ଋତୁପର୍ଣ୍ଣା ପଣ୍ଡା ।

**ହାଇଦ୍ରାବାଦ, ୨୩।୬ (ପି.ଟି.)**

ୟୋନେକ୍ସ–ସନ୍‌ରାଇଜ୍ ଅଲ୍ ଇଣ୍ଡିଆ ସିନିୟର ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡା ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଟୁର୍ନାମେଣ୍ଟରେ ଋତୁପର୍ଣ୍ଣା ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦଙ୍କ ଝିଅ ଗାୟତ୍ରୀଙ୍କ ପାର୍ଟନର ହୋଇ ଖେଳିଥିଲେ। ସେମାନେ ଚତୁର୍ଥ ସିଡ୍ ତଥା ବର୍ତ୍ତମାନର ଜାତୀୟ ଚାମ୍ପିୟନ ଯୋଡ଼ି ଶିଖା ଗୌତମ ଓ ଅଶ୍ୱିନ ଭଟଙ୍କୁ ୧୯–୨୧, ୨୧–୧୪, ୨୧–୧୦ରେ ପରାସ୍ତ କରିଛନ୍ତି। ୧୬ ବର୍ଷୀୟା ଗାୟତ୍ରୀ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଏଠାରେ ୧୩ ତମ ସିଡ୍ ମାନ୍ୟତାପ୍ରାପ୍ତ ଏହି ଖେଳାଳି ମାତ୍ର ୩୭ ମିନିଟ୍‌ରେ ତନଭି ଲାଡ୍‌ଙ୍କୁ ୨୧–୧୯, ୨୧–୧୬ରେ ପରାସ୍ତ କରି ପ୍ରଥମ ଥର ସିନିୟର ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଟ୍ରଫି ହାସଲ କରିଛନ୍ତି। ଅନ୍ୟପକ୍ଷରେ ଗତ ମାର୍ଚ୍ଚରେ ଚାଇନା ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରିଥିବା ଲକ୍ଷ୍ୟ ସେନ୍ ଦ୍ୱିତୀୟ ସିଡ୍ ରାହୁଲ ଯାଦବ ଚିଟାବୋଇନାଙ୍କୁ ୨୩–୨୫, ୨୧–୧୪, ୨୧–୧୩ରେ ହରାଇ ବର୍ଷର ପ୍ରଥମ ଟାଇଟଲ ଜିତିଛନ୍ତି।

■ ମହିଳା ଫିଫା ବିଶ୍ୱକପ୍

## ଜର୍ମାନୀ ଅପରାଜେୟ

**ଗ୍ରୀନବଲ(ଫ୍ରାନ୍ସ), ୨୩।୬**

ଦୁଇ ଥର ଚାମ୍ପିୟନ ଜର୍ମାନୀ ଚଳିତ ମହିଳା ଫିଫା ବିଶ୍ୱକପ୍‌ରେ ଅପରାଜେୟ ଧାରା ବଜାୟ ରଖିଛି। ଜର୍ମାନୀ ତା'ର ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ୩–୦ ଗୋଲରେ ନାଇଜେରିଆକୁ ହରାଇ ଦେଇଛି। ଦଳ ପାଇଁ ଆଲେକ୍ସଜାଣ୍ଡର ପୋପ୍ପ (୨୦ତମ ମିନିଟ୍) ପ୍ରଥମ ଗୋଲ ଦେଇଥିଲେ। ଅନ୍ତର୍ଜାତୀୟ କ୍ୟାରିୟରର ୧୦୦ତମ ମ୍ୟାଚ୍ ଖେଳୁଥିବା ପୋପ୍ପ ଏହି ମ୍ୟାଚ୍‌କୁ ସ୍ମରଣୀୟ କରାଇଛନ୍ତି। ସାରା ଡାବ୍ରିଜ (୨୭ତମ) ଓ ଲିଆ ସ୍କୁଲର (୮୨ତମ) ଅନ୍ୟ ଦୁଇଟି ଗୋଲ ସ୍କୋର କରିଥିଲେ। ଚଳିତ ବିଶ୍ୱକପ୍‌ର ଆମେରିକା ପରେ ଦ୍ୱିତୀୟ ଦଳ ଭାବେ ଜର୍ମାନୀ ଗ୍ରୁପ ପର୍ଯ୍ୟାୟରେ ଗୋଟିଏ ହେଲେ ଗୋଲ ବରଣ କରିନାହିଁ।

■ ଇରିଶ ପାରା-ବ୍ୟାଡ୍‌ମିଣ୍ଟନ

## ଓଡ଼ିଶାର ପ୍ରମୋଦଙ୍କୁ ଡବଲ୍ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୩।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ଆୟର୍ଲାଣ୍ଡର ଡବ୍‌ଲିନଠାରେ ଶେଷ ହୋଇଥିବା ଇରିଶ ପାରା–ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଆ ତାରକା ପ୍ରମୋଦ ଭଗତ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଡବ୍‌ଲିନର ନ୍ୟାଶନାଲ ଇନ୍‌ଡୋର ଏରେନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରମୋଦ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ୨୧–୧୭, ୧୭୦୨୧, ୨୧–୧୦ ଗେମ୍‌ରେ ଇଂଲଣ୍ଡର ଡାନିଏଲ୍ ବିଥେଲଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ଗେମ୍ ପ୍ରମୋଦ ଓ ୨ୟକୁ ଡାନିଏଲ୍ ଜିତିବାରୁ ୧–୧ ବରାବର୍‌ସ୍ଥିତିରେ ରହିଥିଲା। ଏହାପରେ ଅନ୍ତିମ ତଥା ୩ୟ ଗେମ୍‌କୁ ସହଜରେ ଜିତି ପ୍ରମୋଦ ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଥିଲେ। ଏଥିସହ ଚଳିତ ବର୍ଷ ମୋଟ୍ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ପ୍ରମୋଦ ୫ରେ ବିଜୟୀ ହେବା ସହ ଏକ ନମ୍ବର ମାନ୍ୟତା ବଜାୟ ରଖିଛନ୍ତି। ଅଲିମ୍ପିକ ଯୋଗ୍ୟତାରୁ ସେ ଆଉ ପାଦେ ଦୂରରେ ରହିଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସରେ ପ୍ରମୋଦ ନିଜ ଦେଶର ମନୋଜ ସରକାରଙ୍କୁ ସାଥୀ କରି ସ୍ୱର୍ଣ୍ଣ ପଦକ କବ୍‌ଜା କରିନେଇଛନ୍ତି। ଫାଇନାଲରେ ପ୍ରମୋଦ–ମନୋଜ ଯୋଡ଼ି ୨୧–୧୩, ୧୮–୨୧, ୨୩–୨୧ରେ ଅନ୍ୟତମ ଭାରତୀୟ ଯୋଡ଼ି ତରୁଣ ଓ ନିତେଶ କୁମାରଙ୍କୁ ହରାଇଛନ୍ତି।



## କୋପା ଆମେରିକା: କ୍ୱାର୍ଟରରେ ବ୍ରାଜିଲ

**ପ୍ୟାରିସ, ୨୩।୬**

ପେରୁ ଗୋଲକିପର ପେଡ୍ରୋ ଗାଲେସେଙ୍କ ତ୍ରୁଟି ଯୋଗୁ ବ୍ରାଜିଲ ଦଳ ତା'ର କୋପା ଆମେରିକା ଗ୍ରୁପ୍‌ରେ ଶୀର୍ଷସ୍ଥାନ ହାସଲ କରିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସାଓ ପାଉଲୋଠାରେ ଖେଳାଯାଇଥିବା ମୁକାବିଲାକୁ ବ୍ରାଜିଲ ୫–୦ ଗୋଲରେ ଜିତି ନେଇଛି। ମାସମିରୋ (୧୨ତମ ମିନିଟ୍), ରବର୍ଟୋ ଫିରମିନୋ(୧୯ତମ), ଇଭେର୍ଟନ ସୋରେସ (୩୨ତମ), ଡାନି ଅଲଭେସ (୫୩ତମ) ଓ ୱିଲିଆନ (୯୦ତମ) ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ୪ ପଏଣ୍ଟ ପାଇଥିବା ପେରୁକୁ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବା ଲାଗି ଅନ୍ୟ ଗ୍ରୁପ ମ୍ୟାଚ୍ ଉପରେ ନିର୍ଭର ରହିବାକୁ ପଡ଼ିବ।



ନୂଆଦିଲ୍ଲୀରେ ଅନୁଷ୍ଠିତ କୁମାର ସୁରେନ୍ଦ୍ର ସିଂ ମେମୋରିଆଲ ଶୁଟିଂ ଚାମ୍ପିୟନଶିପ୍‌ରେ ରବିବାର ୧୦ ମିଟର ଏୟାର ରାଇଫଲ ସିନିୟର ମହିଳା ବ୍ୟକ୍ତିଗତ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଶ୍ରୀୟଙ୍କା ଷଡ଼ଙ୍ଗୀ (ମଝି)।

# ବାଂଲାଦେଶ ପାଇଁ କର ବା ମର ସ୍ଥିତି

**ସାଉଥାମ୍ପଟନ, ୨୩।୬(ପି.ଟି.)**

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ବିଶ୍ୱକପ୍‌ର ୩୧ତମ ମ୍ୟାଚ୍‌ରେ ସୋମବାର ବାଂଲାଦେଶ ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିବେ। ସ୍ଥାନୀୟ ରୋଜ୍ ବାଉଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ବାଂଲାଦେଶ ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିବାକୁ ହେଲେ ବିଜୟୀ ହେବା ଜରୁରୀ ହୋଇପଡ଼ିଛି। ଫଳରେ ବାଲାଦେଶ ପାଇଁ କର ବା ମର ସ୍ଥିତି ସୃଷ୍ଟି ହୋଇଛି। ଗତ ଶୁକ୍ରବାର ଇଂଲଣ୍ଡ ଶ୍ରୀଲଙ୍କାଠାରୁ ପରାସ୍ତ ହେବା ଫଳରେ ବାଂଲାଦେଶ ପାଇଁ ଆଶା ସଞ୍ଚାର ହୋଇଥିଲା। ମଶ୍ରାଫି ମୋର୍ତ୍ତାଜାଙ୍କ ନେତୃତ୍ୱରେ ବାଂଲାଦେଶ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ୩ଟି ପରାଜୟ ସହ ୫ ପଏଣ୍ଟ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପଟେ ଆଫଗାନିସ୍ତାନ ୬ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲି ନ ପାରି ତାଲିକାର ସର୍ବନିମ୍ନ ଦଶମ ସ୍ଥାନରେ ରହିଛି।

୩୨୨ ରନ୍‌ର ବିଜୟ ଲକ୍ଷ୍ୟକୁ ହାସଲ କରି ବାଂଲାଦେଶ ୱେଷ୍ଟଇଣ୍ଡିଜକୁ ୪୧.୩ ଓଭରରେ ପରାସ୍ତ କରିଥିଲା। ପୁଣି ପରେ ଅନ୍ୟ ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଧାର୍ଯ୍ୟ କରିଥିବା ୩୮୨ ରନ୍ ଟାର୍ଗେଟର ପିଛାକରି ବାଂଲାଦେଶ ୮ ଉଇକେଟ ହରାଇ ୩୩୩ ରନ୍‌ରେ ସୀମିତ ରହି ଲଢୁଆ ଖେଳ ପ୍ରଦର୍ଶନ କରିଥିଲା। ବାଂଲାଦେଶ ଏପର୍ଯ୍ୟନ୍ତ ଦମ୍‌ଦାର ବ୍ୟାଟିଂର ନମୁନା ପ୍ରଦର୍ଶନ କରିଛି। ଅଲ୍‌ରାଉଣ୍ଡର ସାକିବ ଅଲ ହାସନଙ୍କ ବ୍ୟାଟିଂ କ୍ରମରେ ଉନ୍ନତି ଆସିବା ଫଳପ୍ରଦ ହୋଇଛି। ଟୁର୍ନାମେଣ୍ଟର ଟପ୍ ସ୍କୋରର ଡେଭିଡ ୱାର୍ନରଙ୍କଠାରୁ ସାକିବ ମାତ୍ର ୨୨ ରନ୍ ପଛରେ ରହିଛନ୍ତି। ବାଂଲାଦେଶର ବ୍ୟାଟିଂ ଜବରଦସ୍ତ ହୋଇଥିଲେ ମଧ୍ୟ ବୋଲିଂ ଦୁର୍ବଳତା ପଦାରେ ପଡ଼ିଛି। ଗତ ୩ଟି ମ୍ୟାଚ୍‌ରେ ବାଂଲାଦେଶ ୩୨୦ରୁ ଊର୍ଦ୍ଧ୍ୱ ରନ୍ ବ୍ୟୟ କରିଛି। ତେଣୁ ବିଜୟ ହାସଲ କରିବାକୁ ହେଲେ ବାଂଲାଦେଶକୁ ବୋଲିଂରେ ଉନ୍ନତି ଆଣିବାକୁ ହେବ।

**ଆଜିର ମ୍ୟାଚ୍**
**ବାଂଲାଦେଶ ବନାମ ଆଫଗାନିସ୍ତାନ**
ସ୍ଥାନ: ସାଉଥାମ୍ପଟନ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅପର ପକ୍ଷରେ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖି ନ ଥିବା ଆଫଗାନିସ୍ତାନ ପ୍ରଥମ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ଶନିବାର ଖେଳାଯାଇଥିବା ଭାରତ ବିପକ୍ଷ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ଆଫଗାନିସ୍ତାନ ବିଜୟ ସମ୍ଭାବନା ସୃଷ୍ଟି କରିଛି। ଏହି ମ୍ୟାଚ୍‌ରୁ ଆଫଗାନିସ୍ତାନ ପ୍ରେରଣା ପାଇଥିବ। ଭାରତଠାରୁ ଆଫଗାନିସ୍ତାନ ମାତ୍ର ୧୧ ରନ୍‌ରେ ପରାସ୍ତ ହୋଇଥିଲା। ତେବେ ଏହି ମ୍ୟାଚ୍‌ରୁ ଆଫଗାନିସ୍ତାନର ଆତ୍ମବିଶ୍ୱାସରେ ବୃଦ୍ଧି ପାଇଥିବ। ଜବରଦସ୍ତ ବୋଲିଂ କରି ଆଫଗାନିସ୍ତାନ ଭାରତକୁ ୨୨୪/୮ରେ ସୀମିତ ରଖିଥିଲା। ଅଧିନାୟକ ଗୁଲବଦିନ ନାଇବଙ୍କ ନେତୃତ୍ୱରେ ଆଫଗାନିସ୍ତାନ ସ୍ପିନରମାନେ ପୁଣିଥରେ ଯାଦୁ ଦେଖାଇବେ ଓ ବାଂଲାଦେଶ ବ୍ୟାଟ୍ସମ୍ୟାନ୍‌ଙ୍କୁ ସମସ୍ୟାରେ ପକାଇବେ ବୋଲି ଆଶା କରାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁନ୍ ୨୪/୨୦୧୯ Bhubaneswar, Monday, June 24/2019

### ■ ସ୍ନାନବେଦୀରେ ବିଶୃଙ୍ଖଳାକାରୀ ଚିହ୍ନଟ

# ନୋଟିସ୍ ଜାରି କଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ ଅଫିସ,୨୩।୬



ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସ୍ନାନନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ପ୍ରଶାସନର କଟକଣା ସତ୍ତ୍ୱେ ସ୍ନାନବେଦୀରେ ହୋଇଛି ବିଶୃଙ୍ଖଳା। ସଂଖ୍ୟାଧିକ ସେବାୟତ ପ୍ରଶାସନର ନୀତିନିୟମ ମାନି ଦାରୁବିଗ୍ରହଙ୍କ ସ୍ନାନନୀତି ଶୃଙ୍ଖଳିତ କରିଥିବା ବେଳେ ଅଳ୍ପ କେତେଜଣ ବ୍ୟବସ୍ଥାବଳୀକୁ ଉଲ୍ଲଂଘନ କରିଛନ୍ତି। ଭକ୍ତଙ୍କଠାରୁ ଫୁଲ ଆଣିବା, ତୁଳସୀ ବାଣ୍ଟିବା ଉପରେ କଟକଣା ଲାଗିଥିଲେ ମଧ୍ୟ କେତେଜଣ ସେବାୟତ ଏହାକୁ ମାନି ନ ଥିଲେ। ଏପରି କି, ଠାକୁରଙ୍କୁ ସ୍ପର୍ଶ କରିଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ବିଶୃଙ୍ଖଳାକାରୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ କେତେଜଣ ସେବାୟତଙ୍କୁ ନୋଟିସ୍ ଜାରି ହୋଇଥିବା ଜଣାପଡ଼ିଛି। ତେବେ ବ୍ୟବସ୍ଥାବଳୀ ଉଲ୍ଲଂଘନକାରୀଙ୍କ ମଧ୍ୟରେ କେତେ ସେବାୟତ ଏବଂ କର୍ମଚାରୀ ଅଛନ୍ତି, ତାହା ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିନାହିଁ।

### ■ ୨୫ରୁ ଆରମ୍ଭ ହେବ ଷୋଡଶ ବିଧାନସଭା ଅଧିବେଶନ

# ସୁରକ୍ଷା ପାଇଁ ତ୍ରିସ୍ତରୀୟ ବ୍ୟବସ୍ଥା

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

■ ଜଗିବେ ୨୮ ପ୍ଲାଟୁନ ଫୋର୍ସ,୧୦୦ ଅଫିସର

■ ରହିବେ ମୋବାଇଲ୍ ସ୍କ୍ୱାଡ ଓ ବୋମା ନିଷ୍କ୍ରିୟକାରୀ ଦଳ

ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ୨୫ରୁ ଆରମ୍ଭ ହୋଇ ଜୁଲାଇ ୨ ପର୍ଯ୍ୟନ୍ତ ଚାଲିବ। ପୁଣି ଦ୍ୱିତୀୟ ଅଧିବେଶନ ଜୁଲାଇ ୧୨ରୁ ଅଗଷ୍ଟ ୮ ହେବ। ତେଣୁ ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିଧାନସଭା ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ୨୮ ପ୍ଲାଟୁନ ପୋଲିସ ଫୋର୍ସ,୧୦୦ ପୋଲିସ ଅଫିସର ମୁତୟନ ରହିବେ। ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ। ତାଙ୍କ ତଳକୁ ୪ ଜଣ ଅତିରିକ୍ତ ଡିସିପି,୧୩ ଜଣ ଏସିପି,୧୦ ଜଣ ଇନ୍ସପେକ୍ଟର, ୬୨ଜଣ ଏସ୍ଆଇ ଓ ଏଏସ୍ଆଇ, ୪ ଜଣ ଟ୍ରାଫିକ ପୋଲିସ ପ୍ରମୁଖ ମୁତୟନ ରହିବେ। ବିଧାନସଭା ଚାଲିବା ପୂର୍ବଦିନ ସନ୍ଧ୍ୟାନୀ କୁକୁର ସହ ବୋମା ନିଷ୍କ୍ରିୟକାରୀ ଦଳ ବିଧାନସଭା ଭିତର ଓ ବାହାରେ ଯାଞ୍ଚ କରିବ। ଏହାସହ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା, ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ବିଧାନସଭା ଭିତର ଓ ବାହାରେ ବୁଲି ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିବେ।

ବିଧାନସଭାକୁ ଲାଗିଥିବା ରାସ୍ତାରେ ବ୍ୟାରିକେଡ ବ୍ୟବସ୍ଥା କରାଯିବ। ଏହି ବ୍ୟାରିକେଡ ନିକଟରେ ପ୍ରାୟ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବ। ସେମାନେ ସନ୍ଦିଗ୍ଧ ଗାଡି ଓ ବ୍ୟକ୍ତିଙ୍କ ଉପରେ ନଜର ରଖିବେ। ଏହାସହ ଏକାଧିକ ବ୍ୟକ୍ତି ରୁଣ୍ଡ ହୋଇ ବିଧାନସଭା ଅଭିମୁଖେ ଯିବାକୁ ଚେଷ୍ଟା କରୁଥିଲେ ସେମାନଙ୍କୁ ତୁରନ୍ତ ଅଟକ ରଖାଯିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି। ବିଧାନସଭାର ପାଚେରି ଓ ଏହାର ଚତୁଃପାର୍ଶ୍ୱରେ ପ୍ରାୟ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ବିଧାନସଭା ଚାଲୁଥିବାରୁ ବିଭିନ୍ନ ସଙ୍ଗଠନ ଓ



ସଂସ୍ଥା ପକ୍ଷରୁ ଦାବି ପୂରଣ ନେଇ ଧାରଣ ଦିଆଯିବ। ତେଣୁ ସେମାନଙ୍କ ଉପରେ ନଜର ରଖିବାକୁ ପ୍ରାୟ ୧୦ ପ୍ଲାଟୁନ ପୋଲିସ ଫୋର୍ସ୍‌ର ବ୍ୟବସ୍ଥା କରାଯାଇଛି। ବ୍ୟାରିକେଡ୍ ସହ ଧାରଣାସ୍ଥଳରେ ୩୦ରୁ ଊର୍ଦ୍ଧ୍ୱ ସିସିଟିଭି ଲଗାଯାଇଛି। ଧାରଣାସ୍ଥଳରେ ମଧ୍ୟ ସାଦା ପୋଷାକଧାରୀ ପୋଲିସ ମୁତୟନ ରହିବେ। ସେମାନେ ବିଭିନ୍ନ ସଙ୍ଗଠନର ଯୋଜନା ସମ୍ପର୍କରେ ପୋଲିସକୁ ଆଗୁଆ ସୂଚନା ଦେବେ। ଏସବୁ ସତ୍ତ୍ୱେ ଜଣେ ସାଦା ପୋଷାକଧାରୀ ପୋଲିସ କ୍ୟାମେରାରେ ପୂରା ବିକ୍ଷୋଭ ଓ ଆନ୍ଦୋଳନର ଭିଡିଓ ରେକର୍ଡିଂ କରିବେ। ଏଥିପାଇଁ ବିଧାନସଭା ଉତ୍ତର ଗେଟ, ଫଟୋମେକର୍ସ ଲେନ୍ ଓ ଧାରଣାସ୍ଥଳରେ ୩ଟି କଣ୍ଟ୍ରୋଲ ରୁମ୍ ଖୋଲାଯିବ। ସେଠାରେ ଅଧିକାରୀମାନେ ଉପସ୍ଥିତ ରହି ସିସିଟିଭି ଉପରେ ନଜର ରଖିବା ସହ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବେ। ଡିସିପି ଏହି ତିନୋଟି କଣ୍ଟ୍ରୋଲ ରୁମ୍‌କୁ ପ୍ରତି ଘଣ୍ଟାରେ ଅନୁଧ୍ୟାନ କରିବେ। ଜରୁରିକାଳୀନ ପରିସ୍ଥିତି ପାଇଁ ପାଣିମାଡ ଗାଡି, ଗ୍ୟାସ୍ ଓ ଅନ୍ୟ ଯାନ୍ତ୍ରିକ ସରଞ୍ଜାମକୁ ରଖାଯିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।













See Career Appointment on every Wednesday & Saturday

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



“ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ସଂକ୍ଷେପରେ

### ୧୮ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

କଟକ ଅଫିସ, ୨୩।୬- ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ରବିବାର ବାଦାମବାଡି ଥାନା ଅନ୍ତର୍ଗତ ପାଲାମଣ୍ଡପ ଅଞ୍ଚଳରେ ଚଢ଼ାଉ କରାଯାଇ ୧୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ କଳାହାଣ୍ଡି ଜିଲାର ଶ୍ୟାମସୁନ୍ଦର ମହାନନ୍ଦ(୫୧)ଙ୍କୁ ଗିରଫ କରାଯାଇଛି। ପଚରାଉଚରା ପରେ ସେ କଟକରୁ ବାଲେଶ୍ୱର ଗଞ୍ଜେଇ ନେଇ ଯାଉଥିବା ମାନିଛନ୍ତି ବୋଲି ଫ୍ଲାଇଂ ସ୍କ୍ୱାଡ୍ ଇନ୍ସପେକ୍ଟର ପ୍ରମୋଦ କୁମାର ପଣ୍ଡା କହିଛନ୍ତି।

### ଡିଭାଇଡରରେ ପିଟି ହୋଇ ଓଲଟିଲା କାର

କଟକ ଅଫିସ, ୨୩।୬- ମଧୁପାଟଣା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ଲିଙ୍କ୍‌ରୋଡ ଅଞ୍ଚଳରେ ରବିବାର ଅପରାହ୍ନରେ ଏକ କାର ଓଲଟି ପଡିଛି। କାରଟି ଦ୍ରୁତ ଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ କାରଟି ଓଲଟି ପଡିବାରୁ ଚାଳକ ଆହତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ଉକ୍ତ କାରକୁ ଜବତ କରି ଥାନାକୁ ନେଇଛି।

### ଶିବିରରେ ୯୨ ୟୁନିଟ୍ ରକ୍ତ ସଂଗୃହୀତ

କଟକ ଅଫିସ, ୨୩।୬- କଟକ ମାରୱାଡି ଯୁବ ମଞ୍ଚ ସହଯୋଗିତାରେ କମିଶନରେଟ ପୋଲିସ ପକ୍ଷରୁ ରବିବାର ସ୍ଥାନୀୟ ତେରାପନ୍ଥ ଭବନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୯୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏସିପି ମାନସ ଗଡନାୟକ ଓ ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଯୋଗଦେଇଥିଲେ। ଚଳିତବର୍ଷ କମିଶନରେଟ୍ ପୋଲିସ ପକ୍ଷରୁ ଜୀବନ ଆଲୋକ କ୍ୟାମ୍ପେନ ମାଧ୍ୟମରେ ମୋଟ୍ ୩୬୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

### ମାଗଣା ସ୍ୱାସ୍ଥ୍ୟ ଶିବିର

କଟକ ଅଫିସ, ୨୩।୬- କମିଶନରେଟ ପୋଲିସ ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୮୫ ପୋଲିସ ଅଫିସର ଏବଂ କର୍ମଚାରୀଙ୍କ ବ୍ଲଡ୍ ପ୍ରେସର୍, ହିମୋଗ୍ଲୋବିନ, ରକ୍ତ ପରୀକ୍ଷା, ଇସିଜି ଭଳି କେତେକ ପରୀକ୍ଷା କରାଯାଇଥିଲା। ଗ୍ୟାଷ୍ଟ୍ରୋଲୋଜିଷ୍ଟ ଡା. ସଞ୍ଜୀବ କର ଏବଂ ମେଡିସିନ ସ୍ପେଶାଲିଷ୍ଟ ଡା. ଶିବ ଚରଣ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

### ରାଜ୍ୟସ୍ତରୀୟ କ୍ୟାରମ ପ୍ରତିଯୋଗିତା

କଟକ ଅଫିସ, ୨୩।୬- ରାଜ୍ୟସ୍ତରୀୟ ସପ୍ତମ ରିପବ୍ଲିକ କ୍ୟାରମ ପ୍ରତିଯୋଗିତା କଟକ ଜିଲା କୁରାଙ୍ଗଶାସନଠାରେ ଅନୁଷ୍ଠିତ ହୋଇଯାଇଛି। କସର୍ଦ୍ଦା ସ୍ଥିତ ଆପେକ୍ସ ଆଇଟିଆଇର ଅଧକ୍ଷ ତଥା ପ୍ରବନ୍ଧକାର ଇଂ. ସନ୍ୟାସୀ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର କୁମାର ଓଝା, ଅଶ୍ୱିନୀ କୁମାର ମହାପାତ୍ର ଯୋଗଦେଇଥିଲେ। ବଡଝରିଲୋ ହନୁମାନ କ୍ଲବ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୭୦ ରୁ ଉର୍ଦ୍ଧ୍ୱ ଟିମ୍ ଭାଗ ନେଇଥିଲେ। ପ୍ରଦୀପ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରମେଶ ଚନ୍ଦ୍ର ଜେନା, କାଳୀପ୍ରସାଦ ଦାସ, କୃଷ୍ଣଚନ୍ଦ୍ର ମହାପାତ୍ର, ନବଜ୍ୟୋତି ଦାସ ପ୍ରମୁଖ ସହଯୋଗ କରିଥିଲେ।

### ପୀଠ ସଫେଇ କଲେ ସ୍ୱେଚ୍ଛାସେବୀ

ନେମାଳ,୨୩।୬(ଡି.ଏନ.ଏ.): ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠସ୍ଥଳୀକୁ ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ନିର୍ବାଣ’ ଏବଂ ମାହାଙ୍ଗାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସାହା’ ମିଳିତ ଆନୁକୂଲ୍ୟରେ ସଫେଇ କରାଯାଇଛି। ମହାପୁରୁଷଙ୍କ ପବିତ୍ର ଜ୍ୟୋଷ୍ଠ ପୂର୍ଣ୍ଣିମା ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଯୋଗୁ ପୀଠ ଅଳିଆ ଆବର୍ଜନା ପୂର୍ଣ୍ଣ ହୋଇ ପଡିରହିଥିଲା। ରବିବାର ଆଇନଜୀବୀ ସତ୍ୟନାରାୟଣ ଦାସ ଓ ସ୍ୱେଚ୍ଛାସେବୀ ସୁକାନ୍ତ ମାଢ଼େଇଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ଅଳିଆ ସଫା କରିଥିଲେ। ଅକ୍ଷୟ ଖଟୁଆ, ଭାରତଭୂଷଣ ପଟ୍ଟନାୟକ, ଅମରେନ୍ଦ୍ର ଜେନା, ଇଂ. ତପନ ସାହୁ, ଅଭିରାମ ବେହେରା, ପ୍ରତ୍ୟୁଷ ସାହୁ, ଅଭିରାମ ଦାସ ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

■ ଜଳ ସମ୍ପଦ ବିଭାଗର ଉଦାସୀନତା

# ପ୍ରଭାବିତ ହେବ ଖରିଫ ଚାଷ

ନିଶ୍ଚିନ୍ତକୋଇଲି,୨୩।୬(ସ୍ୱ.ପ୍ର.)

- ■ମରାମତି ହେଉନି କେନାଲ
- ■ଜମିକୁ ଜଳ ପ୍ରବାହ ନେଇ ପ୍ରଶ୍ନବାଚୀ
- ■ଚିନ୍ତାରେ ହଜାର ହଜାର ଚାଷୀ

ସରକାର କୃଷି ଏବଂ କୃଷକଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ଏ ସବୁ ଯୋଜନା ଚାଷୀଙ୍କ ନିକଟରେ ଶତପ୍ରତିଶତ ପହଞ୍ଚି ପାରୁନାହିଁ। ଯାହାର ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ। ଏହି ବ୍ଲକ ଅଞ୍ଚଳର ଚାଷୀ ଖରିପ ଚାଷ ପାଇଁ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କ କ୍ଷେତକୁ ପାଣି ପହଞ୍ଚି ପାରିନାହିଁ। ଯଦ୍ୱାରା ଏହି ଚାଷୀମାନେ ଏବେ ଖରିପ ଚାଷ କରି ପାରିବେ କି ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଚାଷୀମାନେ ଜଳ ସେଚନ ଉପରେ ନିର୍ଭରଶୀଳ। ବ୍ଲକର କଟକ ନର୍ଥ ଡିଭିଜନ ଅଧୀନରେ କେନ୍ଦୁପାଟଣା ଉପଖଣ୍ଡ ଜଳ ସମ୍ପଦ ବିଭାଗ, ପୁନ୍ଦାଳ ଉପଖଣ୍ଡ ଜଳ ସମ୍ପଦ ବିଭାଗ ଓ ନରେନ୍ଦ୍ରପୁର ଉପଖଣ୍ଡ ଜଳ ସେଚନ ବିଭାଗ ଥିବାବେଳେ କେନ୍ଦ୍ରାପଡା ଡିଭିଜନ ଅଧୀନରେ ପୁବଂଶ ଜଳ ସମ୍ପଦ ବିଭାଗ ରହିଛି। ପୁବଂଶ ଜଳ ସମ୍ପଦ ବିଭାଗ ଅଧୀନରେ ସାଙ୍କିଲୋଠାରୁ କୁଳବଡ଼ଖିର ପର୍ଯ୍ୟନ୍ତ ୯(ଖ)୧ କେନାଲ ଜଳ ପ୍ରବାହକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କେନାଲ ଦ୍ୱାରା ପିଠାପଡା, ଦଶମାଣିଆ, ଶୁକରପଡ଼ା, କୁଳବଡ଼ଖିର ଅଞ୍ଚଳର ହଜାର ହଜାର ଏକର ଚାଷ ଜମି ଜଳ ସେଚିତ ହୋଇଥାଏ। କେନ୍ଦ୍ରାପଡା କେନାଲ ବନ୍ଧ ପ୍ରଶସ୍ତୀକରଣ ସମୟରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ ବେଳେ କେନାଲର କଲଭଟ ହୋମ ପାଇପ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଫଳରେ ଏହି କଲଭଟ ଦେଇ କେନାଲକୁ ଜଳ ପ୍ରବାହ ଠପ ହୋଇଯାଇଛି। ଏପରି କି କେନାଲର ହେଡ ସ୍ଲୁଇସ୍ ମଧ୍ୟ ନାହିଁ। ଯାହାକି କେନାଲର ଜଳ ପ୍ରବାହକୁ ନିୟନ୍ତ୍ରଣ କରିଥାଏ। ସେହିପରି ବ୍ରଜରାଜପାଟଣା(ଲଙ୍କାପଡା)ଠାରେ ଥିବା କଟିକଟା ୯(କ) କେନାଲରେ କୌଣସି ଗାର୍ଡ ୱାଲ ନ ଥିବାବେଳେ ଏହାର ଛାତ ଭାଙ୍ଗିପଡ଼ିଛି।



ଏକ କେନାଲର କଲଭର୍ଟ ଭାଙ୍ଗିପଡ଼ିଛି।



କେନାଲ ବନ୍ଧ ରାସ୍ତା ଖାଇ ଯାଇଛି।

ଏପରି କି ଜଳ ନିୟନ୍ତ୍ରଣ ପାଇଁ କଲଭଟରେ ସଟର ମଧ୍ୟ ନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଚାଷୀ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ କାର୍ଯ୍ୟନିର୍ବାହୀ ପ୍ରବୋଧ କୁମାର ନାୟକଙ୍କୁ ଅବଗତ କରାଇଥିଲେ ମଧ୍ୟ ଅଦ୍ୟାବଧି ଏହାର ମରାମତି ହୋଇନାହିଁ। ଏ ନେଇ ପୁବଂଶ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ସାମଲ କହିଛନ୍ତି, ମରାମତି ପାଇଁ ଅଟକଳ ପ୍ରସ୍ତୁତ ସରିଛି। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ସଦର କେନାଲରୁ ବାହାରିଥିବା ୭ନଂ କେନାଲ ଓ ଏହାର ଶାଖା କେନାଲ ୮(ଏ) ଓ ଏହାର ଶାଖା କେନାଲ ସମେତ ୮(ବି)ର ଶାଖା କେନାଲ ଗୁଡିକ ମଧ୍ୟ ଅଦ୍ୟାବଧି ମରାମତି ହୋଇନାହିଁ। ସେହିପରି ଅନେକ ସ୍ଥାନରେ କେନାଲ ପୋତି ହୋଇ ଯାଇଥିବା ଦେଖିବାକୁ ମିଳିଛି। ୮ନଂ କେନାଲରୁ ବାହାରିଥିବା ଶାଖା କେନାଲ ନିଶ୍ଚିନ୍ତକୋଇଲି ବଜାର ଦେଇ ଓଥକା ଓ ନତକାଇ ମୌଜାକୁ ସଂଯୋଗ କରୁଥିଲେ ମଧ୍ୟ ତାହା ପୋତି ହୋଇଯାଇଛି। ଫଳରେ ଦୀର୍ଘ ଦିନ ହେବ ୫୦୦ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ଜଳ ସେଚନରୁ ବଞ୍ଚିତ ହେଉଛି। ବାରମ୍ବାର କେନ୍ଦୁପାଟଣା ସହକାରୀ ଯନ୍ତ୍ରୀଙ୍କୁ କେନାଲ ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ସମାନ୍ତରାଳ ଭାବେ ନରେନ୍ଦ୍ରପୁର ଜଳ ସେଚନ ବିଭାଗ ଅଧୀନରେ ଥିବା କେନାଲ ଗୁଡ଼ିକର ପୁନରୁଦ୍ଧାର ହୋଇ ନ ଥିବାରୁ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ଚାଷ ଜମିକୁ ଜଳ ଯୋଗାଇବା ଜଳ ସେଚନ ହେବା ନେଇ ସନ୍ଦେହ ଜାତ ହୋଇଛି। ଅପରପକ୍ଷରେ ପୁନ୍ଦାଳ ଜଳ ସେଚନ ବିଭାଗ ପକ୍ଷରୁ ନଦୀ ବନ୍ଧ ଓ କେନାଲ ବନ୍ଧ ମଧ୍ୟ ଠିକ ଭାବେ ମରାମତି ହୋଇନାହିଁ। ଲୁଣା-ଚିତ୍ରୋତ୍ପଳା ନଦୀବନ୍ଧ କେତେକ ସ୍ଥାନରେ ଖାଇ ଯାଇଥିବା ବେଳେ ରାସ୍ତା କଡରେ ବଡ ବଡ ଗର୍ତ୍ତ ହୋଇଥିବା ଦେଖାଯାଇଛି। ଏପରି କି ବିଭାଗୀୟ ଅଧିକାରୀମାନେ ବାରମ୍ବାର ଏହି ରାସ୍ତା ଦେଇ ଯିବା ଆସିବା କରୁଥିଲେ ହେଁ ଏଥିପ୍ରତି ସେମାନଙ୍କ ଦୃଷ୍ଟି ପଡୁନାହିଁ। ବିଭାଗୀୟ ସଚିବ ଓ ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବାକୁ କୃଷକ ସଙ୍ଗଠନ ଓ ଚାଷୀ ପ୍ରତିନିଧି ନିବେଦନ କରିଛନ୍ତି। ଯଦି ଉଚିତ ସମୟରେ କେନାଲର ଶେଷ ମୁଣ୍ଡରେ ପାଣି ନ ପହଞ୍ଚେ ତେବେ ଚଳିତ ବର୍ଷ କୃଷକ ଆନ୍ଦୋଳନ ଉଗ୍ର ରୂପ ନେବ ବୋଲି କୃଷକନେତା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କଟକ ନର୍ଥ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା କହିଛନ୍ତି, କେନାଲ ଗୁଡିକର ଅବସ୍ଥା ସମ୍ପର୍କରେ ରିପୋର୍ଟ ମଗାଯାଇଛି। କିଛି କେନାଲର ଅବସ୍ଥା ମୁଁ ବୁଲି ଦେଖିଛି। ଖୁବଶୀଘ୍ର ଏ ସବୁ ସମସ୍ୟାର ସମାଧାନ କରାଯିବ।

### ମାସିକ ସାହିତ୍ୟ ସଭା, କବିତା ପାଠୋତ୍ସବ

କଟକ ଅଫିସ, ୨୩।୬

ଖପୁରିଆ ଶ୍ରୀଜଗନ୍ନାଥ ସାହିତ୍ୟ ସମାଜ ପକ୍ଷରୁ ମାସିକ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ସଭାଗୃହଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରତିଷ୍ଠିତ ବିଜ୍ଞାନ ଲେଖକ ଓ ସାମ୍ବାଦିକ ଡ. ପ୍ରମୋଦ କୁମାର ମହାପାତ୍ର, ବକ୍ତା ଭାବେ ଅରୁଣ କୁମାର ବିଶ୍ୱାଳ, ଦେବୀଦତ୍ତ ବିଶ୍ୱଜୀବନ ମିଶ୍ର, ବିବେକାନନ୍ଦ ସାହୁ, ଅଖିଳ ଦାସସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଆଦିକନ୍ଦ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନିରୁପମା ମିଶ୍ରଙ୍କ ସଂଯୋଜନାରେ ନିର୍ମଳା ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଦୁର୍ଗା ପ୍ରସନ୍ନ ଚାନ୍ଦ, କଲ୍ୟାଣୀ ନାୟକ, ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ଅମୂଲ୍ୟ ବେହେରା, ଉତ୍ତମ ପ୍ରଧାନ, ମହେନ୍ଦ୍ର ପ୍ରସାଦ ମହାପାତ୍ର, ବନଲତା ସିଂହ, ମିନତୀ ମହାପାତ୍ରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଗତଥର ‘ଦେଶପ୍ରେମ’ କବିତା ପାଠରେ ଦୁଇଜଣ ଶ୍ରେଷ୍ଠ ବିବେଚିତ ହୋଇଥିବା ନିବେଦିତା ମହାନ୍ତି ଓ ଡ. ବସନ୍ତ କୁମାରୀ ନନ୍ଦଙ୍କୁ କବିପ୍ରଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗଠନ ସମ୍ପାଦିକା ନିର୍ମଳା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




କଟକ ଜିଲା ରେଡ୍‌କ୍ରସ ଭବନରେ କବି କରୁଣାକର ଦାସ ସାହିତ୍ୟ ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

### ହାଇସ୍କୁଲରେ ନୈତିକ ଶିକ୍ଷା କାର୍ଯ୍ୟକ୍ରମ

ବାଙ୍କୀ, ୨୩।୬(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ନିକଟସ୍ଥ ଭୁଆଶୁଣୀପାଟଣା ହାଇସ୍କୁଲ ପରିସରରେ ନୈତିକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସଂସ୍କୃତି ଗବେଷକ କୈଳାସ ଚନ୍ଦ୍ର ପଣ୍ଡା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଡ. ଗଣେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଣ୍ଡା ନୈତିକ ଶିକ୍ଷା ଦ୍ୱାରା ଛାତ୍ରୀଛାତ୍ରଙ୍କ ମାନବୀୟ ମୂଲ୍ୟବୋଧ ତଥା ଆଧ୍ୟାତ୍ମିକ ଜ୍ଞାନର ଅଭିବୃଦ୍ଧି ଘଟିଥାଏ ବୋଲି କହିଥିଲେ। ଶିକ୍ଷାବିତ୍ ପ୍ରମୋଦ କୁମାର ଜେନା, ରାଜକିଶୋର ଗଡବାଡ, ସ୍ମୀତ୍ମା ସାହୁ ପ୍ରମୁଖ ଯୋଗଦାନ କରି ନୈତିକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପଣ୍ଡିତ ଆଦିତ୍ୟ ପ୍ରସାଦ ରଥଙ୍କ ବେଦ ଧ୍ୱନି, ଛାତ୍ରୀଛାତ୍ରଙ୍କ ସାମୂହିକ ଗୀତ ଗୋବିନ୍ଦ ପାଠ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ବେଶ ମର୍ମସ୍ପର୍ଶୀ ହୋଇଥିଲା। ସ୍କାଉଟ୍ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଅଚ୍ୟୁତାନନ୍ଦ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ସମୀର କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦର ଅଧିବେଶନ

ପୁରୀ ଅଫିସ, ୨୩।୬

ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦର ୨୯ତମ ଅଧିବେଶନ ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ବିଶ୍ୱମ୍ଭର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ପଣ୍ଡିତ ରୋହିତ ଦାଶ, ପଣ୍ଡିତ ଜିତୁ ଦାଶ, ପଣ୍ଡିତ ବାସୁଦେବ ମିଶ୍ର, ପଣ୍ଡିତ ନାରାୟଣ ମିଶ୍ର, ପଣ୍ଡିତ ସୁଧାଂଶୁ ଶେଖର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୈଦିକ ଓ ସନାତନ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ବ୍ରାହ୍ମଣ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବ୍ରାହ୍ମଣ ମାନଙ୍କ ବିକାଶ ଦିଗରେ ଆଲୋଚନା କରାଯାଇଥିଲା। ତୃଣମୂଳ ସ୍ତରରେ ବ୍ରାହ୍ମଣ ମାନଙ୍କୁ ଏକାଠି କରାଯିବା ସହ ସମସ୍ତ ବ୍ରାହ୍ମଣ ମାନଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତି ଲାଗି ନିଷ୍ପତ୍ତି ହୋଇଥିଲା। ପ୍ରତି ଜିଲାରେ ପରିଷଦର ସଙ୍ଗଠନ ରହିବ। ଏକ ଶୃଙ୍ଖଳିତ, ସୁ ସଂସ୍କାର ସମ୍ପନ୍ନ ରାଷ୍ଟ୍ର ଗଠନ ଲାଗି ପ୍ରୟାସ ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅଧିବେଶନରେ ପରିଷଦର ସମସ୍ତ ସଦସ୍ୟ, ଜିଲାର ପ୍ରଭାରୀ, ମୁକ୍ତିମଣ୍ଡପ ପଣ୍ଡିତ ସଭାର ବିଦ୍ୱାନ୍ ତଥା ଓଡ଼ିଶାର ବହୁ ବିଦ୍ୱାନ ମାନେ ଯୋଗଦାନ କରିଥିଲେ।

#### କ୍ଷମା ମାଗିଲେ ପଣ୍ଡିତ ଜିତୁ ଦାଶ

ଏକ ବୈଦ୍ୟୁତିକ ଆଧ୍ୟାତ୍ମିକ ଚ୍ୟାନେଲରେ ପ୍ରସାରିତ ଧାରାବାହିକରେ ପଣ୍ଡିତ ଜିତୁ ଦାଶ ବ୍ରାହ୍ମଣ ମାନଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିଲେ। ଏନେଇ ଚାରିଆଡୁ ସେ ସମାଲୋଚିତ ହୋଇଥିଲେ। ବିଭିନ୍ନ ସଙ୍ଗଠନ ତାଙ୍କୁ ବିରୋଧ କରିଥିଲେ। ରବିବାର ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ଆୟୋଜିତ ଅଧିବେଶନରେ ଯୋଗଦେଇ ସେ ବ୍ରାହ୍ମଣ ମାନଙ୍କ ପ୍ରତି ଦେଇଥିବା କଟୁ ମନ୍ତବ୍ୟ ଲାଗି କ୍ଷମା ପ୍ରାର୍ଥନା କରିଥିଲେ। ସେ କହିଲେ ଯେ, ବ୍ରାହ୍ମଣଙ୍କୁ ଆକ୍ଷେପ କରିବା ତାଙ୍କ ଅଭିପ୍ରାୟ ନ ଥିଲା। କେବଳ ଶାସ୍ତ୍ର, ପୁରାଣ ଆଲୋଚନା ବେଳେ ଏପରି ଏକ ଶବ୍ଦ ପ୍ରୟୋଗ ହୋଇଯାଇଥିଲା। ଯଦି ଏନେଇ ବ୍ରାହ୍ମଣ ମାନଙ୍କ ମର୍ଯ୍ୟାଦାରେ ହାନୀ ଘଟିଥାଏ, ତେବେ ମୁଁ କ୍ଷମା ଚାହୁଁଛି ବୋଲି କହିଥିଲେ। ଏ ସମ୍ପର୍କରେ ବୈଦିକ ବ୍ରାହ୍ମଣ ପରିଷଦ ନିଜର ସ୍ପଷ୍ଟିକରଣ ରଖିଥିଲା। ପଣ୍ଡିତ ଦାଶଙ୍କୁ ପରିଷଦର ଉପଦେଷ୍ଟା ଭାବେ ଗ୍ରହଣ କରାଗଲା ବୋଲି ପରିଷଦ ସଭାପତି ବିଶ୍ୱମ୍ଭର ମିଶ୍ର କହିଥିଲେ।

■ ସାମାଜିକ ଗଣମାଧ୍ୟମରେ ଖବରଦାତାଙ୍କୁ ଭିକାରି ମନ୍ତବ୍ୟ

## ଥାନାରେ ଏତଲା, ଅଡୁଆରେ ଆଠଗଡ଼ ଡିଏଫଓ

ଆଠଗଡ଼, ୨୩।୬(ସ୍ୱ.ପ୍ର.)




ସାମାଜିକ ଗଣମାଧ୍ୟମ (ଫେସବୁକ)ରେ ଆଠଗଡ଼ ଡିଏଫଓ ସ୍ଥାନୀୟ ଖବରଦାତାଙ୍କୁ ଭିକାରି ବୋଲି କଟୁ ମନ୍ତବ୍ୟ ଦେଇ ଏବେ ଅଡୁଆରେ ପଡ଼ିଛନ୍ତି। ଏ ନେଇ ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ ଡିଏଫଓଙ୍କ ବିରୋଧରେ ଆଠଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବାବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

ସୂଚନା ଅନୁସାରେ, ଡିଏଫଓ ସସ୍ମିତା ଲେଙ୍କା ଗତ ୧୬ ତାରିଖରେ ତାଙ୍କ ଫେସବୁକ ପୋଷ୍ଟରେ ଖବରଦାତାମାନଙ୍କୁ ଭିକାରି ବୋଲି ଦର୍ଶାଇଥିଲେ। ଏପରି କି ସେମାନେ ଅର୍ଥ ଦାବି କରି ବ୍ଲାକମେଲ କରୁଛନ୍ତି ଏବଂ ଏଠାରେ ସମସ୍ତେ ନିଜକୁ ସାମ୍ବାଦିକ ବୋଲାଉଛନ୍ତି। ସେମାନଙ୍କ ଅଯୌକ୍ତିକ ଦାବି ଗ୍ରହଣ କରିବା ପାଇଁ ମୁଁ ଏଠି ବସିନାହିଁ ବୋଲି ଉଲ୍ଲେଖ କରିଥିଲେ। ଫେସବୁକରେ ଏହା ଦେଖିବାପରେ ଆଠଗଡ଼ରେ କାର୍ଯ୍ୟରତ ଖବରଦାତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଖବରଦାତା ଏ ସମ୍ପର୍କରେ ଡିଏଫଓ ସୁଶ୍ରୀ ଲେଙ୍କାଙ୍କୁ ପଚାରିବାରୁ କେତେଜଣ ଖବରଦାତା ତାଙ୍କଠାରୁ ଅର୍ଥ ଦାବି କରୁଥିବା କହିବା ସହ ତାଙ୍କ ଫେସବୁକ ପୋଷ୍ଟ ସେମାନଙ୍କ ଉଦ୍ଦେଶ୍ୟରେ ଲେଖିଥିବା କହିଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କର ଏହି ପୋଷ୍ଟକୁ ଫେସବୁକରୁ ଡିଲିଟ କରିଦେଇଥିବା ଦେଖାଯାଇଥିଲା। ଏହି ଘଟଣା ପରେ ରବିବାର ସ୍ଥାନୀୟ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ଆଠଗଡ଼ ଅଞ୍ଚଳର କାର୍ଯ୍ୟରତ ଖବରଦାତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସମସ୍ତ ଖବରଦାତା ଡିଏଫଓଙ୍କ ଅରୁଚିକର ମନ୍ତବ୍ୟକୁ ତୀବ୍ର ନିନ୍ଦା କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନେଇଥିଲେ। ସେହି ନିଷ୍ପତ୍ତି ଅନୁଯାୟୀ ଡିଏଫଓଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଥିଲା। ଏଥିସହ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ତାଙ୍କୁ ତୁରନ୍ତ ଏଠାରୁ ବଦଳି କରାଯିବା ଲାଗି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ଆରସିସିଏଫ, ପିସିସିଏଫ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଖବରଦାତାମାନେ କହିଛନ୍ତି। ଡିଏଫଓ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା ନ କଲେ ଏବଂ ତାଙ୍କ ବିରୋଧରେ ଯେ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇଛି ସେ ପର୍ଯ୍ୟନ୍ତ ଖବରଦାତାମାନେ ବନ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## ବିଦ୍ୟୁତ୍ ବିଭ୍ରାଟ: ୩ ଘଣ୍ଟା ଅନ୍ଧାରରେ ଶିଶୁଭବନ

କଟକ ଅଫିସ, ୨୩।୬

କଟକସ୍ଥିତ ଶିଶୁଭବନରେ ରବିବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶିଶୁଭବନରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ବୈଷୟିକ ତ୍ରୁଟି ଯୋଗୁ ଏଭଳି ଘଟିଥିବା ଜଣାପଡିଛି। ଏହି ସମୟ ମଧ୍ୟରେ ଶିଶୁଭବନକୁ ଆସିଥିବା ରୋଗୀ, ସେଠାରେ ଚିକିତ୍ସିତ ହେଉଥିବା ଶିଶୁ ଓ ସେମାନଙ୍କ ଅଭିଭାବକ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ। ଗରମରୁ ରକ୍ଷା ପାଇବା ପାଇଁ କେତେକ ଅଭିଭାବକ ଶିଶୁଙ୍କୁ ନେଇ ଗଛମୂଳ ତ ଆଉ କେତେକ ଶିଶୁଭବନ ପରିସରରେ ଥିବା ସାଇମନ୍ଦିର ବେଢାକୁ ନେଇଯାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶିଶୁଭବନରେ ଥିବା ଲକ୍ଷାଧିକ ଟଙ୍କାର ଜେନେରେଟର ଏହି ସମୟ ମଧ୍ୟରେ କାର୍ଯ୍ୟ କରି ନ ଥିଲା। ଏହି ଜେନେରେଟର କାର୍ଯ୍ୟ ନ କରିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ। ଯାହାଫଳରେ ରବିବାର ଅସହ୍ୟ ଗୁଳୁଗୁଳିରେ ରୋଗୀଙ୍କୁ ୩ ଘଣ୍ଟା କାଟିବାକୁ ପଡ଼ିଲା। ଏ ନେଇ ଶିଶୁଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀ କୁହନ୍ତି, ଏତେ ସମୟ ବିଦ୍ୟୁତ୍ କାଟ ହୋଇ ନ ଥିଲା। ୪୫ ମିନିଟ୍‌ରୁ ଗୋଟିଏ ଘଣ୍ଟା ମାତ୍ର ବିଦ୍ୟୁତ୍ କାଟ ହୋଇଥିଲା। ବିଦ୍ୟୁତ୍ ଆସିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ବନ୍ଧୁକ, ସ୍କୁଟି ଜବତ: ୩ ଗିରଫ

ଚୌଦ୍ୱାର,୨୩।୬(ଡି.ଏନ.ଏ.)



ଗିରଫ ଅଭିଯୁକ୍ତ ।

ଚୌଦ୍ୱାର ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ତଳବଜାର ଡେଲଟା କ୍ୱାର୍ଟରର ଚିତ୍ତରଞ୍ଜନ ଦାସ(୩୦), ସାମଲସାହିର ମିଟୁ ସାମଲ(୩୦) ଓ ଆନନ୍ଦ ସାମଲ(୩୦)। ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ ଓ ଏକ ସ୍କୁଟି ଜବତ କରାଯାଇଛି। ଏହି ଅଭିଯୁକ୍ତମାନଙ୍କ ନାମରେ ଚୌଦ୍ୱାର ଥାନା ସମେତ ଟାଙ୍ଗୀ ଓ ସାଲେପୁର ଥାନାରେ ଚୋରି, ଡକାୟତି ଭଳି ବିଭିନ୍ନ ଆପରାଧିକ ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଚୌଦ୍ୱାର ଥାନା ଆଇଆଇସି ପଦ୍ମନାଭ ପ୍ରଧାନଙ୍କ କହିବାନୁଯାୟୀ, ଏହି ଥାନା ଅଧୀନ ଆଗ୍ରାହାଟ-ଶଙ୍କରପୁର ରାସ୍ତାରେ ଗତ ଶନିବାର ଅଭିଯୁକ୍ତମାନେ ସ୍କୁଟିରେ ବୁଲୁଥିବା ନେଇ ପୋଲିସ ଖବର ପାଇଥିଲା। ପରେ ଏସ୍‌ଆଇ ବୃନ୍ଦାବନ ସାହୁ ଓ ପାଟ୍ରୋଲିଂ ଟିମ୍ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ଅଟକାଇବା ସହ ସ୍କୁଟିକୁ ଜବତ କରିଥିଲେ। ସେଠାରେ ଯାଞ୍ଚ କରାଯିବାରୁ ସ୍କୁଟି ଭିତରୁ ଉକ୍ତ ବନ୍ଧୁକ ମିଳିଥିଲା। ଅଭିଯୁକ୍ତମାନେ ନିରୋଳା ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଲୁଟ୍ କରିଥାନ୍ତି ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୮୯/୧୯) ରୁଜୁ ହୋଇଛି। ଏଥିରେ ଆଉ କେତେଜଣଙ୍କ ସମ୍ପୃକ୍ତି ଥିବାବେଳେ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।

## ସମୃଦ୍ଧ ଓଡ଼ିଶା ଗଠନରେ ବିକ୍ରମଦେବଙ୍କ ଅବଦାନ ଅନନ୍ୟ

କଟକ ଅଫିସ, ୨୩।୬

ସମୃଦ୍ଧ ଓଡ଼ିଶା ପ୍ରଦେଶ ଗଠନରେ ସାରସ୍ୱତ ସାଧକ ବିକ୍ରମଦେବ ବର୍ମାଙ୍କ ଅବଦାନ ଅନନ୍ୟ। ଓଡ଼ିଆ ଭାଷାର ସୁରକ୍ଷା, ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ସାହିତ୍ୟ-ସଂସ୍କୃତିର ସୁରକ୍ଷାରେ ବର୍ମା ଓଡ଼ିଶାର ଉପାନ୍ତ ଅଞ୍ଚଳରେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। କଟକ ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିକ୍ରମଦେବ ବର୍ମାଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବକୁ ଉଦ୍‌ଘାଟନ କରି ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହା କହିଛନ୍ତି। ବିଶିଷ୍ଟ ଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଥିଲେ, ବିକ୍ରମଦେବ ବର୍ମାଙ୍କ ସାହିତ୍ୟ ଓ ସଂସ୍କୃତି ଅନନ୍ୟ।



ସାରସ୍ୱତ ସାଧକ ବିକ୍ରମ ଦେବବର୍ମାଙ୍କ ତୈଳଚିତ୍ରକୁ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ଅତିଥିଙ୍କ ଗହଣରେ ଉନ୍ମୋଚନ କରୁଛନ୍ତି।

ମୁଖ୍ୟବକ୍ତା ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାଶ କହିଥିଲେ, ବିକ୍ରମ ଦେବବର୍ମା ଓଡ଼ିଆ ଭାଷାର ସୁରକ୍ଷା, ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ସାହିତ୍ୟ-ସଂସ୍କୃତିର ପୃଷ୍ଠପୋଷକ ଭାବେ ଯେଉଁ ଦାୟିତ୍ୱ ନିର୍ବାହ କରିଥିଲେ ତାହା ତାଙ୍କୁ ଚିରସ୍ମରଣୀୟ କରି ରଖିବ। ସଭାପତି ଡ. ବିଜୟାନନ୍ଦ ସିଂହ ତୈଳଚିତ୍ର ଉନ୍ମୋଚନ ପାଇଁ ପ୍ରଥମଥର ଓଡ଼ିଶା ସରକାର ସହଯୋଗ କରୁଥିବାରୁ ତାହା ଅନୁଷ୍ଠାନ ପାଇଁ ଗୁରୁତ୍ୱ ବହନ କରୁଛି ବୋଲି କହିଥିଲେ।

ଏହି ଅବସରରେ ହାସ୍ୟବିକାଶ କେନ୍ଦ୍ର ପକ୍ଷରୁ ତରୁଣ କୁମାର ସାହୁ, ଓଡ଼ିଆ ଗୀତିକବି ସମାଜ ପକ୍ଷରୁ ସନ୍ଧ୍ୟା ମିତ୍ର, ଓଡ଼ିଶା ବୁକ୍ ଏମ୍ପୋରିୟମ୍ ପକ୍ଷରୁ ଶିବାଶିଷ କର, ଶିଶୁ-ଲେଖକ ସମ୍ମେଳନ ଓଡ଼ିଶା ପକ୍ଷରୁ ବ୍ରହ୍ମାନନ୍ଦ ବିଶ୍ୱାଳ, ମଣିମାଣିକ ପକ୍ଷରୁ ଗଜେନ୍ଦ୍ର ପାଣି, ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ଡ. ସୁନାମଣି ରାଉତ, ଲଳିତ ସାହିତ୍ୟ ସଂସଦ ଅଧ୍ୟାପକ ଚିନ୍ମୟ ବେହେରା ମନ୍ତ୍ରୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁରର ସୁବାସ ଚନ୍ଦ୍ର ହୋତା ଓ ପ୍ରୀତିଶ ପଟ୍ଟନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା, ଉପସଭାପତି ମନୋଜ ପଟ୍ଟନାୟକ ମାନପତ୍ର ପାଠ ଓ ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।

-ବ୍ୟାସଦେବ

## ସଂକ୍ଷେପରେ

### ଅସରଳାରେ ବ୍ରାଉନସୁଗାରର ଅବାଧ କାରବାର

**ଖୋର୍ଦ୍ଧା ଅଫିସ,୨୩।୬:**ବୋଲଗଡ ଥାନା ଅସରଳାରେ ବ୍ରାଉନସୁଗାର କାରବାର ଅବାଧରେ ଚାଲିଛି। ଅସରଳା ଗାଁର ସାଇକେଲ, ଜଳଖିଆ ଓ ପାନ ଦୋକାନରେ ଏହା ଚାଲିଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗର ନଜରରେ ପଡୁନି। ହାତଗୁଞ୍ଜା ପାଇଁ ପୋଲିସ ଓ ଅବକାରୀ ବିଭାଗ ଚୁପ ରହୁଥିବା ଅଭିଯୋଗ ହେଉଛି। ଗାଁର କେତେଜଣ ଲୋକ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଗତ ଶୁକ୍ରବାର ଅଭିଯୋଗ କରିଛନ୍ତି। ପୂର୍ବରୁ ନକଲି ଦେଶୀ ଓ ବିଦେଶୀ ମଦ, ଅଫିମ, ଗଞ୍ଜେଇ ବିକ୍ରି ହୋଇ ଆସୁଥିଲାବେଳେ ବର୍ତ୍ତମାନର ବ୍ରାଉନସୁଗାର କାରବାର ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ବାଟବଣା କରିଛି। ଅନ୍ୟପକ୍ଷେ କେତେଜଣ ନିଶାଖୋର ଅସାମାଜିକ ଯୁବକ ସ୍କୁଲ ପଦା ପୋଖରୀ ହୁଡା ଓ ସର୍ବସାଧାରଣ ସ୍ଥାନରେ ଏକାଠି ହୋଇ କମେଟ ମାରିବା ଓ କାରଣ ନ ଥାଇ ଗଣ୍ଡଗୋଳ କରି ଗାଁରେ ଅଶାନ୍ତର ବାତାବରଣ ସୃଷ୍ଟି କରୁଛନ୍ତି। ଗାଁରେ ଚୋରି ବଢ଼ି ଚାଲିଛି। ଏଠାରେ ପ୍ରାୟ ୩ ବର୍ଷ ତଳେ ୨ ଯୁବକ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବାବେଳେ ସତ ପଦାକୁ ଆସି ନ ପାରିବା କାରଣରୁ ନିଶା କାରବାର ଉପରେ ଲଗାମ ଲାଗିପାରୁନି।

### ବ୍ୟବସାୟୀଙ୍କୁ ଆକ୍ରମଣ ପରେ ଲୁଟ ଘଟଣା, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୩।୬(ବ୍ୟୁରୋ)-** କ୍ୟାପିଟାଲ ଥାନା ଅଧୀନ ୟୁନିଟ ୧ ନମ୍ବର ହାଟରେ ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ୪୦ ହଜାର ଟଙ୍କା ଲୁଟ କରିବା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ଅଧୀନ ବାଙ୍କୁଆଳ ଅଞ୍ଚଳର ସାଗର ସ୍ୱାଇଁ (୨୩)। ପୋଲିସ ସୂଚନା ମୁତାବକ, କ୍ୟାପିଟାଲ ଥାନା ୧ ନମ୍ବର ହାଟରେ ସନ୍ତୋଷ କୁମାର ସାହୁଙ୍କ ଏକ ଗ୍ରୋସରୀ ଦୋକାନ ରହିଛି। ମାର୍ଚ୍ଚ ୧୨ ରାତିରେ ସନ୍ତୋଷ ଦୋକାନ ବନ୍ଦ କରି ବାହାରୁଥିବା ବେଳେ ଅଭିଯୁକ୍ତ ସାଗର ଏବଂ ବାଙ୍କୁଆଳ ଗ୍ରାମର ଅନ୍ୟ ତିନି ସହଯୋଗୀ ତାଙ୍କୁ କଟୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ସନ୍ତୋଷ ତଳେ ପଡିଥିବା ବେଳେ ଅଭିଯୁକ୍ତମାନେ ତାଙ୍କଠାରୁ ୪୦ ହଜାର ଟଙ୍କା ଛଡାଇ ନେଇ ଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୮୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବିଶେଷସୂତ୍ରରୁ ଖବରପାଇ ପୋଲିସ ବାଙ୍କୁଆଳ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତ ସାଗରକୁ ଗିରଫ କରିଛି। ଦାଦାବଟି, ମରଣାନ୍ତକ ଆକ୍ରମଣ କରି ଲୁଟ ନେଇ ଅଭିଯୁକ୍ତଙ୍କ ନାମରେ କମିଶନରେଟ ପୋଲିସର ଅନେକ ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

### ଛାତ୍ରୀଛାତ୍ରଙ୍କ ଜଳବାୟୁ ସଚେତନ ପଦଯାତ୍ରା



**ଭୁବନେଶ୍ୱର, ୨୩।୬(ବ୍ୟୁରୋ)-** ଭୁବନେଶ୍ୱରରେ ପ୍ରଥମଥର ପାଇଁ ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବା ସହ ସହରକୁ ସବୁଜ ଭରା କରିବା, ପ୍ଲାଷ୍ଟିକ୍ ବର୍ଜନ କରିବା, ଜଳ ହିଁ ଜୀବନ ପରି ବହୁତ ନାରା ଦେଇଥିଲେ। ଏ ପରିପ୍ରେକ୍ଷୀରେ ଏକ ପଦଯାତ୍ରା ରାଜମହଲ ଓଭରବ୍ରିଜ୍‌ରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଯାଏ ଆସିଥିଲା। 'ଗ୍ଲୋବାଲ କ୍ଲାଇମେଟ ଷ୍ଟ୍ରାଇକ୍' ଅନୁଷ୍ଠାନ ପକ୍ଷରୁ ଏହି ପଦଯାତ୍ରା ଆୟୋଜନ କରାଯାଇଥିବା ବେଳେ ଜଳବାୟୁ କ୍ଷେତ୍ରରେ କାର୍ଯ୍ୟରତ ଗ୍ରୀଟା ଠୁନବର୍ଗ ଏହାକୁ ପରିଚାଳନା କରିଥିଲେ। ଜଳବାୟୁ ନେଇ ସଚେତନତା କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଥିଲା।

■ ଖୋର୍ଦ୍ଧା ସହରବାସୀଙ୍କୁ ମ୍ୟାଲେରିଆ, ଡେଙ୍ଗୁ ଭୟ

# ଡ୍ରେନ୍‌ରେ ପଡୁନି ମଶା ତେଲ

**ଖୋର୍ଦ୍ଧା ଅଫିସ,୨୩।୬**

ଖୋର୍ଦ୍ଧା ସହରରେ ଲୋକସଂଖ୍ୟା ବଢ଼ି ଚାଲିଥିବାବେଳେ ସ୍ୱାସ୍ଥ୍ୟ କର୍ମଚାରୀ କମି ଚାଲିଛନ୍ତି। ମ୍ୟାଲେରିଆ ବିଭାଗ ସହ ଟାଏ ହୋଇଥିବା ଫାଇଲେରିଆ ବିଭାଗର ସ୍ୱଳ୍ପସଂଖ୍ୟକ କର୍ମଚାରୀ ସହରର ସମସ୍ତ ଡ୍ରେନ୍‌ରେ ମଶା ତେଲ ପକାଇବାକୁ ସମର୍ଥ ହେଉନାହାନ୍ତି। କାଁ ଭାଁ ଡ୍ରେନରେ ମଶା ତେଲ ପଡୁଛି ତା'ର ମାନ ନେଇ ପ୍ରଶ୍ନ ଉଠିଛି। ମଶା ତେଲ ପଡିଲେ ମଧ୍ୟ ମଶାଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ି ଚାଲିଛି। ସହରର ଡ୍ରେନରେ ଟେମିଫସ ଓ ମସ୍କିଟୋ ଲାର୍ଭି ସାଇଡ୍ ଅଏଲ୍ ପଡୁଥିବା କୁହାଯାଉଥିଲେ ହେଁ କେଉଁଠି ପଡୁଛି, କେତେ ପରିମାଣର, ସ୍ୱାସ୍ଥ୍ୟ ବିଭାଗ କେତେ ଟଙ୍କାର ତେଲ କିଣୁଛି ତାହା ଜଣାପଡୁନି। ଡ୍ରେନରେ ପଡୁଥିବା ମଶା ତେଲ ଘୋଟାଲାର ତଦନ୍ତ କରାଯିବାର ଆବଶ୍ୟକତା ଦେଖାଦେଇଛି। ଅନ୍ୟପକ୍ଷେ ସହରରେ ୧୧ ବର୍ଷ ହେଲା ଆଉ ସ୍ୱାସ୍ଥ୍ୟ ବିଭାଗର ମଶା ଧରାଳି(ଇନସେକ୍ଟ କଲେକ୍ଟର) ମଶା ଧରୁନାହାନ୍ତି।

୧୯୫୬ରେ ଖୋର୍ଦ୍ଧାରେ ଫାଇଲେରିଆ କାର୍ଯ୍ୟାଳୟ ଖୋଲି ଜାତୀୟ ବାତଜ୍ୱର ନିୟନ୍ତ୍ରଣ କେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲା। ଏହା ଅଧୀନରେ ଖୋର୍ଦ୍ଧା ଓ ଜଟଣୀ ଥିଲା। ବର୍ତ୍ତମାନର ଖୋର୍ଦ୍ଧା ଜିଲା ସେ ସମୟରେ ପୁରୀ ଜିଲା ଅଧୀନରେ ଥିଲା। ସେ ସମୟରେ ଖୋର୍ଦ୍ଧା ଅଞ୍ଚଳର ଲୋକସଂଖ୍ୟା ୫ରୁ ୧୦ ହଜାର ଭିତରେ ଥିଲା। ଡ୍ରେନରେ ମଶା ତେଲ ପକାଇବାକୁ ୮ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ଏବେ ଜାତୀୟ ବାତଜ୍ୱର ନିୟନ୍ତ୍ରଣ କେନ୍ଦ୍ର ଜାତୀୟ ବାହକ ବାହିତ ରୋଗ କେନ୍ଦ୍ର ହୋଇ ମ୍ୟାଲେରିଆ ବିଭାଗରେ ଟାଏ ହୋଇ ରହିଛି। ସହରର ଲୋକସଂଖ୍ୟା ପ୍ରାୟ ୫୦ ହଜାର। ପୁଣି ଡ୍ରେନ ସଂଖ୍ୟା ବଢ଼ିଛି। ତେବେ ୮ କର୍ମଚାରୀ ସ୍ଥାନରେ ୬ ଜଣ କର୍ମଚାରୀ ଅଛନ୍ତି। ଏଥିରୁ ୨ ଜଣ ରେଗୁଲାର ଓ ୪ଜଣ ଦୈନିକ କାମ କରୁଛନ୍ତି। ସହରର ୨୨ ୱାର୍ଡରେ ଥିବା ଡ୍ରେନରେ ୬ ଜଣ କର୍ମଚାରୀ ମଶା ତେଲ ପକାଇ କିଭଳି ସେବା ଦେବେ ତାହା ଅନୁମେୟ। ତେବେ ସପ୍ତାହର ୬ଦିନ ସହରର ବିଭିନ୍ନ ଡ୍ରେନରେ ମଶା ତେଲ ପଡୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ସୋମବାର ଟ୍ରାଫିକ ଛକ, ପୁରୁଣା ଫାୟାର ଷ୍ଟେଶନ, ନନ୍ଦସାହି, ଚାରିଘରିଆ ଓ ମଙ୍ଗଳବାର ତଳସାହି, ତେଲେଙ୍ଗାସାହି, ମୋଚିସାହିରୁ କାହ୍ନୁସାଗର ପର୍ଯ୍ୟନ୍ତ ଡ୍ରେନରେ ମଶାତେଲ ପଡୁଛି। ସେହିଭଳି ବୁଧବାର ପୁରୁଣା ବସଷ୍ଟାଣ୍ଡ, ସିଡିଏମ୍‌ଓଙ୍କ



ଖୋର୍ଦ୍ଧା ତଳସାହି ଡ୍ରେନରେ ଆର୍ବଜନା ପଡିରହିଛି ।

**୧୧ ବର୍ଷ ଧରି ଧରାଯାଉନି ମଶା**

କାର୍ଯ୍ୟାଳୟ, ଓ ଗୁରୁବାର ମ୍ୟୁନିସିପାଲିଟି ଅଫିସ, କାମନାବରସାହି, ହରିଜନସାହି, ବାସେଲୀସାହି, ରାଧାବଲ୍ଲଭ ସାହିର କିଛି ଅଂଶରେ ମଶା ତେଲ ପଡୁଛି। ଶୁକ୍ରବାର ମାଛ ମାର୍କେଟ, ରାଧାବଲ୍ଲବ ସାହି, ପୁରୁଣା ଫାୟାର ଷ୍ଟେଶନ ଗଳି ଓ ଶନିବାର ଗୁରୁଜଙ୍ଗ ଡ୍ରେନଗୁଡିକରେ ମଶା ତେଲ ପଡୁଥିବା କୁହାଯାଉଛି। ତେବେ ସହରର ଅଧିକାଂଶ ବାସିନ୍ଦା ମଶା ତେଲ ପଡୁ ନ ଥିବା ନେଇ ଅଭିଯୋଗ କରୁଛନ୍ତି। କ୍ୱଚିତ ଲୋକ ମଶା ତେଲ ପଡୁଥିବା ସ୍ୱୀକାର କରୁଛନ୍ତି। ତେବେ ମଶା ତେଲର ମାନ ନେଇ ପ୍ରଶ୍ନ ଉଠା ଯାଉଥିଲେ ମଧ୍ୟ ଭଲ ତେଲ ପଡୁନି ବୋଲି ଅଭିଯୋଗ ରହିଛି। ମଶାଙ୍କ ଉତ୍ପାତ ବନ୍ଦ କରିବାରେ ସ୍ୱାସ୍ଥ୍ୟ ବିଭାଗ ଫେଲ ହୋଇଥିବାରୁ ମ୍ୟାଲେରିଆ ଓ ଡେଙ୍ଗୁ ବ୍ୟାପିବା ଆଶଙ୍କା କରି ସହରବାସୀ ଭୟଭୀତ ହୋଇପଡିଲେଣି। ଏ ସମ୍ପର୍କରେ ସିଡିଏମଓ ବିଜୟ କୁମାର ମହାପାତ୍ରଙ୍କୁ ପଚାରିବାରେ ସହରର ବିଭିନ୍ନ ଡ୍ରେନରେ ମଶା ତେଲ ପଡୁଛି। ଯେଉଁ ଅଞ୍ଚଳରେ ପଡୁଛି ସ୍ଥାନୀୟ ଲୋକଙ୍କ ଦସ୍ତଖତ ନିୟୋଜିତ କର୍ମଚାରୀ ଆଣୁଛନ୍ତି। ମଶା ତେଲର ମାନ ଠିକ୍ ଅଛି। ଏହି କାର୍ଯ୍ୟ ପାଇଁ ଅଧିକ ସଂଖ୍ୟକ କର୍ମଚାରୀଙ୍କର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

■ ଲୁଟ୍ ଉଦ୍ୟମ ପଣ୍ଡ

## ଦେଶୀ ବନ୍ଧୁକ ସହ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୩।୬**



ଗିରଫ ଗିରିଶ ଜଗଦ୍ଦେବ ।

ପୋଡାଡିହ ଦିନିଆରି ରାସ୍ତାର ମଧ୍ୟବର୍ତ୍ତୀ ଅଞ୍ଚଳ ମଙ୍ଗଳା ମନ୍ଦିର ନିକଟରେ ଶନିବାର ରାତିରେ ଖୋର୍ଦ୍ଧା ଜିଲାର ବାଘମାରୀ ଥାନା ପୋଲିସ ଏକ ଲୁଟ୍ ଉଦ୍ୟମକୁ ବିଫଳ କରିଛି। ଏହି ଘଟଣାରେ ପୋଡାଡିହ ଗାଁର ଗିରିଶ ଜଗଦ୍ଦେବ(୨୮)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଗିରିଶଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗିରିଶଙ୍କଠାରୁ ଏକ ଦେଶୀ ବନ୍ଧୁକ, ଗୁଳି, ନଂ. ଓଆର୦୭ ଏଏ ୪୮୦୪ ବାଇକ, ୪ଟି ଏଟିଏମ୍ ଜବତ କରାଯାଇଛି। ବାଘମାରୀ ଥାନା ଆଇଆଇସିଙ୍କ ସୂଚନା ଅନୁସାରେ, ୩ ଜଣ ଯୁବକ ଯାନବାହନକୁ ଅଟକାଇ ଲୁଟ୍ ଉଦ୍ୟମ କରିବାକୁ ଯୋଜନା କରୁଥିବା ଜଣାପଡିଥିଲା। ଏଥିପାଇଁ ଯୁବକମାନେ ପୋଡାଡିହ ଦିନିଆରି ରାସ୍ତାର ମଧ୍ୟବର୍ତ୍ତୀ ଅଞ୍ଚଳ ମଙ୍ଗଳା ମନ୍ଦିର ମଣ୍ଡପରେ ଶନିବାର ରାତିରେ ଏକାଠି ହୋଇଥିଲେ। ଖବରପାଇ ପୋଲିସ ଚଢ଼ାଉ ପରେ ୨ ଜଣ ଖସି ପଳାଇ ଥିଲେ। କେବଳ ଗିରିଶ ଧରା ପଡିଥିଲେ। ଗିରିଶଙ୍କ ନାଁରେ ପୂର୍ବରୁ ବାଘମାରୀ ଥାନାରେ ଦଫା ୩୯୯, ୪୦୨, ୨୫ ଆର୍ମସ ଆକ୍ଟରେ ନଂ. ୧୬/୧୯ରେ ମାମଲା ଥିଲା। ଏହି ଘଟଣାରେ ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ଗିରଫ ହୋଇଥିଲେ। ଗିରିଶ ସମେତ ୩ ଜଣ ଖସି ଯାଇଥିଲେ। ଅନ୍ୟପକ୍ଷେ ଖୋର୍ଦ୍ଧା ଆଦର୍ଶ ଥାନାରେ ନଂ. ୨୮୯/୨୦୦୭ ଓ ନଂ. ୩୩୭/୨୦୧୨ରେ ଗିରିଶ ନାଁରେ ୨ଟି ମାମଲା ରହିଛି। ତେବେ ଗିରିଶଙ୍କ କହିବାନୁଯାୟୀ, ପୋଲିସ ମୋତେ ଧରିଆଣି ବାହାବା ନେବାକୁ ଉଦ୍ୟମ କରିଛି। ମୋଠାରୁ ବନ୍ଧୁକ, ଏଟିଏମ୍ କାର୍ଡ ଜବତ କରାଯାଇନାହିଁ। ପୋଲିସ ନିଜ ପାଖରେ ରଖିଥିବା ଏହି ଉପକରଣ ଦେଖାଇ ଫସାଇ ଦେଇଛି। ଅନ୍ୟପକ୍ଷେ ମୋତେ ଫସାଇ ଦିଆଯାଇଛି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ଗିରିଶ ଜୋରରେ କହିଥିଲେ।

## ହାତୀ ଉତ୍ପାତ, ବ୍ୟାପକ ଫସଲହାନି

**ବେଗୁନିଆ,୨୩।୬(ଡି.ଏନ.ଏ.)**

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅଞ୍ଚଳରେ ଗତ ୫ ବର୍ଷ ହେଲା ହାତୀ ଆତଙ୍କ ଦେଖାଦେଇଛି। ଚନ୍ଦକାରୁ ହାତୀ ପଲ ଏଠାକୁ ଆସି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏଥିସହ ଗତ ୪ ଦିନ ହେଲା ରାତିରେ ସେ ବହୁ ଧନ ସମ୍ପତ୍ତି କ୍ଷତି କରି ପକାଇଛନ୍ତି। ଘଟଣାକ୍ରମରେ ଶନିବାର ରାତି ଓ ରବିବାର ମଧ୍ୟାହ୍ନରେ ହାତୀପଲ ଉତ୍ପାତ ହୋଇ ଡଙ୍ଗରପଡା, ଗୋଡା, ଦଲକ, ଦେଉଳି ଓ ସାମନ୍ତରାପୁର ଗ୍ରାମରେ ପଶି ବହୁ ଲୋକଙ୍କର ଫସଲହାନି କରିବା ସହ ଧନସମ୍ପତ୍ତି ନଷ୍ଟ କରି ପକାଇଛନ୍ତି। ତେବେ ସ୍ପଷ୍ଟ ଦିବାଲୋକରେ ଜନବସତି ଅଞ୍ଚଳକୁ ହାତୀ ପଲ ପଶି ଆସିଥିବାରୁ ବହୁ ଲୋକେ ଅଳ୍ପକେ ବର୍ତ୍ତୀ ଯାଇଥିଲେ। କିଛିଦିନ ହେଲା ବାରମ୍ବାର ବନ ବିଭାଗ ପାଖରେ ଚାଷୀମାନେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଏହାକୁ କର୍ଣ୍ଣପାତ କରାଯାଉନାହିଁ କି ହାତୀ ପଲକୁ ଘଉଡାଇବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ହେଉନାହିଁ । ନିକଟସ୍ଥ ଜଙ୍ଗଲରେ ହାତୀ ବାସ କରୁଥିବା ନେଇ ସ୍ଥାନୀୟ ଲୋକେ ଦେଖିଛନ୍ତି। ଶନିବାର ରାତି ସାଢେ ୮ଟାରେ ଡଙ୍ଗରପଡା ଗ୍ରାମକୁ ହାତୀ ପଲ ପଶି ଆସି ସୁବ୍ରତ ପାଇକରାୟଙ୍କ କ୍ଷେତରେ ପଶି କଖାରୁ, ଟମାଟୋ, ଜହ୍ନି, ପୋଟଳ ଆଦି ଦଳି ନଷ୍ଟ କରିଦେଇଛନ୍ତି। ସେହିପରି ଗ୍ରାମର ଅନେକ ଲୋକଙ୍କର ବହୁ ଧନସମ୍ପତ୍ତି ନଷ୍ଟ କରିବା ସହ ସ୍ଥାନୀୟ ସ୍କୁଲର ପ୍ରାଚୀରକୁ ଭାଙ୍ଗିରୁଜି ଦେଇଛନ୍ତି। ଗ୍ରାମବାସୀଙ୍କଠାରୁ ମିଳିଥିବା ଖବର ମୁତାବକ ପ୍ରତିବର୍ଷ ଧାନ ପାଚିବା ସମୟରେ ଏଭଳି ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇଥାଏ। ଏପରିକି ଚଳିତବର୍ଷ ମଧ୍ୟ ସର୍ବଦା ୫ଟି ହାତୀ ଆସି ନାରଗୋଦା ପୂର୍ଣ୍ଣମାସୀ ଜଙ୍ଗଲ ପରିସରରେ ବାସ କରୁଛନ୍ତି। ହାତୀଙ୍କ ଉତ୍ପାତ ଯୋଗୁ ସଞ୍ଜ ନଇଁଲେ ରାସ୍ତା ଘାଟରେ ଲୋକଙ୍କ ଯାତାୟାତ ଏକରକମ ବନ୍ଦ ହୋଇଯାଉଛି। ଏମାନଙ୍କ ଯୋଗୁ ପ୍ରତିବର୍ଷ ପ୍ରାୟ ୨୦ଟି ଗ୍ରାମର ଚାଷୀ ବହୁ କ୍ଷତି ସହିଥାନ୍ତି। ବିଶେଷକରି ସେମାନେ ଫସଲ ଖେତକୁ ଯାଇ ପ୍ରାୟ ୧୦ ହେକ୍ଟର ପରିବା ଫସଲ ନଷ୍ଟ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ଉତ୍ତମ ଗଡନାୟକ କୁହନ୍ତି, ସନ୍ଧ୍ୟା ହେଲେ କର୍ମଚାରୀମାନେ ଯାଇ ହାତୀ ପଲ ଘଉଡାଇବାକୁ ଆବଶ୍ୟକ ବାଣ ଫୁଟାଇ ଉଦ୍ୟମ ଜାରି ରଖିଛନ୍ତି। ତଥାପି ଜନସାଧାରଣ ହାତୀମାନଙ୍କର ଯାତାୟାତ କରୁଥିବା ସ୍ଥାନକୁ ଚିହ୍ନଟ କରି ଫୋନ ଯୋଗେ ବନ କର୍ମଚାରୀଙ୍କୁ ଜଣାଇଲେ ଶୀଘ୍ର ପାଟ୍ରୋଲିଂ କରିବା ପାଇଁ ସହଜ ହେବ।



ହାତୀ ଭାଙ୍ଗିଦେଇଥିବା ପ୍ରାଚୀର ।

### ଜଟଣୀ ପୌର ଅବସରପ୍ରାପ୍ତ କର୍ମଚାରୀ ସଂଘର ଆନ୍ଦୋଳନ ଡାକରା

**ଜଟଣୀ,୨୩।୬(ଡି.ଏନ.ଏ.)**

ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବି ୧୫ ଦିନ ମଧ୍ୟରେ ପୂରଣ ନ ହେଲେ ଆନ୍ଦୋଳନ କରାଯିବ। ଏ ନେଇ ମ୍ୟୁନିସିପାଲିଟି ପ୍ରଶାସକ ଦାୟିତ୍ୱରେ ଥିବା ଭୁବନେଶ୍ୱର ସବ୍‌କଲେକ୍ଟରଙ୍କୁ ଲିଖିତ ଭାବେ ଶନିବାର ଜଣାଇଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୂର୍ଣ୍ଣ ପେନ୍‌ସନ୍ ଓ ଅବସର ବାବଦ ପାଇବାକୁ ଥିବା ଅର୍ଥ ପ୍ରଦାନ କରାଯାଉନାହିଁ। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଅଧିକାରୀମାନେ କେବଳ ପ୍ରତିଶ୍ରୁତିରେ ସୀମିତ ରହୁଥିବାରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ହେଲେ ସେମାନଙ୍କ ବକେୟା ଅର୍ଥ ପ୍ରଦାନ କରାଯାଉନାହିଁ। ଫଳରେ ଆର୍ଥିକ ଅନଟନରେ କେତେଜଣ ଅବସରପ୍ରାପ୍ତ କର୍ମଚାରୀ ରୋଗରେ ପଡି ମୃତ୍ୟୁବରଣ କରିସାରିଲେଣି। ଆଉ କେତେଜଣ ବର୍ତ୍ତମାନ ରୋଗଶଯ୍ୟାରେ ପଡି ଯନ୍ତ୍ରଣା ଭୋଗୁଥିବା ସଂଘର ସଭାପତି ସୁବ୍ରତ କୁମାର ନନ୍ଦ କହିଛନ୍ତି। ସମସ୍ତ ଅଧିକାରୀ କେବଳ ପ୍ରତିଶ୍ରୁତି ଦେଉଛନ୍ତି, ହେଲେ ପରବର୍ତ୍ତୀ ଅବସ୍ଥାରେ ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଣୁ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବାକୁ ପଡୁଛି।

■ଜଟଣୀ ସହରର ଅନେକ ସ୍ଥାନରେ ଷ୍ଟ୍ରିଟ ଲାଇଟ୍ ଜଳୁନି

## ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି

**ଜଟଣୀ,୨୩।୬(ଡି.ଏନ.ଏ.)**



ଜଟଣୀ ସହରର କେତେକ ଅଞ୍ଚଳରେ ଦିନବେଳା ଷ୍ଟ୍ରିଟ ଲଇଟ ଜଳୁଛି ।

ବାତ୍ୟା ଫନୀର ଦେଢ଼ମାସ ପରେ ବି ଜଟଣୀ ସହରର ଷ୍ଟ୍ରିଟ୍ ଲାଇଟ୍ ସେବା ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇନାହିଁ। ସହରର ଅନେକ ୱାର୍ଡ ମଧ୍ୟରେ ଏଯାବତ୍ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ଫଳରେ ଅନ୍ଧାରର ସୁଯୋଗ ନେଇ ଚୋରି, ଲୁଟ୍ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଅପରପକ୍ଷରେ ସହରର ପ୍ରମୁଖ କେତୋଟି ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ସେବା ସ୍ୱାଭାବିକ କରାଯାଇଛି। ତେବେ ବାତ୍ୟାରେ ବିଶେଷ କ୍ଷତି ହୋଇ ନ ଥିବା ଖୁଣ୍ଟ ଓ ଲାଇଟ୍‌ଗୁଡିକୁ ସାମାନ୍ୟ ସଜଡ଼ା ଯାଇ ସେ ସବୁକୁ ସ୍ୱାଭାବିକ କରାଯାଇଛି। ଯାହାବି ଦିନରାତି ଜଳୁଛି ତାହା ଆଉ ଲିଭୁନାହିଁ। ଏସବୁ ଷ୍ଟ୍ରିଟ୍‌ଲାଇଟ୍‌ରେ ସନ୍ଧ୍ୟାରେ ବିଦ୍ୟୁତ୍‌ସଂଯୋଗ ଦେବା ଓ ସକାଳୁ ଲିଭାଇବା ଦାୟିତ୍ୱରେ ଥିବା ମ୍ୟୁନିସିପାଲିଟି କର୍ମଚାରୀଙ୍କ ଅବହେଳା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ପୂର୍ବତନ କାଉନ୍‌ସିଲର ଅଞ୍ଜଳି ମହାନ୍ତି କୁହନ୍ତି ଚାରିଆଡ଼େ କିପରି ସମ୍ପୂର୍ଣ୍ଣ ଷ୍ଟ୍ରିଟ୍ ଲାଇଟ୍ ସେବା ସ୍ୱାଭାବିକ ହେବ ସେଥିପ୍ରତି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଗୁରୁତ୍ୱଦେବା ଦରକାର। ଅପରପକ୍ଷରେ ଦିନରେ ଏହିସବୁ ଷ୍ଟ୍ରିଟ ଲାଇଟ ଜଳିବା ଦ୍ୱାରା ବିଦ୍ୟୁତ୍ ଅପଚୟ ସାଙ୍ଗକୁ ମ୍ୟୁନିସିପାଲିଟିକୁ ବିଲ୍ ଦେୟ ଅଧିକ ଦେବାକୁ ପଡିବ। ବିଦ୍ୟୁତ୍ ଦେୟ ନିୟମିତ ପୈଠ ହେଉ ନ ଥିବାରୁ ଏବେ ବି ମ୍ୟୁନିସିପାଲିଟି ଉପରେ ଲକ୍ଷାଧିକ ଟଙ୍କା ବକେୟା ପଡିଛି। ଏଣୁ ଏଥିପ୍ରତି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

## ବାର୍ଷିକୋତ୍ସବରେ ନାଟକ ମଞ୍ଚସ୍ଥ

**ପାତ୍ରପଡା,୨୩।୬(ଡି.ଏନ.ଏ.):** ବୀଣାପାଣି ଆସୋସିଏଶନ ଡମାଣ୍ଡୋର ବାର୍ଷିକ ଉତ୍ସବ ଅବସରରେ ଶନିବାର ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି। ଆସୋସିଏଶନ ପକ୍ଷରୁ ଚଳିତବର୍ଷ ୩୯ ତମ ଅବଦାନରେ ନାଟକ କାହାଣୀ କାନ୍ଦୁଛି ଆଖି ଲୁଚେଇ ଶନିବାର ରାତିରେ ପରିବେଷିତ ହୋଇଯାଇଛି। ନାଟ୍ୟକାର ଗଣେଶ୍ୱର ରାଉତଙ୍କ ରଚିତ ଏହି ନାଟକକୁ ତ୍ରିଦେବ ଛୋଟରାୟ ନିର୍ଦ୍ଦେଶନା ଦେଇଥିବାବେଳେ ସଙ୍ଗୀତଜ୍ଞ କୁମାର ଅନନ୍ତ ସଙ୍ଗୀତ ସଂଯୋଜନା କରିଥିଲେ। ଅନୁଷ୍ଠାନର କଳାକାରମାନେ ନାଟକର ବିଭିନ୍ନ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧିରଖିଥିଲେ।

## ଶିବିରରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ/ ବୋଲଗଡ, ୨୩।୬ (ଡି.ଏନ୍.ଏ.):**

ବୋଲଗଡ ବ୍ଲକ ସାନପଦର ଗ୍ରାମରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭକ୍ତ ଚରଣ ସ୍ମୃତି ସଦନଠାରେ ୟୁଥ ଓଡ଼ିଶା ଯୁବ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ସାମାଜିକ କର୍ମୀ ଦିଲୀପ ମହାଭୋଇ ଓ ଆଇନଜୀବୀ ସୁଶାନ୍ତ କୁମାର ରାୟ ଉଦ୍‌ଘାଟନ କରିଥିଲେ। ୟୁଥ ଓଡ଼ିଶା ସଙ୍ଗଠନର ସଭାପତି ଦିଲୀପ କୁମାର ମହାପାତ୍ର ଓ କର୍ମକର୍ତ୍ତା ଅତୁଲ୍ୟ କୁମାର ନିଶଙ୍କ ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ ଶିବିରରେ ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କର ଡା. ମଧୁସୂଦନ ସୁବୁଦ୍ଧି ଓ ଅରୁଣ କୁମାର ସାହୁ ରକ୍ତ ସଂଗ୍ରହ କରିଥିଲେ।



ଶିବିରରେ ଲୋକମାନଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

■ ଫନୀକୁ ୫୦ ଦିନ ଅତିକ୍ରାନ୍ତ

# ରେଲ୍‌ୱେ ସ୍କୁଲରୁ ଭଙ୍ଗା ଗଛ ସଫା ହେଲାନି

**ଜଟଣୀ,୨୩।୬(ଡି.ଏନ.ଏ.):**

ଜଟଣୀସ୍ଥିତ ରେଲୱେ ସ୍କୁଲ ପରିସରରେ ଦୀର୍ଘବର୍ଷ ହେବ ଥିବା ଅନେକ ବଡ ଗଛ ସବୁ ଫନୀରେ ଭାଙ୍ଗି ପଡିଥିଲା। ଗଛଗୁଡିକ ଭାଙ୍ଗି ସ୍କୁଲ ପରିସରରେ ବିପର୍ଯ୍ୟସ୍ତ ଅବସ୍ଥାରେ ଏବେବି ରହିଛି। ଗଛ ଭାଙ୍ଗି ପଡିବା ଦ୍ୱାରା ସ୍କୁଲର ସାଇକେଲ ଷ୍ଟାଣ୍ଡ, ପାଚେରି, ସଭା ମଞ୍ଚ ଓ ଅନ୍ୟାନ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ସବୁଠୁ ବଡକଥା ଫନୀର ୫୨ ଦିନ ପରେ ବି ଭାଙ୍ଗି ପଡିଥିବା ଗଛ ସବୁକୁ କଟାଯାଇ ଏଯାବତ୍ ସଫା କରାଯାଇନାହିଁ। ବିପର୍ଯ୍ୟସ୍ତ ଅବସ୍ଥାରେ ଗଛ, ଏହାର ଡାଳ ଓ ପତ୍ର ସବୁ ପଡି ଯାତାୟାତରେ ଅସୁବିଧା ହେଉଛି। ଏଥିସହ ବିଷାକ୍ତ ଜନ୍ତୁ ଏହା ମଧ୍ୟରେ ରହିବା ଆଶଙ୍କା ପ୍ରକାଶ ପାଇଛି। ଫଳରେ ଏଠାରେ ପଢୁଥିବା ବିଦ୍ୟାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଠାରେ ପ୍ରଥମରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯାଉଛି। ତେବେ ଚାରିଆଡେ ଯେଉଁଭଳି ଅବସ୍ଥାରେ ଗଛଗୁଡିକ ଭାଙ୍ଗି ପଡି ରହିଛି ଗୋଟିଏ ପକ୍ଷରେ ଶୈକ୍ଷିକ ବାତାବରଣରେ ବାଧା ଉପୁଜିଛି। ଅନ୍ୟପକ୍ଷରେ ଗଛଗୁଡିକ ଭାଙ୍ଗିପଡି ଜଙ୍ଗଲିଆ ପରିବେଶ ସୃଷ୍ଟି କରୁଥିବାରୁ ବିଶେଷକରି ଏଠାରେ ଚଳପ୍ରଚଳ ହେଉଥିବା ପ୍ରଥମ ଶ୍ରେଣୀରେ ଅଧ୍ୟୟନରତ ଛୋଟ ପିଲାମାନଙ୍କ ପାଇଁ ଅଭିଭାବକମାନେ ଅଧିକ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। ଏ ନେଇ ରେଲୱେ ସ୍କୁଲ ପୁରାତନ ବିଦ୍ୟାର୍ଥୀ ସଙ୍ଗଠନ (ରୋଜା)ର ସମ୍ପାଦକ ତପନ ମିଶ୍ର କୁହନ୍ତି, ସ୍କୁଲ ଛୁଟି ସରିବା ପରେ ୨୧ ତାରିଖରୁ ଖୋଲିଲାଣି। ଦୀର୍ଘଦିନ ଛୁଟି ମଧ୍ୟରେ ଭାଙ୍ଗି ପଡିଥିବା ଗଛଗୁଡିକୁ କାଟି ସଫା କରାଯାଇ ପାରିଥାନ୍ତା। ତେବେ ଏହା କରା ନ ଯାଇ ସ୍କୁଲ ଖୋଲିଲା ପରେ ୨୨ ତାରିଖରେ କେବଳ କେତୋଟି ଗଛ କଟା ଯାଇଥିଲା। ଯେଉଁ ପରିମାଣରେ ଗଛ ଭାଙ୍ଗିପଡିଛି ତାକୁ କାଟି ଅନ୍ୟତ୍ର ସ୍ଥାନାନ୍ତର କରିବା ଲାଗି ଅନେକ ଦିନ ଲାଗିବ। ଏଣୁ ସ୍କୁଲ ଛୁଟି ସମୟରେ ଏହା କରାଯାଇଥିଲେ ସବୁ ଦୃଷ୍ଟିରୁ ଭଲ ହୋଇଥାନ୍ତା। ଏହାଛଡା ପଢୁଥିବା ଛୋଟ ପିଲା ଯେପରି ସ୍କୁଲ ପରିସରରେ ସୃଷ୍ଟି ହୋଇଥିବା ଜଙ୍ଗଲିଆ ସ୍ଥାନ ନିକଟକୁ ନ ଯିବେ ସେଥିପ୍ରତି କର୍ତ୍ତୃପକ୍ଷ ଧ୍ୟାନ ଦେବା ଜରୁରୀ ହୋଇପଡିଛି। ସେହିପରି ସଞ୍ଜୟ ରାଉତରାୟ ନାମକ ଅଭିଭାବକ ସମାନ କଥାକୁ ଦୋହରାଇଛନ୍ତି।

**ଜଙ୍ଗଲିଆ ପରିବେଶରେ ଛୋଟ ପିଲାମାନଙ୍କ ଚଳପ୍ରଚଳ**



ଫନୀ ସମୟରେ ଭାଙ୍ଗିପଡିଥିବା ଗଛର ଡାଳପତ୍ର ସ୍କୁଲ ପରିସରରେ ପଡିରହିଛି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ସଂକ୍ଷେପରେ

### ଜୁଆପାଲି ଉପରେ ଚଢ଼ାଉ, ୩ ଗିରଫ

ଗୋପ, ୨୩।୬(ଡି.ଏନ୍.ଏ.): ଗୋପ ବ୍ଲକ ନୟାହାଟ ଥାନା ଅଧୀନ ସୋରଭା ପାଇକସାହି ନିକଟ ଏକ ମନ୍ଦିରରେ ଶନିବାର ବିଳମ୍ବିତ ରାତିରେ ନୟାହାଟ ପୋଲିସ ଚଢ଼ାଉ କରି ୩ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ମୋବାଇଲ୍ ସହ ଟଙ୍କା ଜବତ କରିଛି। ପରେ ଗୋପ ଥାନାରେ ମକଦ୍ଦମା ନଂ ୮୧/୧୯ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲଣ କରାଯାଇଛି। ଗତ କିଛି ଦିନ ଧରି ନୟାହାଟ ଫାଣ୍ଡି ଅଞ୍ଚଳରେ ଜୁଆଖେଳ ବୃଦ୍ଧି ନେଇ ଅଭିଯୋଗ ଆସିବା ପରେ ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶରେ ନୟାହାଟ ଫାଣ୍ଡି ଅଧିକାରୀ ଗଙ୍ଗାଧର ସାହୁ ଶନିବାର ରାତି ଗୋଟାଏ ବେଳେ ସୋରଭା ପାଇକସାହି ନିକଟସ୍ଥ ଏହି ମନ୍ଦିରରେ ଚଢ଼ାଉ କରିଥିଲେ। ଏହି ମନ୍ଦିରରେ ସେହି ଗ୍ରାମର ଅନିଲ ଲେଙ୍କା, ପ୍ରଭାତ ଲେଙ୍କା ଓ ସଂଗ୍ରାମ ନାୟକ ଜୁଆ ଖେଳୁଥିବାବେଳେ ଫାଣ୍ଡି ଅଧିକାରୀ ସେମାନଙ୍କୁ ଗିରଫ କରିଥିଲେ। ଜୁଆଖେଳରେ ବ୍ୟବହୃତ ତାସ୍, ମୋବାଇଲ୍ ସହିତ ଏକ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଛି। ରବିବାର ସେମାନଙ୍କୁ ଗୋପ ଥାନାରୁ ନିମାପଡ଼ା କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବ୍ରହ୍ମଗିରି, ୨୩।୬(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାନବନ୍ଧକେରା ଗ୍ରାମରେ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ଦେବରାଜ ନାୟକ (୩୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ଦେବରାଜ ଖାଇ ପିଇ ଶୋଇଥିଲେ। ସକାଳେ ଘରଭିତରେ ସେ ଝୁଲୁଥିବାର ପରିବାର ଲୋକେ ଦେଖିବାକୁ ପାଇଥିଲେ। ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ପୁରୀ ସଦର ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦାଦାବଟି ନ ଦେବାରୁ ଠିକା ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ ଅଫିସ, ୨୩।୬: ଦାଦାବଟିକୁ ନେଇ ରବିବାର ଜଣେ ଠିକା ଶ୍ରମିକଙ୍କୁ କେତେଜଣ ଅସାମାଜିକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ରକ୍ତଜୁଡୁବୁଡୁ ଅବସ୍ଥାରେ ଗୁରୁତର ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଜଣକ ହେଲେ ନାଗପୁରର ମାନସ ବାରିକ(୩୫)। ପ୍ରକାଶ ଯେ, ଫନୀରେ ପୁରୀ ରେଲୱେ ଷ୍ଟେଶନରେ ଥିବା କଲୋନୀ ପାଣିଟାଙ୍କି ଉଡିଯାଇଛି। ପାଣିଟାଙ୍କି ଲଗାଇବା ଲାଗି ଜଣେ ଠିକାଦାର ଅଧୀନରେ ମାନସ କାମ କରନ୍ତି। ଗତ କିଛି ଦିନ ଧରି ଉକ୍ତ ଅଞ୍ଚଳର କେତେଜଣ ଅସାମାଜିକ ଯୁବକ କଲୋନୀରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଦାଦାବଟି ମାଗୁଥିଲେ। ଦାଦାବଟି ଦେବାକୁ ଅରାଜି ହେବାରୁ ରବିବାର ସନ୍ଧ୍ୟାରେ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଛନ୍ତି।

### ବାତ୍ୟା ବିପନ୍ନ ପରିବାରକୁ ରିଲିଫ୍ ପ୍ରଦାନ

ସାକ୍ଷୀଗୋପାଳ,୨୩।୬(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡି ଓ ଦୁଗଲ ଗ୍ରାମପଞ୍ଚାୟତର ବାତ୍ୟା ବିପନ୍ନ ପରିବାରଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ରିଲିଫ ପ୍ରଦାନ କରାଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ନିସାଦ୍ରୀ ଓ ୱାଲ୍ଟ୍ ହଙ୍ଗର ଲାଇଫ୍, ଦିଲ୍ଲୀଙ୍କ ମିଳିତ ସହଯୋଗରେ ୫ଶହ ପାଲ, ଏକ ହଜାର ସୌର ଲାଇଟ୍, ଦୁଇ ହଜାର ମସିଣା, ଏକ ହଜାର ମଶାରି ପ୍ରଦାନ କରାଯାଇଛି। ସଙ୍ଗଠନର ସଂଯୋଜକମାନେ ଗ୍ରାମକୁ ଯାଇ ପ୍ରକୃତ ହିତାଧିକାରୀମାନଙ୍କୁ ଚୟନ କରି ସେମାନଙ୍କୁ ଟୋକନ ଦେଇଥିଲେ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିସାଦ୍ରୀର ନିର୍ଦ୍ଦେଶକ ସାରଙ୍ଗଧର ସାମଲ, ଯୁଗ୍ମ ନିର୍ଦ୍ଦେଶକ ଧିରେନ କୁମାର ମହାନ୍ତି, ୱାଲଟ ହଙ୍ଗର ଲାଇଫର ଜରୁରୀକାଳୀନ ସେବା ଅଧିକାରୀ ବିନୟ କୁମାର ରାୟ, ଦୁଗଲ ସରପଞ୍ଚ ପ୍ରକାଶ କୁମାର ଖିଟେଇ, ସାରେଙ୍ଗଯୋଡି ସରପଞ୍ଚ ଚଞ୍ଚଳା ପାଣି ପ୍ରମୁଖ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ଏବେ ବି ଗ୍ରାମାଞ୍ଚଳକୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ରାତି ଅନ୍ଧାର ସାଙ୍ଗକୁ ମଶା ପ୍ରାଦୁର୍ଭାବ ଯୋଗୁ ଲୋକେ ହନ୍ତସନ୍ତ ହେଉଥିବା ସମୟରେ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ରିଲିଫ ପ୍ରଦାନ କରାଯାଇଛି। ବାତ୍ୟାରେ ଅନେକ ବାଡି ବଗିଚା ନଷ୍ଟ ହୋଇଥିବାରୁ ଆଗାମୀ ବର୍ଷ ଋତୁରେ ସଙ୍ଗଠନ ପକ୍ଷରୁ ଫଳ ଓ ପନିପରିବା ମଞ୍ଜି ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ନିର୍ଦ୍ଦେଶକ ସୂଚନା ଦେଇଥିଲେ।

■ ଭିତ୍ତିପ୍ରସ୍ତରକୁ ଦେଢବର୍ଷ ବିତିଲାଣି

# ଅଧାପନ୍ତରିଆ ଶ୍ରୀକ୍ଷେତ୍ର କୃଷକ ବଜାର

ପୁରୀ ଅଫିସ, ୨୩।୬:

**ସହର ଭିତରେ ଗହଳି ବଢୁଛି**



ଅଧାପନ୍ତରିଆ ଅବସ୍ଥାରେ ରହିଥିବା ଶ୍ରୀକ୍ଷେତ୍ର କୃଷକ ବଜାର ।

ବଡ଼ଦାଣ୍ଡ ରାସ୍ତା ପାର୍ଶ୍ୱରେ ଉଠାଦୋକାନୀଙ୍କ ପସରା ଅସୁନ୍ଦର ଲାଗୁଛି। ବିଭିନ୍ନ ସ୍ଥାନରେ କିଏ ଖଟ ପକାଇ ତ କିଏ ଠେଲାଗାଡି ଧରି ବିକ୍ରିବଟା କରୁଛନ୍ତି। ସେହିପରି ସହରର ଏକାଧିକ ସ୍ଥାନରେ ବଜାର ରହିଛି। ଧୀରେ ଧୀରେ ଜନସଂଖ୍ୟା ବଢୁଥିବାରୁ ଏହି ବଜାର ମଧ୍ୟ ଦେଇ ଯା ଆସ କରିବା ଅସୁବିଧା ହେଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଶ୍ରୀକ୍ଷେତ୍ର କୃଷକ ବଜାରର ପରିକଳ୍ପନା କରାଯାଇଥିଲା। ଗୋଟିଏ ଜାଗାରେ ବ୍ୟବସାୟୀମାନେ ଏକତ୍ର ହୋଇ ବସିବେ। ସହର ଭିତରେ ଅଯଥା ଗହଳି ହେବନି କି ବାହାରୁ ଆସୁଥିବା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପୁରୀ ପ୍ରତି ନକାରାତ୍ମକ ଭାବ ରହିବନି। ଇତିମଧ୍ୟରେ ଦେଢବର୍ଷ ବିତିଗଲାଣି, କିନ୍ତୁ ଶ୍ରୀକ୍ଷେତ୍ର କୃଷକ ବଜାର ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ରୂପ ନେଇପାରି ନାହିଁ। ଅଧାପନ୍ତରିଆ ହୋଇ ପଡିରହିଛି। ଏପଟେ ଦିନକୁ ଦିନ ସହର ଭିତରେ ଦୋକାନ ବଜାରକୁ ନେଇ ଗହଳି ବୃଦ୍ଧି ପାଉଛି।

ପର୍ଯ୍ୟଟନ ସହର ପୁରୀ। ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସୁଛନ୍ତି। ହେଲେ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଥିବା ଦୋକାନ ବଜାର ଯୋଗୁ ପର୍ଯ୍ୟଟକ ଯା ଆସ କରିବାରେ ଅସୁବିଧାରେ ପଡୁଛନ୍ତି। ଲକ୍ଷ୍ମୀବଜାର ହେଉ କି ବଡ଼ଦାଣ୍ଡ, ଦୋକାନ ବଜାର ଯୋଗୁ ଅଧିକାଂଶ ସମୟରେ ଗହଳି ହେଉଛି। ଏମିତି କି ବଡ଼ ବଡ଼ ଗୋଦାମକୁ ସାମଗ୍ରୀ ଆଣୁଥିବା ଗାଡ଼ି ପଶିପାରୁ ନାହିଁ। ତେଣୁ ଏହିସବୁ ସମସ୍ୟାର ସମାଧାନ ପାଇଁ ଶ୍ରୀକ୍ଷେତ୍ର କୃଷକ ବଜାର ତିଆରି ଲାଗି ନିଷ୍ପତ୍ତି ହୋଇଥିଲା। ମଙ୍ଗଳାଘାଟ ନିକଟ ସମଙ୍ଗଠାରେ ୨୦୧୭ ନଭେମ୍ବର ୪ ତାରିଖରେ କୃଷକ ବଜାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାର ଭିତ୍ତିପ୍ରସ୍ତର ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୪ କୋଟି ଟଙ୍କା ବ୍ୟୟରେ ୨୧ଟି ଗୋଦାମ ଗୃହ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଅଧିକ ଟଙ୍କା ବ୍ୟୟରେ ଗୋଦାମ ଗୃହ ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। କାମ ଆରମ୍ଭ ପରେ ଖୁବ୍‌ଶୀଘ୍ର ଏହା ନିର୍ମାଣ ହୋଇଯିବ ବୋଲି ସହରବାସୀ ଭାବିଥିଲେ। ହେଲେ ଏହା ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି । ଫଳରେ ସହର ଉପକଣ୍ଠରେ ଏକ ଆଧୁନିକ ବଜାର ନିର୍ମାଣ ହେବାର ଯୋଜନା କେବେ ପୂର୍ଣ୍ଣାଙ୍ଗ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ କାମ କାହିଁକି ତ୍ୱରାନ୍ୱିତ ହୋଇପାରୁନି ସେ ନେଇ କୌଣସି ସ୍ୱଷ୍ଟ ସୂଚନା ମିଳୁନି।

ପୁରୀ-ଭୁବନେଶ୍ୱର ବାଇପାସ୍ ରାସ୍ତାର ଗୋଟିଏ ପାର୍ଶ୍ୱରେ ଏହି ବଜାର ତିଆରି କରାଯାଉଛି। ତେବେ ଏହା ଅତ୍ୟନ୍ତ ଖାଲୁଆ ଅଞ୍ଚଳ ହୋଇଥିଲେ ବି ଏହାକୁ ଉଚ୍ଚା କରାଯାଇ ନାହିଁ। ବର୍ଷା ହେଲେ ପାଣି ଜମୁଛି। ଫଳରେ କାମରେ ମଧ୍ୟ ବାଧା ଉପୁଜୁଛି। ଗତବର୍ଷ ବର୍ଷାଦିନେ ପାଣି ଜମିବାରୁ ନିର୍ମାଣ କାମରେ ସମସ୍ୟା ହୋଇଥିଲା। ଦୁଇଦିନ ତଳେ ହୋଇଥିବା ବର୍ଷାରେ ବି ପାଣି ଜମି ରହିଛି। ଅନ୍ୟପକ୍ଷରେ ଭିତ୍ତିପ୍ରସ୍ତର ଉତ୍ସବରେ ଯୋଗଦେଇଥିବା ଅତିଥିମାନେ କହିଥିଲେ, ଏହା ପୁରୀ ବ୍ୟବସାୟର ପେଣ୍ଠସ୍ଥଳ ହେବ। ଏହା ପୂର୍ଣ୍ଣାଙ୍ଗ ହେଲେ ଛୋଟ ଛୋଟ ବ୍ୟବସାୟୀମାନେ ଉପକୃତ ହେବେ। ବିଭିନ୍ନ ପ୍ରକାର ସାମଗ୍ରୀ ଆଣି ଆସୁଥିବା ବଡ଼ ବଡ଼ ଗାଡିଗୁଡ଼ିକୁ ଆଉ ସହର ଭିତରେ ପଶିବାକୁ ହେବନି କି ଏଥିପାଇଁ ଟ୍ରାଫିକ ସମସ୍ୟା ବି ସୃଷ୍ଟି ହେବନି। ହେଲେ ଏହାର ବାସ୍ତବତା ଏବେ ଘୁଞ୍ଚି ଘୁଞ୍ଚି ଯାଉଛି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏହା ଉପରେ ଫୋକସ ରହିଛି। କାମ ବନ୍ଦ ହୋଇନାହିଁ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ଯାହା ଅନୁଦାନ ଥିଲା ତାହାର କାମ ସରିଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନ ଆସିଲେ ପୁଣି କାମ ଆରମ୍ଭ ହେବ। କମ୍ ସମୟ ମଧ୍ୟରେ ଅଧିକ କାମ ହୋଇଛି ବୋଲି ଉପଜିଲାପାଳ କହିଥିଲେ।

## ବିଦ୍ୟୁତ୍ ଆଘାତରେ ଗାଈ ମୃତ: ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଗୋପ, ୨୩।୬(ଡି.ଏନ୍.ଏ.)

ବିଦ୍ୟୁତ୍ ବିଭାଗର ଅବହେଳାକୁ ନେଇ ଗୋପ-ବାଲିଘାଇ ରାସ୍ତାର ମଦରଙ୍ଗ ଛକ ନିକଟରେ ରବିବାର ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ ହେବା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଳମ୍ବରେ ଗୋପ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଏହି ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶ ଯେ, ଅପରାହ୍ନରେ ମଦରଙ୍ଗ ଗ୍ରାମର ପ୍ରତାପ ବେହେରାଙ୍କ ଏକ ଗାଈ ଗାଁ ଦାଣ୍ଡରେ ଯାଉଥିବାବେଳେ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟଟି ଚାର୍ଜ ହୋଇଯାଇଥିବାରୁ ଗାଈଟି ଏହି ଖୁଣ୍ଟରେ ଲାଗିଯିବାରେ ଘଟଣାସ୍ଥଳରେ ତାହାର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେବାରେ ଗ୍ରାମବାସୀ ଅପରାହ୍ନ ୩ଟା ବେଳେ ରାସ୍ତା ଅବରୋଧ କରିଥିଲେ। ବିଦ୍ୟୁତ ବିଭାଗର ଅବହେଳା ଓ କ୍ଷତିପୂରଣ ଦାବିରେ ଏହି ରାସ୍ତା ଅବରୋଧ ହୋଇଥିବାବେଳେ ପରେ ବିଭାଗର କର୍ମଚାରୀ ପହଞ୍ଚି ଗାଈର ମୂଲ୍ୟ ଦେବା ଲାଗି ସୂଚନା ଦେବା ପରେ ଅବରୋଧ ହଟିଥିଲା।



ଉତ୍ତ୍ୟକ୍ତ ଲୋକେ ଗଛଡାଳ ପକାଇ ରାସ୍ତାରୋକୋ କରିଛନ୍ତି ।

# ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦର ଅଧିବେଶନ

ପୁରୀ ଅଫିସ, ୨୩।୬:



ଅଧିବେଶନରେ ମଞ୍ଚାସୀନ ଅତିଥି ।

ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦର ୨୯ତମ ଅଧିବେଶନ ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ବିଶ୍ୱମ୍ଭର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ପଣ୍ଡିତ ରୋହିତ ଦାଶ, ପଣ୍ଡିତ ଜିତୁ ଦାଶ, ପଣ୍ଡିତ ବାସୁଦେବ ମିଶ୍ର, ପଣ୍ଡିତ ନାରାୟଣ ମିଶ୍ର, ପଣ୍ଡିତ ସୁଧାଂଶୁ ଶେଖର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୈଦିକ ଓ ସନାତନ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ବ୍ରାହ୍ମଣ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବ୍ରାହ୍ମଣ ମାନଙ୍କ ବିକାଶ ଦିଗରେ ଆଲୋଚନା କରାଯାଇଥିଲା। ତୃଣମୂଳ ସ୍ତରରେ ବ୍ରାହ୍ମଣ ମାନଙ୍କୁ ଏକାଠି କରାଯିବା ସହ ସମସ୍ତ ବ୍ରାହ୍ମଣ ମାନଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତି ଲାଗି ନିଷ୍ପତ୍ତି ହୋଇଥିଲା। ପ୍ରତି ଜିଲାରେ ପରିଷଦର ସଙ୍ଗଠନ ରହିବ। ଏକ ଶୃଙ୍ଖଳିତ, ସୁ ସଂସ୍କାର ସମ୍ପନ୍ନ ରାଷ୍ଟ୍ର ଗଠନ ଲାଗି ପ୍ରୟାସ ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅଧିବେଶନରେ ପରିଷଦର ସମସ୍ତ ସଦସ୍ୟ, ଜିଲାର ପ୍ରଭାରୀ, ମୁକ୍ତିମଣ୍ଡପ ପଣ୍ଡିତ ସଭାର ବିଦ୍ୱାନ୍ ତଥା ଓଡ଼ିଶାର ବହୁ ବିଦ୍ୱାନ ମାନେ ଯୋଗଦାନ କରିଥିଲେ।

### କ୍ଷମା ମାଗିଲେ ପଣ୍ଡିତ ଜିତୁ ଦାଶ

ଏକ ବୈଦ୍ୟୁତିକ ଆଧାତ୍ମିକ ଚ୍ୟାନେଲରେ ପ୍ରସାରିତ ଧାରାବାହିକରେ ପଣ୍ଡିତ ଜିତୁ ଦାଶ ବ୍ରାହ୍ମଣମାନଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିଲେ। ଏନେଇ ଚାରିଆଡୁ ସେ ସମାଲୋଚିତ ହୋଇଥିଲେ। ବିଭିନ୍ନ ସଙ୍ଗଠନ ତାଙ୍କୁ ବିରୋଧ କରିଥିଲେ। ରବିବାର ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ଆୟୋଜିତ ଅଧିବେଶନରେ ଯୋଗଦେଇ ସେ ବ୍ରାହ୍ମଣମାନଙ୍କ ପ୍ରତି ଦେଇଥିବା କଟୁ ମନ୍ତବ୍ୟ ଲାଗି କ୍ଷମା ପ୍ରାର୍ଥନା କରିଥିଲେ। ସେ କହିଲେ ଯେ, ବ୍ରାହ୍ମଣଙ୍କୁ ଆକ୍ଷେପ କରିବା ତାଙ୍କ ଅଭିପ୍ରାୟ ନ ଥିଲା। କେବଳ ଶାସ୍ତ୍ର, ପୁରାଣ ଆଲୋଚନା ବେଳେ ଏପରି ଏକ ଶବ୍ଦ ପ୍ରୟୋଗ ହୋଇଯାଇଥିଲା। ଯଦି ଏନେଇ ବ୍ରାହ୍ମଣ ମାନଙ୍କ ମର୍ଯ୍ୟଦାରେ ହାନୀ ଘଟିଥାଏ, ତେବେ ମୁଁ କ୍ଷମା ଚାହୁଁଛି ବୋଲି କହିଥିଲେ। ଏ ସମ୍ପର୍କରେ ବୈଦିକ ବ୍ରାହ୍ମଣ ପରିଷଦ ନିଜର ସ୍ୱଷ୍ଟିକରଣ ରଖିଥିଲା। ପଣ୍ଡିତ ଦାଶଙ୍କୁ ପରିଷଦର ଉପଦେଷ୍ଟା ଭାବେ ଗ୍ରହଣ କରାଗଲା ବୋଲି ପରିଷଦ ସଭାପତି ବିଶ୍ୱମ୍ଭର ମିଶ୍ର କହିଥିଲେ।

## ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

କୋଣାର୍କ,୨୩।୬(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର ନୁହାଡି ଗ୍ରାମ୍ୟଜଙ୍ଗଲରୁ ରବିବାର ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ଏହି ଥାନା ଅଧୀନ ତାଳସୁଆଁ ଗ୍ରାମର ପିତବାସ ଯେନା (୫୦)। ପ୍ରକାଶ ଯେ, ରବିବାର ସକାଳେ ଉକ୍ତ ଜଙ୍ଗଲ ଦେଇ କେତେକ ମହିଳା ଯାଉଥିବାବେଳେ ଗୋଟିଏ ଗଛରେ ବେକରେ ଗାମୁଛା ଲଗାଇ ଏକ ବ୍ୟକ୍ତି ଝୁଲୁଥିବାର ଦେଖିଥିଲେ। ପରେ ସ୍ଥାନୀୟଲୋକେ ଏହାଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ କୋଣାର୍କ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଏ ନେଇ ଥାନା ପକ୍ଷରୁ ୬/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଏଏସ୍ଆଇ ଶ୍ରୀଧର ମଲ୍ଲିକ ପ୍ରକାଶ କରିଛନ୍ତି । ତେବେ ଖବର ନେବା ସୁଦ୍ଧା ମୃତ୍ୟୁର କାରଣ ସ୍ୱଷ୍ଟ ହୋଇପାରି ନାହିଁ।

## ମହିଳାଙ୍କୁ କାଠଫାଳିଆରେ ମରଣାନ୍ତକ ଆକ୍ରମଣ

■ ଅଭିଯୁକ୍ତ ଫେରାର, ମହିଳାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କଲା ପୋଲିସ

ଗୋପ, ୨୩।୬(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ନିର୍ଗୁଣ୍ଡି ଗ୍ରାମରେ ଶନିବାର ଜଣେ ମହିଳାଙ୍କୁ ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ମହିଳାଙ୍କ ମୁଣ୍ଡ, ଗୋଡ଼, ପିଠି ସହିତ ଅନ୍ୟାନ୍ୟ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାବେଳେ ବାମ ହାତ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଏ ନେଇ ମହିଳାଙ୍କ ସ୍ୱାମୀ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନେ ଫେରାର ଥିବା ନେଇ ଜଣାପଡ଼ିଥିବାବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

ଶନିବାର ସକାଳେ ପିଲା ଖେଳକୁ ନେଇ ଝାମେଲା ହେବାରୁ ରବିବାର ସକାଳ ୬ଟାରେ ନିର୍ଗୁଣ୍ଡି ଗ୍ରାମର ସ୍ୱାଧୀନ ନାୟକ ଏକ ଅଟୋରେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ (୨୮) ଦୁଇ ପିଲାଙ୍କୁ ନେଇ ଗୋପ ଯାଉଥିଲେ। ରାସ୍ତାରେ ଏକ ନିଛାଟିଆ ସ୍ଥାନରେ ସେହି ଗ୍ରାମର ପାଞ୍ଚ ଛଅ ଜଣ ମହିଳା ଓ ପୁରୁଷ ତାଙ୍କୁ ଅଟକାଇ ଥିଲେ। ପରେ ସେମାନେ ସ୍ୱାଧୀନଙ୍କୁ ଆକ୍ରମଣ କରିଥିଲେ। ସ୍ତ୍ରୀ ଲକ୍ଷ୍ମୀପ୍ରିୟା ସେମାନଙ୍କୁ ବାରଣ କରିବାରୁ ଅଭିଯୁକ୍ତମାନେ ତାଙ୍କୁ କାଠଫାଳିଆରେ ଆକ୍ରମଣ କରି ରାସ୍ତାରେ ପକାଇ ଦେଇ ପଳାଇ ଯାଇଥିଲେ। ଅଭିଯୁକ୍ତମାନେ ସ୍ୱାଧୀନ ଓ ତାଙ୍କର ଦୁଇ ପିଲାଙ୍କୁ ମଧ୍ୟ ମାଡ ମାରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଲକ୍ଷ୍ମୀପ୍ରିୟା ଗାଁ ଦାଣ୍ଡରେ ଅଧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଚେତ୍ ଅବସ୍ଥାରେ ପଡ଼ିବା ପରେ କୌଣସି ସୂତ୍ରରୁ ଖବର ପାଇ ଗୋପ ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏଠାରେ ସୂଚନା ଯୋଗ୍ୟ ଯେ, କିଛି ବର୍ଷ ଧରି ଜମିବାଡ଼ିକୁ ନେଇ ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିବାରୁ ଏପରି ଘଟଣା ଘଟିଥିବା ଜଣାପଡ଼ିଛି। ଏବେ ମହିଳା ଜଣଙ୍କ ଗୁରୁତର ଅବସ୍ଥାରେ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲରେ ଚିକିତ୍ସା ହେଉଥିବା ଜଣାପଡ଼ିଥିବାବେଳେ ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ପ୍ରବର୍ତ୍ତକଙ୍କୁ ନିଯୁକ୍ତି ଲାଗି ଜିଲାପାଳଙ୍କୁ ଦାବିପତ୍ର

କୋଣାର୍କ,୨୩।୬(ଡି.ଏନ୍.ଏ.)

ପୁରୀ ଜିଲା ସ୍ୱଚ୍ଛ ଭାରତ ପ୍ରବର୍ତ୍ତକ ପ୍ରବର୍ତ୍ତିକା ସଂଘର ରବିବାର କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସଭାପତି ଭାଗୀରଥି ସ୍ୱାଇଁଙ୍କ ସଭାପତିତ୍ୱରେ ପୁରୀ ଜିଲାର ୧୧ଗୋଟି ବ୍ଲକରେ ଗତ ୨୦୧୪ମସିହାରୁ ଅଦ୍ୟାବଧି କାର୍ଯ୍ୟ କରୁଥିବା ଗୋଷ୍ଠୀଭିତ୍ତିକ ସମ୍ପୂର୍ଣ୍ଣ ପରିମଳ ପ୍ରବର୍ତ୍ତକମାନଙ୍କୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗ୍ରାମପଞ୍ଚାୟତ ପର୍ଯ୍ୟାଲୋଚକ ପଦବିରେ ନିଯୁକ୍ତି କରିବା ପାଇଁ ପୁରୀ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୧୧ଟି ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱଚ୍ଛଭାରତ ମିଶନ ଗ୍ରାମୀଣ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବ୍ୟକ୍ତିଗତ ଘରୋଇ ପାଇଖାନା ନିର୍ମାଣ ଓ ବ୍ୟକ୍ତିଗତ ପରିଷ୍କାର ଓ ପରିଚ୍ଛନ୍ନତା କାର୍ଯ୍ୟକ୍ରମରେ ଜିଲାର ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ପ୍ରବର୍ତ୍ତକ ପ୍ରବର୍ତ୍ତିକା ଅବୈତନିକ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ସେମାନଙ୍କର କାର୍ଯ୍ୟର ଅଭିଜ୍ଞତା ଦେଖି ନିଯୁକ୍ତି କରିବାକୁ ଦାବି ହୋଇଛି। ଏହି ବୈଠକରେ ଗୋପ ବ୍ଲକ ମହିଳା ମହାସଂଘର ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ରାଜଲକ୍ଷ୍ମୀ ଦାଶ, ନିରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ବେହେରା, ଗଗନ ସାହୁ ଓ ଅଜୟ ପ୍ରଧାନ ସମେତ ୮୦ରୁ ଊର୍ଦ୍ଧ୍ୱ ପ୍ରବର୍ତ୍ତକ ପ୍ରବର୍ତ୍ତିକା ଯୋଗଦେଇଥିଲେ।



ଜଣେ ଚିତ୍ରକର ରବିବାର ରଥର କନ୍ୟାପଟାକୁ ରଙ୍ଗ କରୁଛନ୍ତି ।

■ ଜାତୀୟସ୍ତରୀୟ ଓଡ଼ିଶୀ, ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

# ସମ୍ପର୍କକୁ ଯୋଡ଼େ କଳା, ସଂସ୍କୃତି

ପୁରୀ ଅଫିସ, ୨୩।୬:

କଳା ଓ ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ସଂସ୍କୃତି ଭାଇଚାରାକୁ ଉଜ୍ଜୀବିତ କରିବା ସହ ସମ୍ପର୍କର ଡୋରିକୁ ମଜଭୁତ କରିଥାଏ। ଓଡ଼ିଶୀ ଓ ପାରମ୍ପରିକ ସଙ୍ଗୀତର ବିକାଶ ଦିଗରେ ନବପ୍ରତିଭା ଅନୁଷ୍ଠାନର ଅବଦାନ ଅତୁଳନୀୟ ବୋଲି ରବିବାର ଅନୁଷ୍ଠାନ ପକ୍ଷରୁ ସଂସ୍କୃତି ଭବନ ପରିସରରେ ଆୟୋଜିତ ଜାତୀୟ ସ୍ତରୀୟ ଓଡ଼ିଶୀ ଓ ଶାସ୍ତ୍ରୀୟ ମହୋତ୍ସବ-ଉତ୍କଳ ଶ୍ରୀ ୨୦୧୯ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏହା କହିଛନ୍ତି।

ଅନୁଷ୍ଠାନର ସଭାପତି ତଥା ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ଏସପିଏମଡିଏ ଇଣ୍ଟରନ୍ୟାଶନାଲର ଆମ୍ବାସଡର ଡ.ଅବଦୁଲ ରସିଦ୍ ଖାନ୍, ଗୀତିକାର ବଦ୍ରି ମିଶ୍ର, କବି ତିଳକ ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ଗୁରୁ ପାଗଳ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତରେ ସୌମ୍ୟାଶ୍ରୀ ମିଶ୍ର, ନୃତ୍ୟରେ ଭୀମସେନ ବାରିକ, ସ୍ମୃତି ଜଗଦେବରାୟ, ରାଜଶ୍ରୀ ମହାପାତ୍ର, ସବ୍‌ନମ୍ ପ୍ରଧାନୀଙ୍କୁ ଉତ୍କଳଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୁରୁ ରାଜକିଶୋର ମିଶ୍ର, ଗଙ୍ଗାଧର ବାରିକ ଓ ଲିଲିମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ଅଶୋକ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରଜିତ ମହାପାତ୍ର ଓ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଂଯୋଜନା, ଗୁରୁ ସୁରେନ୍ଦ୍ର ନାୟକ, ନୃତ୍ୟଗୁରୁ ବବିତା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

■ ଆକର୍ଷଣ ସାଜିଲେ କୁନି କଳାକାର

■ ପାରମ୍ପରିକ ନୃତ୍ୟରେ କମ୍ପିଲା ପରିବେଶ

ଶେଷ ରଜନୀରେର କସ୍ତୁରୀ ସାନ୍ୟାଲ୍, ପୁଣେର ଶୃଙ୍ଗାଲୀ ସଙ୍ଗୀତମ୍, ଭୁବନେଶ୍ୱରର ଦେବର୍ଚ୍ଚନା ପଟ୍ଟନାୟକ, ଅଙ୍କିତା ସାହୁ, ସ୍ୱାତୀ ସାଗରିକା ସାଥୁଆ, ପ୍ରିୟଙ୍କା ମିଶ୍ର ଓ ଯୁଗାନ୍ତିକା ମହାପାତ୍ର(ଡ୍ୟୁଏଟ), ଯାଜପୁରର ଓମ୍‌ପ୍ରିୟା ମିଶ୍ର, ଅଂଶିଖା ଆଗ୍ରାନୀ, ମୟୂରଭଞ୍ଜର ଅର୍ପିତା ଦେ ପ୍ରମୁଖ ଏକକ ଅଭିନୟ କରିଥିଲେ। ନୃତ୍ୟଗୁରୁ ଅଶୋକ ଦାସଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ନୃତ୍ୟଶିଳ୍ପୀ ମାନେ ଏକକ ଓ ଦଳଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନମୋହିଥିଲେ। ଏକକରେ ତୁଳୁଲ ମହାନ୍ତି, ଅର୍ପିତା ପ୍ରିୟଦର୍ଶନୀ, ରାଜଶ୍ରୀ ମହାପାତ୍ର, ନିତୁ ପ୍ରିୟଦର୍ଶିନୀ, ଆଞ୍ଜନ ନାଗ, ସୁନିତା ସାହୁ, ବବିତା ଦାସ, ରୋଜାଲିନ ପଣ୍ଡା, ସ୍ୱରୂପା ରଥ ଏବଂ ଦଳଗତ ଭାବେ ମଙ୍ଗଳାଚରଣ, ଗ୍ରୁପ ଡ୍ୟାନ୍ସ ମହାଭାରତ ପରିବେଷଣ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ।